# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୨୨/୨୦୨୧ (୧୬ ପୃଷ୍ଠା) | Sambalpur, Monday, March 22/2021 | ★★

୧୭ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ଏକତାର ସହର ରାଉରକେଲା



ରାଉରକେଲାଠାରେ ରବିବାର ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି ରାମନାଥ କୋବିନ୍ଦ (ମଝି)ଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ (ବାମ) ଏବଂ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ରାଉରକେଲା ଅଫିସ୍/ସୁନ୍ଦରଗଡ,୨୧।୩ (ଡି.ଏନ୍.ଏ)**

**ସୁପର ସ୍ପେଶିଆଲିଟି ହସ୍ପିଟାଲ, ମେଡିକାଲ କଲେଜ ଲୋକାର୍ପିତ**

ରାଉରକେଲାରେ ଆର୍‌ଏସ୍‌ପିର ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଉଦ୍‌ବୋଧନ ଦେବାବେଳେ ସେ ରାଉରକେଲାକୁ ଏକତାର ସହର ବୋଲି ଅଭିହିତ କରିଛନ୍ତି। ପ୍ରାୟ ୩ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨ଶହ ଶଯ୍ୟା ବିଶିଷ୍ଟ ଏହି



ଅତ୍ୟାଧୁନିକ ହସ୍ପିଟାଲ ଓ ସ୍ନାତକୋତ୍ତର ପ୍ରତିଷ୍ଠାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି ରାଷ୍ଟ୍ରପତି କୋବିନ୍ଦ ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶର ତତ୍‌କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ୧୯୫୯ରେ ରାଉରକେଲା ଇସ୍ପାତ କାରଖାନା ଉଦ୍‌ଘାଟିତ ହୋଇଥିଲା। ପରବର୍ତ୍ତୀ ସମୟରେ କାରଖାନା ଓ ଶିଳ୍ପାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ ପ୍ରତିଷ୍ଠିତ ହୋଇଥିଲା। ଏହି ହସ୍ପିଟାଲ ଉପରେ ରାଉରକେଲା ସହର ସମେତ ସୁନ୍ଦରଗଡ ଜିଲା ଏବଂ ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି। ଏହାକୁ ଆଖି ☞ପୃଷ୍ଠା-୪

# 'ବିନା ଚାପରେ ନିଷ୍ପତ୍ତି ନିଅ'

**ରାଉରକେଲା ଅଫିସ, ୨୧।୩**

**ରାଉରକେଲା ଏନ୍‌ଆଇଟିର ୧୮ତମ ସମାବର୍ତ୍ତନ ଉତ୍ସବ**

ଏନ୍‌ଆଇଟି ଭଳି ଜାତୀୟ ପ୍ରତିଷ୍ଠାନରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। ସେମାନେ ଭବିଷ୍ୟତରେ ସୁନାଗରିକ ହୋଇ ଗରିବ, ଅସହାୟ ବ୍ୟକ୍ତିଙ୍କ ଦୁଃଖ ଲାଘବ କରିବା ପାଇଁ ଯତ୍ନବାନ ହେବା ଆବଶ୍ୟକ। ସେମାନେ ବିନା ଚାପରେ ନିଷ୍ପତ୍ତି ନେବାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ଉଲ୍ଲେଖ କରି ଜଣେ ବ୍ୟକ୍ତି ଭଲ ପାଠପଢି ନିଜର ଓ ନିଜ ପରିବାରର କେବଳ ଉନ୍ନତି କଲେ ହେବ ନାହିଁ। କିଭଳି ଜଣେ ଅସହାୟ, ଗରିବ ଲୋକର ଦାରିଦ୍ର୍ୟ ଦୂର ହୋଇପାରିବ ସେ ଦିଗରେ ପ୍ରୟାସ କରିବା ହିଁ ହେଉଛି ସୁନାଗରିକର ପରିଚୟ ବୋଲି ରବିବାର ପୂର୍ବାହ୍ନ ୧୧ଟାରେ ଜାତୀୟ ବୈଷୟିକ ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ୧୮ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି କୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କୋବିନ୍ଦ ଓଡ଼ିଶାର ଇତିହାସ, ସଂସ୍କୃତି ସମୃଦ୍ଧ ବୋଲି ଉଲ୍ଲେଖ କରି କୋଣାର୍କ ସୂର୍ଯ୍ୟ ମନ୍ଦିର ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି ବୋଲି କହିଥିଲେ। ଇସ୍ପାତ ନଗରୀ ରାଉରକେଲାରେ ସ୍ଥାପିତ ଏନ୍‌ଆଇଟି ଚଳିତବର୍ଷ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଛି ବୋଲି ଜାଣି ସେ ଖୁସି ବ୍ୟକ୍ତ କରିଥିଲେ। ଇତିମଧ୍ୟରେ ସେ ୧୫୦ କେନ୍ଦ୍ରୀୟ ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ବୁଲି ସାରିଲେଣି। ସବୁଠାରେ ଝିଅମାନେ ପୁଅଙ୍କଠାରୁ ଗଣିତ, ବିଜ୍ଞାନ ଓ ବୈଷୟିକ ଶିକ୍ଷାକ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛନ୍ତି। ମାତ୍ର ଦୁଃଖର କଥା ସମଗ୍ର ଦେଶରେ ବୈଷୟିକ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଛାତ୍ରୀମାନଙ୍କ ସଂଖ୍ୟା ମାତ୍ର ୨୦ ପ୍ରତିଶତ। ତେଣୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କୁ ଆହୁରି ମଜଭୁତ ହେବାକୁ ପଡିବ ବୋଲି ରାଷ୍ଟ୍ରପତି କହିଥିଲେ।

ସେ ଆହୁରି କହିଥିଲେ, ଏହି ଅନୁଷ୍ଠାନ ୧୯୬୧ରେ ସ୍ଥାପିତ ହୋଇଥିଲେ ମଧ୍ୟ ୨୦୦୨ରେ ଏହା ଜାତୀୟ ବୈଷୟିକ ପ୍ରତିଷ୍ଠାନର ☞ପୃଷ୍ଠା-୪






# 'ମୋ କଲେଜ ଅଭିଯାନ' ଶୁଭାରମ୍ଭ




'ମୋ କଲେଜ ଅଭିଯାନ'କୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

**■ ଶିକ୍ଷାନୁଷ୍ଠାନ ପୁନଃନିର୍ମାଣରେ ସହଯୋଗୀ ଶକ୍ତି ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

'ମୋ ସ୍କୁଲ୍'ର ସଫଳତା ପରେ ରାଜ୍ୟ ସରକାର 'ମୋ କଲେଜ ଅଭିଯାନ' ଆରମ୍ଭ କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଭିଯାନକୁ ଭିଡିଓ କନଫରେନ୍ସରେ ଉଦ୍‌ଘାଟନ କରିବା ସହ 'ମୋ କଲେଜ' ପୋର୍ଟାଲକୁ ଉନ୍ମୋଚନ କରିଛନ୍ତି। ସମଗ୍ର ବିଶ୍ୱରେ ଥିବା ପୁରାତନ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ନିଜ ମାତୃଭୂମିରେ ଥିବା ସେମାନଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନଃ ନିର୍ମାଣରେ ସହଯୋଗୀ ଶକ୍ତି ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଲାଇଭ୍ ଷ୍ଟ୍ରିମ୍ ମାଧ୍ୟମରେ ସଂଯୁକ୍ତ ହୋଇଥିବା ବିଭିନ୍ନ ମହାବିଦ୍ୟାଳୟର ପୁରାତନ ଛାତ୍ର ☞ପୃଷ୍ଠା-୪

# ଦ୍ୱିତୀୟ ଡୋଜ୍ ଟିକା ନେବାର ୨୮ ଦିନ ପର୍ଯ୍ୟନ୍ତ ରକ୍ତଦାନ ମନା

**ନୂଆଦିଲ୍ଲୀ,୨୧।୩ (ପି.ଟି.)**

କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ନେବାର ପରବର୍ତ୍ତୀ ୨୮ ଦିନ ମଧ୍ୟରେ ଜଣେ ରକ୍ତଦାନ କରିପାରିବେ ନାହିଁ। ନ୍ୟାଶନାଲ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ କାଉନସିଲ (ଏନ୍‌ବିଟିସି) ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଏହା କୁହାଯାଇଛି। ଏନ୍‌ବିଟିସି ଗଭର୍ଣ୍ଣିଂ ବଡ଼ି ବୈଠକରେ କୋଭିଡ୍ ଟିକା ପରବର୍ତ୍ତୀ ରକ୍ତଦାନ ସମ୍ପର୍କରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ଜଣେ ରକ୍ତଦାନ କରିବାକୁ ଚାହୁଁଥିଲେ, କୋଭିଡ୍ ଟିକାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ମ୍ୟାନ୍‌ମାର ଶରଣାର୍ଥୀ




# ମା' ବୁଢ଼ୀ ଠାକୁରାଣୀ ଯାତ୍ରା: ଶୁଭଖୁଣ୍ଟି ସ୍ଥାପନ ଆଜି

**ବ୍ରହ୍ମପୁର ଅଫିସ୍,୨୧।୩:** ବ୍ରହ୍ମପୁର ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାକୁ ନେଇ ନାନା ଦ୍ୱନ୍ଦ୍ୱ ଦେଖାଦେଇଥିବା ବେଳେ ରବିବାର ସ୍ଥାନୀୟ ଲୋକ ପ୍ରତିନିଧି, ପ୍ରଶାସନ ଓ ଯାତ୍ରା ପରିଚାଳକଙ୍କୁ ନେଇ ମିଳିତ ବୈଠକ ପରେ ସମାଧାନର ବାଟ ଫିଟିଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଯାତ୍ରା ପରିଚାଳନା କରିବା ପାଇଁ ବିଏମ୍‌ସି କମିଶନର ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୭ ଦିନ ସମୟ ଦିଆଯାଇଛି। କୋଭିଡ୍ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଯାତ୍ରା ଅବଧି ବୃଦ୍ଧି ହେବ କି ନାହିଁ ତାହା ଜିଲା ପ୍ରଶାସନ ନିର୍ଦ୍ଧାରଣ କରିବ ବୋଲି କମିଶନର କହିଥିଲେ। ମା'ଙ୍କ ଘଟ ପରିକ୍ରମାରେ କୌଣସି ବାରଣ ରହିବ ନାହିଁ। ଏଥିସହ କେବଳ ସ୍ଥାନୀୟ ଲୋକଙ୍କୁ ନେଇ ଯାତ୍ରା କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲା ବାହାରୁ କୌଣସି ଲୋକଙ୍କୁ ଯାତ୍ରାକୁ ନ ଡାକିବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। ଯାତ୍ରା ସମୟରେ ଶ୍ରଦ୍ଧାଳୁ ମା'ଙ୍କ ପାଦ ଧୋଇବା ନୀତିକୁ ବାରଣ କରାଯାଇଛି। କେବଳ ନୀତିକାନ୍ତି ଅନୁଯାୟୀ ହିଁ ମା'ଙ୍କ ପରିକ୍ରମା ଓ ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଶନର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପଟେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ବି ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ସହମତି ଦେଇଛନ୍ତି। ଏଥିସହ ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀ ବେହେରା ପ୍ରଶାସନର ନିର୍ଦ୍ଦେଶକୁ ସହମତି ଜଣାଇ ସୋମବାର ରାତ୍ରି ୯ରୁ ୩ଟା ଯାଏ ଶୁଭଖୁଣ୍ଟି ସ୍ଥାପନା ହେବା ନେଇ ସୂଚନା ଦେଇଛନ୍ତି। ଏହାପରେ ସିଦ୍ଧାନ୍ତ ପୁରୋହିତଙ୍କ ଦ୍ୱାରା ଯାତ୍ରା ତାରିଖ ଘୋଷଣା କରାଯିବ ବୋଲି କହିଛନ୍ତି।

# ଓଭରଟେକ୍ ବେଳେ ଦୁର୍ଘଟଣା, ୪ ମୃତ

- ଜରପଡ଼ାରେ ଆମ୍ବୁଲାନ୍ସ-ଗ୍ୟାସ୍ ଟ୍ୟାଙ୍କର ଧକ୍କା
- ମୃତକଙ୍କ ମଧ୍ୟରେ ୩ ସମ୍ପର୍କୀୟ ଭାଇ
- ବୁର୍ଲାରୁ କଟକ ମେଡିକାଲ ଯାଉଥିଲେ ରୋଗୀ

**ଛେଣ୍ଡିପଦା/ ଅନୁଗୋଳ ଅଫିସ,୨୧।୩**

ବିଷ ପିଇଥିବା ଜଣେ ଯୁବକଙ୍କୁ ବୁର୍ଲା ମେଡିକାଲରୁ କଟକ ନେଉଥିବା ଏକ ଆମ୍ବୁଲାନ୍ସ ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡ଼ା ବସ୍‌ଷ୍ଟାଣ୍ଡଠାରେ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିପରୀତ ଦିଗରୁ ଆସୁଥିବା ଗ୍ୟାସ୍ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଚାଳକ, ରୋଗୀ ଓ ତାଙ୍କ ସମ୍ପର୍କୀୟ ଦୁଇ ଭାଇଙ୍କୁ ମିଶାଇ ମୋଟ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବିଷ ପିଇଥିବା ବଲାଙ୍ଗୀର ଜିଲା ଲୁଇସିଙ୍ଗା ଥାନା ରାଜ୍‌ଆଗଲପୁରର ବବୁଲ ମେହେର (୨୪), ତାଙ୍କ ଦାଦା ପୁଅ ଭାଇ ଚନ୍ଦନ ମହେର (୨୨) ଓ ମାଉସୀ ପୁଅ ଭାଇ ବରଗଡ଼ ଜିଲା ବିଜେପୁରର ଗୁଣ୍ଡା ମେହେର (୨୨) ଏବଂ ଆମ୍ବୁଲାନ୍ସ ଚାଳକ ବୁର୍ଲା ପିଡବ୍ଲ୍ୟୁଡି କଲୋନୀର ବାବୁଲାଲ ସୁନା (୩୫)। ସେହିପରି ଗୁରୁତର ୩ଜଣ ରାଜ୍‌ଆଗଲପୁରର ଲିଙ୍ଗରାଜ ମେହେର (୪୩), ରବି ମେହେର (୫୨) ଓ ସୋନପୁର ଜିଲା ମହାଦେବପାଲି ଥାନା ସକମା ଗ୍ରାମର କୁଲୁ ପଟେଲ (୩୦)ଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜରପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ନଂ. ୭୨/୨୧ରେ ମାମଲା ରୁଜୁ କରି ଟ୍ୟାଙ୍କର ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ପୋଲିସ କହିଛି, ବିଷ ପିଇଥିବା ବବୁଲଙ୍କୁ ବୁର୍ଲା ମେଡିକାଲରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଭୋର ପ୍ରାୟ ୪ଟା ବେଳେ ବବୁଲଙ୍କୁ ନେଇ ତାଙ୍କ ବାପା ରବି, ଦାଦା ଲିଙ୍ଗରାଜ, ସମ୍ପର୍କୀୟ ଭାଇ ଚନ୍ଦନ ଓ ଗୁଣ୍ଡା ମେହେର ଏକ ଆମ୍ବୁଲାନ୍ସ (ନଂ. ଓଡି୧୫-୯୪୮୮)ରେ କଟକ ବାହାରିଥିଲେ। ବାବୁଲାଲ ଆମ୍ବୁଲାନ୍ସ ଚଳାଉଥିବା ବେଳେ କୁଲୁ ପଟେଲ ତାଙ୍କ ସହାୟକ ଥିଲେ। ରବିବାର ସକାଳ ୬ଟା ୩୦ରେ ଆମ୍ବୁଲାନ୍ସଟି ୫୫ନଂ ଜାତୀୟ ରାଜପଥର ଜରପଡ଼ା ବସ୍‌ଷ୍ଟାଣ୍ଡଠାରେ ଠିଆ ହୋଇଥିବା ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବାବେଳେ ସମ୍ବଲପୁର ଆଡ଼କୁ ଯାଉଥିବା ଗ୍ୟାସ୍ ଟ୍ୟାଙ୍କର (ନଂ. ଏନ୍‌ଏଲ୍‌୦୨କ୍ୟୁ-୫୧୬୩) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ ଚାଳକଙ୍କୁ ମିଶାଇ ଆମ୍ବୁଲାନ୍ସ ମଧ୍ୟରେ ଥିବା ୭ଜଣଙ୍କ ମଧ୍ୟରୁ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଜରପଡା ପୋଲିସ ତୁରନ୍ତ ପହଞ୍ଚି ସ୍ଥାନୀୟ ଜନସାଧାରଣ ଓ ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ କରିଥିଲା। ଗୁରୁତର ୩ ଜଣଙ୍କୁ ଅନ୍ୟ ଆମ୍ବୁଲାନ୍ସ ଯୋଗେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ଗ୍ୟାସ୍ କଟରରେ ଗାଡ଼ିକୁ କାଟି ଚାପିହୋଇ ରହିଥିବା ଚାଳକଙ୍କ ସହ ଅନ୍ୟ ମୃତକଙ୍କୁ ବାହାର କରିଥିଲା। ଉଦ୍ଧାର କାର୍ଯ୍ୟ ସହ ରାସ୍ତା ଉପରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇବାକୁ ପୋଲିସକୁ ପାଖାପାଖି ୪ ଘଣ୍ଟା ଲାଗିଥିଲା। ଏହାପରେ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁତର ଲିଙ୍ଗରାଜ ଓ ରବି ମେହେରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପଠାଯାଇଛି। ଜରପଡ଼ା ଥାନା ଏଏସ୍‌ଆଇ ବୁଦ୍ଧିମାନ ସେଠୀ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସରୁ ଉଦ୍ଧାର କାର୍ଯ୍ୟ କରାଯାଉଛି।

# ସାତକୋଶିଆରେ କାହ୍ନା ଟିମ୍



ବାଘୁଣୀ ସୁନ୍ଦରୀକୁ କାହ୍ନା ଅଭୟାରଣ୍ୟ ଫେରାଇ ନେବାକୁ ଆସିଥିବା ସ୍ୱତନ୍ତ୍ର ଗାଡ଼ି।

## ବାଘୁଣୀ ସୁନ୍ଦରୀକୁ ନେବାକୁ ପ୍ରସ୍ତୁତି ଆରମ୍ଭ

**ବନ୍ତଲା,୨୧।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଏନ୍‌କ୍ଲୋଜର ମଧ୍ୟରେ ଦୀର୍ଘ ଅଢ଼େଇବର୍ଷ ହେଲା ବନ୍ଦୀ ଜୀବନ କାଟୁଥିବା ବାଘୁଣୀ ସୁନ୍ଦରୀକୁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟକୁ ଫେରାଇ ନିଆଯିବ। ରବିବାର କାହ୍ନା ଅଭୟାରଣ୍ୟର ଏକ ଟିମ୍ ସାତକୋଶିଆରେ ପହଞ୍ଚିବା ପରେ ଦୀର୍ଘଦିନର କଳ୍ପନା ଜଳ୍ପନାର ଅବସାନ ଘଟିଛି। ସୁନ୍ଦରୀକୁ ଫେରାଇବା ନେବା ପ୍ରସ୍ତୁତି ଆରମ୍ଭ ହୋଇଛି।

କାହ୍ନାରୁ ଆସିଥିବା ଏହି ଟିମ୍‌ରେ ଅତିରିକ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଏସିଏଫ୍ ଏସ.କେ. ସିହ୍ନା, ପ୍ରାଣୀ ବିଶେଷଜ୍ଞ ଡାକ୍ତର ସନ୍ଦୀପ ଅଗ୍ରୱାଲ, ଅନ୍ୟ ବିଶେଷଜ୍ଞ ଓ ୪ଜଣ ଡ୍ରାଇଭର ରହିଛନ୍ତି। ସକାଳେ ପହଞ୍ଚିଥିବା ସ୍ୱତନ୍ତ୍ର ଗାଡ଼ିକୁ ରାଇଗୁଡା ରେଞ୍ଜ କାର୍ଯ୍ୟାଳୟ ଏନ୍‌କ୍ଲୋଜର ନିକଟରେ ରଖାଯାଇଛି। ଅନ୍ୟ ଗାଡ଼ିରେ ଆସିଥିବା ଟିମ୍ ସଦସ୍ୟମାନେ ଅନୁଗୋଳ ବନ ବିଭାଗ ଡାକବଙ୍ଗଳାକୁ ଯାଇଥିଲେ। ସେଠାରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ (ଆର୍‌ସିସିଏଫ୍) ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫ୍‌ଓ ରବି ମୀନା, ଏସିଏଫ୍ ଶୁଭେନ୍ଦୁ ବେହେରା, ସରୋଜ ପଣ୍ଡା, ସାତକୋଶିଆ ପ୍ରାଣୀ ବିଭାଗ ଡାକ୍ତର କିଶୋର କୁମାର ସାହୁ ପ୍ରମୁଖଙ୍କ ସହ ବୈଠକ କରିଥିଲେ। ବାଘୁଣୀର ସ୍ୱାସ୍ଥ୍ୟ, ଖାଦ୍ୟ ଓ ଗତିବିଧି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅପରାହ୍ନରେ ଟିମ୍ ସଦସ୍ୟ ଓ ସାତକୋଶିଆ ଅଧିକାରୀମାନେ ବାଘୁଣୀ ସୁନ୍ଦରୀର ଏନ୍‌କ୍ଲୋଜର ନିକଟକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ କରିଥିଲେ। ବିନା ଟ୍ରାଙ୍କୁଲାଇଜ୍‌ରେ କିପରି ସୁନ୍ଦରୀକୁ ନିଆଯାଇପାରିବ ସେ ନେଇ ଟିମ୍ ସଦସ୍ୟମାନେ ଯୋଜନା ପ୍ରସ୍ତୁତ କରୁଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେହିପରି ବାଘୁଣୀକୁ ଛାଡିବା ପାଇଁ ସାତକୋଶିଆ ଏସିଏଫ୍ ସରୋଜ ପଣ୍ଡା, ଡାକ୍ତର କିଶୋର ସାହୁଙ୍କ ସମେତ ୬ଜଣିଆ ଟିମ୍ ମଧ୍ୟପ୍ରଦେଶ ଯିବେ ବୋଲି ସୂଚନା ମିଳିଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, କାହ୍ନାରୁ ଆସିଥିବା ୭ ଜଣିଆ ଟିମ୍ ପହଞ୍ଚିଛନ୍ତି। ତିନିଦିନ ସ୍ଥିତି ଅନୁଧ୍ୟାନ ପରେ ବାଘୁଣୀକୁ ନେବେ। ସାତକୋଶିଆରେ ବାଘବଂଶ ବୃଦ୍ଧି ଯୋଜନା ବର୍ତ୍ତମାନ ସ୍ଥଗିତ ରହିଛି। ଏନ୍‌ଟିସିଏ ନିର୍ଦ୍ଦେଶ ଦେଲେ ପୁନର୍ବାର ପ୍ରକ୍ରିୟା ଆରମ୍ଭ ହେବ ବୋଲି କ୍ଷେତ୍ର ନିର୍ଦ୍ଦେଶକ କରାଟେ ପ୍ରକାଶ କରିଛନ୍ତି।

# ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ବିଗତ ଦୁଇ ଦଶନ୍ଧିରେ ରାଜ୍ୟ ସରକାରଙ୍କ ଦ୍ୱାରା ଜଳସେଚନର ସୁବିଧା ଓ ସମୟୋଚିତ ଯୋଜନା ଫଳରେ ରାଜ୍ୟ କୃଷି କ୍ଷେତ୍ରରେ ପ୍ରଭୂତ ଉନ୍ନତି ହାସଲ କରିଛି। ଖାଦ୍ୟଶସ୍ୟ ଓ ଅନ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଓଡ଼ିଶା ଚାଉଳ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟରେ ପରିଣତ ହୋଇପାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶନିବାର ରାଜ୍ୟ ପଣ୍ୟାଗାର ନିଗମର ୬୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଖାଦ୍ୟଶସ୍ୟକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଓ ସୁଷମ ବଣ୍ଟନକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରର ଉତ୍ପାଦନ ଓ ବିପଣନ ବ୍ୟବସ୍ଥା ମଧ୍ୟରେ ପଣ୍ୟାଗାର ସମନ୍ୱୟ ରକ୍ଷା କରୁଥିବାରୁ ଏହାର ସୁପରିଚାଳନା ଆଜିର ଆହ୍ୱାନ ସାଜିଛି। କୃଷିଜାତ ଦ୍ରବ୍ୟକୁ ଏହିପରି ଭାବେ ସଂରକ୍ଷଣ କରି ରଖିବାକୁ ପଡ଼ିବ, ଯେପରି ଏହାର ଗୁଣାତ୍ମକ ମାନ ବଜାୟ ରହିବ। ଏଥିଲାଗି ଉନ୍ନତ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତି ଆପଣେଇବାକୁ ପଡ଼ିବ। ଗୋଦାମ ଗୃହର ପୂର୍ଣ୍ଣ ବିନିଯୋଗ ନିମନ୍ତେ ସପ୍ଲାଇ ଚେନ୍ ମ୍ୟାନେଜ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଗୋଦାମ ଗୃହଗୁଡ଼ିକର ଦକ୍ଷ ପରିଚାଳନା ନିମନ୍ତେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ କମ୍ପ୍ୟୁଟରାଇଜେଶନ୍ ଆବଶ୍ୟକ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଉତ୍ସବରେ ଅଧ୍ୟକ୍ଷତା କରି ରାଜ୍ୟ ପଣ୍ୟାଗାର ନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଗରଡ଼ିଆ କହିଛନ୍ତି, ନିଗମ ଏହାର ଅଂଶୀଦାର ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରୀୟ ପଣ୍ୟାଗାର ନିଗମକୁ ନିୟମିତ ଲାଭାଂଶ ପ୍ରଦାନ କରିଆସୁଛି। ଅଦ୍ୟାବଧି ରାଜ୍ୟର ୩୦ ଜିଲାରେ ୬୯ ପଣ୍ୟାଗାର ଶାଖାରେ ୫ ଲକ୍ଷ ୩୫ ହଜାର ମେଟ୍ରିକ୍ ଟନ୍ ଗୋଦାମ ଘର ପରିଚାଳନା କରୁଛି। ନିଗମର ପଣ୍ୟାଗାରଗୁଡ଼ିକର ପରିଚାଳନା ସବୁକୁ କମ୍ପ୍ୟୁଟରାଇଜେଶନ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି।

# ଆନ୍ଧ୍ରରୁ ଫେରୁଛନ୍ତି ୨୩ ଦାଦନ ଶ୍ରମିକ

**କେନ୍ଦ୍ରାପଡ଼ା ଅଫିସ, ୨୧।୩**

କେନ୍ଦ୍ରାପଡ଼ା ଜିଲାର ଦାଦନ ଶ୍ରମିକ ନିର୍ଯାତନା କାହାଣୀ ପୁଣି ଥରେ ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ବ୍ଲକ ଷଣ୍ଢପଲ୍ଲୀର ୨୩ ଜଣ ଯୁବତୀ ଓ ମହିଳା ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ହସ୍ତକ୍ଷେପ ପରେ ଫେରୁଛନ୍ତି। ଏ ସମ୍ପର୍କରେ ଗ୍ରାମର ଅରୂପାନନ୍ଦ ମଲ୍ଲିକ, କନକପ୍ରଭା ମଲ୍ଲିକ, ସଞ୍ଜୁଲତା ସେଠୀ ପ୍ରମୁଖ କହିଛନ୍ତି, ଆନ୍ଧ୍ରପ୍ରଦେଶ ରାଜମନ୍ଦ୍ରି ଜିଲା ଅନ୍ତର୍ଗତ ଫାଲକୁଲର ସନ୍ଧ୍ୟା ମେରାଇନ୍ସ ଚିଙ୍ଗୁଡି ଫାର୍ମରେ କର୍ମ ନିଯୁକ୍ତି ପାଇଁ ଯାଇଥିଲେ। ଏମାନଙ୍କୁ ଆଳିର ଜଣେ ଠିକାଦାର ନେଇ ସେଠାରେ ପହଞ୍ଚାଇଥିଲେ। ତେବେ ସମ୍ପୃକ୍ତ ଫାର୍ମ ମାଲିକ ସେମାନଙ୍କୁ ୧୨ ଘଣ୍ଟା ଖଟାଇବା ସହ ମଜୁରି ଦେଉ ନ ଥିବା ଖବର ସେଠାରୁ ଖସି ଆସିଥିବା ଜଣେ ଯୁବତୀଙ୍କଠାରୁ ସୂଚନା ମିଳିଥିଲା। ଏପରିକି ସମ୍ପୃକ୍ତା ଯୁବତୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ସହ ଯୌନ ନିର୍ଯାତନା ଦିଆଯିବ ବୋଲି ଧମକ ମିଳୁଥିଲା। ଏ ନେଇ ସମ୍ପୃକ୍ତ ଠିକାଦାର ଓ ଫାର୍ମ ମାଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ସଂଯୋଗ ହୋଇ ନ ଥିଲା। ଗୁରୁବାର ଏ ସମ୍ପର୍କରେ ରାଜ୍ୟପାଳ ହରିଚନ୍ଦନ ଜାଣିବା ପରେ ଦକ୍ଷିଣ ଗୋଦାବରୀର ଏସ୍‌ପି କେ. ନାରାୟଣ ନାଏକଙ୍କୁ ତଦନ୍ତ ସହ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି, ନର୍ସାପୁରମ ଡିଏସ୍‌ପି ପି. ବିରଞ୍ଚିନେୟ ରେଡ୍ଡୀ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରାଯିବା ପରେ ଶୁକ୍ରବାର ବସ ଯୋଗେ ସେମାନଙ୍କୁ ପଠାଇ ଦିଆଯାଇଛି। ଫାର୍ମ ମାଲିକଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି।



ବସ୍ ଯୋଗେ ଦାଦନ ଶ୍ରମିକ ପଟ୍ଟାମୁଣ୍ଡାଇ ଫେରୁଛନ୍ତି।

# ପରିତ୍ୟକ୍ତ କୂଅରୁ ମାଈ ହାତୀ ଉଦ୍ଧାର

- ଆକ୍ରମଣରେ ଜଣେ ଗୁରୁତର
- ବନ କର୍ମଚାରୀ ଘଣ୍ଟାଏ ଅଟକ

**ଖମାର,୨୧।୩**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ବେସାଳିଆ ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅରେ ଶନିବାର ରାତିରେ ଖସିପଡ଼ିଥିବା ମାଈ ହାତୀକୁ ରବିବାର ବନ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ତେବେ ଉଦ୍ଧାର ପରେ ଭୟଭୀତ ହାତୀଟି ଜଙ୍ଗଲ ମଧ୍ୟରେ ମହୁଲ ଫୁଲ ଗୋଟାଉଥିବା ଭଉଣୀଭାଇଙ୍କୁ ଆକ୍ରମଣ କରିଛି। ଭଉଣୀ ସାମାନ୍ୟ ଆହତ ହୋଇଥିବାବେଳେ ଭାଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବନ କର୍ମଚାରୀମାନେ ଆକ୍ରମଣସ୍ଥଳକୁ ନ ଯାଇ ସିଧା ମେଡିକାଲରେ ପହଞ୍ଚିଯିବା ଦେଖି ଉତ୍ୟକ୍ତ ଲୋକେ ସେମାନଙ୍କୁ ଘଣ୍ଟାଏ ଅଟକ ରଖିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ବେସାଳିଆ ଗ୍ରାମକୁ ଏକ ହାତୀ ପଲ ଚାଲିଆସିଥିଲେ। ଖବରପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ପାଟ୍ରୋଲିଂ କରିବା ସହ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ବିଳମ୍ବିତ ରାତି ଯାଏ ଏହି କାର୍ଯ୍ୟ ଚାଲିଥିବା ବେଳେ ଏକ ମାଈ ହାତୀ ପରିତ୍ୟକ୍ତ କୂଅ ମଧ୍ୟକୁ ଖସି ପଡ଼ିଥିଲା। ସକାଳେ ଗ୍ରାମବାସୀଙ୍କଠାରୁ ଖବରପାଇ ଫରେଷ୍ଟର ପ୍ରଦୀପ ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଜେସିବି ମେଶିନ ନେଇ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ୨ ଘଣ୍ଟା ଧରି କୂଅ ପାର୍ଶ୍ୱ ଖୋଳି ରାସ୍ତା କରାଯିବା ପରେ ମାଈ ହାତୀଟି ଉପରକୁ ଉଠି ଜଙ୍ଗଲ ଆଡ଼କୁ ଦୌଡ଼ିଥିଲା। ଏହି ସମୟରେ ନିକଟରେ ଥିବା କେତୋଟି ବାଇକ୍‌କୁ ଭାଙ୍ଗିଦେବା ସହ ଘଟଖୁଲ ଜଙ୍ଗଲରେ ମହୁଲ ଗୋଟାଉଥିବା ଶଙ୍ଖମୁରର ମୁରଲୀ ବେହେରା(୩୨)ଓ ତାଙ୍କ ଭଉଣୀଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଅଞ୍ଚଳର କୃଷ୍ଣ ଚନ୍ଦ୍ର ସାହୁ, ସିଦ୍ଧାନ୍ତ ବେହେରା, ଜାଜ୍ୱଲ୍ୟ କୁମାର ପ୍ରଧାନ ପ୍ରମୁଖ ପହଞ୍ଚି ମୁରଲୀଙ୍କୁ ଟେକି ଟେକି ଜଙ୍ଗଲ ବାହାରକୁ ଆଣିବା ସହ ଆମ୍ବୁଲାନ୍ସ ଯୋଗେ ଖମାର ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ବନ କର୍ମଚାରୀମାନେ ପହଞ୍ଚି ନ ଥିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିବା ବନ କର୍ମଚାରୀଙ୍କୁ ସେମାନେ ଅଟକ ରଖିଥିଲେ। ଗୁରୁତର ମୁରଲୀଙ୍କୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅଞ୍ଚଳବାସୀ ଅଟକ କର୍ମଚାରୀଙ୍କୁ ଛାଡ଼ି ଦେଇଥିଲେ। ଖମାର ରେଞ୍ଜର ଚନ୍ଦ୍ରଶେଖର ଗଡ଼ନାୟକ କହିଛନ୍ତି, ହାତୀ ଉପଦ୍ରବ ନେଇ ଶନିବାର ମାଇକ ଯୋଗେ ଘୋଷଣା କରାଯାଇଥିଲା। ସରକାରୀ ନୀତିନିୟମ ମଧ୍ୟରେ କାର୍ଯ୍ୟ କରାଯାଉଛି। ଘଟଣାସ୍ଥଳରେ ପହଞ୍ଚିବାରେ ସାମାନ୍ୟ ବିଳମ୍ବ ହୋଇଥିବା ରେଞ୍ଜର ସ୍ୱୀକାର କରିଛନ୍ତି।


ପରିତ୍ୟକ୍ତ କୂଅ ମଧ୍ୟକୁ ଖସି ପଡ଼ିଥିବା ମାଈ ହାତୀ।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୩୭,୩୫,୩୭୯ | ୨୭,୨୪,୫୧୧ | ୯,୯୬,୧୬,୬୧୪ |
| ଭାରତ | ୧,୧୬,୦୭,୫୪୮ | ୧,୫୯,୮୩୪ | ୧,୧୧,୩୪,୩୩୩ |
| ଓଡ଼ିଶା | ୩,୩୮,୮୧୭ | ୧୯୧୯(+୫୩) | ୩,୩୬,୧୨୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଗୋଟିଏ ରାସ୍ତା ପାଇଁ ୨୧ଥର ବିଲ୍




ବଡ଼ସରା ପଞ୍ଚାୟତ ଗୋପାଳପ୍ରସାଦ ରାସ୍ତା, ଲାଗିଥିବା କାର୍ଯ୍ୟ ବିବରଣୀ ଫଳକ।

**ନୟାଗଡ଼ ଜିଲା ଭାପୁର ବ୍ଲକ୍**

- ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ
- ଦୁର୍ନୀତିକୁ ଚାପିଦେବାକୁ ଚାପ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

**ନୟାଗଡ଼ ଅଫିସ,୨୧।୩**

ନୟାଗଡ଼ ଜିଲା ଭାପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହି ବ୍ଲକ୍ ଅଧୀନ ବଡ଼ସରା ପଞ୍ଚାୟତ ଗୋପାଳପ୍ରସାଦ ଗାଁର ପ୍ରାୟ ୮୫୦ମିଟର ରାସ୍ତାକୁ ୩ ଆର୍ଥିକ ବର୍ଷରେ ନାମ ବଦଳାଇ ୨୧ ଥର ବିଲ୍ କରାଯାଇ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି। ଏପରି ଅନିୟମିତତା ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲାପାଳ ପୋମା ଟୁଡୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତଦନ୍ତ ପାଇଁ ପିଡି ଡିଆରଡିଏ ଏକ ୩ ଜଣିଆ ଟିମ୍ ଗଠନ କରିଛନ୍ତି। ସୋମବାର ଏହି ଦୁର୍ନୀତିର ତଦନ୍ତ ଆରମ୍ଭ ହେବ। ତଦନ୍ତ ରିପୋର୍ଟକୁ ଆଧାର କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୧୮-୧୯ ଆର୍ଥିକବର୍ଷରେ ଗୋପାଳପ୍ରସାଦ ଗାଁର ପ୍ରାୟ ୮୫୦ମିଟର ସଡ଼କକୁ ଜଙ୍ଗଲଠାରୁ ଧଳାବନ୍ଧ ରାସ୍ତା, ଗୋପାଳପୁରଠାରୁ ଖଣି ଟ୍ୟାପ ରାସ୍ତା, ଗୋପାଳପ୍ରସାଦର ନୂଆସାହିଠାରୁ ଜଙ୍ଗଲରାସ୍ତା ଏପରି ଭିନ୍ନ ଭିନ୍ନ ନାମରେ ୬ଥର ବିଲ୍ କରାଯାଇଥିଲା। ପ୍ରତି ଥର ରାସ୍ତା କାମ ପାଇଁ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଦର୍ଶାଯାଇଛି। ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ସେହି ରାସ୍ତା ନିର୍ମାଣ ବାବଦରେ ୯ଥର ବିଲ୍ କରାଯାଇଛି। ପ୍ରଥମେ ୮.୮ ଲକ୍ଷ, ତା'ପରେ ୮.୦୫ ଲକ୍ଷ, ୮.୨ଲକ୍ଷ, ୭.୫୦ ଲକ୍ଷ, ୩.୪୯ଲକ୍ଷ, ୮.୨୦ଲକ୍ଷ, ୮.୧୩ଲକ୍ଷ, ୭.୫୮ ଲକ୍ଷ, ୭.୧୮ଲକ୍ଷ ଟଙ୍କାର ବିଲ୍ ହୋଇଛି। ପୁଣି ୨୦୨୦-୨୧ଆର୍ଥିକ ବର୍ଷରେ ୬ଥର ରାସ୍ତା ନିର୍ମାଣ କରାଯାଇଥିବା ଦର୍ଶାଯାଇ ୮.୯୩ ଲକ୍ଷ, ୭.୬୭ଲକ୍ଷ, ୭.୫୪ଲକ୍ଷ, ୯.୮୬ଲକ୍ଷ, ୯.୨୮ ଲକ୍ଷ, ୯.୩୩ ଲକ୍ଷ ଟଙ୍କାର ବିଲ୍ କରାଯାଇଛି। ଏହି ସମସ୍ତ ଅର୍ଥକୁ ଅତି ଚତୁରତାର ସହିତ ହଡ଼ପ କରାଯାଇଛି।

ଏନେଇ ବାଇଗୁଣିଆ ଗାଁର ସାମାଜିକ କର୍ମୀ ନବକିଶୋର ବରାଡ଼ କହିଛନ୍ତି, ଭାପୁର ବ୍ଲକର ୫ ପୋଖରୀ ଖୋଳା ନାଁରେ ୪୦ ଲକ୍ଷ ଟଙ୍କାର ଫଲ୍‌ସ ବିଲ୍ କରାଯାଇଥିଲା। ସେ ସଂକ୍ରାନ୍ତ ଅଭିଯୋଗ ହେଲା ପରେ ମଧ୍ୟ ସେହି ଦୁର୍ନୀତିରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପିଡିଡିଆରଡିଏ ରାସ୍ତା ଦୁର୍ନୀତିର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିଛି ଫରକ ପଡିବ ନାହିଁ। କାରଣ ଦୁର୍ନୀତି ଚାପିବାକୁ ଚାପ ପଡ଼ି ସାରିଲାଣି। ଯେଉଁ ବ୍ୟକ୍ତିମାନେ ଏହି ଦୁର୍ନୀତି ବିରୋଧରେ ମୁହଁ ଖୋଲୁଛନ୍ତି ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଉଛି। ଏପରି କି ସେହି ଲୋକମାନଙ୍କୁ ମାରପିଟ୍ କରାଯାଉଛି। ଆମ ଜୀବନ ପ୍ରତି ବି ବିପଦ ରହିଛି। ହେଲେ ଆମେ ଚୁପ୍ ରହିବୁନି ବୋଲି କହିଛନ୍ତି। ସେହିପରି ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଫାର୍ମପଣ୍ଡ ଓ କୂପ ନ ଖୋଳି ଫଲ୍‌ସ ବିଲ୍ କରାଯାଇଛି। ପ୍ରାୟ ୪୦ଟି ଏପରି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ଦୁର୍ନୀତିକୁ ଘଷ୍ଟ ଘୋଡ଼ାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏପରି ଦୁର୍ନୀତି ଚାଲିଥିବା ଅଭିଯୋଗ ହୋଇଛି।

# ୧୫ବର୍ଷୀୟ ବାଳକଙ୍କ ଜୀବନ ନେଲା କରୋନା

**ଭୁବନେଶ୍ୱର, ୨୧।୩(ବ୍ୟୁରୋ):** ଦେଶରେ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ଭୟଙ୍କର ହୋଇପଡୁଥିବାବେଳେ ରାଜ୍ୟରେ ସଂକ୍ରମଣ ମଧ୍ୟ ବଢ଼ିବାରେ ଲାଗିଛି। ଲଗାତାର ଦୁଇଦିନ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଟପିଥିବାବେଳେ ଶେଷ ୨୪ ଘଣ୍ଟାରେ ସାମାନ୍ୟ କମି ୯୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଖୋର୍ଦ୍ଧା ଜିଲାରେ ଜଣେ ୧୫ବର୍ଷୀୟ ବାଳକଙ୍କ କରୋନାରେ ମୃତ୍ୟୁ ଘଟିଛି। ସେ ଅନ୍ୟାନ୍ୟ ରୋଗରେ ମଧ୍ୟ ପୀଡିତ ଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୯୧୯ରେ ପହଞ୍ଚିଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହା ୩୪୦କୁ ଛୁଇଁଛି।

# ୪ ମାସରେ ସର୍ବାଧିକ ସଂକ୍ରମଣ

- ୪୩,୮୪୬ ଆକ୍ରାନ୍ତ ଚିହ୍ନଟ
- ୩ ଦିନରେ ଲକ୍ଷେ ଟପିଲା
- ମହାରାଷ୍ଟ୍ରରେ ଦେଶର ୬୨% ସଂକ୍ରମଣ
- ରାଜସ୍ଥାନର ୮ ସହରରେ କର୍ଫ୍ୟୁ

**ନୂଆଦିଲ୍ଲୀ, ୨୧।୩**

ଦେଶରେ ଦ୍ରୁତଗତିରେ ମାଡ଼ି ଚାଲିଛି କରୋନା ସଂକ୍ରମଣ। ଗତ ୨୪ ଘଣ୍ଟାରେ ୪୩,୮୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଯାହା କି, ଗତ ୪ ମାସରେ ସର୍ବାଧିକ। ଗତ ୩ ଦିନରେ ଦେଶରେ ଲକ୍ଷେରୁ ଅଧିକ କରୋନାରେ ଆକ୍ରାନ୍ତ ହୋଇସାରିଲେଣି। ମୋଟ ଆକ୍ରାନ୍ତଙ୍କ ୬୨ ପ୍ରତିଶତ କେବଳ ମହାରାଷ୍ଟ୍ରର। ଶନିବାର ଏଠାରେ ୨୭,୧୨୬ ମାମଲା ସାମ୍ନାକୁ ଆସିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ପଞ୍ଜାବ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ତାମିଲନାଡୁ, ଗୁଜରାଟର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ କଟକଣା ସହ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଏହାସହ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ବୃଦ୍ଧି ଚିନ୍ତା ବଢ଼ାଇଛି। ଆଜମେର, ଭିଲୱାରା, ଜୟପୁର, ଯୋଧପୁର, କୋଟା, ଉଦୟପୁର, ସାଗ୍ୱଦା, କୁଶଲଗଡ଼ ସହରରେ ରାଜସ୍ଥାନ ସରକାର ସୋମବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ପାଇଁ ଘୋଷଣା କରିଛନ୍ତି। ଏଥିସହ ମାର୍ଚ୍ଚ ୨୫ ତାରିଖଠାରୁ ବାହାରୁ ରାଜସ୍ଥାନ ଯାଉଥିବା ଲୋକେ ନେଗେଟିଭ୍ ଆର୍‌ଟି-ପିସିଆର୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ରାଜଧାନୀ ଦିଲ୍ଲୀରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ନୂଆ ୮୧୩ସଂକ୍ରମିତଙ୍କୁ ମିଶାଇ ଦିଲ୍ଲୀରେ ଏହିସଂଖ୍ୟା ୬.୪୭ ଲକ୍ଷ ଅତିକ୍ରମ କରିଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଆଉ ୧୯୭ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ରବିବାର କେବଳ ମହାରାଷ୍ଟ୍ରରେ ୯୨ ଜଣ କରୋନାରେ ପ୍ରାଣ ହରାଇଛନ୍ତି। କରୋନା କଟକଣା ନ ମାନିବା, ବିଭିନ୍ନ ସ୍ଥାନରେ ଜନଗହଳି, ଭୂତାଣୁର ନୂଆ ଷ୍ଟ୍ରେନ ଆଦି ଯୋଗୁ ଭାରତରେ ସଂକ୍ରମଣ ବଢୁଥିବା ଏମ୍ସ ମୁଖ୍ୟ ଡା. ରଣଦୀପ ଗୁଲେରିଆ କହିଛନ୍ତି।







**ଆଜିର ମନ୍ତବ୍ୟ**

"ଆସାମରେ ଥିବା ସର୍ବାନନ୍ଦ ସୋନୋୱାଲଙ୍କ ସରକାର ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ।
**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆକଟ କାମ, ଧୀର ଗମନ,**
**ତାକୁଟି ଜାଣିବ ପର,**
**ଦୁଇ ପହରିଆ ବସନ ଘୋଡ଼ା**
**ତାକୁଟି ଜାଣିବ ଜର।**

ଯିଏ କାମରେ ଆକଟ କରେ, ଯାହାଠାରେ ତତ୍ପରତା ନଥାଏ ଓ ଯିଏ ଧୀରେ ସୁସ୍ଥେ ପରିଚାଳିତ ହୁଏ ସିଏ ପର ହୋଇଥାଏ। ସେହିପରି ଦିନ ଦୁଇପହରରେ ଘୋଡେଇ ହୋଇ ଶୋଇବା ଜ୍ୱର ଆସିବାର ଏହା ଏକ ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆମ୍ବ ଗଛରେ ପାଣି ଦେଇ ଦେଇ**
**ଶିମ୍ବ ଗଛ ମଲା**
**ଦଉଡି ଆସରେ ଚାହାଳିଆ ପିଲା**
**ଅବଧାନ ବକି ମଲା।**

ଆଗ କାଳରେ ଗାଁ ଚାଟଶାଳୀରେ ପାଠପଢା ଯାଉଥିଲା। ଅବଧାନଙ୍କ କଠୋର ଅନୁଶାସନରେ ଚଳିବାକୁ ପଡୁଥିଲା। ବିଶୃଙ୍ଖଳିତ ଛାତ୍ର ଛାତ୍ରୀଙ୍କୁ ସୁଧାରିବାକୁ ଯାଇ ତାଙ୍କ ଉପରେ ବେଳେବେଳେ ଦଣ୍ଡ ବିଧାନ କରାଯାଉଥିଲା। ଏପରିସ୍ଥଳେ ଅବଧାନଙ୍କ ପ୍ରତି ଦୁଷ୍ଟ ପିଲାମାନଙ୍କ ଭିତରେ ଜାତ ହେଉଥିବା ପରିହାସକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ପ୍ରଥମ ପୃଷ୍ଠାରୁ...

### ଏକତାର ସହର...

ଆଗରେ ରଖି ୨୦୧୫ ଏପ୍ରିଲ ପହିଲାରେ ରାଉରକେଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ହସ୍ପିଟାଲକୁ ଏକ ଅତ୍ୟାଧୁନିକ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସ୍ଥାନୀୟ ଏମ୍‌ପି ଜୁଏଲ ଓରାମ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବି କରିବା ପରେ କେନ୍ଦ୍ର ସରକାର ଓ ଆରଏସ୍‌ପିର ଅନୁଦାନରେ ଏହି ୨ଶହ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ ୨ବର୍ଷ ମଧ୍ୟରେ ନିର୍ମିତ ହୋଇପାରିଛି। ଏହାଦ୍ୱାରା ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ରାଷ୍ଟ୍ରପତି କହିଥିଲେ। ଏହାସହ ସୁନ୍ଦରଗଡଠାରେ ଏନ୍‌ଟିପିସି ପକ୍ଷରୁ ମଧ୍ୟ ଅନ୍ୟ ଏକ ମେଡିକାଲ କଲେଜ ନିର୍ମାଣ କରାଯାଇଛି। ଏହି ଦୁଇଟି ମେଡିକାଲ କଲେଜ ଓ ଡାକ୍ତରଖାନାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ବିଶ୍ୱ ମହାମାରୀ କୋଭିଡ୍ ସମୟରେ ଆରଏସ୍‌ପି ତା'ର ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିଛି। ଆଇଜିଏଚ୍‌ରେ କୋଭିଡ ହସ୍ପିଟାଲ ଓ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା କରି କୋଭିଡ ମୁକାବିଲା ପାଇଁ ସରକାରଙ୍କୁ ସହଯୋଗ କରି ମହନୀୟତାର କାର୍ଯ୍ୟ କରିଛି। ରାଉରକେଲା ଆସି ବିବିଧତା ମଧ୍ୟରେ ଏକତା ଭାବ ତାଙ୍କୁ ଅଭିଭୂତ କରିଛି ବୋଲି ସେ କହିଥିଲେ। ରାଉରକେଲା ସହରର ବିଶେଷତ୍ୱକୁ ବ୍ୟାଖ୍ୟା କରି ରାଷ୍ଟ୍ରପତି କହିଥିଲେ ଯେ, ସାଦ୍ରୀ ଭାଷାରେ ରାଉରକେଲାର ଅର୍ଥ ଆପଣଙ୍କ ଗାଆଁ। ଏଠାକୁ ଯିଏ ଆସିବ ସେ ନିଜ ଗାଁ ପରି ଅନୁଭବ କରିବ। ଏଠାରେ ଭାଷାର ବିବିଧତା ମଧ୍ୟରେ ଥିବା ଏକତା ଭାଇଚାରାର ଭାବ ସୃଷ୍ଟି କରିଛି। ଓଡ଼ିଶା ହେଉଛି ପ୍ରକୃତିର ଅନୁପମ ବରଦାନ। ଓଡିଆ ଭାଷା ଏକ ଶାସ୍ତ୍ରୀୟ ଭାଷା। ଏହାର ଭାଷା ଓ ସଂସ୍କୃତି ମହାନ୍। ଓଡିଶା ମାଟିରୁ ଅନେକ ହକି ଖେଳାଳି ଭାରତୀୟ ଦଳରେ ସାମିଲ ହୋଇ ଗୌରବ ବୃଦ୍ଧି କରିଛନ୍ତି ବୋଲି ରାଷ୍ଟ୍ରପତି କୋବିନ୍ଦ କହିଥିଲେ।

ଏହି ସମାରୋହରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାରତ ସରକାରଙ୍କ ଆର୍ଥିକ ସହଯୋଗରେ ରାଉରକେଲାଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରାଯାଇ ସୁନ୍ଦରଗଡ଼ବାସୀ ବିଶେଷ କରି ଜନଜାତିଙ୍କ ପ୍ରତି ଥିବା ଦାୟିତ୍ୱକୁ ପୂରଣ କରାଯାଇଛି ବୋଲି କହିଥିଲେ। ସେ ଆହୁରି କହିଥିଲେ, ରାଉରକେଲାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ଆଜି ରାଉରକେଲାବାସୀ 'ମିଶନ ପୂର୍ବୋଦୟ'ରେ ସେହି ପ୍ରତିଶ୍ରୁତି ପାଳନର ମୂକସାକ୍ଷୀ ହୋଇଛନ୍ତି ଏବଂ ସେମାନଙ୍କ ଦୀର୍ଘଦିନର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସୁବିଧା ପାଇବା ସ୍ୱପ୍ନ ମଧ୍ୟ ସାକାର ହୋଇଛି। ଏହି ଅତ୍ୟାଧୁନିକ ହସ୍ପିଟାଲ ସୁନ୍ଦରଗଡ଼ବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ, ଭେଟି ଏବଂ ଉପହାର ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଏହି ଅବସରରେ ରାଉରକେଲାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଆରଏସ୍‌ପିର ଅବଦାନକୁ ସେ ପ୍ରଶଂସା କରିଥିଲେ। ରାଉରକେଲା ଶିଳ୍ପାଞ୍ଚଳ ଓ ସୁନ୍ଦରଗଡ ଜିଲାରେ ସବୁଜ ବଳୟ କରିବା ସହ ସବୁଜିମା ଜନ ଆନ୍ଦୋଳନ ସୃଷ୍ଟି କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସେଲ୍‌କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଇସ୍ପାତ ରାଷ୍ଟ୍ର ମନ୍ତ୍ରୀ ଫଗନ ସିଂ କୁଲସ୍ତେ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

### 'ବିନା ଚାପରେ ...

ମାନ୍ୟତା ଲାଭ କରିଥିଲା। ମାତ୍ର ଗୋଟିଏ କୋଠାରୁ ଶିକ୍ଷାଦାନ ଆରମ୍ଭ କରିଥିବା ଏହି ପ୍ରତିଷ୍ଠାନ ଏବେ ବୈଷୟିକ ଶିକ୍ଷା ପ୍ରଦାନରେ ପୂର୍ବ ଭାରତର ୨ୟ ବୃହତ୍ ପ୍ରତିଷ୍ଠାନର ମାନ୍ୟତା ଲାଭ କରିଛି। ୭ଶହ ଏକର ପରିମିତ ଏକ ସୁନ୍ଦର, ମନୋରମ ପରିବେଶରେ ଗଢି ଉଠିଥିବା ଏହି ପ୍ରତିଷ୍ଠାନରେ ଏବେ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ କର୍ମଚାରୀ ଅଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ୭ ଜଣ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଛାତ୍ରୀ ହୋଇଥିବା ଜାଣି ରାଷ୍ଟ୍ରପତି କୋବିନ୍ଦ ଖୁସି ଅନୁଭବ କରିଥିଲେ। ଦେଶର ବିଭିନ୍ନ ରାଜ୍ୟ ଓ ୧୭ଟି ବାହାର ଦେଶର ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଥିବା ଜାଣି ସେ ଆନନ୍ଦିତ ହୋଇଥିଲେ। ସେହିପରି ଜାତୀୟ ଶିକ୍ଷାନୀତି ସମ୍ପର୍କରେ ମଧ୍ୟ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉପସ୍ଥିତ ଶିକ୍ଷାବିତ୍, ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ପାର୍ଶ୍ୱାଞ୍ଚଳ ବିକାଶ ଯୋଜନାରେ ଏନ୍‌ଆଇଟି ଉନ୍ନତ ଭାରତ ଅଭିଯାନ ଚାଲୁ ରଖିଛି। ଏହି ଯୋଜନାରେ ପାର୍ଶ୍ୱାଞ୍ଚଳର ୫ଟି ଗ୍ରାମରେ ବିଜ୍ଞାନ ଲାବରେଟୋରି, କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ସ୍ଥାପନ କରି ଛାତ୍ରୀଛାତ୍ରମାନଙ୍କୁ ଜ୍ଞାନ କୌଶଳ ପ୍ରଦାନ କରୁଛି। କଳାହାଣ୍ଡି, ବଲାଙ୍ଗୀର, କୋରାପୁଟର ଗରିବ ଲୋକଙ୍କ ନିମନ୍ତେ ଦାରିଦ୍ର୍ୟ ଦୂରୀକରଣ ଗବେଷଣା କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ରାଷ୍ଟ୍ରପତି କହିଥିଲେ। ବିଭିନ୍ନ କ୍ଷେତ୍ରରେ ବିଶେଷକରି ବିଟେକ୍, ଏମ୍‌ଟେକ୍, ପିଏଚ୍‌ଡିରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଳ୍ପଦ୍ୟୋଗୀ କୁମାର ମଙ୍ଗଳମ୍ ବିର୍ଲା, ସମାଜ ଗଠନ ଓ ସାଧାରଣ ପ୍ରଶାସନ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଡକ୍ଟର ପ୍ରମୋଦ କୁମାର ମିଶ୍ର ଓ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ପାଇଥିବା ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କୁ ଡକ୍ଟର ଅଫ୍ ସାଇନ୍ସ ଡିଗ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପୁରାତନ ଛାତ୍ର ଡକ୍ଟର ରାଜକିଶୋର ପରମଗୁରୁ, ଆଶୁତୋଷ ପଣ୍ଡା, ଏୟାର ଭାଇସ୍ ମାର୍ଶାଲ ଶୁଭଙ୍କର ଶେଖର ଲାହିରି, ଇଂ.ଏସ୍.ଏମ୍ ବୈଦ୍ୟ, ବିଷ୍ଣୁପଦ ସେଠୀ (ରାଜ୍ୟ ପ୍ରମୁଖ ଶାସନ ସଚିବ ରାଜସ୍ୱ), ଫକୀର ଚରଣ ମହାନ୍ତି, ଇଂ ଭାରତ ଭୂଷଣ ମହାନ୍ତି, ଗ୍ୟାରୀ କ୍ରିଷ୍ଣନ ପ୍ରମୁଖଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ଆଲୁମ୍‌ନି ଆୱାର୍ଡ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ଏନ୍‌ଆଇଟିର ଡାଇରେକ୍ଟର ପ୍ରଫେସର ଅନିମେଶ ବିଶ୍ୱାସ ମଞ୍ଚ ପରିଚାଳନା କରିଥିଲେ।

### ଦ୍ୱିତୀୟ ଡୋଜ୍ ଟିକା ...

ଶେଷ ଡୋଜ୍ ନେବା ପରେ ୨୮ ଦିନ ଅପେକ୍ଷା କରିବାକୁ ପଡ଼ିବ ଅର୍ଥାତ୍ ପ୍ରଥମ ଡୋଜ୍‌ଠାରୁ ୫୬ ଦିନ ପର୍ଯ୍ୟନ୍ତ ଜଣେ ରକ୍ତଦାନ କରିପାରିବ ନାହିଁ। ଏନ୍‌ବିଟିସି ନିର୍ଦ୍ଦେଶକ ଡ. ସୁନୀଲ ଗୁପ୍ତା ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ଟିକାକରଣ ଗାଇଡ୍‌ଲାଇନ ଅନୁଯାୟୀ କରୋନା ଭୂତାଣୁ ବିରୋଧରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ପାଇଁ ଭାକ୍ସିନର ଦୁଇଟି ଡୋଜ୍ ୨୮ ଦିନ ଅନ୍ତରରେ ନେବାକୁ ହେବ। ଦ୍ୱିତୀୟ ଡୋଜ୍ ଟିକା ନେବାର ଦୁଇ ସପ୍ତାହ ପରେ ସାଧାରଣତଃ ଶରୀରରେ ଆଣ୍ଟିବଡ଼ିର ବିକାଶ ହୋଇଥାଏ। ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ଫେବୃୟାରୀ ୨ରୁ ଆଗଧାଡ଼ିର କର୍ମଚାରୀମାନଙ୍କୁ ଟିକାଦାନ କରାଯାଇଥିଲା। ମାର୍ଚ୍ଚ ୧ରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ଲୋକଙ୍କୁ ଏହି ଟିକା ଦିଆଯାଉଛି।

### 'ମୋ କଲେଜ ଅଭିଯାନ' ...

ସଂସଦର ସଭ୍ୟ ଓ ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି କହିଛନ୍ତି, ଉଚ୍ଚଶିକ୍ଷାର ମାନବୃଦ୍ଧି ସହ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହି ଅଭିଯାନ ଓଡ଼ିଆ ଆଲୁମ୍‌ନିମାନଙ୍କୁ ଭାବପ୍ରବଣତା ସହିତ ବିନିଯୋଗ କରିବା ପାଇଁ ଏକ ମଞ୍ଚ। ଏହାଦ୍ୱାରା କଲେଜ ଦିନର ସ୍ମୃତିକୁ ଫେରିପାଇବାର ଅନ୍ୟତମ ସୁଯୋଗ। ଏହି ଅଭିଯାନ କେବଳ ଛାତ୍ରୀଛାତ୍ରଙ୍କ ପାଇଁ ସୀମିତ ନୁହେଁ। ଅଣ-ଆଲୁମିନି ସାମାଜିକକର୍ମୀ, ଦାତବ୍ୟ ସଙ୍ଗଠନ, ଗୋଷ୍ଠୀ ଓ ଅନୁଷ୍ଠାନ ମଧ୍ୟ ଏଥିରେ ଅଂଶ ହୋଇପାରିବେ। ଏହା ଏକ ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ ନୂଆ ମିଶନର ପ୍ରଚେଷ୍ଟା କରିବା ସହ ରାଷ୍ଟ୍ରନିର୍ମାଣ, ଦକ୍ଷତା ବିକାଶ ତଥା ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବ। ସେହିଭଳି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧ୍ୟୟନ ପାଇଁ ଏକ ଅଭିନବ ତଥା ରୋମାଞ୍ଚକର ସ୍ଥାନ ହୋଇପାରିବ। ଆମେ ସମସ୍ତେ ନିଜ ନିଜ ଶିକ୍ଷାନୁଷ୍ଠାନକୁ ଫେରାଇବାର ଆନନ୍ଦ ଅନୁଭବ କରିବା ଉଚିତ, ଯେଉଁଠାରେ ଆମେ ଆମର ଯୌବନର ଅତ୍ୟନ୍ତ ମୂଲ୍ୟବାନ ସମୟ ଅତିବାହିତ କରିଥିଲେ ଏବଂ ଆମ ଭବିଷ୍ୟତ ନିର୍ମାଣ କରିଥିଲୁ ବୋଲି ସେ କହିଛନ୍ତି।

ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ନିଜ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଯୋଡ଼ିହେବାର ଏହି ଅଭିଯାନ ଏକ ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଅଭିଯାନ ସମ୍ପର୍କରେ କହିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅଭିଯାନରେ ୭୫୫ କଲେଜ ଓ ବିଶ୍ୱବିଦ୍ୟାଳୟ ସାମିଲ ହୋଇଛି। ଏହାର ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ' ଭଳି ମୋ କଲେଜରେ ନିଜ ନିଜ କଲେଜକୁ ସହାୟତା କରିପାରିବେ ବୋଲି ସେମାନେ କହିଛନ୍ତି।

## ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ଜୋର ଧରିବାରେ ଲାଗିଛି। ମାହାଙ୍ଗା ନିର୍ବାଚନମଣ୍ଡଳୀର ଉଭୟ ଭାଜପା ଏବଂ ବିଜେଡି ନେତାଙ୍କ ବିରୋଧରେ ରହିଥିବା ଅଭିଯୋଗକୁ ନେଇ ଦୁଇ ଦଳର ନେତା ଏବେ ବାରମ୍ବାର ମୁହାଁମୁହିଁ ହେବାରେ ଲାଗିଛନ୍ତି। ବିଧାନସଭାରେ ଶନିବାର ବିରୋଧୀ ଦଳ ବିଧାୟକଙ୍କ ଦ୍ୱାରା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ତଥା ମାହାଙ୍ଗା ଡବଲ ମର୍ଡର ଘଟଣା ନେଇ ବିବୃତି ରଖାଯାଇଥିଲା। ଏହା ଉପରେ ବିଧାୟକ ବ୍ୟୋମକେଶ ରାୟ ଗୃହ ବାହାରେ ଯେଉଁ ପ୍ରତିକ୍ରିୟା ଦେଇଥିଲେ ତାହା ସଇତାନର ବେଦ ପାଠ ସଦୃଶ୍ୟ ବୋଲି ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ମାହାଙ୍ଗା ଡବଲ ମର୍ଡର ଘଟଣାରେ ଅଭିଯୁକ୍ତ ଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୁରକ୍ଷା ଦେବା ପାଇଁ ବହୁଜଣ ଲାଗିପଡିଛନ୍ତି। ୨୦୧୯ ନିର୍ବାଚନ ଜିତିବା ପାଇଁ ଚାନ୍ଦବାଲି ଅଞ୍ଚଳରେ ବିଷାକ୍ତ ମଦ ବାଣ୍ଟାଯାଇଥିଲା। ଏହାଦ୍ୱାରା ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବା ସତ୍ତ୍ୱେ ପୋଲିସ ପ୍ରଶାସନ ତାଙ୍କୁ ତଦନ୍ତ ପରିସରଭୁକ୍ତ କଲାନାହିଁ ବୋଲି ଇରାଶିଷ ଅଭିଯୋଗ କରିଛନ୍ତି। ସେ ସମୟରେ ଭାଜପା ଏହି ପ୍ରସଙ୍ଗ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ବିଗତ ଦିନରେ ବିଧାୟକ ବ୍ୟୋମକେଶ ରାୟ ମୋତିଲାଲ ଗୌଡ ସହ ମିଶି ରାଜ୍ୟ ରାଜକୋଷରେ ଚୂନ ଲଗାଇଥିଲେ ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଭାଜପା ଅଭିଯୋଗ ଉପରେ ବିଜେଡି କଡା ପ୍ରତିକ୍ରିୟା ରଖିଛି। ବିଜେଡି ମୁଖପାତ୍ର ଚିନ୍ମୟ ସାହୁ କହିଛନ୍ତି, ଜେଲ୍ ଯାଇଥିବା ଏବଂ ନିକଟରେ ରାଜଧାନୀରେ ଗଣ୍ଡଗୋଳ କରି ଫେରାର ଥିବା ଭାଜପା ନେତା ସାରଦା ପ୍ରଧାନଙ୍କ ଲାଗି ଓକିଲାତି କରୁଥିବା ଇରାଶିଷ ଆଚାର୍ଯ୍ୟ ଆଉ ଜଣେ ଜେଲ୍ ଫେରନ୍ତା। ଜଣେ ଅପରାଧୀକୁ ସୁରକ୍ଷା ଦେବା ଲାଗି ଅନ୍ୟ ଜଣେ ଅପରାଧୀ ଓକିଲାତି କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ସାରଦାଙ୍କ ସୁରକ୍ଷାରେ ଆଗକୁ ଆସି ଓକିଲାତି କରୁଥିବା ଇରାଶିଷଙ୍କ ଭଟଲି ଗୁଳିକାଣ୍ଡରେ ସମ୍ପୃକ୍ତି ଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ଅଭିଯୋଗରେ ସେ ୮ ମାସ ଜେଲରେ ରହି ଫେରିଛନ୍ତି। ଅନ୍ୟପକ୍ଷରେ ସାରଦାଙ୍କ ଅପରାଧ ତାଲିକା ବେଶ୍ ଲମ୍ବା। ଇରାଶିଷ ନିଜ ବକ୍ତବ୍ୟ ରଖିବା ପୂର୍ବରୁ ନିଜ ଅତୀତର ଆପରାଧିକ ଜୀବନକୁ ଥରେ ଚାହିଁ ଦେଖିଥିଲେ ଭଲ ହୋଇଥାନ୍ତା। ଭାଜପା ନେତ୍ରୀ ଉପାସନା ମହାପାତ୍ର ନିକଟରେ ଗୁଣ୍ଡାମାନଙ୍କ ଦ୍ୱାରା ରାଜଧାନୀର ନୂଆପଲ୍ଲୀରେ ଯେଉଁ ଆପରାଧିକ କାଣ୍ଡ ଭିଆଇଲେ ସେହି ଘଟଣାରେ ସାରଦା ମଧ୍ୟ ଅଭିଯୁକ୍ତ ଅଛନ୍ତି ବୋଲି ଚିନ୍ମୟ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଆପଣଙ୍କ ପ୍ରତ୍ୟେକ କାମରେ କିଛିଟା ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟରେ ମନ ହଲଚଲ ହୋଇପାରେ। ସେହି କାମଟି ବାଧ୍ୟ ହୋଇ କରିବେ, କିନ୍ତୁ ବହୁତ ବିଳମ୍ବ ଓ ସମସ୍ୟା ମଧ୍ୟରେ ହିଁ ସମ୍ପନ୍ନ ହେବ। ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି, ଏଣୁ ସତର୍କ ରହିବା ଭଲ।

**ବୃଷ** — କର୍ମକ୍ଷେତ୍ରରେ ପ୍ରଥମରୁ ସବୁ ଠିକ୍‌ଠାକ୍ ଥିଲେ ହେଁ ଶେଷ ସମୟରେ ବିଗିଡି ଯିବାର ସମ୍ଭାବନା ରହିଛି। ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସଭାସମିତି ଏପରି କି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହିସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ** — ଆଜି କର୍ମକ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପାରିବାରିକ ସ୍ତରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇ ପାରନ୍ତି। ଅବଶ୍ୟ ବିଭିନ୍ନ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** — ମାନସିକ ଦ୍ୱନ୍ଦ୍ୱ କାରଣରୁ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅବଶ୍ୟ ବହୁ ଦିଗରୁ ସମ୍ପର୍କୀୟଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ।

**ସିଂହ** — ଆପଣ ନିଜ ଲୋକଙ୍କୁ ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ତାହା ସହଜରେ କରାଇ ଦେବ ନାହିଁ। କର୍ମ କ୍ଷେତ୍ରରେ ବାଧା ଉପୁଜିବ ତଥାପି ବ୍ୟସ୍ତ ହୁଅନ୍ତୁ ନାହିଁ। ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଭଲ।

**କନ୍ୟା** — କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତି କରିବା ଭଲ ହେବ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନା ପ୍ରକାର କଥା କହିପାରନ୍ତି।

**ତୁଳା** — ବିଭିନ୍ନ ବିଷୟରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** — ଆଜି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କ୍ରୀଡା, କଳା ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଆଜି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** — ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ଅଫିସ ଭିତରେ କିଛି ବିଚାର ନ କରି ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ପିଲାମାନଙ୍କ ବିବାହ ସମ୍ପର୍କିତ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ନିଜ ଲୋକଙ୍କ ଅସହଯୋଗ କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** — ପରିବାରରେ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ।

**କୁମ୍ଭ** — କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପ ବୃଦ୍ଧି ହେତୁ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜର ଲୋକଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନିତ ମଧ୍ୟ ହୋଇପାରନ୍ତି।

**ମୀନ** — ବ୍ୟସ୍ତ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ, ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟଲାଭରୁ ଖୁସି ହେବେ।

ଆଜି ଫାଲଗୁନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ସୋମବାର, ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୨ ଗତେ ଘ.୦୭।୨୮ ମଧ୍ୟେ, ଘ.୧୦।୪୧ ଗତେ ଘ.୦୧।୦୫ ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩।୩୦ ଗତେ ଘ.୦୫।୦୬ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୭।୨୨ ଗତେ ଘ.୦୮।୫୩ ମଧ୍ୟେ ରାହୁକାଳ। ଦିବା ଘ.୦୮।୫୭ ଗତେ ଘ.୧୦।୨୭ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୭ ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302





**SALE**

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୁପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136. D-69389

1450sqft. sthitiban residential plot for sale at Pathargadia, near KIIMS Hospital, Bhubaneswar. Price: 35lakh. Contact: 8260595320 (No brokers). D-70563

Bhubaneswar AIIMS and Sum Hospital ନିକଟରେ ଘରବାରି plot sale. 7847882596. D-70815

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648. D-20177

ଭୁବନେଶ୍ୱର ପଟିଆ ରେଲୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି plot boundarywall, road, electricity ସହିତ NH ଠାରୁ 500' ଦୂରତାରେ ବିକ୍ରିହେବ। 9861428475. D-70814

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com





Ground floor available at Sisupal Chhaka near Royal Play School main road side for Office/ Godown. Contact: 9438303202. D-67587





Zen SPA positively health benefits with experts therapeutic genuinely massage. 7205084157. D-70560

Get good massage for your health the best therapy. 7749997224. D-70438

Swarna SPA newly open positively health benefits with expert therapist. 9556978408. D-70559





Install white lable ATM in your free space and monthly earn 20000/- to 80,000/- (Agent invited). 7064182517. D-70553

ରୋଜଗାର ରୋଜଗାର:- AEPS & Mobile recharge portal ନିଅନ୍ତୁ। Daily 1000/- ରୁ 1500/- income କରନ୍ତୁ। Contact: 7852932323. D-20271


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଢ଼ଲକ୍ଷ ହେକ୍ଟର ବନୀକରଣ ଲକ୍ଷ୍ୟ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ଚଳିତବର୍ଷ ରାଜ୍ୟରେ ୧ କୋଟି ୭ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇଛି। ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ନଗର ଓ ପୌରାଞ୍ଚଳରେ ସ୍ୱଚ୍ଛ ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି ନିମିତ୍ତ ବ୍ୟାପକ ଚାରା ରୋପଣ କରାଯାଇଛି। ତେବେ ୨୦୨୧-୨୨ରେ ରାଜ୍ୟରେ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ବନୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୪୪ ହଜାର ୫୦୦ ହେକ୍ଟର କାମ୍ପା ପାଣ୍ଠି ମାଧ୍ୟମରେ ଓ ୫୦ ହଜାର ହେକ୍ଟର ଏମ୍‌ଜିଏନ୍‌ଆର୍‌ଇଜିଏରେ ବନୀକରଣ ପାଇଁ ସ୍ଥିର ହୋଇଛି ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ରବିବାର ଜୟଦେବ ବାଟିକା ପରିସରରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆରୁଖ କହିଲେ, ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ୨୦୧୭ରୁ ୨୦୧୯ ମଧ୍ୟରେ ରାଜ୍ୟରେ ୨୭୪ ବର୍ଗ କିମି ଜଙ୍ଗଲ ଅଞ୍ଚଳ ଓ ୬୫୫ ବର୍ଗ କିମି ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ଘଟିଛି। ଫଳରେ ବର୍ତ୍ତମାନ ଓଡ଼ିଶାର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର କ୍ଷେତ୍ରଫଳ ୬୧ ହଜାର ୨୦୪ ବର୍ଗ କିମି ରହିଛି, ଯାହା ଦେଶରେ ଚତୁର୍ଥ ସର୍ବାଧିକ। ସେହିଭଳି ରାଜ୍ୟର ଭୌଗୋଳିକ କ୍ଷେତ୍ରର ୩୯.୩୧ ପ୍ରତିଶତ ହେଉଛି ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ। ସର୍ବଭାରତୀୟ ହାରାହାରି ଅନୁପାତଠାରୁ ଏହା ଅଧିକ। ଜଙ୍ଗଲ ସଂରକ୍ଷଣ ଓ ଉଜୁଡ଼ା ଜଙ୍ଗଲର ପୁନର୍ଜୀବନ ନିମନ୍ତେ ରାଜ୍ୟ ସରକାରଙ୍କ ସୁଦୃଢ଼ ପଦକ୍ଷେପ ସହିତ ଜନସାଧାରଣ ଓ ବନ ସୁରକ୍ଷା ସମିତିର ସହଯୋଗ ଯୋଗୁ ବିଗତ ଦୁଇଦଶନ୍ଧି ମଧ୍ୟରେ କ୍ରମାଗତ ଭାବେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି।



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିମାନେ ଓଡ଼ିଶା ବନ ବିଭାଗର ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ସମ୍ମାନିତ ଅତିଥି ଭାବେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଯୋଗଦେଇ କହିଲେ, ଗତ ଦୁଇବର୍ଷରେ ଦେଶରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୫୧୮୮ ବର୍ଗ କିମି ବୃଦ୍ଧି ଘଟିଥିବାବେଳେ ଆମ ରାଜ୍ୟରେ ଏହି ବୃଦ୍ଧି ୯୨୯ ବର୍ଗ କିମି ରହିଛି। ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ଶିଶିର କୁମାର ରଥ ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଅନ୍ୟତମ ପ୍ରମୁଖ ରାଜ୍ୟ ବୋଲି କହିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ଏମ୍‌ଇଆଇଭି) ଓମ୍‌ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ମନ୍ତ୍ରୀ ପୁସ୍ତକ ଉନ୍ମୋଚନ କରିବା ସହିତ ଦୁଇବର୍ଷ ପାଇଁ 'ପ୍ରକୃତି ପର୍ଯ୍ୟଟନ' ମାଧ୍ୟମରେ 'ଜଙ୍ଗଲ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର' ପ୍ରଦାନ କରିଥିଲେ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ୨୦୨୦ ନିମନ୍ତେ ସାତକୋଶିଆ ସ୍ୟାଣ୍ଡ ରିସର୍ଟ ବଡ଼ମୂଳ ଦ୍ୱାରା ପରିଚାଳିତ ମା'ସାତଭଉଣୀ ପରିବେଶ ଉନ୍ନୟନ କମିଟି ପ୍ରଥମ ପୁରସ୍କାର, କୁମାରୀ ନେଚର କ୍ୟାମ୍ପ ପରିଚାଳିତ କୁମାରୀ ପରିବେଶ ଉନ୍ନୟନ କମିଟି ଦ୍ୱିତୀୟ ପୁରସ୍କାର ଏବଂ ଦେବ୍ରିଗଡ଼ ନେଚର କ୍ୟାମ୍ପ ପରିଚାଳିତ ଧୋଡ୍ରୋକୁସୁମ୍ ପରିବେଶ ଉନ୍ନୟନ କମିଟି ତୃତୀୟ ପୁରସ୍କାର ପାଇଛି। ୨୦୨୧ ନିମନ୍ତେ ଡାଙ୍ଗମାଳ ନେଚର କ୍ୟାମ୍ପ ପରିଚାଳିତ ଡାଙ୍ଗମାଳ ପରିବେଶ ଉନ୍ନୟନ କମିଟି ପ୍ରଥମ ପୁରସ୍କାର, ମାଣ୍ଡାସରୁ ନେଚର କ୍ୟାମ୍ପ ପରିଚାଳିତ ମାଣ୍ଡାସରୁ ପରିବେଶ ଉନ୍ନୟନ କମିଟି ଦ୍ୱିତୀୟ ପୁରସ୍କାର ଏବଂ ଦାରିଙ୍ଗବାଡ଼ି ନେଚର କ୍ୟାମ୍ପ ପରିଚାଳିତ ସାରିନ୍‌ଗିରିପ୍ ବନସୁରକ୍ଷା ସମିତି ତୃତୀୟ ପୁରସ୍କାର ପାଇଛି। ସେହିଭଳି ୪ଜଣ ରେଞ୍ଜ ଅଫିସର, ୧୨ ଜଣ ଫରେଷ୍ଟର ଓ ୨୪ ଜଣ ବନରକ୍ଷୀଙ୍କୁ ଜଙ୍ଗଲ ବିଭାଗରେ ଉତ୍ତମ ସେବା ସମ୍ପାଦନ ପାଇଁ ପୁରସ୍କୃତ କରାଯାଇଛି।

**ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ**

- ୨୦୨୦-୨୧ରେ ୧.୭ କୋଟି ହେକ୍ଟରରେ ବନୀକରଣ ହୋଇଛି
- ଦୁଇ ବର୍ଷରେ ୯୨୯ ବର୍ଗ କିମି ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବଢ଼ିଛି
- ଜଙ୍ଗଲ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ

# 'ସୁଜଳ' ଯୋଜନାରେ ପୁରୀ ପୁରସ୍କୃତ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ପୁରୀ ସହରରେ "ସୁଜଳ" ଯୋଜନାର ସଫଳ କାର୍ଯ୍ୟକାରୀତା ନିମନ୍ତେ ୱାଟକୋକୁ "ଆୱାର୍ଡ ଅଫ୍ ଏକ୍ସେଲେନ୍ସ" ପୁରସ୍କାର ମିଳିଛି। ଗତ ଗୁରୁବାର ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଓ ଇଲେଟ୍ସ ଟେକ୍ନୋ ମିଡିଆ ଆୟୋଜିତ ୨ୟ ଜାତୀୟ ଜଳ ଓ ପରିମଳ ସମ୍ମିଳନୀ ୨୦୨୧ ଅନୁଷ୍ଠିତ ହୋଇଛି। ଏଥିରେ ସ୍ମାର୍ଟ ଜଳ ପରିବହନ ଏବଂ ବିତରଣ ବିଭାଗରେ ଦେଶର ବିଭିନ୍ନ ସହର ମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଉତ୍କର୍ଷତା ପାଇଁ ପ୍ରତିଯୋଗୀତା ହୋଇଥିଲା। ପୁରୀ ସହରରେ ୱାଟକୋ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ୨୪x୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ପୁରସ୍କୃତ କରାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ କରାଯାଇଛି। ୱାଟକୋର ଏହି ସଫଳତା ନିମନ୍ତେ ପଞ୍ଚାୟତିରାଜ, ପାନୟଜଳ, ଆଇନ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଖୁସି ବ୍ୟକ୍ତକରି ବିଭାଗୀୟ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



**ଆଜି ବିଶ୍ୱ ବନ ଦିବସ:** ନିଯୁକ୍ତି ଓ ଅନ୍ୟାନ୍ୟ ୪ ଦଫା ଦାବି ନେଇ ରବିବାର ଭୁବନେଶ୍ୱର ପିଏମ୍‌ଜି ଛକଠାରେ ଓୟୁଏଟିର କଲେଜ୍ ଅଫ୍ ଫରେଷ୍ଟ୍ରି ବିଭାଗର ଛାତ୍ରୀଛାତ୍ରଙ୍କ ଅଭିନବ ପ୍ରତିବାଦ।

# ଜଙ୍ଗଲ ନିଆଁରେ ଜଳିଗଲେ ଜଗୁଆଳି

ଠାକୁରମୁଣ୍ଡା, ୨୧।୩ (ଡି.ଏନ୍.ଏ.)

ବିଶ୍ୱ ବନ ଦିବସରେ ଘଟିଛି ଏକ ଦୁର୍ଘଟଣା। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ ଅଧୀନ କେନ୍ଦୁଜିଆଣି ପଞ୍ଚାୟତ ଜଡିବିଲ ସଂରକ୍ଷିତ ଜଙ୍ଗଲକୁ ଜଗିଥିବା ଜଣେ ଜଗୁଆଳି ରବିବାର ନିଆଁରେ ପୋଡିହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଜଡିବିଲ ଗ୍ରାମର ଯାଦବ ମହାନ୍ତ। ଖବରପାଇ ବନ କର୍ମଚାରୀମାନେ ପହଞ୍ଚିଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ଉକ୍ତ ଜଙ୍ଗଲ ଭିତରେ ୨ବର୍ଷ ପୂର୍ବରୁ ବନବିଭାଗ ପକ୍ଷରୁ ଚାରା ଲଗାଯାଇଥିଲା। ଏହି ଚାରାକୁ ଜଗିବା ପାଇଁ ବନବିଭାଗ ପକ୍ଷରୁ ଯାଦୁ ମହାନ୍ତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜଡିବିଲ ସଂରକ୍ଷିତ ଜଙ୍ଗଲକୁ ଲାଗି ଲୋକଙ୍କ ଜମି ରହିଛି। ଉକ୍ତ ଜମିରେ ଥିବା ମହୁଲ ଗଛରୁ ପଡୁଥିବା ମହୁଲ ଫୁଲକୁ ସଂଗ୍ରହ କରିବାକୁ ଲୋକେ ଗଛମୂଳେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇଥିଲେ। ଏହି ସମୟରେ ଜୋରରେ ପବନ ହେବାରୁ ନିଆଁ ଉଡିଯାଇ ନିକଟ ଜଙ୍ଗଲରେ ଲାଗିଯାଇଥିଲା। ଯାଦୁ ନିଆଁ ଲିଭାଇବାକୁ ଏକୁଟିଆ ଜଙ୍ଗଲକୁ ଯାଇଥିଲେ। ନିଆଁ ଲିଭାଇବା ବେଳେ ପବନ ହେବାରୁ ନିଆଁ ଓ ଧୂଆଁରେ ସେ ଶ୍ୱାସରୁଦ୍ଧ ହୋଇ ପଡିଯାଇଥିଲେ। ଫଳରେ ଜଙ୍ଗଲ ନିଆଁରେ ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଓ ବନକର୍ମଚାରୀମାନେ ପହଞ୍ଚି ଜଙ୍ଗଲ ନିଆଁକୁ ଲିଭାଇଥିଲେ। ମୃତ ଜଗୁଆଳିଙ୍କ ପୁଅ ଏ ସମ୍ପର୍କରେ ଠାକୁରମୁଣ୍ଡା ଥାନାରେ ଜଣାଇବା ପରେ ଥାନା ଅଧିକାରୀ ନିରୋଜ ସାମଲ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ଫରେଷ୍ଟର ତପନ କୁମାର ମହାନ୍ତଙ୍କ ସମେତ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।

# ଜୀବନ ବଞ୍ଚାଇବାକୁ ଦୌଡ଼ିଲେ ଗାଁ ଲୋକ

ରସୁଲପୁର/ଧର୍ମଶାଳା, ୨୧।୩(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମରେ ରବିବାର ମଧ୍ୟାହ୍ନରେ ଗ୍ୟାସ ଚୁଲାରୁ ନିଆଁ ବ୍ୟାପୀ ୨୬ବଖରା ଜଳି ପାଉଁଶ ହୋଇଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ତେବେ ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ଜୀବନ ବଞ୍ଚାଇବାକୁ ଗାଁ ଲୋକେ ଯିଏ ଯୁଆଡ଼େ ପାରିଲେ ଦୌଡ଼ିଥିଲେ।

ମିଳିଥିବା ସୂଚନାନୁଯାୟୀ, କୁଣ୍ଡପାଟଣାର ନରହରି ପୃଷ୍ଟିଙ୍କ ଭୋଜି ପାଇଁ ରୋଷେଇ ହେଉଥିଲା। ସେଥିରେ ବ୍ୟବହୃତ ଚୁଲାରୁ ଗ୍ୟାସ ଲିକ୍ ହୋଇ ଆଖି ପିଛୁଳାକେ ନେତ୍ରାନନ୍ଦ ପୃଷ୍ଟିଙ୍କ ଘରେ ନିଆଁ ଲାଗିଯାଇଥିଲା। ଚାହୁଁଚାହୁଁ ନିଆଁ ଗାଁ ଭିତରକୁ ବ୍ୟାପୀ ଯାଇଥିଲା। ଅଗ୍ନିକାଣ୍ଡରେ ନେତ୍ରାନନ୍ଦ ପୃଷ୍ଟିଙ୍କ ୫ ବଖରା, ନରହରି ପୃଷ୍ଟିଙ୍କ ୨ ବଖରା, ପୂର୍ଣ୍ଣ ପୃଷ୍ଟିଙ୍କ ୨, ଅଭୟ ପୃଷ୍ଟିଙ୍କ ୧, ବିଜୟ ପୃଷ୍ଟିଙ୍କ ୧, ଗୋକୁଳ ପୃଷ୍ଟିଙ୍କ ୨, ବିଷ୍ଣୁ ପୃଷ୍ଟିଙ୍କ ୧, ମୀନାକ୍ଷୀ ପୃଷ୍ଟିଙ୍କ ୧, ନଟବର ପୃଷ୍ଟିଙ୍କ ୧, ଟିକ ପୃଷ୍ଟିଙ୍କ ୨, ଧରଣୀ ପୃଷ୍ଟିଙ୍କ ୨, ଦିନବନ୍ଧୁ ପୃଷ୍ଟିଙ୍କ ୨, ବିନୋଦ ପୃଷ୍ଟିଙ୍କ ୨, ସୁବଳ ପୃଷ୍ଟିଙ୍କ ୧ ଓ ଧବଳ ପୃଷ୍ଟିଙ୍କ ୧ ବଖରାକୁ ମିଶାଇ ୨୬ ବଖରା ପୋଡ଼ିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଏକାଧିକ ଲୋକଙ୍କ ଘରେ ଥିବା ବାଇକ୍, ସାଇକେଲ, ଲୁଗାପଟା, ଧାନ ଚାଉଳ, ବାସନକୁସନ, ସୁନା ଅଳଙ୍କାର ପୋଡ଼ି ଯାଇଛି। ବିପନ୍ନ ପରିବାର କଂସାପିତ୍ତଳ କାରିଗର ହୋଇଥିବାରୁ ସେମାନଙ୍କ ଲକ୍ଷାଧିକ ଟଙ୍କାର ପିତ୍ତଳ କଂସାବାସନ ପୋଡି ମୁଣ୍ଡା ହୋଇଯାଇଛି, ଯାହାର ଆନୁମାଳିକ ମୂଲ୍ୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଖବର ପାଇ ଧର୍ମଶାଳା ପୋଲିସ ଓ ପରେ ଧର୍ମଶାଳା ଓ ଚଣ୍ଡିଖୋଲରୁ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ସବୁ ଛାରଖାର ହୋଇଯାଇଥିଲା। ରସୁଲପୁର ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ସାମନ୍ତରାପୁର ଆର୍‌ଆଇ ନୃସିଂହ ଚରଣ ବେହେରା, ନରସିଂହପୁର ଆର୍‌ଆଇ ଦୁର୍ଜେୟ ଷଡ଼ଙ୍ଗୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ପ୍ରାଥମିକ ଅବସ୍ଥାରେ ବିପନ୍ନ ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି। ୩ଦିନ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବିପନ୍ନ ପରିବାରକୁ ରେଡକ୍ରସ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବ ବୋଲି ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପ୍ରକାଶ କରିଛନ୍ତି।

# ୨୪ ପର୍ଯ୍ୟନ୍ତ ବର୍ଷା ସହ ଝଡ଼ତୋଫାନ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ରାଜ୍ୟରେ ପ୍ରବଳ ତାତି ଅନୁଭୂତ ହେଉଛି। ରବିବାର ଭୁବନେଶ୍ୱର ଓ ବାରିପଦାରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ଗରମରେ ଛଟପଟ ହେଉଥିବା ଲୋକଙ୍କୁ ଏଣିକି ବର୍ଷା ଓ ଝଡ଼ତୋଫାନ ଆଶ୍ୱସ୍ତି ଦେବ। ଦକ୍ଷିଣପୂର୍ବ ମଧ୍ୟପ୍ରଦେଶ ଓ ଏହାର ପଡ଼ୋଶୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାଇକ୍ଲୋନିକ୍ ସର୍କୁଲେଶନ ଯୋଗୁ ଓଡ଼ିଶାରେ କିଛି ସ୍ଥାନରେ ବର୍ଷା ହୋଇପାରେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପ ବର୍ଷା ସହ ଝଡ଼ତୋଫାନ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୨ରେ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ।

# ଅନିୟନ୍ତ୍ରିତ ବ୍ୟବହାରରୁ ସଙ୍କଟ



**ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂପୃଷ୍ଠ ଜଳ ଭୂତଳକୁ ଝରିବା ହ୍ରାସ ପାଇଚାଲିଛି। ଏଭଳି ସ୍ଥଳେ ଭୂତଳ ଜଳର ମାତ୍ରାଧିକ ବ୍ୟବହାର ବଢ଼ିଚାଲିଛି। ଏଥିରୁ ଅନେକ ଅଞ୍ଚଳରେ ଜଳକ୍ଲିଷ୍ଟତା ଦେଖିବାକୁ ମିଳୁଛି। ଅନିୟନ୍ତ୍ରିତ ଭୂତଳ ଜଳ ବ୍ୟବହାରକୁ ରୋକିବା ପାଇଁ ସବୁସ୍ତରରେ ଉଦ୍ୟମ ନ ହେଲେ ପିଇବା ପାଣି ନ ପାଇ ଲୋକେ ଗୁରୁତର ଜଳ ସଙ୍କଟକୁ ଶୀଘ୍ର ସାମ୍ନା କରିବେ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।**

ଯାଜପୁର ଅଫିସ,୨୧।୩

ଜଳର ମୂଲ୍ୟ ନିର୍ଦ୍ଧାରଣ ଏବଂ ବିଶ୍ୱ ଜଳ ସଙ୍କଟ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୨କୁ ବିଶ୍ୱ ଜଳ ଦିବସ ଭାବେ ୧୯୯୩ରୁ ପାଳନ କରାଯାଉଛି। ଅଥଚ ଭୂତଳ ଜଳ ସଂରକ୍ଷଣ ଓ ପୁନଃଭରଣ ସକାଶେ ଏଯାଏ ପ୍ରଣିତ ହୋଇଥିବା ବିଭିନ୍ନ ଯୋଜନା ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଭୂତଳ ଜଳସ୍ତର ହ୍ରାସ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ଏଥିରେ ଖଣି ଓ ଶିଳ୍ପ ସମୃଦ୍ଧ ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜିଲାର ଖଣି ଅଞ୍ଚଳ ସୁକିନ୍ଦା ଓ ଶିଳ୍ପାଞ୍ଚଳ ଦାନଗଦି ବ୍ଲକରେ ବୋରୱେଲ ଖୋଳି ଭୂତଳ ଜଳ ମାତ୍ରାଧିକ ବ୍ୟବହାର ହେଉଥିବାରୁ ଏହାର ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଥିବା ହାଇଡ୍ରୋମେଟ୍ରି ନିର୍ଦ୍ଦେଶାଳୟରୁ ମିଳିଥିବା ଗତ ୩ ବର୍ଷର ତଥ୍ୟରୁ ସ୍ପଷ୍ଟ ହୋଇଛି।

ସାଧାରଣତଃ ଭୂତଳକୁ ୫ ମିଟର ପର୍ଯ୍ୟନ୍ତ ରହୁଥିବା ଜଳସ୍ତର ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ପାନୀୟ ଜଳ ଯୋଗାଇ ଦେଇଥାଏ ବୋଲି ଆକଳନ କରାଯାଇଛି। ଭୂତଳ ଜଳ ବ୍ୟବହାରକୁ ନେଇ ହୋଇଥିବା କଟକଣାକୁ ଜିଲାର ଶିଳ୍ପସଂସ୍ଥାଗୁଡିକ ମାନୁନାହାନ୍ତି। ପ୍ରାୟ ସମସ୍ତ ଶିଳ୍ପସଂସ୍ଥା ପରିସରରେ ୧୫/୨୦ଟି ଲେଖାଏ ବୋରୱେଲ ଖନନ କରାଯାଇ ଆଖିବୁଜା ଭୂତଳ ଜଳ ବ୍ୟବହାର କରାଯାଉଛି। ଏଥିଯୋଗୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନଳକୂପ ଖୋଳିଲେ ପାଣି ବାହାରୁ ନାହିଁ। ଗ୍ରୀଷ୍ମମାସରେ ଜଳସ୍ତର ଅଧିକ ନିମ୍ନଗାମୀ ହୋଇ ନଳକୂପ, କୂଅ ଆଦିରୁ ପାଣି ଶୁଖିଯାଉଛି। ୨୦୧୮ରୁ ୨୦୨୦ ମୌସୁମୀ ପୂର୍ବରୁ ଓ ପରେ ଭୂତଳ ଜଳସ୍ତର ସ୍ଥିତିକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି, ଯାହାକି ଉଲ୍ଲେଖ ଟେବୁଲରେ ଦର୍ଶାଯାଇଛି। ଏହା ଶିଳ୍ପ ସଂସ୍ଥାଗୁଡ଼ିକ ଉପରେ ସେତେଟା ପ୍ରଭାବ ପଡୁ ନ ଥିଲେ ହେଁ ଜିଲାର ବିଶେଷ କରି ଦାନଗଦି ଓ ସୁକିନ୍ଦା ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ଜଳ କ୍ଲିଷ୍ଟତା ଏକ ପ୍ରମୁଖ ସମସ୍ୟା ହୋଇଛି। ନିୟମାନୁଯାୟୀ ଜିଲାର ଶିଳ୍ପ ସଂସ୍ଥାଗୁଡିକ ଜଳସମ୍ପଦ ବିଭାଗ ନିକଟରେ ଚୁକ୍ତି କରି ସେମାନେ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛନ୍ତି ତାହା ଫ୍ଲୋମିଟର ବସାଇ ଦର୍ଶାଇବା କଥା। ଗୋଟେ ପ୍ଲାଣ୍ଟ ଯେତିକି ପରିମାଣର ପାଣି ବ୍ୟବହାର କରୁଛି ତା'ର ସବିଶେଷ ତଥ୍ୟ ଜଳ ସମ୍ପଦ ବିଭାଗ ନିକଟରେ ଦାଖଲ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ଭିନ୍ନ ସମ୍ପୃକ୍ତ କମ୍ପାନୀ ଭୂତଳ ଜଳ ନେବା ଦ୍ୱାରା ସ୍ଥାନୀୟ ଅଞ୍ଚଳ ଯେପରି ପ୍ରଭାବିତ ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ରହିଛି। ହେଲେ ଏହିସବୁ ନିର୍ଦ୍ଦେଶନାମାକୁ ଶିଳ୍ପାନୁଷ୍ଠାନଗୁଡିକ କାର୍ଯ୍ୟକାରୀ କରୁନାହାନ୍ତି।

ଏ ସଂକ୍ରାନ୍ତରେ ଜାରକା ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଭୂତଳ ଜଳ ବ୍ୟବହାର ଅନୁଯାୟୀ ଜଳକର ଆଦାୟ କରାଯାଉଛି। ଏଥିପାଇଁ ନିୟମିତ ଭାବେ ପରିଦର୍ଶନରେ ଯାଇ ନିରୀକ୍ଷଣ ହେଉଛି। ଶିଳ୍ପସଂସ୍ଥାଗୁଡ଼ିକଠାରୁ ମାସିକ ପ୍ରାୟ ୧ କୋଟି ୯୦ ଲକ୍ଷ ଏବଂ ବାର୍ଷିକ ପ୍ରାୟ ୨୨ କୋଟି ଟଙ୍କା ଭୂତଳ ଜଳକର ଆଦାୟ ହେଉଛି।

**ଆଜି ବିଶ୍ୱ ଜଳ ଦିବସ**



**କେଉଁଠି କେତେ ଭୂତଳ ଜଳସ୍ତର**
(ମିଟର ବିଲୋ ଗ୍ରାଉଣ୍ଡ ଲେଭଲ ବା ଏମ୍‌ବିଜିଏଲ୍‌ରେ)

| ବ୍ଲକ | ୨୦୧୮ | ୨୦୧୯ | ୨୦୨୦ |
|---|---|---|---|
| ବଡ଼ଚଣା | ୫.୨୧୬ | ୫.୧୭୭ | ୪.୬୪୭ |
| ବରୀ | ୫.୨୧୪ | ୫.୫୪୦ | ୫.୪୪୬ |
| ବିଞ୍ଝାରପୁର | ୪.୬୨୦ | ୪.୪୫୪ | ୪.୪୦୧ |
| ଦାନଗଦି | ୭.୨୦୮ | ୭.୪୨୮ | ୬.୪୪୫ |
| ଦଶରଥପୁର | ୪.୪୮୨ | ୪.୨୭୫ | ୩.୩୮୮ |
| ଧର୍ମଶାଳା | ୪.୨୩୮ | ୪.୩୨୦ | ୪.୫୨୩ |
| ଯାଜପୁର | ୪.୬୫୦ | ୪.୭୦୦ | ୪.୪୦୦ |
| କୋରେଇ | ୫.୧୮୦ | ୫.୦୦୮ | ୪.୪୩୭ |
| ରସୁଲପୁର | ୪.୩୩୭ | ୪.୬୯୧ | ୪.୧୬୫ |
| ସୁକିନ୍ଦା | ୬.୯୫୮ | ୭.୧୭୦ | ୭.୨୩୯ |

## ଚିନ୍ତା ବଢ଼ାଇଛି ଭୂତଳ ଜଳରେ ବିଷ

ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଛି। ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ (ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଯେତିକି ରହିବା କଥା, ତା'ଠାରୁ ବହୁ ଅଧିକ ରହିଥିବା ଜଣାପଡ଼ିଛି, ଯାହାକି ପାନୀୟ ଉପଯୋଗୀ ନୁହେଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୨୦୧୮ ଅକ୍ଟୋବର ଓ ଏପ୍ରିଲରେ ଯାଜପୁର ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଧା ନିକଟରୁ ସଂଗୃହୀତ ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ପରୀକ୍ଷା ରିପୋର୍ଟ ଅନୁସାରେ ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ପ୍ରତି ଲିଟରରେ ୨.୬୨୧ ମିଲିଗ୍ରାମ ଆଇରନ ଅଂଶ ରହିଛି। ସେହିପରି କମର୍ଦ୍ଧା ଅଞ୍ଚଳର ଭୂତଳ ଜଳରେ ଲିଟର ପିଛା ୫.୩୨୪ ମିଲିଗ୍ରାମ ଆଇରନ ଅଂଶ ମିଳିଥିଲା। ଏହାବାଦ୍ ଜିଲାର ଟିସ୍କୋ ଓ କାଳିଆପାଣି ଖଣି ଅଞ୍ଚଳର ଭୂତଳ ଜଳରେ ଟୋଟାଲ କୋଲିଫର୍ମ ଓ ଫେକାଲ କୋଲିଫର୍ମ ରହିଛି। ରିପୋର୍ଟ ଅନୁସାରେ ଟିସ୍କୋ ଖଣି ଅଞ୍ଚଳର ଭୂତଳ ଜଳରେ ୧୬୦୦ ଏମ୍‌ପିଏନ୍(ମୋଷ୍ଟ ପ୍ରୋବେବୁଲ ନମ୍ବର)/୧୦୦ ଏମ୍‌ଏଲ୍ (ମିଲିଲିଟର) ଟୋଟାଲ କୋଲିଫର୍ମ ଓ ୫୪୦ ଏମ୍‌ପିଏନ୍/୧୦୦ ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଥିଲା। ସେହିପରି କାଳିଆପାଣି ଅଞ୍ଚଳର ଭୂତଳ ଜଳରେ ୭.୮ ଏମ୍‌ପିଏନ୍/୧୦୦ଏମଏଲ ଟୋଟାଲ କୋଲିଫର୍ମ ଓ ୧.୮ରୁ ଅଧିକ ଏମ୍‌ପିଏନ୍/୧୦୦ ଏମ୍‌ଏଲ୍ ଫେକାଲ କୋଲିଫର୍ମ ମିଳିଛି। ଏହି କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ଭୂପୃଷ୍ଠ ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗକୁ ଏସ୍‌ପିସିବିର ସଦସ୍ୟ ସଚିବ ସୂଚିତ କରିଛନ୍ତି। ଶିଳ୍ପ ଓ ଖଣି ଅଞ୍ଚଳ ସମେତ ଏହାର ଆଖପାଖ ବ୍ଲକ ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗ ଯୋଗୁ ପ୍ରାଣ ହରାଉଛନ୍ତି। ଏବେ ବି ହଜାରେରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସୂଚନା ମିଳିଛି।



# ମ୍ୟାନ୍‌ମାର ଶରଣାର୍ଥୀ

ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିଥିବା ମ୍ୟାନ୍‌ମାର (ପୂର୍ବର ବର୍ମା) ସରକାରକୁ ଫେବୃୟାରୀ ୧ରେ ସେନା ପ୍ରତ୍ୟାଖ୍ୟାନ କରିଦେଇଥିଲା। ସେବେଠାରୁ ସେଠାକାର ଆର୍ମି ଅତ୍ୟାଚାରରେ ୨୩୪ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି। ଫଳରେ ମ୍ୟାନ୍‌ମାର ସୀମାନ୍ତ ଅଞ୍ଚଳରେ ବାସ କରୁଥିବା ଲୋକେ ଜୀବନ ବିକଳେ ମିଜୋରାମକୁ ପ୍ରବେଶ କରିଯାଉଥିବା ଶୁଣିବାକୁ ମିଳୁଛି। ସେମାନଙ୍କୁ ରୋକିବା ପାଇଁ ମିଜୋରାମ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି କେତେକ ମହଲରୁ ସମାଲୋଚନା ହେଉଛି।

ଭାରତର ମାନଚିତ୍ର ଦେଖିଲେ ବୁଝାପଡୁଛି ଯେ, ମିଜୋରାମ ଏକ ସୀମାନ୍ତ ରାଜ୍ୟ। ତାହାର ଆସାମ ସହିତ ୧୨୩ କିଲୋମିଟର, ତ୍ରିପୁରା ସହ ୨୭୭ କିଲୋମିଟର ଏବଂ ମଣିପୁର ସହିତ ୯୫ କିଲୋମିଟର ଆନ୍ତଃରାଜ୍ୟ ସୀମା ଥିବାବେଳେ ମ୍ୟାନ୍‌ମାର ସହ ୪୦୪ କିଲୋମିଟର ଓ ବାଂଲାଦେଶ ସହିତ ୩୧୮ କିଲୋମିଟର ଅନ୍ତର୍ଜାତୀୟ ସୀମା ରହିଛି। ଏଥିରୁ ବୁଝିବାକୁ ହେବ ଯେ, ଲମ୍ବା ୪୦୪ କିଲୋମିଟର ମ୍ୟାନ୍‌ମାର ସହିତ ଅନ୍ତର୍ଜାତୀୟ ସୀମାକୁ ମିଜୋରାମ ସରକାର ଜଗିବାର କୌଣସି ବ୍ୟବସ୍ଥା ନାହିଁ। ଯଦି ମ୍ୟାନ୍‌ମାରରୁ ଶରଣାର୍ଥୀ ମିଜୋରାମକୁ ପ୍ରବେଶ କରୁଛନ୍ତି, ତେବେ ସେହି ସୀମାନ୍ତ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିବା ହେଉଛି କେନ୍ଦ୍ର ସରକାରର ଦାୟିତ୍ୱ। କିନ୍ତୁ କେନ୍ଦ୍ର ସରକାର ତା'ର ନିଜ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଅତି ସହଜରେ ଖସିଯିବାର ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଉପରେ ଦୋଷ ଲଦିଦେଉଛି। ଭାରତର ସୀମାନ୍ତ ଅଞ୍ଚଳରେ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ମିଜୋରାମରେ ଥିବା ପ୍ରବଳ ସଂଖ୍ୟକ ସିଆର୍‌ପିଏଫ୍ ଓ ଅନ୍ୟ ଅର୍ଦ୍ଧସାମରିକ ବାହିନୀ ସମେତ ଭାରତୀୟ ସେନା ଉପସ୍ଥିତ ରହିଛି। କିଛିବର୍ଷ ତଳେ ଏହି ସୀମାକୁ ଅତିକ୍ରମ କରି ବର୍ମା ଭିତରେ ଥିବା ଭାରତ ବିରୋଧୀ ଉଗ୍ରବାଦୀ ଗୋଷ୍ଠୀ ଶିବିର ଉପରେ ଭାରତୀୟ ସେନା ଚଢ଼ାଉ କରିଥିଲା ବୋଲି ମୋଦି ସରକାର ପ୍ରଶଂସା ନେବାକୁ ଚେଷ୍ଟା କରିଥିଲେ। ଆଜି ଯେତେବେଳେ ସେହି ସୀମାରୁ ସମସ୍ୟା ଉପୁଜୁଛି ସେତେବେଳେ ମିଜୋରାମବାସୀଙ୍କର ମ୍ୟାନ୍‌ମାରୀ ଅତୀତ ବା ଜାତିଗତ ସମ୍ବନ୍ଧ ରହିଥିବାରୁ ସେମାନେ ସହାନୁଭୂତ ଦେଖାଉଛନ୍ତି ବୋଲି କେନ୍ଦ୍ର ଦୋଷାରୋପ କରୁଛି। ତେବେ ଏହି ଦୋଷାରୋପ ବିଶ୍ୱସନୀୟ ହୋଇପାରୁ ନାହିଁ, କାରଣ କେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ସଶସ୍ତ୍ର ବାହିନୀ ନୀରବ ରହିବାର କାରଣ ବୁଝାପଡୁନାହିଁ। ଏହିଭଳି ଉଦାହରଣ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳେ। ଏହି ଦୁଇ ରାଜ୍ୟ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଅନେକ ବାଂଲାଦେଶୀ ଅନୁପ୍ରବେଶକାରୀ ଏହା ମାଧ୍ୟମ ଦେଇ ଭାରତର ବିଭିନ୍ନ ଅଞ୍ଚଳକୁ ଅବାଧରେ ଯାଇପାରୁଛନ୍ତି। ନିର୍ବାଚନ ପ୍ରଚାର ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଦୋଷ ଦେଇ କହୁଛନ୍ତି ଯେ, ଭାଜପା ରାଜ୍ୟରେ କ୍ଷମତାଶୀନ ହେଲେ ବାଂଲାଦେଶୀଙ୍କ ଅନୁପ୍ରବେଶ ବନ୍ଦ କରିହେବ। ଏଭଳି ମତ ଦେଲାବେଳକୁ ମନ୍ତ୍ରୀ ଭୁଲିଯାଉଛନ୍ତି ଯେ ତାଙ୍କ ହାତରେ ଥିବା କ୍ଷମତାର ଉଚିତ ବ୍ୟବହାର କଲେ ଏବେ ମଧ୍ୟ ଅନୁପ୍ରବେଶକାରୀ ସମସ୍ୟାକୁ ସମାଧାନ କରାଯାଇ ପାରନ୍ତା। ଦେଶର ସ୍ୱାର୍ଥକୁ ଗୁରୁତ୍ୱ ଦିଆଗଲେ ସମସ୍ତଙ୍କ ମଙ୍ଗଳ ହୋଇପାରନ୍ତା। ତାହା କରା ନ ଯାଇ ରାଜନୈତିକ ଫାଇଦା ପାଇଁ କାର୍ଯ୍ୟ କରାଯାଉଥିବାରୁ ପୂର୍ବ କଂଗ୍ରେସ ଶାସନ ଭଳି ସବୁ ସମସ୍ୟା ଦେଶ ପାଇଁ ଲାଗିରହିଛି।

ମିଜୋରାମ ସମସ୍ୟାକୁ ସମାଧାନ କରିବା ପାଇଁ କେନ୍ଦ୍ର ତରଫରୁ ତୁରନ୍ତ ସେଠାରେ ଅର୍ଦ୍ଧସାମରିକବାହିନୀ ମୁତୟନ କରାଯାଇ ଅନୁପ୍ରବେଶକାରୀଙ୍କୁ ରୋକାଯିବା ଦରକାର। ଦୋଷ ଲଦିବା ପରିବର୍ତ୍ତେ ନିଜ ଦାୟିତ୍ୱ ତୁଲାଇବା ହେଉଛି କେନ୍ଦ୍ର ସରକାରର ମୁଖ୍ୟ କାର୍ଯ୍ୟ।

## ସାପ୍ତାହିକ ପଞ୍ଜିକା

**ମାର୍ଚ୍ଚ ୧୫:** ଅଟକିଲା ଭୁବନେଶ୍ୱର ମହାନଗର ନିଗମର ବର୍ଦ୍ଧିତ ହୋଲ୍ଡିଂ ଟିକସ।
**ମାର୍ଚ୍ଚ ୧୬:** ପିପିଲି ଉପନିର୍ବାଚନ ଏପ୍ରିଲ୍ ୧୭ରେ ହେବ।
➢ଶ୍ରୀଜଗନ୍ନାଥଙ୍କ ୩୫ ହଜାର ଏକର ଜମି ବିକ୍ରି ହେବ।
**ମାର୍ଚ୍ଚ ୧୭:** ଆଧାର ସହ ସଂଯୋଗ ନ ହେବାରୁ ଦେଶର ୩ କୋଟି ରାଶନ କାର୍ଡ କେନ୍ଦ୍ର ସରକାର ରଦ୍ଦ କରିଛନ୍ତି।
➢ଦେଶର ୭୦ ଜିଲାରେ କରୋନା ୧୫୦% ବୃଦ୍ଧି ଘଟିଛି।
**ମାର୍ଚ୍ଚ ୧୮:** ନବୀନ ନିବାସରେ ଭାଜପା।
➢ମହାରାଷ୍ଟ୍ରରେ ଗୋଟିଏ ଦିନରେ ୨୫,୮୩୩ ପଜିଟିଭ ଚିହ୍ନଟ।
**ମାର୍ଚ୍ଚ ୧୯:** ଖଣି ଓ ଖଣିଜ ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ। କେନ୍ଦ୍ରକୁ ମିଳିବ ଖଣି ନିଲାମ କ୍ଷମତା।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ମାର୍ଚ୍ଚ ୧୯୯୬

- ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଧ୍ରୁବୀୟ ଉପଗ୍ରହ ଉତ୍କ୍ଷେପଣ ଯାନ ପିଏଲ୍‌ଏଲ୍‌ଭି–ଡି୩ର ସଫଳ ଉତ୍କ୍ଷେପଣ।
- ମାରୁତି ଉଦ୍ୟୋଗ ଲିଃ ଦେଶର ପ୍ରଥମ କ୍ୟାପଟିଭ ଅଟୋ ଫାଇନାନ୍ସ କମ୍ପାନୀ ଆରମ୍ଭ କରିବା ପାଇଁ ଭାରତର ଜାତୀୟ ସ୍ତରର ଅଗ୍ରଣୀ ଫାଇନାନ୍ସ କମ୍ପାନୀର ସହ ଚୁକ୍ତି କରିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 8 | | 6 | | | E | 9 | 0 | | 7 |
| | | 3 | 7 | | 9 | 4 | B | A | | | | | 5 | |
| | | | | | | 3 | | 8 | | | | B | | |
| | | | 1 | B | | | E | | D | 0 | A | | | |
| | | A | | C | | | 2 | 7 | 1 | 8 | | | | 6 |
| | | B | | | | | | | | A | 7 | | | |
| | 6 | | | 9 | | | 7 | | | | | | E | C |
| 2 | 8 | 9 | | 1 | 0 | | A | 4 | | | | | | |
| | 3 | | | A | | 8 | | | 4 | D | E | | | |
| | | D | | | | | | E | 2 | | 6 | | | |
| 0 | | | | | | D | | 3 | | | | | | |
| | 9 | | | E | 5 | | | 6 | A | | 1 | | | |
| | | | | | B | | 4 | | 7 | C | | | | 1 |
| 5 | 7 | | | | C | | | | 0 | 9 | | | 2 | |
| B | | | 4 | | 7 | 1 | | | E | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 5 | 3 | 8 | 6 | B | A | 4 | 0 | 7 | E | 9 | D | 1 |
| 0 | 8 | B | 1 | A | 4 | 9 | E | C | 2 | 6 | D | 7 | 5 | 3 |
| 7 | 1 | 9 | D | E | C | 6 | 8 | 0 | 4 | 3 | 5 | B | A | 2 |
| A | 4 | E | 7 | 9 | 2 | D | 5 | 3 | 8 | B | 1 | 6 | C | 0 |
| 3 | D | 6 | B | 5 | 0 | 2 | 7 | 1 | A | 9 | C | 4 | 8 | E |
| 6 | C | 0 | 9 | 2 | 1 | 8 | 4 | D | 7 | A | B | E | 3 | 5 |
| 5 | 9 | 3 | 8 | C | D | A | B | 7 | 1 | E | 0 | 2 | 4 | 6 |
| B | 7 | 1 | 5 | 6 | A | 3 | 2 | E | C | 8 | 4 | 0 | 9 | D |
| D | A | 4 | 0 | B | E | 1 | 6 | 5 | 3 | 2 | 9 | C | 7 | 8 |
| 8 | E | 2 | 4 | 3 | 7 | 0 | C | 9 | D | 5 | 6 | A | 1 | B |
| 1 | 0 | 7 | 6 | 4 | 9 | 5 | 3 | 2 | E | C | 8 | D | B | A |
| 2 | 6 | D | E | 1 | 3 | C | 9 | B | 5 | 4 | A | 8 | 0 | 7 |
| 9 | 5 | A | C | 0 | B | 7 | D | 8 | 6 | 1 | 2 | 3 | E | 4 |
| 4 | 3 | C | 2 | D | 8 | E | 1 | A | B | 0 | 7 | 5 | 6 | 9 |
| E | B | 8 | A | 7 | 5 | 4 | 0 | 6 | 9 | D | 3 | 1 | 2 | C |

ଗତକାଲିର ଉତ୍ତର

# ପରିଚୟ ସଙ୍କଟ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆଧୁନିକତାର ଉଗ୍ର ଆବାହନ ମଧ୍ୟରେ ମଣିଷର ଶିକ୍ଷାଦୀକ୍ଷା ଯେମିତି ଏକ ପରିବର୍ତ୍ତିତ ରୂପ ନେଇ ତା' ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରୁଛି, ସେମିତି ବି ସମପରିମାଣରେ ସୃଷ୍ଟି କରିଛି ପରିଚୟ ସଙ୍କଟ। ଆଧୁନିକ ଜୀବନ ଠୁଁ ଯୋଜନ ଯୋଜନ ଦୂରତ୍ୱରେ ଥିବା ଗାଁର ଅଶିକ୍ଷିତ ବା ଅଳ୍ପଶିକ୍ଷିତ ଚାଷୀଟିକୁ ତା'ର ପରିଚୟ ପଚାରିଲେ, ସେ ତା'ର ନାଁ, ବାପାଙ୍କ ନାଁ ବା ଅତି ବେଶିରେ ତା' ମୁଲକର ନାଁ କହି ନିଜକୁ ପରିଚିତ କରାଇବ। ସହରର ବ୍ୟବସାୟୀଙ୍କୁ ତାଙ୍କ ପରିଚୟ ପଚାରିଲେ ସେ ନିଜ ବ୍ୟବସାୟକୁ ନେଇ ନିଜକୁ ଚିହ୍ନାଇବାକୁ ଚେଷ୍ଟା କରିବ। ଜଣେ ବିଦ୍ୟାର୍ଥୀ ନିଜକୁ ପରିଚିତ କରାଇବ ତା'ର ବିଦ୍ୟାଳୟ ବା ସେ ଛାତ୍ର ଥିବା ଶିକ୍ଷାନୁଷ୍ଠାନର ନାଁ ନେଇ। ସେମିତି ଜଣେ ବୃତ୍ତିଜୀବୀର ପରିଚୟ ସଂଯୁକ୍ତ ଥିବ ନିଜ ବୃତ୍ତି ସହ ଏମିତି ଭାବେ ଡାକ୍ତର, ଓକିଲ, ଶିକ୍ଷକ ବା ଅନ୍ୟ କୌଣସି ସଂସ୍ଥାର କର୍ମଚାରୀର ପରିଚୟ ବହନ କରି। ତେବେ ଏହିସବୁ ବୃତ୍ତିଠାରୁ ମଣିଷକୁ ବିଚ୍ୟୁତ କରି କେବଳ ନିରୋଳା ମଣିଷଟିର ପରିଚୟ ଖୋଜିଲେ ଖୋଜୁଥିବା ଲୋକଟିକୁ ଯେମିତି ନିରାଶ ହେବାକୁ ପଡ଼ିବ, ଠିକ୍ ସେମିତି ନିଜକୁ ନୀଚ ମନେକରିବ ନିଜର ପରିଚୟ ଦେଉଥିବା ଲୋକଟି। ମଣିଷତ୍ୱ ଯେ ମଣିଷର ମୌଳିକ ପରିଚୟ, ଏହା କାହା ମନକୁ ବି ଆସିବ ନାହିଁ।

ପଦବୀକୁ ନିଜ ପରିଚୟର ପୁଞ୍ଜି କରି ପଦବୀଧାରୀ ସମାଜରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୁଅନ୍ତି। ସାଧାରଣ ବୋଲାଉଥିବା ମଣିଷଟି ପଦବ୍ରଜରେ ଅତି ସନ୍ତର୍ପଣରେ ସଂସାରର ରାଜଦାଣ୍ଡରେ ବାଟ ଚାଲୁଥିବା ବେଳେ ପଦବୀଧାରୀ ତାଙ୍କ ପଦବୀର ଯାନରେ ପଥଚାରୀଟିକୁ ଅତିକ୍ରମି କାହିଁ କେତେ ଆଗକୁ ଚାଲିଯାନ୍ତି। ସାଧାରଣ ଲୋକେ ଭରଣା କରୁଥିବା ଟିକସରେ ପରିପୁଷ୍ଟ ପ୍ରତ୍ୟେକ ପଦବୀ ନିଜ ନିଜ ପରିସରରେ ଅନନ୍ୟ। କେଉଁଠି ଔଦ୍ଧତ୍ୟ ଅହଂକାରର ସମୁଦ୍ର ଗର୍ଜନ ତ ଅନ୍ୟ କେଉଁଠି ନିଥର ନିଶ୍ଚଳ ପଥରଟି ପରି ସମ୍ପୂର୍ଣ୍ଣ ଉଦାସୀନ। ନିଜ ନିଜର ପଦବୀକୁ ନେଇ ନିଜ ଅଲକ୍ଷ୍ୟରେ ଜନମାନସରେ ସୃଷ୍ଟି ହୋଇ ଯାଇଥାଏ ନିଜର ପରିଚୟ। କେଉଁଠି ପ୍ରବଳ ପ୍ରତାପୀ ଜଣେ ଅଫିସରର ପରିଚୟ ଯେଉଁଠି ଗର୍ଭିଣୀ ଗାଈ ବାଟ ଛାଡ଼ିଦେବା ଭଳି ପ୍ରଚଣ୍ଡ ପ୍ରଭାବ ଓ ପରାକ୍ରମ। ପୁଣି ଅନ୍ୟ କେଉଁଠି ଆପଣାର ଈର୍ଷଣୀୟ ସରଳତା ଓ ଦୃଷ୍ଟାନ୍ତନୀୟ ସାଧୁତାକୁ ନେଇ ଲୋକମୁଖରେ କିମ୍ବଦନ୍ତୀ ପୁରୁଷର ପ୍ରତିଛବି ଏମିତି ଉଜ୍ଜ୍ୱଳତା ବହନ କରିଥାଏ ଯେ ପଦବୀର ଅନ୍ତରାଳରେ କେବଳ ବ୍ୟକ୍ତି ପରିଚୟଟି ଅନ୍ୟମାନଙ୍କୁ ପ୍ରଗ୍‌ଲଭ କରେ ସେହି ବ୍ୟକ୍ତିଙ୍କ ଗୁଣ କୀର୍ତ୍ତନ କରିବାରେ।

ଏ ତ ଗଲା ପଦବୀରେ ଥିଲା ବେଳେ ପଦବୀ ମଧ୍ୟରେ ଲାଳିତ ହୋଇଥିବା ଭିନ୍ନ ଭିନ୍ନ ପରିଚୟର କଥା। ମାତ୍ର ପରିଚୟର ସଙ୍କଟ ଅତ୍ୟନ୍ତ ଉତ୍କଟ ହୁଏ ପଦବୀ ଚାଲିଗଲା ପରେ। ମଞ୍ଚ ଉପରେ ଅଭିନୟ ସାରି ଗ୍ରୀନରୁମ୍‌ରେ ମୁଖମଣ୍ଡଳର ପ୍ରଲେପ ଲିଭାଇ ଘରକୁ ଫେରିଆସିଲା ପରି ପଦବୀଧାରୀ ପଦବିଚ୍ୟୁତ ହେଲା ପରେ ଫେରିଆସନ୍ତି ସାଧାରଣ ଜୀବନକୁ। ପଦବୀ ସିନା ଅବସର ନେଇ ଚାଲିଯାଇଥାଏ, ମାତ୍ର ଜୀବନର ଅବସର ସମୟ ଉପନୀତ ହୋଇ ନ ଥାଏ। ସୁତରାଂ ବାଦ୍‌ଶାହୀ ଦରବାରର କୋଳାହଳରୁ ନିର୍ବାସିତ ହୋଇ ସେ ପାଦ ଥାପନ୍ତି ନିର୍ଜନ ନିକାଞ୍ଚନ ଦ୍ୱୀପର ଶୂନଶାନ୍ ପରିବେଶରେ। ପଦବୀର ଝଲମଲ ପୋଷାକ ପରିଧାନ କରି ଦପ୍ତରର ସିଂହାସନ ଉପରେ ବସି ନିଜକୁ ରାଜା ବୋଲାଉଥିବା ଲୋକଟି ଆସନଚ୍ୟୁତ ହେଲା ପରେ କିଛି ଉତ୍ପୀଡ଼କ ଅନୁଭବର ସାମ୍ନା କରେ। ସେ ଦେଖେ କାଲି ଯାଏ ତାକୁ 'ବାବୁ' ବା 'ସାହେବ' କହି ସଲାମ ଠୁଙ୍କୁଥିବା ଲୋକମାନେ ଆଜି ବାଟ ଭାଙ୍ଗି ଚାଲି ଯାଉଛନ୍ତି। ତା' ମୁହଁରୁ ବାହାରୁଥିବା ପ୍ରତିଟି ଶବ୍ଦକୁ ନିଜ ପାଇଁ ଆଶା ବା ଆଶଙ୍କା ବିଚାରୁଥିବା ଲୋକେ ଆଜି ତା' ଆଡ଼କୁ ଅବଜ୍ଞାର ନଜର ଫିଙ୍ଗୁଛନ୍ତି। ସେ ଆହତ ହୁଏ, ତାକୁ ଲାଗେ ସେ ଯେମିତି ପୂରା ଏକା ହୋଇଯାଇଛି। ସେଇ ଏକାକୀତ୍ୱ ମଧ୍ୟରେ ସେ ଅନୁଭବ କରେ ତା' ମୃତ ପଦବୀର କଳାଭୂତଟି ତାକୁ ଦାନ୍ତ ଦେଖାଇ ଖତେଇ ହେଉଛି। କେମିତି ଅବ୍ୟକ୍ତ ଭାବେ ସେଇ ଭୟଙ୍କର ଭୂତଟି ତାକୁ ତା'ର ଅତୀତର ପରିଚୟ ମନେପକାଇ ଦିଏ। ସେ ନିଜ ଭିତରେ ଖୁବ୍ ଡରିଯାଏ। ମାତ୍ର ଅନ୍ୟ ପକ୍ଷରେ ସବୁକାଳରେ ସଦାଚାରର ଫଳ ଅନାଚାରର ଫଳଠାରୁ ସ୍ୱାଦିଷ୍ଟ ହେଲା ପରି ନିଜ ବୃତ୍ତି ଭିତରେ ବ୍ୟକ୍ତିତ୍ୱକୁ ବିକଶିତ କରିଥିବା ବୃତ୍ତିଧାରୀ ଅବସର ପରର ଜୀବନ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ୱର୍ଗର ସନ୍ଧାନ ପାଏ। ପଦବୀର ଲମ୍ବା ପରିସର ମଧ୍ୟରେ ମାନବିକତାକୁ ହଜାଇ ଦେଇ ନ ଥିବାରୁ ପଦବିଚ୍ୟୁତ ହେଲା ପରେ ମଧ୍ୟ ପଦବୀର ଭୂତ ତାକୁ ଆଉ ହନ୍ତସନ୍ତ କରିପାରେନା। ବରଂ ପଦବୀର ସଦୁପଯୋଗ କରି ନିଜ ବ୍ୟକ୍ତିତ୍ୱକୁ ପ୍ରସାରିତ କରିଥିବା ହେତୁ କର୍ମକ୍ଷେତ୍ରରୁ ଅବସର ନେଇ ସାଧାରଣ ଜୀବନକୁ ଫେରି ଆସିଲା ପରେ ତା' ମୁଣ୍ଡ ଉପରେ ଅଜାଡ଼ି ପଡ଼େ ସମାଜର ଶ୍ରଦ୍ଧା ଓ ସଦିଚ୍ଛା।

ଏଇ ଅଳ୍ପଦିନ ତଳେ ଏକ ବନ୍ଧୁଙ୍କ ପୁଅ ବିବାହ ଆସରରେ ତାଙ୍କର ଜଣେ ଦୂର ସମ୍ପର୍କୀୟ ତଥା ଦୁଇବର୍ଷ ତଳୁ ଏକ ଉଚ୍ଚ ପ୍ରଶାସନିକ ପଦବୀରୁ ଅବସର ନେଇଥିବା ଜଣେ ଭଦ୍ରବ୍ୟକ୍ତିଙ୍କ ଶ୍ରୀମୁଖରୁ ଶୁଣିବାକୁ ମିଳିଥିଲା ପରିଚୟ ସଙ୍କଟର ଭିନ୍ନ ଏକ ପ୍ରତିବେଦନ। ନିଜ ହୃତ ଅତୀତର ସ୍ମୃତି ରୋମନ୍ଥନ କରି ସେ କହୁଥିଲେ, ପୁଅ ବାହାଘର କେତେ ଜାକଜମକରେ ହୁଏ, ତାହା ମୋ ପୁଅ ବାହାଘର ଦେଖିଥିବା ଲୋକେ କହିବେ। ପ୍ରସେସନରେ ଲମ୍ବା ଧାଡ଼ିରେ ପଚିଶଖଣ୍ଡ କାର୍ ବିବାହ ମଣ୍ଡପକୁ ଯିବା ଆମ ସହରର ଲୋକେ ଆଗରୁ କେବେ ଦେଖି ନ ଥିଲେ। ତାଙ୍କ ବଡ଼ କଥାର ବଡ଼ିମାରୁ ଜଣାପଡୁଥିଲା ସେ ଆକ୍ରାନ୍ତ ହୋଇଥିବା ଭୟଙ୍କର ପରିଚୟ ସଙ୍କଟ ଭଳି ଏକ ଗୁରୁତର ବ୍ୟାଧିର ଯନ୍ତ୍ରଣା। ନିଜ ପଦବୀର ପତିଆରା ନେଇ ପର ତେଲରେ ନିଜ ଦୀପ ଜାଳିବାର ସାମର୍ଥ୍ୟକୁ ଯେ ଏକ ଗର୍ବର କଥା କୁହାଯାଇ ପାରେ, ଏଭଳି ନିର୍ଲଜ୍ଜତା ପ୍ରକୃତରେ ଏକ ଯନ୍ତ୍ରଣା ନୁହେଁ ତ ଆଉ କ'ଣ !

କେବଳ ବୃତ୍ତିଜୀବୀମାନଙ୍କ ପଦବୀର ପତିଆରା ନୁହେଁ, ରାଜନେତାମାନଙ୍କ ଅତୀତ ଦିନର ସ୍ମୃତି ରୋମନ୍ଥନ ମଧ୍ୟରେ ବି ପ୍ରତିଫଳିତ ହୋଇଥାଏ ଉକ୍ତ ପରିଚୟ ସଙ୍କଟ। ସଭା ସମିତିରେ ବେଳ ଅବେଳରେ ତାଙ୍କ ସହ ଭେଟ ହୋଇଗଲେ ସେ ଏକ ବିଚିତ୍ର ଅଭିଯୋଗ ବାଢୁଥିଲେ ଯେ, ଆଜିକାଲି ଲୋକମାନଙ୍କର ପୂର୍ବତନ ମନ୍ତ୍ରୀମାନଙ୍କ ପାଇଁ ସମ୍ମାନ ନାହିଁ। କେବଳ ସେ ଏକା ନୁହନ୍ତି, ମୁଣ୍ଡ ଉପରୁ ମୁକୁଟ ଚାଲିଗଲା ପରେ 'ପ୍ରାକ୍ତନ' 'ପୂର୍ବତନ' ବା 'ଭୂତପୂର୍ବ' ଆଦି ବିଶେଷଣ ଲଗାଇ ଆମ ଦେଶର ନେତାମାନେ ଯେଉଁ ଆନନ୍ଦ ପାଆନ୍ତି ସେଭଳି ବୋଧହୁଏ ପାଆନ୍ତି ନାହିଁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା। ତାହା ହୋଇ ନ ଥିଲେ ଏକ ସାଧାରଣ ରେଷ୍ଟୁରାଣ୍ଟରେ ମାମୁଲି ପ୍ଲାଷ୍ଟିକ ଷ୍ଟୁଲ୍ ଉପରେ ବସି ସର୍ବଜନ ସମ୍ମୁଖରେ ଅତି ଆନନ୍ଦରେ କଫି ପିଉ ନ ଥାନ୍ତେ ସେ। ଅଥଚ ଏଠାରେ ତ ଆମର ବହୁ ପୂର୍ବତନମାନେ ଏମିତି ପରିଚୟ ସଙ୍କଟରେ ଆକ୍ରାନ୍ତ ଥାଆନ୍ତି ଯେ ତାଙ୍କ ଠାଣି, ଚାହାଣି ଓ ଚଳଣିରେ ତାହା ଫୁଟି ଉଠି ସେମାନଙ୍କୁ ବେଶ୍ ଲୋକହସା କରାଇଥାଏ। ଅବଶ୍ୟ ଏମାନଙ୍କ ମଧ୍ୟରୁ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଭଳି କିଛି ବିରଳ ବ୍ୟତିକ୍ରମମାନଙ୍କ ନିର୍ଲିପ୍ତ ସରଳତା ଜନସ୍ମୃତିର ସିନ୍ଦୁକରେ ଏକ ସାଇତା ସମ୍ପଦ ହୋଇ ରହିଥିବ ଚିରକାଳ ପାଇଁ।

ବର୍ଷ ବର୍ଷ ଧରି ରଙ୍ଗମଞ୍ଚରେ ଅଭିନୟ କରି ଶେଷରେ ନାଟ୍ୟ ଜଗତରୁ ଅବସର ନିଅନ୍ତି ଦୁଇଜଣ ଅଭିନେତା। ଅଭିନୟ କାଳର ଉପଲବ୍ଧ ଉଲ୍ଲସିତ ଦର୍ଶକଙ୍କ ତାଳିମାଡ଼କୁ ସ୍ମୃତିରେ ସାଇତି ରଖି ବାକି ଜୀବନ ବଞ୍ଚୁଥିବା ବେଳେ ଅଚାନକ ସେ ଦୁହିଁଙ୍କର ଭେଟ ହୁଏ କେଇଜଣ ନାଟ୍ୟପ୍ରେମୀ ମୁଗ୍ଧ ଦର୍ଶକଙ୍କ ସହ। ଦୁହିଁଙ୍କ ମଧ୍ୟରୁ ଜଣଙ୍କ ଉପରେ ଅଜାଡ଼ି ପଡ଼େ ଦୁନିଆଯାକର ପ୍ରଶଂସା। ନିଜର ଯାଦୁକରୀ ଅଭିନୟ ଦ୍ୱାରା ସେ କେମିତି ହଜାର ହଜାର ଦର୍ଶକଙ୍କୁ ହସାଇ କନ୍ଦାଇ ସମ୍ମୋହିତ କରିଥିଲେ, ତାଙ୍କରି ଆଗରେ ସେହି ସ୍ମୃତିଚାରଣ ହୁଏ। ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି କୃତଜ୍ଞ ଦର୍ଶକମାନେ ଫେରିଗଲା ପରେ ଆବେଗର ଅଶ୍ଳେଷରେ ସେଇ ସଫଳ ଅଭିନେତାଙ୍କ ଆଖିରୁ ଆନନ୍ଦର ଅଶ୍ରୁ ଦୁଇଟୋପା ନିଗିଡି ପଡ଼େ। ଜୀବନଟା ସାର୍ଥକ ଓ ସମ୍ପୂର୍ଣ୍ଣ ମନେ ହୁଏ।

ଅଥଚ ତାଙ୍କ ସତୀର୍ଥ ଅନ୍ୟ ଅଭିନେତାଙ୍କ ପ୍ରତି ସମ୍ପୂର୍ଣ୍ଣ ନିଃସ୍ପୃହ ଥିଲେ ସେଇ ନାଟ୍ୟପ୍ରେମୀ ଯୁବକଗଣ। ତାଙ୍କ ଅତୀତର ଅଭିନୟ ପାଇଁ ସାବାସି ନ ଥିଲା କି ନିଜ ନିଜର ମୁଗ୍ଧ ଅନୁଭବ ସପକ୍ଷରେ କିଛି ମନ୍ତବ୍ୟ ନ ଥିଲା। ଦ୍ୱିତୀୟ ଅଭିନେତା ଈର୍ଷାରେ ଜଳି ଉଠିଲେ। ସେ ନିଜ ମୁହଁରେ ନିଜେ ବଖାଣି ବସିଲେ ତାଙ୍କ ଅତୀତ ଅଭିନୟର ପରାକାଷ୍ଠା। ନିଜର କୃତି ଓ କୃତିତ୍ୱକୁ ଯେତେବେଳେ ଅନ୍ୟମାନେ ଆଡ ଆଖିରେ ଚାହାନ୍ତି ନାହିଁ, ସେତେବେଳେ ଏମିତି ନିଜ ଢୋଲ ନିଜେ ପିଟିବାରେ ହିଁ ଆନନ୍ଦ ପାଇଥାଏ ମଣିଷ। ତା' କଥା ଅନ୍ୟ କେହି ନ କହିଲେ ନିଜ ମୁହଁରେ ନିଜ କଥା କହି ସେ ନିଜର ଗୁରୁତ୍ୱ ଜାହିର କରେ। ଅନ୍ୟ କାନମାନଙ୍କ ପାଇଁ ତାହା ଯେତେ ଶ୍ରୁତିକଟୁ ବୋଧ ହେଲେ ବି ନିଜ କାନ ଯୋଡିକ ପାଇଁ ଏହା ଯେମିତି ପାଲଟିଯାଏ ଶ୍ରୁତିମଧୁର ସଙ୍ଗୀତ। ମାତ୍ର ତା'ର ପ୍ରତିପକ୍ଷ ସେଇ ସାର୍ଥକ ଅଭିନେତା ! ଯାହାଙ୍କ କଥା ଅନ୍ୟମାନେ କହନ୍ତି, ଜନଜଗତ ଶୁଣନ୍ତି ଓ ବିମୋହିତ ହୁଅନ୍ତି ଅନିର୍ବଚନୀୟ ମୁଗ୍ଧ ଅନୁଭବରେ। ଅଭିନେତାର ଅଭିନୟ ପରି ପଦବୀଧାରୀଙ୍କ ପଦବୀ। ସେ ମନ୍ତ୍ରୀ ହୁଅନ୍ତୁ କି ହାକିମ, ଡାକ୍ତର ହୁଅନ୍ତୁ କି ଶିକ୍ଷକ, ପଦବୀଟି ଆଜିକୁ ଅଛି, କାଲିକି ନାହିଁ। ଅତଏବ ଯାହା ଭୋଗ କରିବାର ଅବଧି ଅତ୍ୟନ୍ତ ସୀମିତ, ତାହାକୁ ନେଇ ଗର୍ବରେ ଫାଟି ପଡିବା ପରିବର୍ତ୍ତେ ତାହାର ଅର୍ଥପୂର୍ଣ୍ଣ ବିନିଯୋଗ କରି କାହାର କିଛି କାମରେ ଆସିଲେ ତାହା ହୁଅନ୍ତା ଲୋକଙ୍କ ହୃଦୟରେ ବସା ବାନ୍ଧିବାର ଏକ ପ୍ରାଥମିକ ପୁଞ୍ଜି। ପଦବୀରୁ ଅବସର ନେଇ ସଂସାରରୁ ଅବସର ନେଲା ପର୍ଯ୍ୟନ୍ତ ଏହି ପୁଞ୍ଜି ଏତେ ବଢ଼ି ଯାଇଥାନ୍ତା ଯେ, ଯେତେ ଖର୍ଚ୍ଚ କଲେ ବି ତାହା ଆଦୌ ସରି ଯାଉ ନ ଥାନ୍ତା। ସଂସାର ଛାଡ଼ିଲା ପରେ ବି ଜନମାନସରେ ଏହା ପ୍ରତିଧ୍ୱନିତ ହୁଅନ୍ତା ବାରମ୍ବାର, ଠିକ୍ ନବକୃଷ୍ଣ ଚୌଧୁରୀ ଓ ଅବଦୁଲ କଲାମଙ୍କ ଜୟଗାନ ପରି।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିଆଣି,ଭୁବନେଶ୍ୱର,
ମୋ:୯୭୭୬୭୭୭୧୫୦

# ଜଳାଭାବର ପଦଧ୍ୱନି



ଶେଖ୍ ଫରିଦ୍‌ଉଦ୍ଦିନ

ନିଦାଘ ଗ୍ରୀଷ୍ମର ପ୍ରକୋପ କ୍ରମଶଃ ବଢ଼ିବାରେ ଲାଗିଛି। ତାପମାତ୍ରା ଏବେ ଊର୍ଦ୍ଧ୍ୱମୁଖୀ। ରାଜ୍ୟର ଅନେକ ସ୍ଥାନରେ ପାରଦ ଚାଳିଶ ଡିଗ୍ରୀ ସେଲ୍‌ସିୟସ ଡେଇଁ ସାରିଲାଣି। ଖରାର ତାତି ସହ ରାଜ୍ୟ ଓ ଦେଶର ବହୁ ସ୍ଥାନରେ ଜଳାଭାବ ବିଷୟ ଖବର କାଗଜର ଶିରୋନାମା ଦଖଲ କରୁଛି। ଜଳାଭାବ ଏ ବର୍ଷ ଏକ ବ୍ୟତିକ୍ରମ ନୁହେଁ। ପ୍ରତିବର୍ଷ ଗ୍ରୀଷ୍ମରେ ଦେଶ ଓ ରାଜ୍ୟର ଅନେକ ସ୍ଥାନରେ ପାଣିର ଏମିତି ଟିରୋଟ ଦେଖାଯାଏ। ଏପରି କି କେତେକ ସ୍ଥାନରେ ଏକପ୍ରକାର ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥାଏ। ପାଣି ପାଇଁ ହାହାକାର ପଡ଼େ। ସେହି ସମୟରେ ଜଳାଭାବ ନେଇ ବେଶ୍ ହୋ–ହଲ୍ଲା ହୁଏ। ତତ୍କାଳିକ ନ୍ୟାୟରେ କେଉଁଠି ଟ୍ୟାଙ୍କରରେ ତ ଆଉ କେଉଁଠି ରେଳରେ ପାଣି ଅଣାଯାଇ ସମସ୍ୟାର ସାମୟିକ ସମାଧାନ କରାଯାଏ। ଚକେ ଗଲେ ବାର ହାତ ନ୍ୟାୟରେ ତା'ପରେ ସମସ୍ୟାକୁ ସମସ୍ତେ ଭୁଲି ଯାଆନ୍ତି। ସମସ୍ୟା ଯେଉଁଠିକୁ ସେଇଠି ରହିଯାଏ। ସମସ୍ୟାର ଦୀର୍ଘମିଆଦୀ ସମାଧାନ ଲାଗି ପଦକ୍ଷେପ ନିଆଯାଏ ନାହିଁ। ପୁଣି ପରବର୍ତ୍ତୀ ବର୍ଷ ସମସ୍ୟାର ପୁନରାବୃତ୍ତି ଘଟେ। ତେବେ ଜଳ ସମସ୍ୟା ପ୍ରତି ଏ ପ୍ରକାର ଉଦାସୀନତା ଦେଶ ପାଇଁ ଅଦୂର ଭବିଷ୍ୟତରେ ବେଶ୍ ମହାଙ୍ଗା ସାବ୍ୟସ୍ତ ହୋଇପାରେ। ଏ ଗୁରୁତର ସମସ୍ୟା ପ୍ରତି ଉଭୟ ସରକାର ଓ ଜନତା ଯଦି ସଚେତନ ନ ହୁଅନ୍ତି ଓ ଜଳ ସମ୍ପଦର ଉଚିତ ବିନିଯୋଗ ପାଇଁ ସୁଚିନ୍ତିତ ପଦକ୍ଷେପ ନିଆ ନ ଯାଏ ତେବେ ଭାରତ ଏକ ଗୁରୁତର ଜଳ ସଙ୍କଟ ଆଡ଼କୁ ଠେଲି ହୋଇଯିବା ଆଶଙ୍କା ରହିଛି।

ଚଳିତ (ମାର୍ଚ୍ଚ ୨୨ତାରିଖ) ବିଶ୍ୱ ଜଳ ଦିବସ ପାଳନ ପୂର୍ବରୁ ମିଳିତ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଆସନ୍ନ ଜଳସଙ୍କଟ ସମ୍ପର୍କରେ ଚେତାବନୀ ଦିଆଯାଇଛି। ଜାତିସଂଘ ରିପୋର୍ଟ ଅନୁଯାୟୀ ଆଗାମୀ ୨୦୨୫ସୁଦ୍ଧା ବିଶ୍ୱର ପ୍ରାୟ ୩୪୦କୋଟି ଲୋକ ଉତ୍କଟ ଜଳ ସଙ୍କଟର ସମ୍ମୁଖୀନ ହେବେ। ଗୋଟିଏ ଦଶନ୍ଧି ପରେ ଜଳ ସଙ୍କଟ ଭୋଗିବାକୁ ଯାଉଥିବା ଏହି ୩୪୦କୋଟି ବିଶ୍ୱବାସୀଙ୍କ ମଧ୍ୟରେ ଏହି ସିଂହଭାଗ ଭାରତୀୟ। ଭୂପୃଷ୍ଠ ଓ ଭୂତଳ ଜଳର ଅବିଚାରିତ ବ୍ୟବହାର, ଜଳ ପ୍ରଦୂଷଣ ଏବଂ ପାଣିପାଗ ପରିବର୍ତ୍ତନର ମିଳିତ ପ୍ରଭାବ ଭାରତ ପାଇଁ ଏକ ଉତ୍କଟ ଜଳ ସଙ୍କଟ ସୃଷ୍ଟି କରିବ ବୋଲି ରିପୋର୍ଟରେ ସତର୍କ କରିଦିଆଯାଇଛି।

ଅଭ୍ୟାସଗତ ପୁରୁଣା ଖାମଖିଆଲି ମନୋଭାବର ବଶବର୍ତ୍ତୀ ହୋଇ ଜାତିସଂଘର ଏହି ସତର୍କବାଣୀକୁ ଅଣଦେଖା କରିବା ଭାରତ ପାଇଁ ଆତ୍ମଘାତୀ ହେବ। ୨୦୧୨ଜଳ ନୀତିରେ ଦେଶର ଜଳସମ୍ପଦ ସଂକ୍ରାନ୍ତ ଉଲ୍ଲିଖିତ ତଥ୍ୟରୁ ଏହା ସ୍ପଷ୍ଟ ଯେ ଜାତିସଂଘ ଚେତାବନୀରେ ଲେଶମାତ୍ର ଅତିରଞ୍ଜନ ନାହିଁ। ବିଶ୍ୱର ମୋଟ ଲୋକସଂଖ୍ୟାର ୧୮ ପ୍ରତିଶତ ଭାରତୀୟ। ଅଥଚ ବିଶ୍ୱର ସମୁଦାୟ ଜଳସମ୍ପଦର ମାତ୍ର ୪ ଭାଗ ଭାରତରେ। ଲୋକସଂଖ୍ୟା ଓ ଜଳସମ୍ପଦ ଭିତରେ ଏ ବିଷମତା ଛାଏଁ ଏକ ନିଅଣ୍ଟିଆ ପରିସ୍ଥିତିର ସଙ୍କେତ ଦେଉଛି। ଏହା ଉପରେ ଜନସଂଖ୍ୟା ବୃଦ୍ଧି ଜଳସମ୍ପଦ

### ବିଶ୍ୱ ଜଳ ଦିବସ ଉପଲକ୍ଷେ

ଉପରେ ଅଧିକ ଚାପ ପକାଉଛି। କ୍ରମାଗତ ଲୋକସଂଖ୍ୟା ବୃଦ୍ଧି ଫଳରେ ଦେଶର ମୁଣ୍ଡପିଛା ଉପଲବ୍ଧ ଜଳ ପରିମାଣ ହ୍ରାସ ପାଇ ଚାଲିଛି। ୧୯୫୧ରେ ମୁଣ୍ଡପିଛା ଉପଲବ୍ଧ ଜଳ ପରିମାଣ ୫୧୭୭ ଘନମିଟର ଥିବାବେଳେ ୨୦୦୧ ବେଳକୁ ତାହା ୧୮୨୦ ଘନମିଟରକୁ କମି ଆସିଛି। ଆଗାମୀ ୨୦୨୫ସୁଦ୍ଧା ଏହା ଆହୁରି ହ୍ରାସ ପାଇ ୧୩୪୧ ଘନମିଟରକୁ ଖସିଆସିବ। ଅନ୍ୟପକ୍ଷରେ କୃଷିକ୍ଷେତ୍ରରେ ଜଳସେଚନର ଚାହିଦା ବୃଦ୍ଧି ଏବଂ ସହରୀକରଣ ଫଳରେ ମୁଣ୍ଡପିଛା ଜଳ ବ୍ୟବହାର ପରିମାଣ ଲଗାତର ବୃଦ୍ଧି ପାଉଛି। ଯାହା ନିଅଣ୍ଟିଆ ପରିସ୍ଥିତିକୁ ଅଧିକ ଉତ୍କଟ କରୁଛି। ଦେଶର ହାରାହାରି ବାର୍ଷିକ ବୃଷ୍ଟିପାତ ପରିମାଣ ୧୧୭୦ମିଲିମିଟର। ଏହା ବେଶ୍ ସନ୍ତୋଷଜନକ। କିନ୍ତୁ ବର୍ଷା ଜଳର ଏକ ବୃହତ୍ ଭାଗ କୌଣସି ଉପଯୋଗ ହୋଇପାରୁନାହିଁ। ୬୫ପ୍ରତିଶତ ବର୍ଷା ଜଳ ସମୁଦ୍ରକୁ ବୋହିଯାଇ ନଷ୍ଟ ହେଉଛି। ଶିଳ୍ପାନୁଷ୍ଠାନ ଓ ପୌରାଞ୍ଚଳର ବ୍ୟବହୃତ ଉଦ୍‌ବୃତ୍ତ ଜଳର ୯୦ ପ୍ରତିଶତ ବିନା ବିଶୋଧନରେ ନଦୀରେ ଛାଡ଼ି ଦିଆଯାଉଛି, ଯାହା ବ୍ୟାପକ ପ୍ରଦୂଷଣର କାରଣ। ଜଳ ପ୍ରଦୂଷଣ ଅର୍ଥ ଜଳ ନଷ୍ଟ। ଜଙ୍ଗଲ କ୍ଷୟ ଏବଂ ମାତ୍ରାଧିକ ଜଳ ଉତ୍ତୋଳନ ଯୋଗୁ ଦେଶର ଅନେକ ସ୍ଥାନରେ ଭୂତଳ ଜଳର ସ୍ତର ଲଗାତର ନିମ୍ନଗାମୀ ହେବାରେ ଲାଗିଛି।

ଉପରୋକ୍ତ ତଥ୍ୟରେ ଜଳ ସଙ୍କଟର ପଦଧ୍ୱନି ସ୍ପଷ୍ଟ ବାରି ହେଉଛି। ତେବେ ଏ ସଙ୍କଟର ସମାଧାନର ଉପାୟ କ'ଣ ? ଏ ସଙ୍କଟର ମୁକାବିଲା ପାଇଁ ଏକ ତିନିସୂତ୍ରୀ ରଣକୌଶଳ ଅନିବାର୍ଯ୍ୟ। ପ୍ରଥମ ବର୍ଷାଜଳର ସଂରକ୍ଷଣ, ଦ୍ୱିତୀୟ ଜଳ ପ୍ରଦୂଷଣର ନିୟନ୍ତ୍ରଣ ଏବଂ ତୃତୀୟ ଶିଳ୍ପ, କୃଷି ଓ ଘରୋଇ ବ୍ୟବହାରରେ ମିତବ୍ୟୟିତା ତଥା ସଂରକ୍ଷଣ ସକାଶେ ପ୍ରୋତ୍ସାହନ। ଦେଶରେ ସାଧାରଣତଃ ଚାରିମାସ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ହୁଏ। ବର୍ଷା ଜଳକୁ ଗଚ୍ଛିତ କରି ରଖିବା ଲାଗି ଆବଶ୍ୟକ ବ୍ୟବସ୍ଥା ନାହିଁ। ଫଳରେ ୬୫ ପ୍ରତିଶତ ପାଣିର କୌଣସି ବିନିଯୋଗ ହୋଇପାରୁ ନାହିଁ। ନଷ୍ଟ ହୋଇଯାଉଥିବା ଏହି ପାଣିର ସଂରକ୍ଷଣ ସକାଶେ ଜଳ ଅମଳର ବ୍ୟାପକ ବ୍ୟବସ୍ଥା କରାଯିବା ଉଚିତ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏଥିପାଇଁ ଯୋଜନା କରିବାକୁ ପଡ଼ିବ। ପାରମ୍ପରିକ ଜଳ ଉତ୍ସଗୁଡ଼ିକର ପୁନରୁଦ୍ଧାର ଏ ଦିଗରେ ସହାୟକ ହେବ। ଦେଶର ଅଧିକାଂଶ ପୌରାଞ୍ଚଳରେ ବ୍ୟବହାର ପରବର୍ତ୍ତୀ ଉଦ୍‌ବୃତ୍ତ ଜଳର ବିଶୋଧନ ବ୍ୟବସ୍ଥା ନାହିଁ। ଅଧିକାଂଶ ଶିଳ୍ପାନୁଷ୍ଠାନରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଏତେ ଶୋଚନୀୟ ଯେ, ଶିଳ୍ପାନୁଷ୍ଠାନରୁ ଛଡ଼ା ଯାଉଥିବା ଉଦ୍‌ବୃତ୍ତ ଜଳ ବହୁ ସ୍ଥାନରେ ନଦୀ ପାଣିକୁ ସମ୍ପୂର୍ଣ୍ଣ ଭାବେ ବ୍ୟବହାର ଅନୁପଯୋଗୀ କରିଦେଉଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆହୁରି ଅଧିକ କଠୋର ବ୍ୟବସ୍ଥା ଗ୍ରହଣ ଏକାନ୍ତ ଜରୁରୀ। ପୌରସଂସ୍ଥା ଏବଂ ଶିଳ୍ପାନୁଷ୍ଠାନରୁ ନିର୍ଗତ ମଇଳା ପାଣିର ବିଶୋଧନ ଏବଂ ଏହାକୁ ପୁନଃ ବ୍ୟବହାର ଉପଯୋଗୀ କରିବା ଲାଗି ପ୍ରକ୍ରିୟାକରଣ ବାଧ୍ୟତାମୂଳକ କରାଯିବା ବାଞ୍ଛନୀୟ। କୃଷିରେ ଭୂତଳ ଜଳର ବ୍ୟବହାର ଯଥାସମ୍ଭବ କମାଇବା ଲାଗି ପଦକ୍ଷେପ ନିଆଯିବା ଆବଶ୍ୟକ। ରାତାରାତି, ମାସକରେ କି ବର୍ଷକରେ ଏହା ସମ୍ଭବ ନୁହେଁ। କିନ୍ତୁ ଆଜିଠୁ ଯୋଜନା କରି କାର୍ଯ୍ୟ ଆରମ୍ଭ ନ କଲେ ହୁଏତ ଆସନ୍ତାକାଲି ବହୁତ ବିଳମ୍ବ ହୋଇଯିବ।

ମଧୁପୁର, ମାହାଙ୍ଗା, କଟକ,
ମୋ:୯୪୩୭୦୦୪୮୮୮

## ଏଇ ଭାରତରେ

ମହାରାଷ୍ଟ୍ରର ବଡ୍‌ନର୍ ଭୈରଭ ଗାଁ ଦେଶସାରା ଉଦାହରଣ ସୃଷ୍ଟି କରିଛି। ଏହି ଗାଁର ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଛୋଟ ବଡ଼ ୧୦୦୦ଟି ଗଡ଼ିଆ ଖୋଳିବା ସହ ଝରଣାରେ ୧୫୦ଟି ଆଡ଼ିବନ୍ଧ ବାନ୍ଧି ସେ ଅଞ୍ଚଳର ଜଳସଙ୍କଟ ଦୂର କରିପାରିଛନ୍ତି। ମୋଟରେ ସେମାନେ ୫୦ କୋଟି ଲିଟର ପାଣି ସଂରକ୍ଷଣ କରିପାରିଛନ୍ତି। ଏହାଦ୍ୱାରା ବଳକା ପାଣିରେ ଅଙ୍ଗୁର ଚାଷ କରି ପ୍ରଚୁର ଉତ୍ପାଦନ କରୁଛନ୍ତି। ୬୦୦ ଟନ୍ ଅଙ୍ଗୁର ବାଂଲାଦେଶ ଏବଂ ୟୁରୋପର କେତେକ ଦେଶକୁ ରପ୍ତାନି କରୁଛନ୍ତି। ନାସିକ୍‌ଠାରୁ ୪୩ କି.ମି ଦୂରରେ ଥିବା ଏହି ଗାଁରେ ପାଖାପାଖି ୨୦ ହଜାର ଲୋକ ରହୁଛନ୍ତି ଓ ୩ ହଜାରରୁ ଊର୍ଦ୍ଧ୍ୱ ଘର ରହିଛି। ପାନଚାଷ ଲାଗି ପ୍ରସିଦ୍ଧ ଏହି ଗାଁ ପୂର୍ବରୁ ଘୋର ଜଳ ସଙ୍କଟର ସମ୍ମୁଖୀନ ହେଉଥିଲା। ଫଳରେ ସେଠାରେ ୧୯୭୦ରୁ ଆରମ୍ଭ କରାଯାଇଥିବା ଅଙ୍ଗୁର ଚାଷରେ କ୍ଷତି ହେଉଥିଲା। ଏହାକୁ ଦୂର କରିବା ଲାଗି ଗ୍ରାମବାସୀ ଏକାଠି ହୋଇ ଜଳ ସଂରକ୍ଷଣ କରିବା ପରେ ଗାଁରେ ପ୍ରଚୁର ପାଣି ଉପଲବ୍ଧ ହେଉଛି। ସେମାନେ ଏବେ ପାନ ଓ ଅଙ୍ଗୁର ଚାଷ ସହ ସୋୟାବିନ୍, ପିଆଜ, ମକା ଏବଂ ଲଙ୍କାଚାଷ କରୁଛନ୍ତି। ଗାଁରେ ଅଧିକ ଜଳ ସଂରକ୍ଷଣ କରାଯିବା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଇଛି। ସେମାନେ ଖୋଳିଥିବା ଗାଡିଆଗୁଡ଼ିକ ମଧ୍ୟରେ ସବୁଠୁ ବଡ଼ଟିରେ ୧ କୋଟି ଲିଟର ପାଣି ରଖାଯାଇପାରୁଛି। ଗାଁରେ ରହିଛନ୍ତି ୨୩୦୦ କୃଷକ ଓ ସେମାନେ ୭,୮୦୦ ଏକର ଜମିରେ ଚାଷ କରୁଛନ୍ତି। ଏମାନଙ୍କ ଚାଷ ପଦ୍ଧତିକୁ ଜାପାନ, ଦକ୍ଷିଣ ଆଫ୍ରିକା ଏବଂ ସ୍ପେନରୁ ଲୋକେ ଆସି ଦେଖିଯାଇଛନ୍ତି।

## ଚିରନ୍ତନୀ

ନବୀନର ମେରୁଦଣ୍ଡ ଅତୀତର
କ୍ଷୀଣ ଅବଶେଷ
ଭବିଷ୍ୟର ଶାସକ ହେ ପୁରାତନ
ହେ ପଳିତ କେଶ !
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସହ୍ୟ ଦରବୃଦ୍ଧି

ମହାଶୟ,

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲ ପରି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ସମସ୍ତଙ୍କୁ ବାଧୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରସମୂହ ପ୍ରତି ଲିଟର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କ ଓ ଭାଟ ବାବଦକୁ ପ୍ରାୟ ୬୧ ଟଙ୍କା ଆଦାୟ କରୁଥିବା ବେଳେ ପ୍ରତି ଲିଟର ସୋରିଷ ତେଲ, ସୂର୍ଯ୍ୟମୁଖୀ ତେଲ ଓ ପାମୋଲିନ ତେଲ ପରି ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ଓ ଜିଏସ୍‌ଟି ବାବଦକୁ ଆଦାୟ କରୁଛନ୍ତି ପ୍ରାୟ ୬୨ ଟଙ୍କା। ଏତଦ୍ୱାରା ଦେଶବାସୀ ଆର୍ଥିକ ଶୋଷଣର ଶିକାର ହେବା ସହ ଦେଶର ମୁଦ୍ରାସ୍ଫୀତି ମଧ୍ୟ ବଢ଼ି ବଢ଼ି ଚାଲିଛି। ଗରିବ ଓ ମଧ୍ୟବିତ୍ତଙ୍କ ଅବସ୍ଥା ଦୟନୀୟ ହେଉଛି।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର,
ପୀରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଉରକେଲା ଏନ୍ଆଇଟିର ୧୮ତମ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ମୁଖ୍ୟ ଅତିଥି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ଏବଂ ସୁନ୍ଦରଗଡ଼ ଏମ୍ପି ଜୁଏଲ ଓରାମ।


ରାଉରକେଲାଠାରେ ଲୋକାର୍ପିତ ହୋଇଥିବା ସୁପର ସ୍ପେଶିଆଲିଟି ହସ୍ପିଟାଲର ପ୍ରତିକୃତିକୁ ଅତିଥିମାନେ ଦେଖୁଛନ୍ତି।


ସୁପର ସ୍ପେଶିଆଲିଟି ହସ୍ପିଟାଲର ଲୋକାର୍ପଣ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିତ୍ରଫଳକ ପ୍ରଦାନ କରୁଛନ୍ତି।

# ଆଜି ପୁରୀ, କୋଣାର୍କ ଆସିବେ ରାଷ୍ଟ୍ରପତି

## ଦାରୁଦିଅଁଙ୍କ ଦର୍ଶନ ପରେ ସୂର୍ଯ୍ୟ ମନ୍ଦିର ବୁଲିଯିବେ

- ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରୁ ହଟିଲେ ଉଠାଦୋକାନୀ
- ସୁରକ୍ଷା ଦାୟିତ୍ୱରେ ୪୦ ପ୍ଲାଟୁନ ଫୋର୍ସ, ୨୫୦ ଅଧିକାରୀ
- ସରିଲା କାରକେଡ୍ ରିହର୍ସାଲ୍, ବ୍ୟବସ୍ଥା ପରଖିଲେ ଏଡିଜି

**ପୁରୀ ଅଫିସ/କୋଣାର୍କ,୨୧।୩ (ଡି.ଏନ୍.ଏ)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ପୁରୀ ଓ କୋଣାର୍କ ଗସ୍ତରେ ଆସିବେ। ଏଥି ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ରବିବାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଯଶୱନ୍ତ ଜେଠୱାଙ୍କ ତତ୍ତ୍ୱାବଧାନରେ କାରକେଡ୍ ରିହର୍ସାଲ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫ ଏସ୍ପି ପାହ୍ୟା ଅଫିସର, ୮ ଅତିରିକ୍ତ ଏସ୍ପି, ୨୫୦ ଅଧିକାରୀଙ୍କ ସମେତ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ରାଷ୍ଟ୍ରପତିଙ୍କ ବିଶ୍ରାମ ପାଇଁ ସର୍କିଟ ହାଉସରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରୁ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ଣ ୮ଟା ୪୫ରେ ରାଷ୍ଟ୍ରପତି ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଚକ୍ରତୀର୍ଥ ରୋଡ୍ ଦେଇ ଶ୍ରୀମନ୍ଦିର ଆସିବେ। ସିଂହଦ୍ୱାରଠାରେ ରାଷ୍ଟ୍ରପତିଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସ୍ୱାଗତ ଜଣାଇବା ସହ ପାଛୋଟି ନେଇ ମହାପ୍ରଭୁଙ୍କ ଦର୍ଶନ କରାଇବେ। ଦାରୁଦିଅଁ, ମା' ବିମଳା ଓ ମହାଲକ୍ଷ୍ମୀଙ୍କ ଦର୍ଶନ ସାରି ରାଷ୍ଟ୍ରପତି ପ୍ରସ୍ଥାନ କରିବେ। ଶ୍ରୀମନ୍ଦିର ବାହାରେ ଥିବା କାରକେଡ୍ ପୁଣି ତାଙ୍କୁ ନେଇ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବ। ସେଠାରୁ ସେ ହେଲିକପ୍ଟର ଯୋଗେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯିବେ। ରାଷ୍ଟ୍ରପତିଙ୍କ ଲାଗି କୋଣାର୍କ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର, ସୂର୍ଯ୍ୟମନ୍ଦିର ଓ ଯାତ୍ରୀନିବାସ ପ୍ରସ୍ତୁତ ହୋଇରହିଛି।


ଏଡିଜି (ଆଇନଶୃଙ୍ଖଳା) ଯଶୱନ୍ତ ଜେଠୱା ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

ଯାତ୍ରୀନିବାସରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ହେଲିପ୍ୟାଡ୍‌ଠାରୁ ଆଇବି ଛକ, ରିଂ ରୋଡ୍, ମେଡିକାଲ ଛକ ଓ ଯାତ୍ରୀନିବାସ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯିବା ସହ ଏହି ରାସ୍ତା ପାର୍ଶ୍ୱସ୍ଥ ଦୋକାନବଜାର ବନ୍ଦ ରହିବ। ରବିବାରଠାରୁ ଏଠାକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ଏ ନେଇ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଜେଠୱା କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ପୁରୀ ଓ କୋଣାର୍କରେ ପ୍ରସ୍ତୁତିକୁ ବ୍ୟବସ୍ଥିତ କରାଯାଇଛି। ପୁରୀ ସହର ଓ ଶ୍ରୀମନ୍ଦିର ଚାରିପାଖ ସମେତ କୋଣାର୍କରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଜିଲା ପ୍ରଶାସନ ଉଭୟ ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସହିତ ସମ୍ପର୍କ ରଖି ବ୍ୟବସ୍ଥା ଉପରେ ଧ୍ୟାନ ଦେଇଛି। ରାଷ୍ଟ୍ରପତିଙ୍କ ସମସ୍ତ କାର୍ଯ୍ୟକ୍ରମ ଲାଗି ପୁରୀ ପ୍ରଶାସନ ପୂରା ପ୍ରସ୍ତୁତ ରହିଛି। ରାଷ୍ଟ୍ରପତି କୋବିନ୍ଦଙ୍କ କୌଳିକ ସେବାୟତ ନାରାୟଣ ଗୋଚ୍ଛିକାର ମଧ୍ୟ ଏହି ଗସ୍ତ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ସହରରୁ ୧୪୪ ଧାରା ଉଠିଲା

- ୧୧ନଂ. ୱାର୍ଡରେ ବଳବତ୍ତର
- ଉଭୟ ଗୋଷ୍ଠୀର ୨ କୋର୍ଟ ଚାଲାଣ
- ସହରରେ ଶାନ୍ତି ଫେରୁଛି

**ପଟ୍ଟାମୁଣ୍ଡାଇ,୨୧।୩(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ ନଂ. ୱାର୍ଡରେ ଏକ ସ୍କୁଲ ପାଚେରି ନିର୍ମାଣକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଶୁକ୍ରବାର ଗଣ୍ଡଗୋଳ ଘଟିଥିଲା। ପରିସ୍ଥିତିକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ଶନିବାରଠାରୁ ପଟ୍ଟାମୁଣ୍ଡାଇ ସହରରେ ୧୪୪ ଧାରା ଜାରି କରିଥିଲା। ଏ ନେଇ ଏକ ଶାନ୍ତି କମିଟି ବୈଠକ ବସିଥିଲା। ଉଭୟ ଗୋଷ୍ଠୀ ମୁରବିଙ୍କ ସହ ଆଲୋଚନା ପରେ ଉପଜିଲାପାଳ ନିରଞ୍ଜନ ବେହେରା ରବିବାର ବିଜ୍ଞପ୍ତି ନଂ. ୩୨୬୨ ଅନୁଯାୟୀ ସହରରୁ ୧୪୪ ଧାରା ଉଠାଇ ଦେଇଛନ୍ତି। ହେଲେ ଏବେ ବି ଦୁଇ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ୧୧ ନଂ. ୱାର୍ଡରେ ୧୪୪ ଧାରା ବଳବତ୍ତର ରହିଛି। ୧୪୪ ଧାରା ଉଠିବା ପରେ ସହରର ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଉକ୍ତ ଘଟଣାରେ ଉଭୟ ଗୋଷ୍ଠୀର ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସେକ୍ ପପୁ ଓ ଉତ୍ତମ ମଲିକ। ଉଭୟଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ପର୍ଯ୍ୟାୟକ୍ରମେ ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ସହରରେ ଶାନ୍ତି ଫେରେଇ ଆଣିବାକୁ ଶନିବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଉପଜିଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଏସ୍ପି ଗାଗାରିନ୍ ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସହ ଉଭୟ ଗୋଷ୍ଠୀର ମୁରବିମାନେ ଯୋଗ ଦେଇଥିଲେ। ୧୧ନଂ. ୱାର୍ଡରେ ଶାନ୍ତି ପ୍ରତିଷ୍ଠା ସହ ଭାଇଚାରା ବଜାୟ ରଖିବାକୁ ଉଭୟ ଗୋଷ୍ଠୀର ୫ ଜଣ ସଦସ୍ୟଙ୍କ ସହ ତହସିଲଦାର, ଆଇଆଇସି ଓ ପୌରନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ୧୧ନଂ. ୱାର୍ଡରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଶନିବାର ରାତିରୁ ରବିବାର ଅପରାହ୍ନ ପର୍ଯ୍ୟନ୍ତ ସ୍ଥିତି ଶାନ୍ତିପୂର୍ଣ୍ଣ ଥିବାରୁ ପ୍ରଶାସନ ପକ୍ଷରୁ ସହରରୁ ୧୪୪ ଧାରା ଉଠାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

### ସୀମାନ୍ତରେ ଯବାନଙ୍କୁ ହତ୍ୟା

**ମାଲକାନଗିରି, ୨୧।୩ (ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ଯବାନଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ ତାଙ୍କୁ ଅପହରଣ ପରେ ଗୁଳିକରି ହତ୍ୟା କରିଥିବା ଜଣାପଡିଛି। ଯବାନ ଜଣକ ହେଲେ ସୋନୁ ପୁନମ୍। ସେ ଡିଆରଜିରେ କାର୍ଯ୍ୟ କରୁଥିଲେ। ପୁନମ୍ ଶନିବାର ରାତିରେ ବାଇକ୍ ଯୋଗେ ନିଜ ଶ୍ୱଶୁର ଘରକୁ ଯାଉଥିବା ବେଳେ ମାଓବାଦୀମାନେ ତାଙ୍କୁ ପୋନ୍ଦୁମ ଜଙ୍ଗଲ ରାସ୍ତାରୁ ଅପହରଣ କରିନେଇଥିଲେ। ରବିବାର ସକାଳେ କେସକୁତୁଲ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିବା ବିଜାପୁର ଏସ୍ପି କମଲ ଲୋଚନ କାଶ୍ୟପ ସୂଚନା ଦେଇଛନ୍ତି।

## ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୧।୩(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ପୋଲିସ ଓ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ଶନିବାର ସନ୍ଧ୍ୟାରେ ଗୁଡ଼ରା ଜଙ୍ଗଲରେ ଗୁଳି ବିନିମୟ ଘଟିଛି। ଏଥିରେ ୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ଦାନ୍ତେୱାଡା ଜିଲାର କୁଆକୋଣ୍ଡା ଥାନା ଗୁଡ଼ରା ଜଙ୍ଗଲରେ ଏପରି ଘଟିଥିବା ଜଣାପଡିଛି। ମାଓବାଦୀମାନେ ଏହି ଜଙ୍ଗଲରେ କ୍ୟାମ୍ପ କରିଥିବା ସୂଚନା ପାଇ ଡିଆରଜି ଓ ସିଆର୍‌ପିଏଫ୍ ଯବାନ ମିଳିତ କୋମ୍ବିଂ ଅପରେଶନ କରିଥିଲେ। ଏହି ସମୟରେ ପୋଲିସ ସହ ମାଓବାଦୀଙ୍କ ଦୀର୍ଘ ସମୟ ଗୁଳି ବିନିମୟ ହୋଇଥିଲା। ଶେଷରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଜଙ୍ଗଲ ଭିତରେ ତଲାସୀ କରିବାରୁ ୨ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ପୋଲିସ ବିପୁଳ ପରିମାଣର ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ସର୍ଚ୍ଚ ଅପରେଶନ ଜାରି ରହିଥିବା ଦାନ୍ତେୱାଡା ଏସ୍ପି ଅଭିଷେକ ପଲ୍ଲଭ କହିଛନ୍ତି।

# କୋରାପୁଟର ସତ୍ୟନାରାୟଣଙ୍କୁ ସ୍ୱର୍ଣ୍ଣପଦକ

## ଜାତୀୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା

**କୋରାପୁଟ,୨୧।୩(ସ୍ୱ.ପ୍ର.)**

ଝାଡଖଣ୍ଡର ଜାମସେଦପୁରଠାରେ ୧୬ରୁ ୨୦ ଯାଏ ହୋଇଥିବା ଜାତୀୟ ସ୍ତରୀୟ ବେଞ୍ଚ ପ୍ରେସ ପ୍ରତିଯୋଗିତାରେ କୋରାପୁଟର ସତ୍ୟନାରାୟଣ ପାଣି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଜିତିଥିବା କୋରାପୁଟ ଜିମର ସମ୍ପାଦକ ଭବାନୀ ଶଙ୍କର ମିଶ୍ର ରବିବାର କହିଛନ୍ତି। ଏହି ପ୍ରତିଯୋଗିତାର ୮୩ କିଲୋଗ୍ରାମ ମାଷ୍ଟର୍ସ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ସତ୍ୟନାରାୟଣ ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାରୁ ୫୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋରାପୁଟ ଜିଲାରୁ ସତ୍ୟ ନାରାୟଣ ଏକମାତ୍ର ଖେଳାଳି ଥିଲେ। ସେ ନିଜ ବିଭାଗରେ ୧୩୦ କେଜି ଭାର ଉତ୍ତୋଳନ କରି ଏହି ସ୍ୱର୍ଣ୍ଣପଦକ ଜିତିଛନ୍ତି।


ପଦକ ଜିତିଥିବା ସତ୍ୟନାରାୟଣ।

# ଚାଷୀଙ୍କୁ ଭରସା ପବନଚାଳିତ ଶବ୍ଦଯନ୍ତ୍ର

## ଜୀବଜନ୍ତୁ, ପକ୍ଷୀଙ୍କଠାରୁ ରକ୍ଷାପାଉଛି ଫସଲ

**ମହାକାଳପଡ଼ା,୨୧।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ଉପକୂଳ ବ୍ଲକ ମହାକାଳପଡ଼ା ଅଞ୍ଚଳର ରାମନଗର ପଞ୍ଚାୟତ ସ୍ଥାନୀୟ ବରଜ ବାହାକୁଦ ଗ୍ରାମର ଆମ୍ବଷୋଳଠାରେ କେତେଜଣ ଚାଷୀ ଖରାଦିନିଆ ଡାଲୁଅ ଧାନ ସହ ପନିପରିବା ଚାଷ କରିଛନ୍ତି। ବୁଲା ଗୋରୁ, ବନ୍ୟଜନ୍ତୁ, ପକ୍ଷୀଙ୍କ ଅବାଧ ପ୍ରବେଶରୁ ଚାଷକୁ ରକ୍ଷା ପାଇଁ ଏକ ଅଭିନବ ପ୍ରୟାସ କରିଥିବା ଦେଖିବାକୁ ମିଳିଛି। ଯଶବନ୍ତ ଦେ ନାମକ ଚାଷୀ ନିଜସ୍ୱ ଜ୍ଞାନ କୌଶଳ ଖଟାଇ ପବନଚାଳିତ ଶବ୍ଦ ଓ ଲାଇଟ୍ ଯନ୍ତ୍ର ତିଆରି କରିଛନ୍ତି। ଯନ୍ତ୍ର ତିଆରି କରିବାରେ ୧୫୦୦ ଟଙ୍କା ଖର୍ଚ୍ଚ ହୋଇଛି। କେତେକ ଅଦରକାରୀ ବିଦ୍ୟୁତ୍ ଯନ୍ତ୍ରପାତିର ବିଭିନ୍ନ ପାର୍ଟକୁ ସଂଗ୍ରହ କରି ମୋଟର ବେରିଂ, ଲାଇଟ୍ ଓ ସାଇକେଲ ବେଲ୍ ଲଗାଯାଇଛି। ଦିନରେ ପବନର ବେଗକୁ ନେଇ ପଙ୍ଖା ଘୁରିବା ସହ ଲାଗିଥିବା ବେଲ୍ ଶବ୍ଦ ସୃଷ୍ଟି କରିଥାଏ। ଯେତେ ଜୋରରେ ପଙ୍ଖା ଘୁରିବ ସେତେ ଅଧିକ ଶବ୍ଦ ହେବ। ଫଳରେ ବୁଲା ଗୋରୁ, ପକ୍ଷୀ ଆଦି ଜନ୍ତୁ ଚାଷଜମିରେ ଫସଲ ଖାଇବାକୁ ଆସୁଥିବା ସମୟରେ ଯନ୍ତ୍ରରୁ ଉତ୍ପନ୍ନ ଶବ୍ଦ ଶୁଣି ଦୂରେଇ ଯାଉଥିବା ଚାଷୀ ଦେ କହିଛନ୍ତି। ରାତିରେ ଚାଷଜମି ନିକଟସ୍ଥ କାଜୁ ଜଙ୍ଗଲରୁ ବାର୍ହା, ହରିଣ, ମୂଷା ଆସି ଫସଲ ଖାଇବା ସହ ନଷ୍ଟ କରି ଦେଉଥିଲେ। ଏହି ସୂକ୍ଷ୍ମ ଉପାୟରେ ନିର୍ମିତ ଯନ୍ତ୍ର ରାତିରେ ଲାଇଟ କରୁଥିବାରୁ ଜଙ୍ଗଲୀ ଜୀବଜନ୍ତୁ ଆସୁ ନ ଥିବାରୁ ଫସଲ ଆଉ ଆଗଭଳି ନଷ୍ଟ ହେଉନାହିଁ। ଏଥିଯୋଗୁ ଚାଷୀମାନଙ୍କୁ ରାତିରେ ଫସଲକୁ ଆଉ ଜଗିବାକୁ ପଡୁନାହିଁ। ବରଜ ବାହାକୁଦ ଗ୍ରାମର ଯୁଡି ରାମ ଦେ, ପ୍ରଦୀପ ଦେ, ବଇ ସାମଲଙ୍କ ସମେତ ଅନେକ ଚାଷୀ ଏହି ବିକଳ୍ପ ଆପଣେଇଛନ୍ତି। ସେହିପରି ଏହି ଗ୍ରାମର କେତେକ ଖରିବାଡିରେ ଚାଷଜମିରେ ଏହି ଯନ୍ତ୍ର ବସାଇବାକୁ ଚାଷୀମାନେ ଉଦ୍ୟମ ଜାରି ରଖିଛନ୍ତି।


ବରଜ ବାହାକୁଦ ଗ୍ରାମ ଆମ୍ବଷୋଳଠାରେ ଚାଷୀଙ୍କ କିଆରିରେ ପବନଚାଳିତ ଶବ୍ଦ ଓ ଲାଇଟ୍ ଯନ୍ତ୍ର।

# ଓଡ଼ିଆ ଶିଳ୍ପୀଙ୍କ ଦକ୍ଷତା ଉପରେ ସନ୍ଦେହ

**ସୁରେନ୍ଦ୍ର କୁମାର ମିଶ୍ର**




ସ୍ଥାବର ତୀର୍ଥ ଚନ୍ଦ୍ରଭାଗା ତୀର୍ଥ ନାମରେ ଯେପରି ପ୍ରସିଦ୍ଧ, ଅର୍କତୀର୍ଥ ଭାବରେ ଠିକ୍ ସେହିପରି ପ୍ରସିଦ୍ଧ ଥିଲା। ମାଘ ମାସ ଶୁକ୍ଳ ସପ୍ତମୀ ଏହି ତୀର୍ଥ ପାଇଁ ପ୍ରଶସ୍ତ ଥିଲା। ଏବେ ବି ଅଛି। ବିଶ୍ୱାସ ରହିଛି ମାଘ ଶୁକ୍ଳ ସପ୍ତମୀରେ ଶ୍ରୀସୂର୍ଯ୍ୟଦେବଙ୍କର ଜନ୍ମ ହୋଇଥିଲା। ଏହା ପଛରେ ଏକ ଜ୍ୟୋତିଷ ଶାସ୍ତ୍ରୀୟ ରହସ୍ୟ ଅଛି। ନଇଲେ ଲୋକେ ଅପସନ୍ଦ କରିବେ ସୂର୍ଯ୍ୟଙ୍କ ଜନ୍ମଦିନ କ'ଣ? ସେଇଦିନ ସୂର୍ଯ୍ୟଙ୍କ ଉଦୟ ପୂର୍ବରୁ ଚନ୍ଦ୍ରଭାଗାର ଜଳ ଶକ୍ତିମୟ ହେଉଥିଲା। ମଣିଷ ଶରୀର ସେଇ ଜଳରେ ସ୍ନାନ କରିବା ପରେ ଶକ୍ତିର ସ୍ରୋତ ଆହରଣ କରୁଥିଲା, ତେଣୁ ନୀରୋଗ ରହୁଥିଲା। ଆମେ ଜାଣିଛେ ଶ୍ରୀସୂର୍ଯ୍ୟ ହିଁ ହେଉଛନ୍ତି ସକଳଶକ୍ତିର ଆଧାର। ଚନ୍ଦ୍ରଭାଗା ତୀର୍ଥର ଶକ୍ତିପୂର୍ଣ୍ଣ ଜଳକୁ ଚଳଚଞ୍ଚଳ କରିବା ଲାଗି ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ବିଜେ ବିଗ୍ରହ ପ୍ରଥମେ ସ୍ନାନ କରୁଥିଲେ। ଯାର ବର୍ଣ୍ଣନା ଶ୍ରୀପଦ୍ମକେଶର ମନ୍ଦିରରେ ଉପାସନା ପ୍ରଚଳନ କାଳରେ ହେଉଥିଲା ବୋଲି 'ବାୟାଚକଡ଼ା' ପୋଥିରେ ମଧ୍ୟ ବର୍ଣ୍ଣନା ରହିଛି। ଉପାସନା ବନ୍ଦ ହେବା ପରେ ଶ୍ରୀଶିବଙ୍କର ବିଜେ ପ୍ରତିମା ସ୍ନାନ ପାଇଁ ଆସିବା ବ୍ୟବସ୍ଥା ହେଲା। ଶ୍ରୀଶିବ କିମ୍ବା ଶ୍ରୀଶକ୍ତିଙ୍କ ବିଜେ ପ୍ରତିମା ମାଘସପ୍ତମୀ ଦିନ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରିବା କଥା ପୋଥିରେ ନାହିଁ।

ତୀର୍ଥରେ ସ୍ନାନ ବା ବୁଡ଼ ପରମ୍ପରା ପଛରେ ସନାତନୀୟ ବିଚାରଧାରାର ଯୋଗ–ଦର୍ଶନର ମୂଳ ରହସ୍ୟ ରହିଛି। ଏଇ ଶରୀର ପାଞ୍ଚୋଟି ତତ୍ତ୍ୱରେ ଗଠିତ। ତୀର୍ଥ ଯଦି ମାଟି, ପାଣି, ତେଜ, ବାୟୁ ଓ ଆକାଶର ସମାହାର, ତେବେ ଶରୀର ଏହି ପାଞ୍ଚଟିର ସାନ୍ନିଧ୍ୟ ପାଇ ତେଜୋମୟ ହୁଏ। ଜୀବନର ଗତିପଥ ଉଚ୍ଚତର ଦିଗକୁ ଗତି କରେ। ଶାରୀରିକ ଓ ମାନସିକ ସ୍ତରରେ ବିସ୍ମୟଜନକ ପରିବର୍ତ୍ତନ ହୁଏ। ସେଥିପାଇଁ କୁମ୍ଭସ୍ନାନ, ଗୋଦାବରୀ ସ୍ନାନ ପ୍ରଭୃତି ସାଧୁସନ୍ଥମାନେ ପାଳି ଆସୁଛନ୍ତି। ଓଡ଼ିଶାରେ ତିନୋଟି ସ୍ନାନ ପ୍ରାଚୀନ କାଳରୁ ଅନୁସୃତ। ଶାସ୍ତ୍ର ବି ସମର୍ଥନ କରିଛନ୍ତି। ପ୍ରଥମ ସ୍ନାନ ଶ୍ରୀଗୋବିନ୍ଦ ଦ୍ୱାଦଶୀ ସ୍ନାନ ବା ବୁଡ଼। ଏହା ସମଗ୍ର ଭାରତରେ ପ୍ରସିଦ୍ଧ। ଏହି ବୁଡ଼ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମହୋଦଧିରେ ପ୍ରଚଳିତ। ୫୦–୫୫ ବର୍ଷରେ ଗ୍ରହ–ନକ୍ଷତ୍ର ଯୋଗରେ ପବିତ୍ର ଯୋଗ ପଡ଼େ। ଦ୍ୱିତୀୟ ସ୍ନାନ ଚନ୍ଦ୍ରଭାଗା ବୁଡ଼। ଅର୍କକ୍ଷେତ୍ରର ଚନ୍ଦ୍ରଭାଗା ନଦୀରେ ପ୍ରତିବର୍ଷ ମାଘମାସ ସପ୍ତମୀରେ ଅନୁଷ୍ଠିତ ହୁଏ। ତୃତୀୟ ବୁଡ଼ ବାରୁଣୀ ବୁଡ଼ ବା ମହାବାରୁଣୀ ବୁଡ଼। ଏହି ବୁଡ଼ ବିରଜାକ୍ଷେତ୍ରରେ ଅର୍ଥାତ୍ ଯାଜପୁରରେ ହୁଏ। ବିରଜା କ୍ଷେତ୍ରରେ ୧୮ଟି ବିଶେଷ ତୀର୍ଥସ୍ନାନ ବିଧି ମଧ୍ୟରୁ ବାରୁଣୀ ବୁଡ଼କୁ ଗୁରୁତ୍ୱ ଦିଆଯାଇଛି।


କୋଣାର୍କ ମନ୍ଦିର ପଥର ହାତୀର ମୂର୍ତ୍ତି।

ତେଣୁ ମଣିଷ ଉଚ୍ଚତର ସୋପାନକୁ ସୁସ୍ଥ ଶରୀର ସହିତ ସୁସ୍ଥ ମାନସିକତାରେ ଗତି କରିବା ଲାଗି ଆମର ମହାଜନମାନେ ଯେଉଁ ବୈଜ୍ଞାନିକ ଭିତ୍ତିଭୂମି ସର୍ବସାଧାରଣଙ୍କ ପାଇଁ ତିଆଣ କରିଥିଲେ, ସେଥିମଧ୍ୟରୁ ଚନ୍ଦ୍ରଭାଗା ବୁଡ଼ର ଗୁରୁତ୍ୱ ଥିଲା। ଉଦିତ ସୂର୍ଯ୍ୟଙ୍କୁ କୃପାଭିକ୍ଷା କରିବାର ବିଧି ହେଲା–

**ନମୋ ନମସ୍ତେଽସ୍ତୁ ସଦା ବିଭାବସୋ**
**ସର୍ବାତ୍ମନେ ସପ୍ତହୟାୟ ଭାନବେ।**
**ଅନନ୍ତ–ଶକ୍ତିର୍ମଣିଭୂଷଣେନ**
**ଦଦସ୍ୱ ଭୁକ୍ତିଂ ମମ ମୁକ୍ତିମବ୍ୟୟାମ।।**

ହେ ସର୍ବାତ୍ମା! ସପ୍ତଅଶ୍ୱ ସଂଯୋଜିତ ଆପଣଙ୍କର ରଥ ବି ଆପଣଙ୍କ ପରି ପ୍ରକାଶଦୀପ୍ତ। ଆପଣ ମଣିମୟ ଆଭୂଷଣ ବିଭୂଷିତ। ଅନନ୍ତ ଶକ୍ତିସମ୍ପନ୍ନ। ମତେ ଅକ୍ଷୟ ମୋକ୍ଷ ପ୍ରଦାନ କରନ୍ତୁ। ଆପଣ ସମସ୍ତ ବିଶ୍ୱକୁ ଆଲୋକିତ କରୁଛନ୍ତି। ତେଣୁ ମତେ ଅବ୍ୟୟ ମୁକ୍ତି ପ୍ରଦାନ କରନ୍ତୁ।

'ଅକ୍ଷୟ ମୋକ୍ଷ' ଏବଂ 'ଅବ୍ୟୟ ମୁକ୍ତି'ର ତାତ୍ପର୍ଯ୍ୟ ସତରେ କ'ଣ ବୁଝିଥିଲେ ବାହାରିଆ ଆଲୋଚକମାନେ!! ସେମାନେ ତ ଓଡ଼ିଆ ଶିଳ୍ପୀଙ୍କର କୃତିତ୍ୱ ଉପରେ ସନ୍ଦେହ କରିଥିଲେ! ଡ. ସତ୍ୟନାରାୟଣ ରାଜଗୁରୁ ଲେଖିଥିଲେ– ଥରେ ୟୁରୋପର ଜଣେ ପଣ୍ଡିତ ମୋତେ ପ୍ରଶ୍ନ କଲେ, କୋଣାର୍କ ମନ୍ଦିରଟି କ'ଣ ଓଡ଼ିଆ ଶିଳ୍ପୀଙ୍କର କୃତିତ୍ୱ? ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁବା ଦେଖି ସେ ଟିକିଏ ହସିଦେଇ ପୁଣି କହିଲେ, କିଛି ମନେ କରନ୍ତୁନି, ମୁଁ ଜାଣିବାକୁ ଚାହେଁ, ପ୍ରକୃତରେ ସେ ମନ୍ଦିରଟି କିଏ ଗଢ଼ିପାରିଥିବେ। ଦୁର୍ବଳ କଙ୍କାଳସାର କୁତ୍ସିତ ଓଡ଼ିଆଙ୍କ କଳ୍ପନାରେ ସେପରି ସୁନ୍ଦର ପ୍ରସ୍ତରମୂର୍ତ୍ତି ଗଢ଼ିବା କ'ଣ ସମ୍ଭବ ହୋଇପାରେ? ଏ ଦେଶରେ ଯେପରି ଦୁର୍ବଳ ଜୀବଜନ୍ତୁ (ଗୋରୁଗାଈ) ସବୁ ଦେଖୁଛି, ସେଠାରେ ବାସ କରୁଥିବା ଶିଳ୍ପୀ କିପରି ବା ବିରାଟ ବିରାଟ ହସ୍ତୀ–ଅଶ୍ୱର ମୂର୍ତ୍ତିଗୁଡ଼ିକ କଳ୍ପନା କରିପାରିବେ...? (କୋଣାର୍କର ମୌଳିକ କଳ୍ପନା, କୋଣାର୍କ ପତ୍ରିକା, ଓଡ଼ିଶା ସାହିତ୍ୟ ଏକାଡେମୀ।)

– ଫଟୋ: ଜ୍ୟୋତିରାଜ ମହାନ୍ତି

## ବିଷ ପାନ କରି ବୋହୂର ଆତ୍ମହତ୍ୟା

ବେଦବ୍ୟାସ,(ଡି.ଏନ.ଏ): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଡୁମରନ ଗ୍ରାମରେ ଘରୋଇ କଳହକୁ ନେଇ ଜଣେ ମହିଳା ଶନିବାର ସକାଳ ପ୍ରାୟ ୫ଟା ବେଳେ ବିଷ ପାନ କରି ମୃତ୍ୟୁବରଣ କରିଛନ୍ତି। ଏନେଇ ରବିବାର ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ନାମ ଡିଣ୍ଡା କୁମ୍ଭାର (୩୦) ବର୍ଷ। ଶନିବାର ସକାଳେ ଡିଣ୍ଡା ଓ ତାଙ୍କ ଶାଶୁଙ୍କ ସହ କଥା କଟାକଟି ହୋଇଥିଲା । ଘରେ କେହି ନ ଥିବା ବେଳେ ଡିଣ୍ଡା ବିଷ ପାନ କରିଥିଲେ। ଗୁରୁତର ଅବସ୍ଥାରେ ଘରେ ଶୋଇଥିବାବେଳେ ସ୍ୱାମୀ ମଙ୍ଗଳୁ ଦେଖି ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ବ୍ରାହ୍ମଣୀତରଙ୍ଗ ଥାନାକୁ ସୂଚନା ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ଡିଣ୍ଡାକୁ ଶନିବାର ସନ୍ଧ୍ୟାରେ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଗାମୁଛା ଲଗାଇ ନାବାଳକଙ୍କ ଆତ୍ମହତ୍ୟା

**ବେଦବ୍ୟାସ, ୨୧।୩ (ଡି.ଏନ.ଏ):** ବ୍ରାହ୍ମଣୀତରଙ୍ଗ ଥାନାର ଅରବାଝରାବାହାଲ ଜଡାକୁଦର ଗ୍ରାମରେ ଘରୋଇ କଳହକୁ ନେଇ ରବିବାର ଜଣେ ନାବାଳକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟା କରିଥିବା ନାବାଳକଙ୍କ ନାମ କରଣ ଅହିର (୧୭)। ରବିବାର ସକାଳ ୯ଟା ବେଳେ ଘରେ କେହି ନ ଥିବାବେଳେ କରଣ ଏକ ଗାମୁଛା ବେକରେ ଲଗାଇ ଘରର ଆଶ୍ରୟ କାଠ ଦ୍ୱାରା ଆତ୍ମହତ୍ୟା କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସୂଚନା ପାଇ ମୃତଦେହ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୧) ରୁଜୁ ହୋଇଛି।

## ମୋ କଲେଜ ଅଭିଯାନ ଉଦ୍‌ଘାଟନ

**ସବଡେଗା, ୨୧।୩ (ଡି.ଏନ.ଏ):** ମୁଖ୍ୟମନ୍ତ୍ରୀ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମକୁ ରବିବାର ଉଦ୍‌ଘାଟନ କରିଥିବା ବେଳେ ଏହି ଉଦଘାଟନୀ ଉତ୍ସବକୁ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟରେ ଏଲଇଡି ମାଧମରେ ଅନେକ ଛାତ୍ରୀଛାତ୍ର ଦେଖିଥିଲେ। କଲେଜରେ ଏହି ଉତ୍ସବକୁ ପାଳନ କରାଯାଇଥିଲା । ଯେଉଁଥିରେ ବ୍ଲକ ଅଧକ୍ଷ ମନୋଜ କୁମାର ବାରୁଆ ମୁଖ୍ୟଅତିଥି ରୂପେ ଯୋଗଦେଇ ଥିଲେ। ସରପଞ୍ଚ ସୁଜାତା ଲାକ୍ରା, ମନୋଜ ପଟେଲ, ପ୍ରଶାନ୍ତ ସେଠ, ଚୁମନବାଣୀ ପଟେଲ ଏବଂ କଲେଜର ପୂର୍ବତନ ସଭାପତି ରଣଜିତ ଭିତ୍ରିଆ ଅବସରପ୍ରାପ୍ତ ଅଧାପକ ଏମଡି ଖଲିଲ ଏବଂ କଲେଜର ଅଧାପକ ଅଧାପିକାମାନେ ଉପସ୍ଥିତ ଥିଲେ। ମୋ କଲେଜ ଅଭିଯାନ ଜରିଆରେ ଅନେକ କିଛି ଉନ୍ନତିକରଣ ପାଇଁ ସହଯୋଗ ରାଶି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଓ ୫୫୮ଟି ଉଚ୍ଚ କଲେଜ ଓଡିଶାରେ ମୋ କଲେଜ ଅଭିଯାନରେ ସାମିଲ ଥିବା କହିଥିଲେ। ଛାତ୍ରୀଛାତ୍ର ଏହି ସୁବିଧା ପାଇ ଅନେକ ଖୁସିର ସହ ଆଗକୁ ବଢ଼ି ପାରିବେ ଓ ନିଜର ସ୍ୱପ୍ନ ପୁରା କରିପାରିବେ ବୋଲି କଲେଜ ତରଫରୁ ପ୍ରିନ୍ସିପାଲ ସଂଘମିତ୍ରା ସାହୁ କହିଥିଲେ।

## ମୋ କଲେଜ ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୧।୩ (ଡି.ଏନ୍.ଏ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରବିବାର ଅପରାହ୍ନରେ ମୋ କଲେଜ ଅଭିଯାନର ୱେବ ପୋର୍ଟାଲ ଲୋକାର୍ପିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଭିଡିଓ କନଫରେସିଂ ମାଧ୍ୟମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂଘ, ଅଧ୍ୟାପିକା, ଅଧାପକ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅଭିଯାନ ବର୍ତ୍ତମାନ ପିଢିର ଛାତ୍ରୀ ଛାତ୍ରଙ୍କ ଭବିଷ୍ୟତ ଗଠନ ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ ବୋଲି ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ ପ୍ରକାଶ କରିଥିଲେ। ସୁନ୍ଦରଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ, କାର୍ଯ୍ୟକ୍ରମର ସଂଯୋଜିକା ପ୍ରାଧ୍ୟାପିକା ଡ.କୁମିଦିନୀ ରାଉତରାୟ, ପୂର୍ବତନ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ମୋ ଲଲେଜ ଅଭିଯାନ କେନ୍ଦ୍ରୀୟ ସଦସ୍ୟ ଅଧ୍ୟାପକ ଚିରବ୍ରତ ଦତ୍ତ, ଡ. ଲଳିତ ରଞ୍ଜନ ସାହି, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର ପ୍ରମୁଖ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନର ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀ।

# ନିଯୁକ୍ତି ବିଜ୍ଞାପନକୁ ଅଙ୍ଗନୱାଡି ୟୁନିୟନର ବିରୋଧ

**କୁତ୍ରା, ୨୧।୩ (ଡି.ଏନ.ଏ.)**

**କାର୍ଯ୍ୟରୁ ଅନ୍ତର କରାଯାଇଥିବା ସ୍ଥାନରେ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଲାଗି ଉଦ୍ୟମ**

କାର୍ଯ୍ୟରୁ ଅନ୍ତର କରାଯାଇଥିବା ସ୍ଥାନରେ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଲାଗି ପ୍ରକାଶିତ ବିଜ୍ଞାପନକୁ ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ୟୁନିୟନ ବିରୋଧ କରିଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ସୁନ୍ଦରଗଡ଼ ଜିଲା କାର୍ଯ୍ୟ ସମିତିର ବୈଠକ କୁତ୍ରାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନର ସଭାପତି ବାସନ୍ତି ବାଗ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ଭାରତୀୟ ମଜଦୁର ସଂଘ ରାଜ୍ୟ କମିଟି ଉପସଭାପତି ବିବେକାନନ୍ଦ ମହାନ୍ତ, ନିର୍ମାଣ ମଜଦୁର ସଂଘର ସଭାପତି ସୁରେଶ ତରୱାର, ଓଡ଼ିଶା କୃଷି ଗ୍ରାମୀଣ ମଜଦୁର ସଂଘର ଗୋକୁଳାନନ୍ଦ ବେହେରା, ଭାରତୀୟ ମଜଦୁର ସଂଘ ଜିଲା ଉପ ସଭାପତି କିଶୋରୀ ଧଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଙ୍ଗନୱାଡି ଆସୋସିଏଶନର ଜିଲା ସମ୍ପାଦିକା ବୈଠକ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟତଃ ତିନିଟି ବିଷୟରେ ଆଲୋଚନା ହୋଇଥିଲା। କୌଣସି ଦୋଷତ୍ରୁଟି ନ ଥାଇ ନିଜର ସାମ୍ବିଧାନିକ ଅଧିକାର ପାଇଁ ଆସୋସିଏଶନର ନେତୃତ୍ୱ ନେଉଥିବା ୪ ଅଙ୍ଗନୱାଡି କର୍ମୀଙ୍କୁ ରାଜନୈତିକ ଉଦ୍ଦେଶ୍ୟ ଏବଂ ଆକ୍ରୋଶମୂଳକ ଭାବରେ ବିଗତ ୭ ଡିସେମ୍ବର ୨୦୧୯ ରେ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ବର୍ତ୍ତମାନ ଏମାନଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ସିଡିପିଓମାନେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯାହାକୁ ୟୁନିୟନ ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ସ୍ଥିର ହୋଇଛି। ଭାରତୀୟ ମଜଦୁର ସଂଘକୁ ଭାଙ୍ଗିବା ପାଇଁ ରାଜନୈତିକ ଦଳ ଜିଲା ପ୍ରଶାସନକୁ ଲଗାଇ ନେତୃତ୍ୱ ନେଉଥିବା କର୍ମଚାରୀଙ୍କୁ ହଇରାଣ ହରକତ କରାଯିବା, ଅଙ୍ଗନୱାଡି କର୍ମଚାରୀଙ୍କୁ ରାଜନୀତି କାମରେ ବିନିଯୋଗ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ରାଜ୍ୟ ସମ୍ମିଳନୀ ଭୁବନେଶ୍ୱର ପାଇଁ ସୁନ୍ଦରଗଡ ଜିଲା ସଂଘ ତରଫରୁ ୪୦ ଜଣ ପ୍ରତିନିଧି ଯୋଗଦେବା ପ୍ରଭୃତି ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳୀ ପଟେଲ, ଅନୀତା ମିଞ୍ଜ, ସୁନିତା ମିଞ୍ଜ, କୁଆଁରୀ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳଖିଆ ଦୋକାନରେ ଯାଞ୍ଚ ହେଉନି ଖାଦ୍ୟସାମଗ୍ରୀ

**କୁଆଁରମୁଣ୍ଡା,୨୧।୩(ଡି.ଏନ୍.ଏ.)**

ଦିନକୁ ଦିନ ବଜାରରେ ଭେଜାଲ ସାମଗ୍ରୀ ବିକ୍ରି ବୃଦ୍ଧି ପାଉଛି। ଏପରିକି ଜଳଖିଆ ଓ ହୋଟେଲଗୁଡିକରେ ନିମ୍ନମାନର ଖାଦ୍ୟ ବର୍ଷବର୍ଷ ଧରି ବିକ୍ରି ହେଉଥିଲେ ମଧ୍ୟ ଏଗୁଡିକୁ ତଦାରଖ କରାଯାଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଲା କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ଥିବା ହୋଟେଲ ଓ ଜଳଖିଆ ଦୋକାନ। ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଠାରୁ ଆରମ୍ଭ କରି କୁଆଁରମୁଣ୍ଡା, ଗୋବିରା ଓ ବୀରମିତ୍ରପୁର ସୀମାନ୍ତ ଫାଟକ ପର୍ଯ୍ୟନ୍ତ ଅଧିକାଂଶ ହୋଟେଲ, ଢାବା, କଳଖିଆ ଦୋକାନଗୁଡିକରେ ନିମ୍ନମାନର ଖାଦ୍ୟ ବିକ୍ରି କରାଯାଉଛି। ଏପରିକି ବାସି ମିଠା, ବରା ସହ ଅନ୍ୟାନ୍ୟ ଖାଦ୍ୟଗୁଡିକ ବିକ୍ରି କରାଯାଉଥିବାବେଳେ ଦିନମଜୁରିଆ, ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକେ ଅନ୍ୟ କୌଣସି ବିକଳ୍ପ ନ ପାଇ ବାଧ୍ୟହୋଇ ଖାଉଛନ୍ତି। ବର୍ଷବର୍ଷ ଧରି ଦୋକାନୀମାନେ ଅତ୍ୟଧିକ ଲାଭଖୋର ମନବୃତ୍ତି ନେଇ ଗ୍ରାହକମାନଙ୍କୁ ଏପରି ଠକୁଥିବାରୁ ନିମ୍ନମାନର ଏପରିକି ବାସି ଖାଦ୍ୟ ଖାଇ ଲୋକେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ଏପରିକି ଏହି ଅଞ୍ଚଳର ଫାଷ୍ଟଫୁଡ ଦୋକାନରେ ଅପମିଶ୍ରିତ ସସ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଭେଜାଲ ମସଲା ବ୍ୟବହାର ହେଉଛି। ହେଲେ ଏସବୁ ଖାଦ୍ୟ ସାମଗ୍ରୀଗୁଡିକର ମାନ ଯାଞ୍ଚ କରିବା ପାଇଁ ଫୁଡ୍ ଇନ୍ସପେକ୍ଟରମାନେ ନିଯୁକ୍ତି ପାଉଛନ୍ତି। ମାତ୍ର ଫୁଡ ଇନ୍ସପେକ୍ଟରମାନେ ରାଉରକେଲା ସହରରେ କାଁଭାଁ ଯାଞ୍ଚ କରୁଥିବା ବେଳେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳ ପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ଫଳରେ ଏହି ଅଞ୍ଚଳରେ ବିଭିନ୍ନ ଖାଦ୍ୟ, ପାନୀୟ ସାମଗ୍ରୀରେ ଅପମିଶ୍ରଣ ବୃଦ୍ଧି ପାଉଥିବାବେଳେ ନିମ୍ନମାନର ମଧ୍ୟ ଖାଦ୍ୟ ବିକ୍ରି ଚାଲୁଛି। କେବଳ ଏତିକି ନୁହେଁ, କୁଆଁରମୁଣ୍ଡା ମଙ୍ଗଳବାର ବଜାର, ବୀରମିତ୍ରପୁର ରବିବାର ବଜାର ସହ ଅନ୍ୟାନ୍ୟ ସାପ୍ତାହିକ ବଜାରରେ ଖୋଲୁଥିବା ଉଠା ଜଳଖିଆ ଦୋକାନରେ ଅପମିଶ୍ରିତ, ବାସିଖାଦ୍ୟ ବିକ୍ରି କରାଯାଇଥାଏ। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କଲେ ଅନେକ ଅସାଧୁ ବ୍ୟବସାୟୀ ଧରାପଡିବା ଯେ ସୁନିଶ୍ଚିତ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

# ଡାଲମିଆ ଭାରତ ସିମେଣ୍ଟର ଖଣି ଖନନକୁ ଗ୍ରାମବାସୀଙ୍କ ବିରୋଧ


କଟଙ୍ଗ ଠାରେ ଗ୍ରାମବାସୀଙ୍କ ସହ ଆଲୋଚନା ସଭା।

**ରାଜଗାଙ୍ଗପୁର, ୨୧।୩ (ଡି.ଏନ.ଏ)**

ରାଜଗାଙ୍ଗପୁର ସ୍ଥିତ ଡାଲମିଆ ଭାରତ ସିମେଣ୍ଟ ଲିମିଟେଡ ଚୂନପଥର ଖଣି ଲାଞ୍ଜିବେର୍ଣ୍ଣାରେ ରହିଅଛି । କମ୍ପାନୀ ଏହି ଖଣି ଲିଜ ୧୯୫୧ ମସିହାରୁ ପାଇ ଖଣି ଖନନ କାମ ଜାରି ରଖିଛି। ଗତ କିଛି ଦିନ ହେବ ଏହି ଖଣି ପାଖରେ ଥିବା ଗ୍ରାମବାସୀମାନେ ଏହି ଖଣି ଖନନ କାର୍ଯ୍ୟକୁ ଦୃଢ଼ ବିରୋଧ କରିଆସୁଛନ୍ତି। ଗ୍ରାମବାସୀଙ୍କ କହିବା କଥା ଖଣିରେ ବ୍ଲାଷ୍ଟିଂ ହେବା ଦ୍ୱାରା ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଖଣି ଖନନରେ ବାଧା ସୃଷ୍ଟି ହେବାରୁ ଜିଲା ପ୍ରଶାସନକୁ ଏହା ଜଣାଯାଇଥିଲା। ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହାର ସମାଧାନ ପାଇଁ ପୂର୍ବରୁ କେତେ ଥର ବୈଠକ ଡାକି ସୁଧା ଅସଫଳ ହୋଇଥିଲେ। ରବିବାର ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା, କୁତ୍ରା ଅତିରିକ୍ତ ତହସିଲଦାର ହାବିଲ ଖାଖା, ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ପ୍ରମୁଖ ଅଧିକାରୀ ଖଣି ପାଖ ଗାଁ କଟଙ୍ଗ ଠାରେ ଗ୍ରାମବାସୀଙ୍କ ସହ ଆଲୋଚନା ସଭା କରାଇଥିଲେ। ଏହି ସଭାରେ କମ୍ପାନୀ କର୍ତ୍ତୃପକ୍ଷ ନିଜ ଲିଜ ଅଞ୍ଚଳରେ କେବଳ ଖଣି ଖନନ କାମ କରିବେ। ଖଣିର ସୀମା କାନ୍ଥ ଦେବେ ଓ ଖନନ ପାଇଁ ଡ୍ରିଲିଂ ଯନ୍ତ୍ର ବ୍ୟବହାର କରିବେ ଇତ୍ୟାଦି ମତ ଉପସ୍ଥାପନ କରିଥିଲେ ସୁଦ୍ଧା ଗ୍ରାମବାସୀଙ୍କ ଗୋଟିଏ ଜିଦ ରହିଥିଲା ଖଣି ଖନନ କାମ ନ ହେଉ। ଶେଷରେ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇ ନ ପାରିବାରୁ ଏହି ଆଲୋଚନା ସଭା ବନ୍ଦ ହୋଇଥିଲା । ଉକ୍ତ କମ୍ପାନୀ ପକ୍ଷରୁ ସୁବ୍ରତ ମିଶ୍ର, ସଞ୍ଜିବ ସାହୁଙ୍କ ସହ ଅନ୍ୟ କମ୍ପାନୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ‘ମୋ କଲେଜ’ ଅଭିଯାନର ଉଦ୍‌ଘାଟନୀ ଉତ୍ସବ

**ଦେବଗଡ଼,୨୧।୩(ଡ଼ି.ଏନ.ଏ.)**

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରବିବାର ‘ମୋ କଲେଜ’ ଅଭିଯାନ ଶୁଭାରମ୍ଭ ହୋଇଛି। ଦେବଗଡ କଲେଜରେ ଏଲଇଡି ସ୍କ୍ରିନ ଜରିଆରେ ଉଦଘାଟନୀ ଉତ୍ସବର ଲାଇଭ ଶୋ’ ପ୍ରଦର୍ଶୀତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁଦାମ ଚରଣ ପରିଡା ଓ ‘ମୋ କଲେଜ’ ଅଭିଯାନର ସଂଯୋଜିକା ଅଧାପିକା ସସ୍ମିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଉମାଶଙ୍କର ସାହୁ, ଉପସଭାପତି ଶଶାଙ୍କ ଶେଖର ଝାଙ୍କର, ସମ୍ପାଦକ ତଥା ‘ମୋ କଲେଜ’ଅଭିଯାନର ସଦସ୍ୟ ସିଦ୍ଧାର୍ଥ ଗୁରୁ, ଅଧାପକ ଜିତେନ୍ଦ୍ର ପ୍ରଧାନ, ସଞ୍ଜୀବ କୁମାର ଦାଶ, ହେମନ୍ତ କୁମାର ମହାପାତ୍ର, ବିକ୍ରମ ନାୟକ, ଶୁଭାଂଶୁ ଶେଖର ଗୁରୁ, ଜୀବନ କୁମାର ନନ୍ଦ, ଅଧାପିକା ନିବେଦିତା ନାୟକ ଓ ଅମୂଲ୍ୟ କୁମାର ନାୟକ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ୨ବାଇକ ଆରୋହୀ ଗୁରୁତର

**ଲହୁଣୀପଡା, ୨୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ରକ୍ସି ନିକଟରେ ରବିବାର ରାତି ପ୍ରାୟ ୭ଟାରେ ଏକ ଅଜଣା ଗାଡି ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରକାଶଯେ, ଓଡି୧୪ ଏ- ୬୬୧୨ ବାଇକ ଯୋଗେ ନିରୋଜ ମୁଣ୍ଡା (୧୮) ଓ ମାର୍ଶାଲାନ ମୁଣ୍ଡା (୨୧) ରକ୍ସିରୁ ବାଙ୍କରତୋଲା ପଟେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା।

# ବିଶ୍ୱ ବନ ଦିବସ ପାଳିତ

**ଲହୁଣୀପଡା, ୨୧।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ପରିସରରେ କୁଲିପୋଷ ରେଞ୍ଜ ତରଫରୁ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇ ଏସିଏଫ ମହେନ୍ଦ୍ର ନାଥ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ କେଦାରନାଥ ମାହାନ୍ତ, ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ, ଗୁରୁଚରଣ ସ୍ୱାଇଁ, ବଳରାମ ମାହାନ୍ତ ଯୋଗଦେଇଥିଲେ। କୁଲିପୋଷ ଫରେଷ୍ଟର କୈଳାସ ଚନ୍ଦ୍ର କିଷାନ ଅଧକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଫରେଷ୍ଟର ଡେରୁଲା ନନ୍ଦ ଗଡନାୟକ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଭା ଶେଷରେ ବନରକ୍ଷୀ ରଞ୍ଜନ ରାଉତ ଧନ୍ୟବଦ ଅର୍ପଣ କରିଥିଲେ। ଅପରାହ୍ନରେ ମହୁଲଡିହା ଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିବାରଣ ପାଇଁ ଏକ ସଚେତନତା ଶୋଭାଯାତ୍ରା ରେଞ୍ଜର ମୁକ୍ତିକାନ୍ତ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବନ ଦିବସ ଓ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳର ବନ ସୁରକ୍ଷା ସମିତି କର୍ମକର୍ତ୍ତା ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ


ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

**ଦେବଗଡ଼,୨୧।୩(ଡି.ଏନ.ଏ.)**

ଦେବଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଇନଡୋର ଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଉପଧ୍ୟାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ଓଝା, ଡାକ୍ତର ବଂଶୀଧର ପାତ୍ର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ଉମେଶ ପ୍ରସାଦ ଷଡ଼ଙ୍ଗୀ ମଞ୍ଚାସୀନ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥି ଓ ବକ୍ତାମାନେ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ସମ୍ପର୍କରେ ଆଲୋଚନା କରିବା ସହ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତି ପକ୍ଷରୁ କରାଯାଉଥିବା ବିଭିନ୍ନ ସମାଜ ଗଠନ ଓ ସ୍ୱାସ୍ଥ୍ୟ ସମ୍ପର୍କୀତ ଭୂମିକା ସମ୍ପର୍କରେ କହିଥିଲେ। କରୋନା କାଳରେ ନିଜ ଜୀବନକୁ ବାଜିରେ ଲଗାଇ ଜିଲାରେ ଥିବା ୩୭୧ ଆଶା କର୍ମୀ ଉତ୍ସର୍ଗିକୃତ ମନୋଭାବ ନେଇ କାର୍ଯ୍ୟ କରିଥିବାରୁ ଦେବଗଡ ଜିଲାରେ କରୋନା ସଂକ୍ରମଣକୁ ଆଶାନୁରୂପ ଭାବେ ନିୟନ୍ତ୍ରଣ କରାଯାଇ ଦେଶ ତଥା ରାଜ୍ୟର ସର୍ବନିମ୍ନ କରୋନା ଆକ୍ରାନ୍ତ ଜିଲା ହୋଇପାରିଥିବା ବିଧାୟକ ପାଣିଗ୍ରାହୀ ଏହି ଅବସରରେ ପ୍ରକାଶ କରିଥିଲେ। ଶ୍ରେଷ୍ଠ ଗ୍ରାମ ଭାବେ ବାରକୋଟ ବ୍ଲକର ଟାଇଁସିରା, ରିଆମାଳ ବ୍ଲକର ରାଇରତନପୁର ଓ ତିଲେଇବଣି ବ୍ଲକର ଛେପିଲିପାଲି ଗ୍ରାମକୁ ପୁରସ୍କୃତ କରାଯାଇଥିଲା। ଆଶାର ଜିଲା ପରିଚାଳକ ମନମୋହନ ସାହୁ ଓ ଗାଁ କଲ୍ୟାଣ ସମିତିର ସହକାରୀ ଜିଲା ପରିଚାଳକ ସନ୍ଧ୍ୟାରାଣୀ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଲୋପାମୁଦ୍ରା ପ୍ରଧାନ ଓ ଦେବାନନ୍ଦ ସାମଲ ମଞ୍ଚ ପରିଚାଳନା କରିଥିଲେ।

# ଜଳର ଉପଯୁକ୍ତ ବିନିଯୋଗ ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼, ୨୧।୩ (ଡି.ଏନ୍.ଏ)**

- ୧୭ ବ୍ଲକ୍‌ରେ ବର୍ଷା ଜଳ ଅମଳ ପ୍ରକଳ୍ପ ଲାଗି ପଦକ୍ଷେପ
- ୧୦ ବ୍ଲକ୍‌ରେ ପାନୀୟ ଜଳ ପାଇଁ ଚାଲିଛି ମେଗା ପାଇପ୍ ପ୍ରକଳ୍ପ

ଘରେ ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ଚାଷ ଜମିକୁ ଜଳସେଚନ ସହ ବର୍ଷା ଜଳ ସଂରକ୍ଷଣ ଲାଗି ଆବଶ୍ୟକ ପଦକ୍ଷେପ, ଜଳର ଉଚିତ ବ୍ୟବହାର। ଏହି ତିନୋଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦେଇ ଆସୁଛି ସୁନ୍ଦରଗଡ଼ ଜିଲା ପ୍ରଶାସନ। ବିଶେଷକରି ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ କୋଠା ଆଦିରୁ କିପରି ବର୍ଷା ଜଳ ଅମଳ କରାଯାଇ ଜଳ ସଂରକ୍ଷଣ ଦିଗରେ ସଫଳତା ମିଳିପାରିବ ସେଥିପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ହାତକୁ ନିଆଯାଇଛି। ଜିଲାର ସମସ୍ତ ୧୭ଟି ବ୍ଲକରେ ଭବିଷ୍ୟତରେ ଜଳ ଚିନ୍ତା ଦୂର କରିବା ଲାଗି ପଦକ୍ଷେପ ସହ ମାଟି ତଳେ ଜଳସ୍ତରକୁ ବଢ଼ାଇବା ପାଇଁ ବର୍ଷା ଜଳ ଅମଳ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୧୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କୋଠା, ସରକାରୀ କ୍ୱାର୍ଟସ୍, ଡାକ୍ତରଖାନା ଏବଂ ସ୍କୁଲ କଲେଜ ଓ ହଷ୍ଟେଲ୍‌ର ଛାତ ଉପରେ ବର୍ଷା ଜଳ ଅମଳ ପ୍ରକଳ୍ପ ଆରମ୍ଭ ହୋଇଛି। ଯେତିକି ଦରକାର ଆମେ ସେତିକି ପାଣି ବ୍ୟବହାର କରିବା ଉଚିତ। ବର୍ଷା ଦିନେ ପାଣି ସିଧା ନଦୀ ନାଳକୁ ବହିଯାଉଛି। ତେଣୁ ଆମେ ଯଦି ବିଭିନ୍ନ ସରକାରୀ କୋଠାବାଡ଼ି, ସର୍ବସାଧାରଣ ଅନୁଷ୍ଠାନ ଏବଂ ଘରେ ଘରେ ବର୍ଷା ଜଳ ଅମଳ ପ୍ରକଳ୍ପ କରିବା, ତେବେ ଏହା ଭବିଷ୍ୟତ ପାଇଁ ଜଳ ସଂରକ୍ଷଣର ସବୁଠାରୁ ବଡ଼ ପଦକ୍ଷେପ ହେବ ବୋଲି ବିଶ୍ୱ ଜଳ ଦିବସ ଅବସରରେ କହିଛନ୍ତି ସୁନ୍ଦରଗଡ଼ ଜିଲାପାଳ ନିଖିଲ୍ ପବନ କଲ୍ୟାଣ। ଜିଲାରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ସ୍ଥାନରେ ବର୍ଷା ଜଳ ଅମଳ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଛି। ଏହାକୁ ମିଶାଇ ଆଗାମୀ ଦିନରେ ୧ ହଜାର କୋଠାରେ ପର୍ଯ୍ୟାୟକ୍ରମେ ବର୍ଷା ଜଳ ଅମଳ ଲାଗି ବ୍ୟବସ୍ଥା ହେବ। ଏହି ନିର୍ମାଣ କାମରେ ସ୍ଥାନୀୟ ଶ୍ରମିକମାନଙ୍କୁ ନିୟୋଜିତ କରି ସେମାନଙ୍କର ଜୀବିକା ସୃଷ୍ଟି କରାଯାଉଛି। ଏଭଳି ପରିବେଶ ଅନୁକୂଳ କାର୍ଯ୍ୟକ୍ରମକୁ ସଫଳ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ବର୍ଷା ଜଳ ଅମଳ କରିବା ପାଇଁ ସଚେତନ କରାଯାଉଛି।

# ଶୃଙ୍ଖଳା, ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ

**ଦେବଗଡ଼,୨୧।୩(ଡ଼ି.ଏନ.ଏ.)**



ସମନ୍ୱୟ ବୈଠକରେ ଅତିରିକ୍ତ ଜିଲାପାଳ, ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ।

**ଦେବଗଡ଼ କଲେଜ କର୍ମଚାରୀ-ପୁରାତନ ଛାତ୍ରୀଛାତ୍ର ସମନ୍ୱୟ ବୈଠକ**

ଶନିବାର ପୂର୍ବାହ୍ନରେ ଦେବଗଡ଼ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ପୌରହିତ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାବିଦ୍ୟାଳୟର କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ସୁଦାମ କୁମାର ପରିଡା, ପୁରାତନ ଛାତ୍ର ସଂସଦର ସଭାପତି ଉମାଶଙ୍କର ସାହୁ, ସମ୍ପାଦକ ସିଦ୍ଧାର୍ଥ ଗୁରୁ, ଉପସଭାପତି ମନୋଜ କୁମାର ପାଢୀ, ଶଶାଙ୍କ ଶେଖର ଝାଙ୍କର ଓ ପରିଚାଳନା କମିଟିର ପୂର୍ବତନ ସଭାପତି ସୁଧିର କୁମାର କପରଦାର ମଞ୍ଚାସୀନ ରହି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଧର୍ମେନ୍ଦ୍ର କୁମାର ଦେବତା, ଆଲୋକ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ନାୟକ, ଅଭିମନ୍ୟୁ ରଣା, ଅନିଲ କୁମାର ଟାଲି, ନିରଞ୍ଜନ ଦ୍ୱିବେଦୀ, ଦୀପକ କୁମାର ଦାସ ଓ କୁମୁଦ ଚନ୍ଦ୍ର ଶତପଥିଙ୍କ ସମେତ ବହୁ ପୁରାତନ ଛାତ୍ର ଓ ଅଧାପିକା ଆଲୋଚନାରେ ଅଂଶ ଗ୍ରହଣକରିଥିଲେ। ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ, ପୋଷ୍ଟ ଗ୍ରାଜୁଏଟ, କମର୍ସ କ୍ଲାସ ଖୋଲିବା, ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଫାଟକ (ତୋରଣ) ନିର୍ମାଣ, ମହାବିଦ୍ୟାଳୟରେ ପାଚେରୀ ନିର୍ମାଣ, ଅଧକ୍ଷାଙ୍କ ବଦଳି ପରେ ବିଭିନ୍ନ କାରଣରୁ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ପ୍ରସଙ୍ଗରେ ଗଠନମୂଳକ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ବୈଠକ ପ୍ରାରମ୍ଭରେ ଭାରପ୍ରାପ୍ତ କଲେଜ ଅଧକ୍ଷ ଡକ୍ଟର ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଧାପକ ସଞ୍ଜୀବ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକ ଆୟୋଜନରେ ମହାବିଦ୍ୟାଳୟ ‘ମୋ କଲେଜ’ଅଭିଯାନର ସଂଯୋଜିକା ସସ୍ମିତା ପ୍ରଧାନ ଓ ଅନ୍ୟ ଅଧାପକ ଅଧାପିକା ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଧମା,(ଡି.ଏନ.ଏ.): ରବିବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଧମା ଥାନା ଅନ୍ତର୍ଗତ ପୁଟିଆପାଲିର ରାଜୁ ସୁନା (୩୦) । ରାଜୁ ଅପରାହ୍ନ ଗୋଟାଏ ବେଳେ ସମ୍ବଲପୁର ପଟକୁ ଏକ ବାଇକ (ନଂ. ଓଡି ୧୫ ଆର୍- ୫୩୦୬)ରେ ବାହାରିଥିବା ବେଳେ ପୁଟିଆପାଲି ଛକରେ ବିପରୀତ ଦିଗରୁ ଆସୁଥିବା ଏକ କାର( ନଂ. ଓଡି ୩୧- ଏଚ- ୬୯୦୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସଦର ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧମା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ କାରକୁ ଜବତ କରି ତଦନ୍ତ ଚଳାଇଛି । କାର ଡ୍ରାଇଭର ଫେରାର ଥିବା ଜଣାପଡିଛି ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ କ୍ରୀଡା ଶିକ୍ଷକ ପ୍ରଶିକ୍ଷଣ ଶିବିର, ଡା. ଝସକେତନ ସାହୁ ସନ୍ତରଣାଗାର, ସକାଳ ୮ଟା ।
- ଏସଏମସି ସଫେଇ କର୍ମଚାରୀ ୟୁନିୟନର ରାଲି, ମ୍ୟୁନିସିପାଲଟି ଛକ, ଅପରାହ୍ନ ସାଢ଼େ ୧୨ଟା ।

# ଭୂତାପଡ଼ାରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ସମ୍ବଲପୁର,୨୧।୩ (ବ୍ୟୁରୋ)**



ସମ୍ବଲପୁର ଭୂତାପଡା ଛକଠାରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ ।

### ଯୁବକଙ୍କୁ ହତ୍ୟା

- ସାମାନ୍ୟ ବଚସାରୁ ଘଟିଥିଲା ହତ୍ୟାକାଣ୍ଡ
- ଏସିପିଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହାର

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଞ୍ଚଳରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ସର୍ଲାକାନୀ ଗାନ୍ଧୀପଡାର ଗଣେଶ ଓରାମ (୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଲବ ଓରାମ (୨୦) ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହାକୁ ନେଇ ଉତ୍ତେଜନା ଲାଗି ରହିଛି । ଉତ୍ତ୍ୟକ୍ତ ଲୋକେ ଓ ମୃତକଙ୍କ ପରିବାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧନୁପାଲି ଥାନା ସମ୍ମୁଖ ଭୂତାପଡା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ପ୍ରାୟ ଦେଢ ଘଣ୍ଟା ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ସମ୍ବଲପୁର ଏସପି ବି. ଗଙ୍ଗାଧର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏସପି ଗଙ୍ଗାଧର କହିଛନ୍ତି ଯେ, ମୋବାଇଲକୁ ନେଇ ଗଣେଶ ଓ ଅଭିଯୁକ୍ତଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏହି ଘଟଣାରୁ ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବର୍ତ୍ତମାନ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି । ସେହିପରି ମୃତକ ଗଣେଶଙ୍କ ଭଉଣୀ ତାରା ମୁଣ୍ଡା କହିଛନ୍ତି ଯେ, ତାଙ୍କ ଭାଇଙ୍କର କାହା ସହିତ ଶତ୍ରୁତା ନ ଥିଲା । ପ୍ରତିଦିନ ଭଳି ସେ ସାଙ୍ଗ ସହ ଘରୁ ବାହାରିଥିଲେ। ହେଲେ ତାଙ୍କୁ ହତ୍ୟା କରାଯାଇଥିଲା। ଯେଉଁମାନେ ଏହି ଘଟଣାରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସକାଳେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ତଦନ୍ତ କରିଥିଲା । ଏ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଶନିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଗଣେଶ ଓ ଲବ ସାଙ୍ଗ ହୋଇ ଏକ ଦୋକାନ ସମ୍ମୁଖରେ ଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସିଥିଲେ। ସେମାନେ ଗଣେଶ ଓ ଲବଙ୍କୁ ଅତର୍କିତ ଭାବେ ଭୁଜାଲିରେ ଆକ୍ରମଣ କରି ଚାଲି ଯାଇଥିଲେ। ଖବରପାଇ ପୋଲିସ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲା। ସେଠାରେ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଲବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିଲା।

## ସହରରେ ଟ୍ରାଫିକ ସମସ୍ୟା ଗୁରୁତର

**ବ୍ରଜରାଜନଗର, ୨୧।୩ (ଡି.ଏନ.ଏ)**

ବ୍ରଜରାଜନଗର ସହରର ଗାନ୍ଧୀଛକଠାରୁ ଗୋଲ ଛକ, ଟନେଲ ରୋଡ ଆଦି ଅଞ୍ଚଳରେ ଟ୍ରାଫିକ ସମସ୍ୟା ଏବେ ଚିନ୍ତାର କାରଣ ହୋଇଛି। ସହରର ରାସ୍ତା କଡରେ ଦଶ ଚକିଆ ଟ୍ରକ୍ ଗୁଡିକ ଛିଡା ହୋଇ ରହୁଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଯାତାୟାତରେ ଅସୁବିଧା ହେଉଛି। ଫଳରେ ଦୈନନ୍ଦିନ ଦୁର୍ଘଟଣାମାନ ଘଟୁଛି। ପୂର୍ବରୁ ଦଶ ଚକିଆ ଟ୍ରକ୍ ପ୍ରଥମେ ୯ ନମ୍ବର ଓ ସମଲେଶ୍ୱରୀ ପାର୍କିଂରେ ଛିଡା ହେଉଥିଲା । ଏବେ ଗାଡି ଗୁଡିକ ୯ ନମ୍ବରରେ ନମ୍ବରିଂ କରି ମାଲିକମାନଙ୍କ ଘର ପାଖରେ ଛିଡା କରୁଛନ୍ତି । ଏପରିକି ଟନେଲ ରୋଡ ପାଖରେ ୧୦ରୁ ୧୫ଟି ଟ୍ରକ୍ ଛିଡା ହୋଇରହୁଛି । ସେଠାରେ ରାସ୍ତା ୟୁ ଟର୍ଣ୍ଣ ଥିବାରୁ ସାମ୍ନା ପାର୍ଶ୍ୱରୁ ଆସୁଥିବା ଗାଡି ଦେଖାଯାଉନାହିଁ । ଫଳରେ ବେଶୀ ବାଇକ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଜିଲା ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ଗାଈ ସହ ଧକ୍କା, ବାଇକ୍ ଆରୋହୀ ମୃତ

**ଝାରସୁଗୁଡା ଅଫିସ୍,୨୧।୩:** ଝାରସୁଗୁଡା ଜିଲା ବେଲପାହାଡ ଥାନା ଅଧୀନ ବନ୍ଧବାହାଲ-ବେଲପାହାଡ ମୁଖ୍ୟରାସ୍ତା ଜୋରାବଗା ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ରାତି ୭ଟା ୫୦ମିନିଟ୍‌ରେ ଗାଈ ସହ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେଲପାହାଡ ଟିଆର୍‌ଏଲ୍ କଲୋନୀର ବିଶ୍ୱଜିତ ଠାକୁର(୫୦)। ଖବର ପାଇ ବେଲପାହାଡ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ.ଓଡି୧୬/୯୨୪୬)କୁ ଜବତ କରିବା ସହ ବେଲପାହାଡ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ବିଶ୍ୱଜିତ ଓ ତାଙ୍କ ବଡଭାଇ ଏକ ବାଇକ୍ ଯୋଗେ ବରଗଡରୁ ବେଲପାହାଡ ଫେରୁଥିଲେ। ବଡଭାଇ ବାଇକ୍ ଚଳାଉଥିବା ବେଳେ ସାନଭାଇ ବିଶ୍ୱଜିତ ବାଇକ୍ ପଛରେ ବସିଥିଲେ। ରାସ୍ତା ଅନ୍ଧାର ହୋଇଥିବାବେଳେ ଗାଈ ସହିତ ବାଇକ୍ ଧକ୍କା ହୋଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ବିଶ୍ୱଜିତ ତଳେ ପଡି ଗୁରୁତର ହୋଇଥିଲେ। ତାଙ୍କୁ ଟାଟା କ୍ରୋସାକୀ ହସ୍‌ପିଟାଲ୍‌କୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**ବ୍ରଜରାଜନଗର, ୨୧।୩ (ଡି.ଏନ.ଏ):** ଝାରସୁଗୁଡା ଜିଲା ବ୍ରଜରାଜନଗର ସହରାଞ୍ଚଳର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସମ୍ପାଦକ ତାପସ ରାଏ ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହିତ ଆଗାମୀ ବର୍ଷର କ୍ରୀଡାସୂଚୀ ସମ୍ବନ୍ଧରେ ଅବଗତ କରାଇଥିଲେ। ଇବ୍ କ୍ଷେତ୍ର ପ୍ରବନ୍ଧକ ଅନ୍‌ୱର ହୁସେନ ମୁଖ୍ୟଅତିଥି ଭାବେ ଯୋଗଦେଇ ମଶାଲ ଧରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ପ୍ରତ୍ୟେକ ପ୍ରାନ୍ତରୁ ୨୭୫ ଜଣ ଝିଅପୁଅ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ମୋଟ ୪୨ଟି ଇଭେଣ୍ଟ ଖେଳାଯିବ। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ। ଜିଲା କ୍ରୀଡା ସମ୍ପାଦକ କମ୍ପାଉଣ୍ଡର ବେହେରାଙ୍କ ତତ୍ତ୍ୱାବଧାନରେ ଜିଲା କ୍ରୀଡା ସଂଘ ସଦସ୍ୟ କୈଳାଶ ନାଏକ, ନକୁଳ ଯାଦବଙ୍କ ସମେତ ଖେଳ ଶିକ୍ଷକମାନେ ସହଯୋଗ କରିଥିଲେ। ଜିଲା କ୍ରୀଡା ସଂଘ ପଦାଧିକାରୀ ମାନଙ୍କ ମଧ୍ୟରେ ବ୍ରିଜେଶ ଶର୍ମା, ବିଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।

### ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ରେଢାଖୋଲ,୨୧।୩ (ଡି.ଏନ.ଏ.):** ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିର୍ମିତ ହେବାକୁ ଥିବା ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ଇଂ ରୋହିତ ପୁଜାରୀ। ସହରର ହଳଦିଘାଟ ଠାରେ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଆଦର୍ଶ ଶବଦାହ ଗୃହ, ୭୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରମୋଦ ଉଦ୍ୟାନ ଓ ବୀରଚନ୍ଦ୍ରପୁରରେ ୨ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଳ ପ୍ରକ୍ରିୟାକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଏନଏସିର ପୂର୍ବତନ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ପୂର୍ବତନ କାଉନସିଲର ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଗୋପବନ୍ଧୁ ବାହୁକ ପ୍ରମୁଖ ଯୋଗ ଦେଇଥିଲେ ।

# ବ୍ୟାଟେରି ଚାଳିତ ଯାନ ଲୋକାର୍ପିତ

**ଝାରସୁଗୁଡା ଅଫିସ୍,୨୧।୩**



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ ।

### ଝାରସୁଗୁଡା ପୌରପରିଷଦର ସ୍ୱଚ୍ଛ ପରିମଳ ପଦକ୍ଷେପ

ଝାରସୁଗୁଡା ପୌର ପରିଷଦ ତରଫରୁ ୨୮ଟି ବ୍ୟାଟେରି ଚାଳିତ ଯାନକୁ ପରିଷଦର ସ୍ୱଚ୍ଛ ପରିମଳ ଅଭିଯାନରେ ସାମିଲ କରାଯାଇଛି। ଏହି ଯାନ ଘର ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରି କମ୍ପୋଷ୍ଟ ୟାର୍ଡ଼କୁ ପରିବହନ କରିବ। ଏହି ବ୍ୟାଟେରି ଚାଳିତ ଯାନକୁ ମୁଖ୍ୟଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଛନ୍ତି। ନାରୀ ସଶକ୍ତୀକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଆସୁଛନ୍ତି । ପୌର ପରିଷଦର ଏଭଳି ପଦକ୍ଷେପ ଆଗକୁ ନାରୀ ସଶକ୍ତୀକରଣକୁ ମଜବୁତ୍ କରିବ ବୋଲି ମନ୍ତ୍ରୀ ଦାସ କହିଥିଲେ। ଏହି ଅବସରରେ ପୌର ପରିଷଦ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ସରୋଜ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌର ପରିଷଦର ଏଭଳି ପଦକ୍ଷେପ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ, ଏହାକୁ ସଫଳ କରିବା ପାଇଁ ଝାରସୁଗୁଡା ପୌରବାସୀଙ୍କୁ ଆହ୍ୱାନ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି ସଂଗୃହୀତ ଅଳିଆ ଆବର୍ଜନା କମ୍ପୋଷ୍ଟ ପ୍ରକ୍ରିୟାକରଣ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରୁ ସଂଗୃହୀତ କମ୍ପୋଷ୍ଟକୁ ବାହାରେ ଚାଷ ଉଦ୍ଦେଶ୍ୟରେ ବିକ୍ରି କରାଯିବ। ଏହି ଅର୍ଥକୁ ମହିଳା ଏସ୍‌ଏଚ୍‌ଜି ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ପ୍ରଦାନ କରାଯିବ । ଫଳରେ ଏସ୍‌ଏଚ୍‌ଜି ଗୁଡିକ ସ୍ୱାବଲମ୍ବୀ ହେବା ସହ ଅଧିକ ଲାଭବାନ ହୋଇପାରିବେ ବୋଲି ମାଝି କହିଥିଲେ। ପୌର ଅଧିକାରୀ ମଦନାନନ୍ଦ ସେଠ ସଭା ପରିଚାଳନା କରିଥିଲେ। ପୂର୍ବତନ ନଗରପାଳ ତାପସରାୟ ଚୌଧୁରୀ, ସଭାପତି ତ୍ରିନାଥ ଗୁଆଲ, ସନ୍ଦିପ ଅଗସ୍ତୀ, ରଘୁମଣି ପଟେଲ, ପଣ୍ଟୁ ପାଢୀ, ପ୍ରତାପ ନନ୍ଦ, ବେଣୁଗୋପାଳ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ ବିଶ୍ୱ ବନ ଦିବସ

**ସମ୍ବଲପୁର,୨୧।୩(ବ୍ୟୁରୋ)**

ସମ୍ବଲପୁର ଆରସିସିଏଫ ସମ୍ମିଳନୀ କକ୍ଷରେ ଜିଲା ସ୍ତରୀୟ ବିଶ୍ୱ ବନ ଦିବସ ରବିବାର ପାଳିତ ହୋଇଯାଇଛି। ସମ୍ବଲପୁର ଡିଏଫଓ ଡ.ସଞ୍ଜିତ କୁମାର ଓ କେନ୍ଦୁ ଲିଫ ଡିଏଫଓ ପ୍ରତାପ .କେ ଉପସ୍ଥିତ ରହିଥିଲେ । ଚଳିତବର୍ଷ ବନ ସୁରକ୍ଷା ଓ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଯୁଯୁମୁରା ହାଇସ୍କୁଲ ଓ ଗଡଲୁଇସିଂ ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା । ଗଡଲୁଇସିଂ ପଞ୍ଚାୟତ ସରପଞ୍ଚ ଅଶ୍ୱିନୀ କୁମୁରାଙ୍କୁ ୨୦ ହଜାର ଟଙ୍କା ସହ ମାନପତ୍ର ଓ ଯୁଯୁମୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନଙ୍କୁ ନଗଦ ୧୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଜଙ୍ଗଲକୁ ନିଆଁ ଠାରୁ କିଭଳି ଦୂରେଇ ରଖାଯିବ ଓ ଏହାକୁ କିଭଳି ଆୟତ୍ତ କରାଯିବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବନ ସୁରକ୍ଷା ସମିତି ସଦସ୍ୟ ଓ ବନ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ନିଆଁ ଲିଭା ଉପରେ ମନୋଜ କୁମାର ଚୌଧୁରୀଙ୍କ ସଂଯୋଜନାରେ ଚିତ୍ର ପ୍ରଦର୍ଶନ ହୋଇଥିଲା। ବୃନ୍ଦାବନ ମହାରଣା ଓ ଭୋଲାନାଥ ନାଏକ ଅତିଥି ଚିତ୍ରକର ଭାବେ ଯୋଗ ଦେଇଥିଲେ।

**ରେଢାଖୋଲ,(ଡି.ଏନ.ଏ.):** ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ ଛବିଳ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ ସୁରକ୍ଷା ଓ ପରିବେଶ ସନ୍ତୁଳନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବାବାନି ପ୍ରଧାନ, ଯସ୍ମିନ ପ୍ରଧାନ, ପ୍ରୀତିମଞ୍ଜରୀ ବାଘ, ପ୍ରିୟଙ୍କା ବିଶି, ଫଲକ ନାଜ, ରୁକ୍ମଣୀ ମୁଣ୍ଡା, ତରଙ୍ଗିନୀ ଷଣ୍ଢ, ସୁନୀତା ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ୟୋତିର୍ମୟୀ ବାରିକ, ଅନ୍ନପୂର୍ଣ୍ଣା ଦାସ, ମନୋରମା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ା ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ



ଝାରସୁଗୁଡା ବିମାନ ବନ୍ଦରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ୱାଗତ କରାଯାଉଛି।

**ଝାରସୁଗୁଡା ଅଫିସ୍,୨୧।୩**

ରାଉରକେଲା ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ରବିବାର ସକାଳ ୯ଟା ୪୫ମିନିଟ୍‌ରେ ପହଞ୍ଚିଥିଲେ ଏବଂ ୯ଟା ୫୫ମିନିଟ୍‌ରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଉରକେଲା ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସହିତ ରାଜ୍ୟପାଳ ଗଣେଶୀ ଲାଲ ଓ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରହିଥିଲେ। ଝାରସୁଗୁଡା ବିମାନ ବନ୍ଦରରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବରଗଡ ବିଧାୟକ ସୁବାସ ପାଣିଗ୍ରହୀ, ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରପତି, ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେହିପରି ରାଉରକେଲା କାର୍ଯ୍ୟକ୍ରମ ଶେଷ ହେବା ପରେ ଅପରାହ୍ନ ୫ଟା ୩୦ରେ ରାଷ୍ଟ୍ରପତି ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚି ୫ଟା ୪୦ରେ ଭୁବନେଶ୍ୱର ଅଭିମୁଖ୍ୟ ବାହାରିଥିଲେ। ଏହି ସମୟରେ ଜିଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ଉପସ୍ଥିତ ରହି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ସୁରକ୍ଷା ପାଇଁ ବିମାନ ବନ୍ଦରରେ ବ୍ୟାପକ ପୋଲିସ୍ ମୁତୟନ ହୋଇଥିଲେ ।

# ଅନ୍ତର୍ଜାତୀୟ ବନ ଦିବସରେ ସଚେତନତା ରାଲି





ବନ ଦିବସରେ ଝାରସୁଗୁଡାରେ ଜନସଚେତନତା ରାଲି ।

**ଝାରସୁଗୁଡା ଅଫିସ୍,୨୧।୩**

ଝାରସୁଗୁଡା ଜିଲା ବନ ଡିଭିଜନ ତରଫରୁ ରବିବାର ଅନ୍ତର୍ଜାତୀୟ ବନ ଦିବସ ଅବସରରେ ଏକ ଜନସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଝାରସୁଗୁଡା ବସ୍‌ଷ୍ଟାଣ୍ଡ ଗାନ୍ଧୀଛକରୁ ବାହାରି କାଳୀମନ୍ଦିର ରୋଡ୍ ଓ ବଢେଇମୁଣ୍ଡା ରୋଡ୍‌ଦେଇ ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ବନ ବିଭାଗ ଅଧିକାରୀ, କର୍ମଚାରୀ, ବନ ସୁରକ୍ଷା ସମିତି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟମାନେ ଯୋଗ ଦେଇଥିଲେ। ଡିଏଫ୍‌ଓ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଡଃ ଧ୍ରୁବଚରଣ ନାୟକ ମୁଖ୍ୟଅତିଥି, ଡିଏଫ୍‌ଓ ପାତ୍ର, ଏସିଏସ୍ ସୁସ୍ମିତା ସାହୁ, ବାର୍ ଆସୋସିଏଶନ୍ ସଭାପତି ତ୍ରିନାଥ ଗୁଆଲ, ଆଇନ୍‌ଜୀବୀ ନରେଶ ନାୟକ, ଫରେଷ୍ଟର ରମେଶ ଚନ୍ଦ୍ର ନାଥ, ରାଜେଶ ପାଢୀ, ଅରବିନ୍ଦ ବାରିକ ଓ ଆଶିଷ ଶୁକ୍ଳା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବନ ବିଭାଗ ତରଫରୁ ଲଇକେରା ବ୍ଲକ୍ ବାବୁଛିପିଡିହି ପଞ୍ଚାୟତ ଓ ବାଲିଯୋରୀ ସରକାରୀ ୟୁପି ସ୍କୁଲ୍‌କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ବିଶ୍ୱ ବନ ଦିବସ ପାଳିତ

**ଦେବଗଡ଼/ବାରକୋଟ, ୨୧।୩ (ଡି.ଏନ.ଏ)**

ବାରକୋଟ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଆଜିର ଜୀବନ ଜୀବିକାରେ ବନ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପରିବେଶବିତ ଅଜିତ ମୋହନ ସାହୁ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଦିଗଦର୍ଶନ ଦେଇଥିଲେ। ସ୍ୱସ୍ତିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଡଭଙ୍ଗାର ବିଜ୍ଞାନ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରମାକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେବଗଡ ଅତିରିକ୍ତ ବନ ସଂରକ୍ଷକ ପିଟର ଟିଗା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ସଂଯୋଜନା ଓ ବର୍ଷୀୟାନ ସଂସ୍କୃତି ପ୍ରେମୀ ଜୟକୃଷ୍ଣ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଇକୋ କ୍ଲବ ସଭ୍ୟ ଶିକ୍ଷକ ପ୍ରଦୀପ ପ୍ରଧାନ, ଶିକ୍ଷୟିତ୍ରୀ ପୁଷ୍ପାରାଣୀ ସାହୁ, ସସ୍ମିତା ସାହୁ, ଶିକ୍ଷକ ଆତ୍ମଜ କୁମାର ସେଠୀ, କ୍ରୀଡା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ନାକଟିଦେଉଳରେ ମୋ କଲେଜ ଅଭିଯାନ

**ନାକଟିଦେଉଳ,୨୧।୩(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଥିବା ଏକମାତ୍ର ସ୍ନାତକ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ରବିବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଆୟୋଜିତ ସମାରୋହରେ ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ରେଢାଖୋଲ ବିଧାୟକ ରୋହିତ ପୁଜାରୀ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ବିବେକାନନ୍ଦ ସାହୁ ଏବଂ ବ୍ଲକସ୍ତରୀୟ ଏସଏସଜି ଗ୍ରୁପ ମହାସଂଘର ସଂଯୋଜିକା ଗୀତାଞ୍ଜଳୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ଶେଷରେ ମୋ କଲେଜ ଅଭିଯାନର ସଂଯୋଜକ ଦେବେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ରାଜ୍ୟସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର,୨୧।୩ (ବ୍ୟୁରୋ)**

### ୩୨ଟି କ୍ରୀଡା ଜିଲାରୁ ୧୨୪ ଜଣ ଶିକ୍ଷକ ପ୍ରଶିକ୍ଷଣ ନେବେ

ରାଜ୍ୟସ୍ତରୀୟ ଶାରିରୀକ ଶିକ୍ଷା ଶିକ୍ଷକ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ସଭାଗୃହରେ ଉଦଘାଟିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ହେବ। ପ୍ରଥମ ପର୍ଯ୍ୟାୟରେ ବ୍ୟାଡମିଣ୍ଟନ ଓ ସନ୍ତରଣ, ଦ୍ୱିତୀୟ ପର୍ଯ୍ୟାୟରେ ଟେବୁଲ ଟେନିସ ଓ ଚେସ୍ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିରରେ ୩୨ଟି କ୍ରୀଡା ଜିଲାରୁ ୧୨୪ ଜଣ କ୍ରୀଡା ଶିକ୍ଷକ ପ୍ରଶିକ୍ଷଣ ନେବା କାର୍ଯ୍ୟକ୍ରମ ରହିଛି। ସ୍କୁଲ ପ୍ରଧାନଶିକ୍ଷକ ସୈରେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାଜ୍ୟ ବିଦ୍ୟାଳୟ ଶାରିରୀକ ଶିକ୍ଷା ସହ ନିର୍ଦ୍ଦେଶକ ସତ୍ୟନାରାୟଣ ରାୟଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୁରୀ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, କନ୍ଧମାଳ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ କୈଳାଶ ଚନ୍ଦ୍ର ପ୍ରଧାନ, ବଲାଙ୍ଗୀରର ଜ୍ୟୋତିପ୍ରସାଦ ପରିଡା, ବୁଢ଼ାରଜା ସରକାରୀ ହାଇସ୍କୁଲ ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା, ପ୍ରଶିକ୍ଷକ ଉମେଶ ସ୍ୱାଇଁ, ଜିଲା କ୍ରୀଡା ଅଧିକାରୀ ଆଶୁତୋଷ ନାୟକ, ବ୍ୟାଡମିଣ୍ଟନ ପ୍ରଶିକ୍ଷକ ସୁବ୍ରତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ଲକ୍ଷ୍ମଣ ନାଥ, ରମଣୀ ରଞ୍ଜନ ସାହୁ, ସତ୍ୟନାରାୟଣ ପଣ୍ଡା, ତ୍ରିବିକ୍ରମ ପ୍ରଧାନ, ବି ସୁଧାଂଶୁ, ପ୍ରଫୁଲ୍ଲ ଗହିର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ରାଜ୍ୟସ୍ତରୀୟ କ୍ରୀଡା ଶିକ୍ଷକ ପ୍ରଶିକ୍ଷଣ ଶିବିରକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା (୫୮) କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଲକ୍ଷଣ ଦେଖାଯିବା ପରେ ସେ କୋଭିଡ୍ ଟେଷ୍ଟ କରାଇଥିଲେ। ମାର୍ଚ୍ଚ ୧୯ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହା ପରଦିନ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏବଂ ସେ ଡାକ୍ତରଙ୍କ ନିରୀକ୍ଷଣରେ ରହିଥିବା ରବିବାର ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଫିଲିପାଇନ୍ସ ଜଳସୀମାରେ ୨୨୦ ଚାଇନା ଜାହାଜ

**ମାନିଲା,୨୧।୩:** ଦକ୍ଷିଣ ଚାଇନା ସାଗରର ବିବାଦୀୟ ଅଞ୍ଚଳରେ ଚାଇନାର ୨୨୦ ଜାହାଜ ପଇଁତରା ମାରିବା ଘଟଣାରେ ଫିଲିପାଇନ୍ସ ଉଦ୍‌ବେଗ ପ୍ରକାଶ କରିଛି। ମାର୍ଚ୍ଚ ୭ରେ ଏହି ଜାହାଜଗୁଡ଼ିକ ହ୍ୱିସୁନ୍ ରିଫ୍ ନିକଟରେ ଲଙ୍ଗର ପକାଇଥିବା ଫିଲିପାଇନ୍ସ ତଟସୁରକ୍ଷା ବାହିନୀ ଦେଖିବାକୁ ପାଇଥିଲା। ଏହି ଜାହାଜଗୁଡ଼ିକରେ ଚାଇନା ସାମୁଦ୍ରିକ ମିଲିସିଆମାନେ ଥିଲେ ବୋଲି ବିଶ୍ୱାସ କରାଯାଉଛି। ଉକ୍ତ ଅଞ୍ଚଳ ଫିଲିପାଇନ୍ସର ଅର୍ଥନୈତିକ କ୍ଷେତ୍ର ମଧ୍ୟରେ ଆସୁଛି।

### ଏସ୍‌ସିଓ ସମରାଭ୍ୟାସରେ ସାମିଲ ହେବେ ଭାରତ, ଚାଇନା, ପାକିସ୍ତାନ

**ବେଜିଂ,୨୧।୩ (ପି.ଟି.):** ସାଙ୍ଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ପକ୍ଷରୁ ଚଳିତ ବର୍ଷ ଆତଙ୍କବାଦ ନିରୋଧୀ ମିଳିତ ସମରାଭ୍ୟାସର ଆୟୋଜନ କରାଯାଉଛି। ଏଥିରେ ଭାରତ, ଚାଇନା, ପାକିସ୍ତାନ ସମେତ ଅନ୍ୟ ସଦସ୍ୟ ରାଷ୍ଟ୍ରମାନେ ସାମିଲ ହେବେ। ଗତ ୧୮ ତାରିଖରେ ଉଜ୍‌ବେକିସ୍ତାନର ତାସ୍‌କେଣ୍ଟଠାରେ ଆଞ୍ଚଳିକ ଆତଙ୍କବାଦ ନିରୋଧୀ ସଂରଚନା (ଆର୍‌ଏଟିଏସ୍) ପରିଷଦର ୩୬ତମ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ୨୦୨୨ରୁ ୨୦୨୪ ମଧ୍ୟରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଉଗ୍ରବାଦ ବିରୋଧରେ ସହଯୋଗର ଚିଠା କାର୍ଯ୍ୟକ୍ରମକୁ ଅନୁମୋଦନ କରାଯାଇଛି। ଏହାବ୍ୟତୀତ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା ହୋଇଥିଲା। ଏସ୍‌ସିଓରେ ଭାରତ, ଚାଇନା, ପାକିସ୍ତାନ ବ୍ୟତୀତ ରୁଷିଆ, କାଜାଖସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନ ସଦସ୍ୟ ଅଛନ୍ତି।

### ସାଇରନ୍ ବଜାଇବେ ଶିବରାଜ ସିଂ ଚୌହାନ

**ଭୋପାଳ, ୨୧।୩:** କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ମଧ୍ୟପ୍ରଦେଶ ସରକାର ୩ ସହରରେ ଲକ୍‌ଡାଉନ ଘୋଷଣା କରିବା ପରେ ଏବେ ଲୋକେ କଟକଣା ମାନିବାକୁ ଅଭିନବ ଉପାୟ ବାଛିଛନ୍ତି। ମାର୍ଚ୍ଚ ୨୩ରେ ସମଗ୍ର ରାଜ୍ୟରେ ୨ ଥର ସାଇରନ୍ ବାଜିବ ବୋଲି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘୋଷଣା କରିଛନ୍ତି। ୨ ମିନିଟ୍ ପର୍ଯ୍ୟନ୍ତ ସାଇରନ୍ ବାଜିବା ସମୟରେ ଲୋକେ ଯେଉଁଠାରେ ଥିବେ ସେଠାରେ ଅଟକି ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା ସହ ସମସ୍ତ କଟକଣା ମାନିବାକୁ ଶପଥ ନେବେ ବୋଲି ଶିବରାଜ କହିଛନ୍ତି। ପୂର୍ବାହ୍ନ ୧୧ଟା ଓ ସନ୍ଧ୍ୟା ୭ଟାରେ ସାଇରନ୍ ବାଜିବ।

# ଚିଠିରୁ ହଟଚମଟ

## ଆଣ୍ଟିଲିଆ ମାମଲା: ଦିନ ଗଡ଼ିଲେ ପେଡ଼ି ଫିଟୁଛି



ପରମବୀର ସିଂ
ମୁମ୍ବାଇ ପୋଲିସର ପୂର୍ବତନ କମିଶନର



ଅନିଲ ଦେଶମୁଖ, ମହାରାଷ୍ଟ୍ର ଗୃହମନ୍ତ୍ରୀ

**ଫେବୃୟାରୀ ୨୫ରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆ ବାହାରେ ଏକ ଏସ୍‌ୟୁଭିରୁ ୨୦ ଜିଲାଟିନ୍ ଷ୍ଟିକ୍ ଜବତ ହୋଇଥିଲା। କିଛି ଦିନ ପରେ ଉକ୍ତ କାର୍‌ର ମାଲିକ ତଥା ଠାଣେର ବ୍ୟବସାୟୀ ମନ୍‌ସୁଖ୍ ହିରେନ୍‌ଙ୍କୁ ହତ୍ୟା କରାଯାଇଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ସଚିନ ୱାଜେଙ୍କୁ ଗିରଫ କରି ମାମଲାର ତନାଘନା ଚଳାଇଥିବାବେଳେ ମୋଡ଼ ବଦଳାଇଦେଇଛି ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କ ଏକ ଚିଠି। ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ମାସକୁ ୧୦୦ କୋଟି ଟଙ୍କା ଅସୁଲ କରିବାକୁ ସଚିନଙ୍କୁ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନିକଟକୁ ପଠାଇଥିବା ୮ ପୃଷ୍ଠା ସମ୍ବଳିତ ପତ୍ରରେ ପରମବୀର ଦାବି କରିଛନ୍ତି। ଏହି ଚିଠି ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିବା ସହ ମହାବିକାଶ ଅଘାଡ଼ି ସରକାରଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି।**

**ମୁମ୍ବାଇ,୨୧।୩**

ବିସ୍ଫୋରକ ଭର୍ତ୍ତି ଏକ କାର୍‌କୁ ନେଇ ଆରମ୍ଭ ହୋଇଥିବା ମାମଲା ଏବେ ରାଜନୈତିକ ବିସ୍ଫୋରଣର କାରଣ ପାଲଟିଛି। ଗିରଫ ହୋଇଥିବା ପୂର୍ବତନ ଆସିଷ୍ଟାଣ୍ଟ ପୋଲିସ ଇନସ୍ପେକ୍ଟର ସଚିନ ୱାଜେଙ୍କୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ଅପରାଧର



ସଚିନ ୱାଜେ, ପୂର୍ବତନ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ

ସିନ୍ ରିକ୍ରିଏଟ୍ କରିଛି। ସେପଟେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନିକଟକୁ ପତ୍ର ଲେଖି ଦାବି କରିଛନ୍ତି ଯେ ଗୃହମନ୍ତ୍ରୀ ଅନିଲ ଦେଶମୁଖ ପୂର୍ବରୁ କ୍ରାଇମ୍ ଇଣ୍ଟେଲିଜେନ୍ସ ୟୁନିଟର ନେତୃତ୍ୱ ନେଉଥିବା ସଚିନ ୱାଜେଙ୍କୁ ମାସିକ ୧୦୦ କୋଟି ଟଙ୍କା ଅସୁଲ କରିବାକୁ କହିଥିଲେ। ମୁମ୍ବାଇରେ ପ୍ରାୟ ୧,୭୫୦ ବାର୍, ରେଷ୍ଟୁରାଣ୍ଟ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ପ୍ରତି ସଂସ୍ଥାରୁ ପ୍ରତି ମାସ ୨-୩ ଲକ୍ଷ ଟଙ୍କା ସଂଗ୍ରହ କଲେ ମାସିକ ୪୦ରୁ ୫୦ କୋଟି ଟଙ୍କା ଠୁଳ କରାଯାଇ ପାରିବ। ଟାର୍ଗେଟ ପୂରଣ ପାଇଁ ଅବଶିଷ୍ଟ ଅର୍ଥକୁ ସଚିନ ଅନ୍ୟ ସୂତ୍ରରୁ ସଂଗ୍ରହ କରିପାରିବେ। ସଚିନ ଏହି ବିଷୟ ପରମବୀରଙ୍କୁ କହିଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ପରମବୀର ଏହି ଅଭିଯୋଗର ପ୍ରମାଣ ରୂପେ କେତେକ ହ୍ୱାଟ୍ସଆପ୍ ଚାଟ୍‌ର ଅବତାରଣା କରିଛନ୍ତି। ସେ ଏହାକୁ ମାର୍ଚ୍ଚ ୧୬ ଓ ୧୯ ତାରିଖରେ ଆସିଷ୍ଟାଣ୍ଟ ପୋଲିସ କମିଶନର ସଞ୍ଜୟ ପାଟିଲଙ୍କ ସହ ହୋଇଥିବା ବାର୍ତ୍ତାଳାପ ବୋଲି ଦାବି କରିଛନ୍ତି। ବଟି ଅସୁଲକୁ ନେଇ ଗମ୍ଭୀର ଅଭିଯୋଗ ଅଣାଯାଇଥିବା ଉକ୍ତ ଚିଠି ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ନିକଟକୁ ମଧ୍ୟ ପଠାଯାଇଛି। ତେବେ ଉକ୍ତ ପତ୍ରରେ ପରମବୀରଙ୍କ ସ୍ୱାକ୍ଷର ନାହିଁ, କିନ୍ତୁ ତାଙ୍କ ଲେଟରହେଡ୍‌ରେ ଏହା ଲେଖାଯାଇଛି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ସରକାରଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି ସରକାରଙ୍କ ପାଇଁ ଏହା ନୂଆ ସଙ୍କଟ ଛିଡ଼ା କରାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି, ପରମବୀର ନିଜକୁ ବଞ୍ଚାଇବା ପାଇଁ ମିଥ୍ୟା ଅଭିଯୋଗ ଆଣିଛନ୍ତି। କାରଣ ମୁକେଶ ଅମ୍ବାନୀ ଓ ଠାଣେ ବ୍ୟବସାୟୀ ମନସୁଖ ହିରେନ୍‌ଙ୍କ ହତ୍ୟା ମାମଲାର ତଦନ୍ତରେ ସଚିନ ୱାଜେଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି। ପରମବୀର ସିଂ ମଧ୍ୟ ଏଥିରେ ସମ୍ପୃକ୍ତ ଥାଇପାରନ୍ତି। ପ୍ରକାଶ ଯେ କିଛିଦିନ ତଳେ ପରମବୀରଙ୍କୁ ପୋଲିସ କମିଶନର ପଦରୁ ହଟାଇ ହୋମଗାର୍ଡକୁ ବଦଳି କରାଯାଇଛି।







### ମୁକେଶ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ଅଧ୍ୟକ୍ଷ
ଏସିଆର ସବୁଠୁ ଧନୀ

ସମ୍ପତ୍ତିର ମୂଲ୍ୟ ୮୩.୧ ବିଲିୟନ୍ ଡଲାର

## ମନସୁଖ ହତ୍ୟା ମାମଲା: ୨ ଗିରଫ

ଏନ୍‌ଆଇଏ ଠାଣେ ବ୍ୟବସାୟୀ ମନ୍‌ସୁଖ ହିରେନଙ୍କ ହତ୍ୟା ମାମଲା ହାତକୁ ନେବାର ଦିନକ ପରେ ଏହାର ପର୍ଦ୍ଦାଫାଶ ହୋଇଥିବା ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଦାବି କରିଛି। ଏଟିଏସ୍ ଡିଆଇଜି ଶିବଦୀପ ଲାଣ୍ଡେ ରବିବାର ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ସଚିନ ୱାଜେଙ୍କୁ ମାମଲାର ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଛନ୍ତି। ଆଣ୍ଟିଲିଆ ବୋମା ଆତଙ୍କ ମାମଲାରେ ବ୍ୟବହୃତ ସ୍କର୍ପିଓର ମାଲିକ ହେଉଛନ୍ତି ମନ୍‌ସୁଖ। ଏହି ମାମଲାରେ ପୋଲିସ ମନ୍‌ସୁଖଙ୍କୁ ସମନ କରିଥିଲା। ପରେ ମାର୍ଚ୍ଚ ୫ରେ ତାଙ୍କ ମୃତଦେହ ଏକ କ୍ରିକ୍‌ରେ ମିଳିଥିଲା। ଏହି ମାମଲାରେ ଏଟିଏସ୍ ରବିବାର ନିଲମ୍ବିତ କନଷ୍ଟେବଳ ବିନାୟକ ସିନ୍ଧେ(୫୫) ଓ କ୍ରିକେଟ ବୁକି ନରେଶ ଧାରେ(୩୧)ଙ୍କୁ ଗିରଫ କରିଛି। ଉଭୟଙ୍କୁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ପୋଲିସ ରିମାଣ୍ଡରେ ନେଇଛି। ତଦନ୍ତ ବେଳେ ୩ ମୋବାଇଲ ଫୋନ୍ ଏବଂ ଗୁଜରାଟରେ ପଞ୍ଜୀକୃତ ୮ଟି ସିମ୍ କାର୍ଡ ସମେତ ମନସୁଖଙ୍କ ସୁନା ଚେନ୍, ମୁଦି, ଘଣ୍ଟା ଆଦି ଜବତ କରାଯାଇଛି। ଶିବଦୀପ ଏକ ଫେସ୍‌ବୁକ୍ ପୋଷ୍ଟରେ ସୂଚନା ଦେଇଛନ୍ତି। ସେପଟେ ସଚିନ ୱାଜେ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଏନ୍‌ଆଇଏ ହାଜତରେ ରହିବେ ବୋଲି ଜଣାପଡ଼ିଛି।



ହିରେନ୍ ମନସୁଖ, ଠାଣେ ବ୍ୟବସାୟୀ

## ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂ ଆଣିଥିବା ଅଭିଯୋଗ ଗମ୍ଭୀର। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଆବଶ୍ୟକ ବୋଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି।

ନୂଆଦିଲ୍ଲୀରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ପାୱାର କହିଛନ୍ତି,



ଶରଦ ପାୱାର, ଏନ୍‌ସିପି ମୁଖ୍ୟ

ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏ ସମ୍ପର୍କରେ ନିଷ୍ପତ୍ତି ଏବଂ ଦେଶମୁଖଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ସଚିନ ୱାଜେଙ୍କୁ ଗତବର୍ଷ ପୋଲିସରେ ପୁନଃ ଅବସ୍ଥାପିତ କରିବାରେ ମୁଖ୍ୟମନ୍ତ୍ରୀ କିମ୍ବା ଗୃହମନ୍ତ୍ରୀଙ୍କ କିଛି ଭୂମିକା ନ ଥିଲା। ପରମବୀର ଗତ ୧୭ ତାରିଖରେ ହୋମଗାର୍ଡକୁ ବଦଳି ହେବା ପରେ ଏହି ଅଭିଯୋଗ ଆଣିଛନ୍ତି। ରାଜ୍ୟର ଶିବସେନା-ଏନ୍‌ସିପି-କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ତାହା ସଫଳ ହେବ ନାହିଁ।

### ସରକାର ବଞ୍ଚାଇବାକୁ ଉଦ୍ୟମ କରୁଛନ୍ତି ପାୱାର: ଫଡ଼ନବିସ୍

ଏନ୍‌ସିପି ମୁଖ୍ୟ ଶରଦ ପାୱାର ମେଣ୍ଟ ସରକାରକୁ ବଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ୍ ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଅଜାଣତରେ ସଚିନ ୱାଜେଙ୍କୁ କିପରି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ତଦନ୍ତ ଭାର ଦିଆଯାଉଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

### ଭାଜପାରେ ଶୁଭେନ୍ଦୁ ଅଧିକାରୀଙ୍କ ବାପା



ଶିଶିର ଅଧିକାରୀ

## ଦେଶଦ୍ରୋହୀ କହିଲେ ମମତା

**ଏଗ୍ରା,୨୧।୩ (ପି.ଟି.)**

ଶୁଭେନ୍ଦୁ ଅଧିକାରୀଙ୍କ ବାପା ତଥା ତୃଣମୂଳ କଂଗ୍ରେସର ବରିଷ୍ଠ ଏମ୍‌ପି ଶିଶିର ଅଧିକାରୀ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ଶାହାଙ୍କ ଏଗ୍ରା ରାଲିରେ ଶିଶିର ଉଦ୍‌ବୋଧନ ଦେଇଥିଲେ। ମେଦିନିପୁରର ମର୍ଯ୍ୟାଦା ରକ୍ଷା ପାଇଁ ସେ ଲଢ଼େଇ କରିବେ ବୋଲି କହିଥିଲେ। ତାଙ୍କୁ ଓ ତାଙ୍କ ପୁଅମାନଙ୍କୁ ଟିଏମ୍‌ସିରେ ଯେଉଁ ବ୍ୟବହାର ଦେଖାଗଲା ତାହା ଦଳ ଛାଡ଼ିବାକୁ ବାଧ୍ୟ କଲା ବୋଲି ଶିଶିର କହିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଭୟ ଅଧିକାରୀ ବାପପୁଅଙ୍କୁ ଦେଶଦ୍ରୋହୀ କହିଛନ୍ତି। ପୂର୍ବ ମେଦିନିପୁରର ଏକ ରାଲିକୁ ସମ୍ବୋଧନ କରିବା ବେଳେ ମମତା ଅଭିଯୋଗ କରିଥିଲେ, ସେମାନେ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ବାଟମାରଣା କରି ତାଙ୍କ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଥିଲେ। ପ୍ରକୃତରେ ଠକୁଥିବା ଲୋକଙ୍କୁ ଚିହ୍ନିପାରି ନ ଥିବାରୁ ମମତା ନିଜକୁ ଗଧ ବୋଲି କହିଥିଲେ।

## ଭାଜପା ଇସ୍ତାହାରରେ ନିଯୁକ୍ତି ପ୍ରତିଶ୍ରୁତି

**କୋଲକାତା,୨୧।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଭାଜପା ରବିବାର ଇସ୍ତାହାର ପ୍ରକାଶ କରିଛି। 'ସୋନାର ବାଂଲା ସଂକଳ୍ପପତ୍ର ୨୦୨୧' ନାମରେ ଏହି ଇସ୍ତାହାରକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉନ୍ମୋଚନ କରିଥିଲେ। ଏଥିରେ ପରିବାରର ଅନ୍ତତଃ ଜଣକୁ ନିଯୁକ୍ତି ଦେବା ଲାଗି ପ୍ରତିଶ୍ରୁତି ଦିଆଯାଇଛି। ଏହାବ୍ୟତୀତ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟସେବା ଯୋଜନା ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ କରାଇବା, ପିଏମ୍ କିଷାନ ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀଙ୍କୁ ବକେୟା ୧୮ ହଜାର ଟଙ୍କା ପୈଠ କରିବା ସହ ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିଲେ ସେମାନଙ୍କୁ

### 'ସୋନାର ବାଂଲା ସଂକଳ୍ପପତ୍ର'

ବାର୍ଷିକ ୧୦ ହଜାର ଟଙ୍କା ଦେବ ବୋଲି କହିଛି। ଏଥିସହିତ ସିଏଏ ଲାଗୁ କରିବା ଓ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ପ୍ରତିଶ୍ରୁତି ଦିଆଯାଇଛି।

# ଆସାମରେ ତେଜିଲା ଚା' ରାଜନୀତି

### କଂଗ୍ରେସ ଅର୍ଥ ମିଥ୍ୟା, ଦ୍ୱନ୍ଦ୍ୱ, ଅସ୍ଥିରତା, ହିଂସା ଓ ଦୁର୍ନୀତି: ମୋଦି

**ଗୁଆହାଟୀ,୨୧।୩ (ପି.ଟି.)**



କଂଗ୍ରେସ ଉଭୟ କେନ୍ଦ୍ର ଓ ଆସାମରେ କ୍ଷମତାରେ ଥିଲାବେଳେ ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସୁରକ୍ଷା ଓ ସ୍ଥିରତା ଦେବାରେ ବିଫଳ ହୋଇଥିଲା। କ୍ଷମତାକୁ ଆସିବା ଲାଗି କଂଗ୍ରେସ ମିଥ୍ୟାର ଯେକୌଣସି ସ୍ତରକୁ ଯାଇପାରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏକ ନିର୍ବାଚନୀ ସଭାରେ କହିଛନ୍ତି। କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ କ୍ଷମତାରେ ଥିବାବେଳେ ଅବହେଳା, ଦୁର୍ନୀତି ଓ ଅନୁପ୍ରବେଶ ଦୁଇଗୁଣା ହେଉଥିଲା। ଅନ୍ୟପକ୍ଷରେ ଡବଲ ଇଞ୍ଜିନ ଏନ୍‌ଡିଏ ସରକାର ରାଜ୍ୟରେ ବିକାଶର ମୂଳଦୁଆ ପକାଇଛି। ଆସାମକୁ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ସହ ଯୋଡ଼ାଯାଇପାରିଛି। ଆଗାମୀ ୫ ବର୍ଷରେ ରାଜ୍ୟର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବିରୋଧୀ ଦଳକୁ କଡ଼ା ସମାଲୋଚନା କରି ମୋଦି କହିଥିଲେ, କଂଗ୍ରେସ ଅର୍ଥ ମିଥ୍ୟା, ଦ୍ୱନ୍ଦ୍ୱ, ଅସ୍ଥିରତା, ହିଂସା ଓ ଦୁର୍ନୀତି। ଏମାନଙ୍କ ପ୍ରତିଶ୍ରୁତି ଧୂଆଁବାଣ। କଂଗ୍ରେସ ଚା'କୁ ନେଇ ରାଜନୀତି କରୁଥିବାବେଳେ ଭାଜପା ଚା' ବଗିଚାର ଶ୍ରମିକମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରୁଛି। ସେମାନଙ୍କୁ କାମ ଯୋଗାଇବା ସହ ଶିକ୍ଷା ଓ ଔଷଧ ଏନ୍‌ଡିଏ ସରକାର ଯୋଗାଇ ଦେଉଛନ୍ତି ବୋଲି ମୋଦି କହିଥିଲେ। ମୋଦି ଗୋଲାଘାଟ ଜିଲାର ବୋକାହାଟଠାରେ ନିର୍ବାଚନୀ ସଭା କରିଥିଲେ। ସେଠାରୁ ଏଜିପି ଅଧ୍ୟକ୍ଷ ତଥା ମନ୍ତ୍ରୀ ଅତୁଲ ବୋରା ନିର୍ବାଚନ ଲଢୁଛନ୍ତି। ଆସାମରେ ମାର୍ଚ୍ଚ ୨୭ରୁ ୩ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

## 'ମୋଦି ଚା' ଶ୍ରମିକଙ୍କ ସମସ୍ୟା ପଚାରିଛନ୍ତି କି'

**ଜୋରହାଟ,୨୧।୩ (ପି.ଟି.)**

ଆସାମର ଜନସାଧାରଣଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହାନୁଭୂତି ନାହିଁ। ପରିବେଶ କର୍ମୀ ଦିଶା ରବିଙ୍କ ଟୁଇଟ୍‌ରେ ମୋଦି ଦୁଃଖ ପ୍ରକାଶ କରୁଥିବାବେଳେ ଆସାମ ବନ୍ୟାବିପନ୍ନଙ୍କ ପାଇଁ ସେଭଳି ସହାନୁଭୂତି ଦେଖାଇ ନ ଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜୋର୍‌ହାଟଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି କହିଛନ୍ତି। ଶନିବାର



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ଛାବୁଆଠାରେ ପ୍ରଧାନମନ୍ତ୍ରୀ ଟୁଲ୍‌କିଟ୍ ପ୍ରସଙ୍ଗ ଉଠାଇ କଂଗ୍ରେସ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଆଣିଥିଲେ। ଏହାର ଜବାବରେ ପ୍ରିୟଙ୍କା କହିନ୍ତି, ଗତବର୍ଷ ମହାମାରୀବେଳେ ବ୍ରହ୍ମପୁତ୍ର ବନ୍ୟାରେ ବିପନ୍ନ ୨୮ ଲକ୍ଷ ଲୋକଙ୍କ ପାଇଁ ମୋଦି କିଛି କରି ନ ଥିଲେ। ସିଏଏ ବିରୋଧୀ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ୫ ଯୁବକଙ୍କ ପାଇଁ ମଧ୍ୟ ମୋଦି ଦରଦ ଦେଖାଇ ନ ଥିଲେ। ଚା' ବଗିଚାକୁ ଯାଇ ସେଠାର ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ପଚାରିଛ କି ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ପ୍ରିୟଙ୍କା। ଆସାମରେ ଏବେ ଦୁଇଜଣ ମୁଖ୍ୟମନ୍ତ୍ରୀ। ପ୍ରଭାବଶାଳୀ ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବେ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ବିରୋଧୀ କ୍ଷମତା କେନ୍ଦ୍ର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦୁଇ ଇଞ୍ଜିନ କେଉଁ ଇନ୍ଧନରେ ଚାଲୁଛି, ତାହା ଜଣାନାହିଁ।

# ଜନଔଷଧୀ ପାଇଁ ୭ ଲକ୍ଷ ଦେବେ ସରକାର

ଭୁବନେଶ୍ୱର,୨୧।୩

ଗତ ମାର୍ଚ୍ଚ ୭ ତାରିଖରେ ଜନଔଷଧୀ ଦିବସ ଅବସରରେ ଦେଶରେ ୭୫୦୦ ଜନ ଔଷଧୀ କେନ୍ଦ୍ର ପ୍ରଧାନମନ୍ତ୍ରୀ ଦେଶ ପାଇଁ ସମର୍ପିତ କରିଛନ୍ତି। ଚଳିତ ବର୍ଷ ମଧ୍ୟରେ ଜନଔଷଧୀ କେନ୍ଦ୍ର ସଂଖ୍ୟା ବଢ଼ାଇ ୧୦ ହଜାର କରିବା ମୋଦି ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଜନ ଔଷଧୀ ଦିବସ ଅବସରରେ ଲାଭାର୍ଥିଙ୍କ ସହ କଥାବାର୍ତ୍ତା କରିଛନ୍ତି ଏବଂ ଏହି ଯୋଜନାରେ କେନ୍ଦ୍ର ସରକାର ଲୋକଙ୍କୁ ଶସ୍ତାରେ ଔଷଧ ଉପଲବ୍ଧ କରାଥିବା ସହ ଏହାର ବିଭିନ୍ନ ଦିଗ ସମ୍ପର୍କରେ ମଧ୍ୟ ଆଲେଚନା କରିଥିଲେ। ଦେଶର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଜନ




ଔଷଧ କେନ୍ଦ୍ର ଖୋଲିବାକୁ ମୋଦି ସରକାର ଲୋକଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ବର୍ତ୍ତମାନ ଦେଶରେ ଜନ ଔଷଧ କେନ୍ଦ୍ର ଖୋଲିବା ଯୋଜନାରେ ସରକାର ସବସିଡି ଦେଉଛନ୍ତି।

ଯଦି ଜଣେ ବ୍ୟକ୍ତି ନୂଆ ଜନ ଔଷଧ କେନ୍ଦ୍ର ଖୋଲୁଛନ୍ତି ତାହେଲେ ମୋଦି ସରକାର ୫ ଲକ୍ଷ ଟଙ୍କା ଯାଏଁ ପ୍ରୋତ୍ସାହନ ରାଶି ଦେଉଛନ୍ତି। ସେହିଭଳି କୌଣସି ଆକାଂକ୍ଷୀ ଜିଲ୍ଲାରେ ଯଦି ଏହି କେନ୍ଦ୍ର ଖୋଲାଯାଏ ତା ହେଲେ ଅତିରିକ୍ତ ୨ ଲକ୍ଷ ଟଙ୍କା ହିତାଧିକାରୀଙ୍କୁ ମିଳିବ ବୋଲି ସୂଚନା ମିଳିଛି। ସେହିଭଳି ଯଦି ଜଣେ ମହିଳା, ବିକଳାଙ୍ଗ, ଅନୁସୂଚିତ ଜାତି ବା ଜନଜାତିର ବ୍ୟକ୍ତି ଏହି କେନ୍ଦ୍ର ଖୋଲୁଛନ୍ତି ତାହେଲେ ମୋଦି ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଯାହା ପୂର୍ବରୁ ଏହି ପ୍ରୋତ୍ସାହନ ରାଶି ଅଢେଇ ଲକ୍ଷ ଟଙ୍କା ରହିଥିଲା। ବର୍ତ୍ତମାନ ମୋଦି ସରକାର ଜନ ଔଷଧ କେନ୍ଦ୍ରର ଆସବାବ ପତ୍ର ଓ ଅନ୍ୟ ଜରୁରୀ ସୁବିଧା ପାଇଁ ପ୍ରତି କେନ୍ଦ୍ରକୁ ଦେଢ଼ ଲକ୍ଷ ଟଙ୍କା ସାହାଯ୍ୟ କରୁଛନ୍ତି। ସେହିଭଳି କମ୍ପ୍ୟୁଟର ଓ ପ୍ରିଣ୍ଟର ସମେତ ବିଲିଂ ବ୍ୟବସ୍ଥା ବିକଶିତ କରିବାକୁ କେନ୍ଦ୍ର ସରକାର ପ୍ରତ୍ୟେକ ଜନ ଔଷଧ କେନ୍ଦ୍ରକୁ ୫୦ ହଜାର ଟଙ୍କା ସହାୟତା ଦେଉଛନ୍ତି। ଜନ ଔଷଧ କେନ୍ଦ୍ରରେ ଔଷଧ ବିକ୍ରି ଉପରେ ୨୦% କମିଶନ ମିଳିଥାଏ। ତା ଛଡା ପ୍ରତି ମାସରେ ବିକ୍ରି ଉପରେ ଅତିରିକ୍ତ ୧୫% ଇନସେଣ୍ଟିଭ ମିଳିଥାଏ। ଜନ ଔଷଧ କେନ୍ଦ୍ର ଖୋଲିବାକୁ ମୋଦି ସରକାର ତିନିଟି ଶ୍ରେଣୀ କରିଛନ୍ତି। ପ୍ରଥମ ଶ୍ରେଣୀରେ ଯେକୌଣସି ବ୍ୟକ୍ତି, ବେକାର ଫାର୍ମାସିଷ୍ଟ, ଡାକ୍ତର କିମ୍ବା ଅବସରପ୍ରାପ୍ତ ମେଡିକାଲ କର୍ମୀ ଏହି କେନ୍ଦ୍ର ଆରମ୍ଭ କରପାରିବେ। ସେହିପରି ଦ୍ୱିତୀୟ ଶ୍ରେଣୀରେ ଟ୍ରଷ୍ଟ, ଏନଜିଓ, ଘରୋଇ ହସ୍ପିଟାଲ, ଏସଏଚଜି ଗ୍ରୁପକୁ ଏବଂ ତୃତୀୟ ଶ୍ରେଣୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚୟନ କରାଯାଇଥିବା ଏଜେନ୍ସିଙ୍କୁ ମଧ୍ୟ ଏହି କେନ୍ଦ୍ର ଖୋଲିବାକୁ ଅନୁମତି ମିଳିଥାଏ।

# ପ୍ରତିରକ୍ଷା ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବେ ସରକାର

**ନୂଆଦିଲ୍ଲୀ,୨୧।୩:** ପ୍ରତିରକ୍ଷା କ୍ଷେତ୍ରର ତିନୋଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ସରକାର ପୁଞ୍ଜି ପ୍ରତ୍ୟାହାର କରିବେ ବୋଲି ସୂଚନା ମିଳିଛି। ଏହି ଉଦ୍ୟୋଗଗୁଡ଼ିକ ହେଲା ବିଇଏମ୍ଏଲ୍ ଲିମିଟେଡ, ଗାର୍ଡେନ୍ ରିଚ୍ ସିପ୍ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ (ଜିଆର୍ଏସ୍ଇ) ଏବଂ ମିଶ୍ର ଧାତୁ ନିଗମ ଲିମିଟେଡ (ମିଧାନି)। ଏହିସବୁ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କେବେ ଶେଷ ହେବ ତାହା ବଜାର ସ୍ଥିତି ଉପରେ ନିର୍ଭର କରୁଛି ବୋଲି ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ ରାଜ୍ୟ ସଭା ସଦସ୍ୟ ଡ. ଶାନ୍ତନୁ ସେନ୍ଙ୍କ ପ୍ରଶ୍ନର ଉତ୍ତରରେ ଏହା ସୂଚନା ଦେଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ସରକାର ପ୍ରତିରକ୍ଷା କ୍ଷେତ୍ରର ୬ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ନିଜର ଅଂଶଧନ ହ୍ରାସ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ନିଜର ନିୟନ୍ତ୍ରଣ ବଜାୟ ରଖିବା ସହିତ ସରକାର ସଂଖ୍ୟାଲଘୁ ଅଂଶଧନ ବିକ୍ରି ନୀତି କାର୍ଯ୍ୟକାରୀ କରୁଛନ୍ତି। ଏହି ନୀତି ଆଧାରରେ ଏସବୁ ଉଦ୍ୟୋଗର ଅଂଶଧନ ବିକ୍ରି କରାଯାଇଛି ବୋଲି ନାଏକ ମତବ୍ୟକ୍ତ କରିଛନ୍ତି।

GOVERNMENT OF ODISHA

**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**

e-Mail-eerwss_mal@nic.in, eerwssmlkg@gmail.com

**INVITATION FOR BIDS**

**NATIONAL COMPETITIVE BIDDING**

**Bid Identification No.: RWSS_MKG_ONLINE_06/2020-21 Dated: 17.03.2021**

No.O-1267:- The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/ MES/ Railways according to the norm of "e" Procurement system in online mode for the works detailed in the table below to be eventually drawn up on turnkey basis (i.e. with design and execution).

1. Name of the work : Execution of 06 (Six) Nos. RPWS scheme under Malkangiri District.
2. No. of work : 06 Nos.
3. Estimated cost : Rs.15.82 Lakhs to Rs.115.89 Lakhs
4. Tender paper cost : Rs.6,000/- to Rs.10,000/-
5. Class of contractor :

| Estimated cost up to Rs.20.00 lakhs | Estimated cost more than Rs.20.00 lakhs & within Rs.40.00 lakhs | Estimated cost more than Rs.40.00 lakhs & within Rs.300.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of completion : 03 (Three) to 08 (Eight) calendar months
7. Critical dates :

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Date of opening of bid |
|---|---|---|---|---|---|
| | | From | To | | |
| Executive Engineer, RWS&S Division, Malkangiri | RWSS_MKG_ ONLINE_06 of 2020-21 | 24.03.2021 at 09.00 A.M. | 07.04.2021 upto 05.00 P.M. | 05.04.2021 | 08.04.2021 at 11.00 A.M. |

Further details can be seen in the bidding documents, which is available in the e-procurement portal https://www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

OIPR-25044/11/0007/2021

**Sd./- Superintending Engineer, RWS&S Division, Malkangiri**

# ଭାରତରେ ହ୍ରାସ ପାଉଛି ସୁନା ଆମଦାନୀ

ନୂଆଦିଲ୍ଲୀ,୨୧।୩

ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ଦେଶର ସୁନା ଆମଦାନୀ ୩%ରୁ ଊର୍ଦ୍ଧ୍ୱ ହ୍ରାସ ପାଇଥିବା ସୂଚନା ମିଳିଛି। ଫଳରେ ସୁନା କାରବାର କ୍ଷେତ୍ରରେ ବ୍ୟାପକ ଚାହିଦା ହ୍ରାସ ପାଇଥିଲା। ମହାମାରୀ ଯୋଗୁ ସବୁ ବର୍ଗର ଲୋକ ପ୍ରଭାବିତ ହୋଇଛନ୍ତି ଏପରି କି ଆର୍ଥିକ ସମସ୍ୟାର ସାମ୍ନା କରିବାକୁ ପଡିଛି। ଏଥିଯୋଗୁ ମଧ୍ୟ ସୁନାର ଚାହିଦା ମୁତାବକ କାରବାର ହୋଇ ନ ପାରିବା କାରଣରୁ ଦେଶରେ ଏହାର ଚାହିଦା ହ୍ରାସ ହୋଇଥିବା ଅନୁମାନ କରାଯାଉଛି। ଚଳିତ ଆର୍ଥିକ ବର୍ଷର ୨୦୨୦ ଏପ୍ରିଲରୁ ୨୦୨୧ ଫେବୃୟାରୀ ମଧ୍ୟରେ ଭାରତର ସୁନା ଆମଦାନୀ ୩.୩ % ହ୍ରାସ ପାଇ ୨୬.୧୧



ବିଲିୟନରେ ପହଞ୍ଚିଛି। ପୂର୍ବ ବର୍ଷ (୨୦୧୯-୨୦) ଏହି ସମାନ ସମୟ ମଧ୍ୟରେ ଭାରତ ୨୭ବିଲିୟନ ଡଲାର ମୂଲ୍ୟର ସୁନା ଆମଦାନୀ କରିଥିଲା ବୋଲି ସୂଚନା ମିଳିଛି। ଦେଶର ସୁନା ଆମଦାନୀ ହ୍ରାସ ପାଇଥିବାରୁ ତାହା ଚଳନ୍ତି ଖାତା ଅନୁସାରେ ଆବଶ୍ୟକ ନିଅଣ୍ଟ ଓ ବାଣିଜ୍ୟ ନିଅଣ୍ଟ ହ୍ରାସ କରିବାରେ ମଧ୍ୟ ସହାୟକ ହେବ। ଗତ ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୮୪.୬୨ ବିଲିୟନ ଡଲାରକୁ ହ୍ରାସ ପାଇଛି। ସେହିଭଳି ପୂର୍ବ ବର୍ଷ (୨୦୧୯-୨୦) ସେହି ସମୟରେ ୧୫୧.୩୭ ବିଲିୟନ ଡଲାର ରହିଥିଲା। ସୂଚନାଯୋଗ୍ୟ ଯେ, ଭାରତ ହେଉଛି ବିଶ୍ୱର ବୃହତ୍ତମ ସୁନା ଆମଦାନୀକାରୀ ଦେଶ। ଭାରତ ତା'ର ସୁନା ଆବଶ୍ୟକତାର ଅଧିକାଂଶ ଭାଗ ବିଦେଶରୁ ଆମଦାନୀ କରିଥାଏ। ଦେଶରେ ସୁନାର ଚାହିଦା ବୃଦ୍ଧି କରିବାକୁ ସରକାର ଗତ ବଜେଟରେ ସୁନା ଉପରୁ ଆମଦାନୀ ଶୁଳ୍କ ୭.୫% ହ୍ରାସ କରିଥିଲେ। ସେହି ସମୟରେ ସରକାର ସୁନା ଉପରେ କୃଷି ଓ ଭିତ୍ତିଭୂମି ସେସ୍ ଲାଗୁ କରିଥିଲେ।




ବିଶ୍ୱର ବିଳାସମୟ କାର୍ ମଧ୍ୟରୁ ବେଣ୍ଟଲି ଅନ୍ୟତମ। ଶନିବାର ଭୁବନେଶ୍ୱରଠାରେ ଏହାର ଦୁଇଟି ନୂଆ ଉତ୍ପାଦ ନ୍ୟୁ ବେଣ୍ଟଲି ବେଣ୍ଟେଗା ଓ ଅଲ୍ ନ୍ୟୁ ବେଣ୍ଟଲି ଫ୍ଲାଇଙ୍ଗ ସ୍ପରକୁ ଉନ୍ମୋଚନ କରାଯାଇଛି। ଦେଶର ୧୩ଟି ସହରରେ ଏକ୍ସକ୍ଲୁସିଭ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହି ଲକ୍ସୁରି ଗାଡ଼ିର ରୋଡ୍ ଶୋ କରାଯାଇଛି। ଏକ୍ସକ୍ଲୁସିଭ ମୋଟର୍ସ ଭାରତରେ ବେଣ୍ଟଲି ମୋଟର୍ସର ସ୍ୱୀକୃତିପ୍ରାପ୍ତ ସହଯୋଗୀ। ଏହାର ମୂଲ୍ୟ ୪ କୋଟିରୁ ଊର୍ଦ୍ଧ୍ୱ ରହିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୫% ମହଙ୍ଗା ହେବ ବିମାନ ଭଡ଼ା



**ନୂଆଦିଲ୍ଲୀ,୨୧।୩:** କରୋନା ମହାମାରୀ ଯୋଗୁ ବିମାନ ସେବା ବ୍ୟାପକ ଭାବରେ ଗତ କିଛି ମାସ ହେବ ପ୍ରଭାବିତ ହୋଇଛି। ସେହିଭଳି ଯାତ୍ରୀ ସେବା ଓ ଅନ୍ତର୍ଜାତୀୟ ଉଡାଣ ବନ୍ଦ କାରଣରୁ ବିଭିନ୍ନ କମ୍ପାନୀ ଅନେକ କ୍ଷତି ସହିଥିବା ଜଣାପଡିଛି। ସେହିପରି ଯାତ୍ରୀ ସଂଖ୍ୟା ହ୍ରାସ ଏବଂ ବିମାନ ଇନ୍ଧନ (ଏଟିଏଫ୍) ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସରକାର ଯାତ୍ରୀ ଭଡ଼ାର ସର୍ବନିମ୍ନ ମୂଲ୍ୟରେ ୫% ବୃଦ୍ଧି କରିବା ପାଇଁ ଘୋଷଣା କରିଛନ୍ତି। ଫଳରେ ବର୍ତ୍ତମାନ ସମୟରେ ଘରୋଇ ବିମାନ ଉଡ଼ାଣ ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ଅର୍ଥ ଦେବାକୁ ପଡିବ ବୋଲି ସୂଚନା ମିଳିଛି। ଗତ କିଛିଦିନ ହେଲା ଦେଶରେ ୨ୟ ଲହର କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ସରକାର ବିମାନ ଯାତ୍ରୀଙ୍କ ସଂଖ୍ୟାକୁ ହ୍ରାସ କରିବା ସହ କରୋନା ନିୟମାବଳୀକୁ କଡ଼ାକଡ଼ି କରିଛନ୍ତି। ସରକାର ବିମାନରେ ୮୦% ଯାତ୍ରୀଙ୍କୁ ନେବା ପାଇଁ ବିମାନ ସେବା ପ୍ରଦାନକାରୀ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି; ଯାହାକୁ କମ୍ପାନୀଗୁଡିକ ବଳବତ୍ତର ରଖିଛନ୍ତି। ତେବେ ଗୋଟିଏ ମାସରେ ଯଦି ୩ ଥର ଦେଶରେ ଯାତ୍ରୀ ପରିବହନ ସଂଖ୍ୟା ୩.୫ ଲକ୍ଷ ଟପିବ ତା' ହେଲେ ସରକାର ୧୦୦% ସିଟରେ ଯାତ୍ରୀ ପରିବହନ ପାଇଁ ଅନୁମତି ପ୍ରଦାନ କରିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି।

### ଏଲ୍ଆଇସି ମାଚ୍ୟୁରିଟି କାଗଜପତ୍ର ସର୍ବତ୍ର ଗ୍ରହଣୀୟ

भारतीय जीवन बीमा निगम
LIFE INSURANCE CORPORATION OF INDIA

**ନୂଆଦିଲ୍ଲୀ,୨୧।୩:** ଦେଶର ଅଗ୍ରଣୀ ଓ ସରକାରୀ ଜୀବନ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁସାରେ ଦେଶର ଅଗଣିତ ଗ୍ରାହକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଫଳରେ ଏହାର ଗ୍ରାହକ ଏଲ୍ଆଇସିର ମ୍ୟାଚ୍ୟୁରିଟି ପଲିସି ପେମେଣ୍ଟ ପାଇଁ ଆବଶ୍ୟକ କାଗଜପତ୍ର ଦେଶର କୌଣସି ବି ଶାଖାରେ ଜମା କରିପାରିବେ କିନ୍ତୁ ମ୍ୟାଚ୍ୟୁରିଟି ଦାବିର ପ୍ରକ୍ରିୟା ମୂଳ ଶାଖାରେ କରାଯାଇପାରିବ ବୋଲି ଏଲ୍ଆଇସି ପକ୍ଷରୁ ଏଇ ନିକଟରେ ଟୁଇଟ୍ ଦ୍ୱାରା କୁହାଯାଇଛି। ଏଲ୍ଆଇସି ପକ୍ଷରୁ ସୂଚନା ଦିଆଯାଇଛି ଯେ ପଲିସିଧାରୀ ପଲିସିର ମ୍ୟାଚ୍ୟୁରିଟି ଉପରେ ଦାବି କରିବାର ଦସ୍ତାବିଜ ସମଗ୍ର ଦେଶରେ ନିଜର ନିକଟତମ କୌଣସି ବି ଏଲ୍ଆଇସି କାର୍ଯ୍ୟାଳୟରେ ମାସ ଶେଷସୁଦ୍ଧା ଜମା କରିପାରିବେ। ଏଲ୍ଆଇସିର ଏହି ଘୋଷଣା ପରେ ସବୁ ପଲିସିଧାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଫଳରେ ଯାହାର ପଲିସି ମ୍ୟାଚ୍ୟୁରିଟି ହୋଇସାରିଛି କିନ୍ତୁ ସେ ଅନ୍ୟତ୍ର ରହିଛନ୍ତି ଏହାଦ୍ୱାରା ଗ୍ରାହକଙ୍କ ଦାବି ଓ କାଗଜପତ୍ର ଅନୁସାରେ ମ୍ୟାଚ୍ୟୁରିଟି ଦାବିର ସମସ୍ତ ପ୍ରକ୍ରିୟା ମୂଳ ଶାଖାକୁ ସ୍ଥାନାନ୍ତର ହୋଇଯିବ। ବର୍ତ୍ତମାନ ଦେଶରେ ମୋଟ ୧୧୩ ଡିଭିଜନାଲ ଅଫିସ୍,୨,୦୪୮ ଶାଖା ଓ ୧୫୨୬ ସହ ଶାଖା କାର୍ଯ୍ୟ କରୁଛି। ଏହା ବ୍ୟତୀତ ଏହାର ୭୪ଟି କଷ୍ଟମର ଜୋନ୍ ରହିଛି। ଏଠାରେ ମଧ୍ୟ ପଲିସିଧାରୀଙ୍କଠାରୁ ମ୍ୟାଚ୍ୟୁରିଟି ସମ୍ବନ୍ଧିତ ଫର୍ମ ସ୍ୱୀକାର କରାଯିବ। ଗ୍ରାହକ କୌଣସି ବି ଶାଖାରେ ପଲିସିର ମ୍ୟାଚ୍ୟୁରିଟି ହେବା ପରେ ଦାବି ପତ୍ର ଜମା କରିପାରିବେ। ଏଲ୍ଆଇସିରେ ବର୍ତ୍ତମାନ ୨୯ କୋଟିରୁ ଊର୍ଦ୍ଧ୍ୱ ପଲିସିଧାରୀ ଅଛନ୍ତି।

# ଅମ୍ବାନୀଙ୍କ ସମ୍ପତ୍ତି ବୃଦ୍ଧି

ମୁମ୍ବାଇ,୨୧।୩

ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପୁଣି ଥରେ ବିଶ୍ୱର ଶୀର୍ଷ ୧୦ ଜଣ ଧନୀ ବ୍ୟକ୍ତି ତାଲିକାରେ ସାମିଲ ହୋଇଛନ୍ତି। ରିଲାଏନ୍ସ କମ୍ପାନୀର ଶେୟାର ମୂଲ୍ୟ ଗତ ଶୁକ୍ରବାର ବ୍ୟାପକ ଭାବରେ ବୃଦ୍ଧି ପାଇଥିବା ଯୋଗୁ ମୁକେଶଙ୍କ ନିଟ୍ ସଂପତ୍ତି ୩.୦୩ ବିଲିୟନ ଡଲାର ବା ୨୨ ହଜାର କୋଟି ଟଙ୍କା ବଢି ନିଟ୍ ସଂପତ୍ତି ୮୧ ବିଲିୟନ ଡଲାରରେ ପହଞ୍ଚିଛି। ବ୍ଲୁମବର୍ଗ ବିଲିୟନେୟାର୍ସ ସୂଚୀ ଅନୁଯାୟୀ ମୁକେଶ ବିଶ୍ୱର ୧୦ ଶ୍ରେଷ୍ଠ ଧନୀ ବ୍ୟକ୍ତି ତାଲିକାରେ ପୁନର୍ବାର ସ୍ଥାନ ପାଇପାରିଛନ୍ତି। ଚଳିତବର୍ଷ ମୁକେଶଙ୍କ ନିଟ୍ ସଂପତ୍ତିରେ ୪.୩୨ ବିଲିୟନ ଡଲାର ବୃଦ୍ଧି ଘଟିଛି। ଶୁକ୍ରବାର ବିଏସଇରେ ରିଲାଏନସ୍ର ଶେୟାର ମୂଲ୍ୟ ୩.୬୦% ବୃଦ୍ଧି ଘଟି ୨୦୮୧.୯୦ ଟଙ୍କାରେ ବନ୍ଦ ହୋଇଛି। ଫଳରେ ରିଲାଏନ୍ସର ବଜାର ପୁଞ୍ଜି ୧୩୪୧୮୦୫.୦୯ କୋଟି ଟଙ୍କାରେ ପହଞ୍ଚିଛି। ପୂର୍ବରୁ ୨୦୨୦ ସେପ୍ଟେମ୍ବର ୧୬ରେ ରିଲାଏନ୍ସର ଶେୟାର ମୂଲ୍ୟ ରେକର୍ଡ ୨୩୬୯ ଟଙ୍କା ଛୁଇଁଥିଲା।



ସେହି ସମୟରେ ରିଲାଏନ୍ସର ବଜାରପୁଞ୍ଜି ୧୬ ଲକ୍ଷ କୋଟି ଟଙ୍କା ଟପିଯାଇଥିଲା। ଫଳରେ ମୁକେଶଙ୍କ ନିଟ୍ ସଂପତ୍ତି ୯୦ ବିଲିୟନ ଡଲାର ଛୁଇଁଥିଲା; ଯାହାଦ୍ୱାରା ମୁକେଶ ବିଶ୍ୱର ଚତୁର୍ଥ ଧନୀ ପାଲଟି ଯାଇଥିଲେ। ନଭେମ୍ବରଠାରୁ କ୍ରମାଗତ ଭାବେ ରିଲାଏନ୍ସର ଶେୟାର ମୂଲ୍ୟ ହ୍ରାସ ପାଇଥିଲା। ଫଳରେ ମୁକେଶ ଧନୀ ତାଲିକାରୁ ମଧ୍ୟ ସେହି ଅନୁସାରେ ତଳକୁ ଖସିଥିଲେ। ସେହିପରି ଆଦାନି ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନି ଏହି ତାଲିକାର ୨୫ତମ ସ୍ଥାନରେ ରହିଛନ୍ତି। ତାଙ୍କର ନିଟ୍ ସଂପତ୍ତି ୫୦.୧ ବିଲିୟନ ଡଲାର ରହିଛି।

## ଏପ୍ରିଲରେ ଲମ୍ବା ବ୍ୟାଙ୍କ ଛୁଟି

ଭୁବନେଶ୍ୱର,୨୧।୩

ମାର୍ଚ୍ଚମାସ ପରି ଏପ୍ରିଲ ମାସରେ ମଧ୍ୟ ବ୍ୟାଙ୍କଗୁଡ଼ିକରେ ଲମ୍ବା ଛୁଟି ରହିଛି। ଏହି ସବୁ ଛୁଟି ବିଭିନ୍ନ ରାଜ୍ୟର ପର୍ବ ଓ ଜାତୀୟ ଛୁଟି ଅନୁସାରେ ଏପ୍ରିଲ ମାସରେ ବ୍ୟାଙ୍କ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଦିନ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଜଣାପଡିଛି। ଫଳରେ ଦେଶବ୍ୟାପୀ ବ୍ୟାଙ୍କ ସେବା ପ୍ରଭାବିତ ହେବାର ଅନେକ ଆଶଙ୍କା ରହିଛି। ଏହି ଛୁଟି ଗୁଡ଼ିକ ମଧ୍ୟରୁ ୮ଟି ଛୁଟି ବିଭିନ୍ନ ପର୍ବପର୍ବାଣୀ ପାଇଁ ରହିଥିବାବେଳେ ଏପ୍ରିଲ ପହିଲାରେ ବ୍ୟାଙ୍କର ବାର୍ଷିକ ଛୁଟି ରହିଛି। ସେହିପରି ୪ଟି ରବିବାର ଓ ୨ୟ ଓ ୪ର୍ଥ ଶନିବାର ଯୋଗୁଁ ୬ଦିନ ବ୍ୟାଙ୍କ ବନ୍ଦ ରହିବ। ଏପ୍ରିଲ ୨ରେ ଗୁଡ ଫ୍ରାଇଡେ ଯୋଗୁଁ ସାରା ଦେଶରେ ବ୍ୟାଙ୍କ ଛୁଟି ରହିବ। ୫ରେ ବାବୁ ଜଗଜ୍ଜିବନ ରାମ ଜୟନ୍ତୀ ଯୋଗୁଁ ହାଇଦ୍ରାବାଦରେ ବ୍ୟାଙ୍କ ବନ୍ଦ ରହିବ। ୧୩ରେ ଗୁଡ଼ି ପର୍ବ ଯୋଗୁଁ ମହାରାଷ୍ଟ୍ର ସମେତ କେତେକ ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ୧୪ରେ ଓଡ଼ିଶା ସମେତ ତାମିଲନାଡୁରେ ନବ ବର୍ଷ ଏବଂ ପଞ୍ଜାବରେ ବୈଶାଖି ଓ ଡ. ବାବାସାହେବ ଆମ୍ବେଦକର ଜୟନ୍ତୀ ଯୋଗୁଁ ବ୍ୟାଙ୍କ ଛୁଟି ରହିବ। ୧୫ ଓ ୧୬ରେ ଯଥାକ୍ରମେ ବଙ୍ଗଳା ନବବର୍ଷ ଓ ଆସାମରେ ବିହୁ ଯୋଗୁଁ ବ୍ୟାଙ୍କ ବନ୍ଦ ରହିବ। ସେହିପରି ଏପ୍ରିଲ ୨୧ ରେ ଶ୍ରୀରାମ ନବମୀ ଜାତୀୟ ଛୁଟି ଦିବସ ଯୋଗୁଁ ବ୍ୟାଙ୍କ ବନ୍ଦ ରହିବ।

# ସେପ୍ଟେମ୍ବର ୩୦ରୁ ୨୪ ଘଣ୍ଟା ମଧ୍ୟରେ କ୍ଲିୟର ହେବ ଚେକ୍

ନୂଆଦିଲ୍ଲୀ,୨୧।୩

ପ୍ରତିଦିନ ଗ୍ରାହକଙ୍କୁ କୌଣସି ନା କୌଣସି ଉପାୟରେ ବିଭିନ୍ନ ବର୍ଗର ଠକ ଠକେଇ କରୁଛନ୍ତି। ଏହି ସମସ୍ୟା ବ୍ୟାଙ୍କ ସେବା ସହ ଜଡିତ ଥିବାରୁ ଗ୍ରାହକମାନେ ମଧ୍ୟ ଅନେକାଂଶରେ ବ୍ୟାଙ୍କକୁ ଦୋଷ ଦେଇଥାନ୍ତି। ସେହିଭଳି ଚେକ୍ ଜରିଆରେ ମଧ୍ୟ ବଡ ବଡ ଠକେଇ ଏବଂ ଟିକସ ଫାଙ୍କି ଭଳି ଘଟଣା ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନଜରକୁ ଆସିଛି। ତେବେ ଗ୍ରାହକଙ୍କୁ ଏଭଳି ଅସୁବିଧାରୁ ମୁକ୍ତ କରିବା ପାଇଁ ଆରବିଆଇ ଚେକ ଟ୍ରାନକେସନ ସିଷ୍ଟମ ଲାଗୁ କରିବାକୁ ଯୋଜନା କରୁଛି। ଚେକ୍ ଟ୍ରାନକେସନ ସିଷ୍ଟମ ବା ସିଟିଏସ୍ ଚେକ୍ କ୍ଲିୟର କରିବାର ଏକ ପ୍ରକ୍ରିୟା ହୋଇଥାଏ। ଆଉ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ବ୍ୟାଙ୍କରେ




ଏହା ଲାଗୁ କରିବାକୁ ଆରବିଆଇ ଲକ୍ଷ୍ୟ ରଖିଛି। ଏହି ପ୍ରକ୍ରିୟା ଲାଗୁ ହେବା ଦ୍ୱାରା ଚେକ୍ କ୍ଲିୟରାନ୍ସ ପ୍ରକ୍ରିୟା ଆହୁରି ସରଳ ହୋଇଯିବ। ଚେକ୍ ଟ୍ରାନକେସନ ସିଷ୍ଟମ ଚେକ୍କୁ କ୍ଲିୟରିଂ କରିବାର ଏକ ପ୍ରକ୍ରିୟା ହୋଇଥିବା ବେଳେ ଚେକ୍ ଅନ୍ୟ ବ୍ୟାଙ୍କକୁ ପଠାଯାଇ ନ ଥାଏ। ଚେକ୍ର ଏକ ଫଟୋ କପି ହିଁ ଅନ୍ୟ ବ୍ୟାଙ୍କକୁ ପଠାଯାଇଥାଏ। ଫଳରେ ସମୟ ଓ ସମ୍ବଳ ରକ୍ଷା ସହ ଗ୍ରାହକଙ୍କ ଚେକ୍ କ୍ଲିୟର ହୋଇଯାଇଥାଏ । ଗ୍ରାହକ ବ୍ୟାଙ୍କରେ କୌଣସି ଚେକ୍ ଦେଉଥିଲେ ଏହା କ୍ଲିୟର ହେବାକୁ ୨ରୁ ୩ ଦିନ ସମୟ ଲାଗୁଥିଲା। ଅନେକାଂଶରେ ସେହିଦିନ ହିଁ ଚେକ୍ କ୍ଲିୟର ହୋଇଯାଉଥିବା ବେଳେ ଅନେକ ସମୟରେ ବିଭିନ୍ନ ସମସ୍ୟା କାରଣରୁ ଚେକ୍ କ୍ଲିୟର ହେବାକୁ କିଛିଦିନ ମଧ୍ୟ ସମୟ ଯାଇଥାଏ। ଏହି ପ୍ରଣାଳୀ ଜରିଆରେ ଚେକ୍ କ୍ଲିୟର କରିବା ପାଇଁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ କାହାକୁ ଯିବାକୁ ପଡିବ ନାହିଁ। କେବଳ ଏହାର ଇଲେକ୍ଟ୍ରୋନିକ୍ସ ଇମେଜ ଉକ୍ତ ବ୍ୟାଙ୍କକୁ ପଠାଯାଇଥାଏ; ଯେଉଁଥିରେ କାମ ଶୀଘ୍ର ଓ ସହଜ ହୋଇଯାଏ। ଆଉ ଏଥିପାଇଁ ଚେକ୍ କ୍ଲିୟର ହେବାକୁ ୨୪ ଘଣ୍ଟାରୁ ମଧ୍ୟ କମ ସମୟ ଲାଗେ। ସେହିପରି ଏହା ଦ୍ୱାରା ନକଲି ଚେକ୍କୁ ମଧ୍ୟ ରୋକାଯାଇପାରିବ। ଚେକ୍ ଟ୍ରାନକେସନ ସିଷ୍ଟମରେ ଚେକ୍ର ଭେରିଫିକେସନ ବହୁତ ସହଜ ହୋଇଥିବା ବେଳେ ଏହା ଜରିଆରେ ଚେକ୍ ଠକେଇ କମିଯାଇଥାଏ।

**PANCHAYAT SAMITI OFFICE, BIJATALA**

**E-Mail ID-ori-bijatola@nic.in**

**TENDER CALL NOTICE**

No.708/2021 Dt.17.03.2021

ANNEXURE-I

No.i-87:- The Block Development Officer, Bijatala on behalf of Government of Odisha invites sealed tenders (Percentage Rate) in conformity with the DTCN are invited from the 'D'/'C' Class contractors registered with the State Govt. for execution of works under Panchayat Samiti, Bijatala as per **Annexure-I of DTCN**. The tender document **(DTCN & BOQ)** can be obtained from the O/o the Block Development Officer, Bijatala from **Dt.22.03.2021 to 30.03.2021 till 3.00 P.M.** The tender document **(DTCN & BOQ)** duly signed by the contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Bijatala payable at "BIJATALA" from any Nationalized Bank and NSC/KVP/Time Deposit duly pledged. The tender document **(DTCN & BOQ)** should accompanied with requisite tender paper cost in shape of Demand Draft drawn in favour of BDO, Bijatala payable at "BIJATALA" from any Nationalized Bank. The tenders will be received upto **Dt.30.03.2021 till 3.00 P.M.** and addressed to the Block Development Officer, Bijatala, Mayurbhanj, 757048 through **Registered/Speed Post/Hand dropping** in tender box kept at Block Office, Bijatala on 30.03.2021 till 5.00 P.M. in working day on payment of cost of bid documents in shape of Demand Draft (Non-refundable) issued from any Nationalized Bank drawn in favour of the Block Development Officer, Bijatala payable at Bijatala or may be deposited by cash at Block Office, Bijatala. The tender is scheduled to be opened on **Dt.31.03.2021 at 11.00 A.M.** at Block Conference Hall, O/o the Block Development Officer, Bijatala, Mayurbhanj, (757048) in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Website (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the work | Amount put to the tender cost in Rs. | EMD @ 1% in Rs. | Cost of tender paper (In Rs.) | Class of contractors | Period of completion |
|---|---|---|---|---|---|---|
| 1 | Construction of New Model AWC at Asansikal under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 2 | Construction of New Model AWC at Jamuti under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 3 | Construction of New Model AWC at Balarampur under Luhasila GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 4 | Construction of New Model AWC at Dunguisahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 5 | Construction of New Model AWC at Dungurisahi (Mundhakati) under Mundathakara GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 6 | Construction of New Model AWC at Sitalasahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 7 | Construction of New Model AWC at Bantali (M.T.) under Mundathakra GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 8 | Construction of New Model AWC at Baduakacha under Sargada GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 9 | Construction of New Model AWC at Tikarapada-II under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 10 | Construction of New Model AWC at Khadiasahi under Badjharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 11 | Construction of New Model AWC at San-Belpahali under Raihari GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 12 | Construction of New Model AWC at Kunjakocha udner Manikpur GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 13 | Construction of New Model AWC at San-Jharan under Badjhran GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 14 | Construction of New Model AWC at Khadiasole under Bijatala GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 15 | Construction of New Model AWC at Damudigoda under Mundathakura GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 16 | Construction of New Model AWC at Kuali under Madheikuchha GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 17 | Construction of New Model AWC at Vajidihi under Sargada GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 18 | Construction of New Model AWC at Rangamatia under Chadheipahadi GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 19 | Construction of New Model AWC at Sadaksahi (Bhalujodi) under Badjharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 20 | Construction of New Model AWC at Dungurisahi (Pithakutuni) under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 21 | Construction of New Model AWC at Birkhan under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 22 | Construction of New Model AWC at Chanpaal under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 23 | Construction of New Model AWC at Kalajhari under Luhasila GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 24 | Construction of New Model AWC at Tulasibani under Chadheipahadi GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 25 | Construction of New Model AWC at Burudisahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |

**Terms and conditions:**

1. The sale and receipt of bid documents shall available from the O/o the Block Development Officer, Bijatala from 22.03.2021 to 30.03.2021 and sale closed on 30.03.2021 at 5.00 P.M. during working day (Except Sunday & Holiday) on payment of cost of bid documents in shape of Demand Draft (Non-refundable) issued from any Nationalized Bank drawn in favour of the Block Development Officer, Bijatala payable at Bijatala or may be deposited by cash at Block Office, Bijatala.
2. The tenderers are requested to submit the tender documents on or before the last date of receipt of tender paper.
3. The tenderers are requested to submit an affidavit in support of "No Relation" Certificate (not below the rank of Assistant Engineer).
4. The tender paper will be received address to O/o the Block Development Officer, Bijatala, Mayurbhanj, 757048 through Registered post/ Speed Post/ Hand dropping in tender box at Block Office, Bijatala on 30.03.2021 till 3.00 P.M. in working day. Sealed paper must be accompanied with self attested copy of (i) Valid Contract Licence, (ii) Valid GSTIN clearance certificate, (iii) Valid PAN card, (iv) Money receipt of DTCN (Tender copy) shall be enclosed in original, (v) Signed copy of DTCN and price bid duly filled in and signed by the tenderer and requisite EMD @1% of the amount put to tender in shape of NSC/KVP/POTD/Time Deposit of any Nationalized Bank duly pledged in favour of the Block Development Officer, Bijatala. Affidavit about the authentication of tender documents. The with part of EMD/un-pledged EMD on other shape and invalid PAN card/GSTIN certificate will be rejected. The tenderers must to be writing in capital letter (TENDER PAPER with NAME OF THE WORK) on the right side top of the envelope containing the tender documents.
5. The bids received will be opened at the conference hall O/o the Block Development Officer, Bijatala in presence of the tenderers or their authorized agents on the scheduled date, time and venue as mentioned below.

a. Date of sale of tender paper from 22.03.2021 to 30.03.2021 upto 3.00 P.M. during working day.
b. Last date of receipt of tender paper on same day i.e. 30.03.2021 till 3.00 P.M. during working day.
c. Date and time of opening of the tender paper is 31.03.2021 at 11.00 A.M.
d. If the office happens to be closed on the date of receipt/opening of the bids as specified the bids will be received / opened on the next working day at the same time and venue.

6. Transfer or adjustment of EMD & ISD amoutn with other works will not be entertained.
7. The authority will not be responsible for any postal delay even if dispatched before due date.
8. Excess bid amount quoted by the bidders if any, in respect of any work shall not be accepted.
9. The successful tenderer quoting less than the amount put to tender has to deposit the differential amount i.e. (Tender schedule amount - (minus) his / her tendered amount) in shape of NSC/KVP/POTD/Bank Deposit receipt of any Nationalized Bank duly pledged in favour of the Block Development Officer, Bijatala at the time of agreement.
10. The authority reserves the right to reject any / all tenders without assigning any reason thereof.

**Sd./- Block Development Officer, Bijatala**

OIPR-19103/11/0001/2021

# କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଅମୃତଭଣ୍ଡା



ଅମୃତଭଣ୍ଡା ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ କହିବା ବାହୁଲ୍ୟ। ଏଥିରେ ଏପରି ତତ୍ତ୍ୱ ରହିଛି ଯାହା ଶରୀର ଭିତରେ କୋଲେଷ୍ଟରଲକୁ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏହା ବେଶ୍ ସହାୟକ ହୋଇଥାଏ। କାରଣ ଏଥିରେ ଭିଟାମିନ୍ 'ଏ' ଏବଂ 'ସି' ଭରି ରହିଛି। ଏହା ବ୍ୟତୀତ ଥଣ୍ଡା, ଜ୍ୱର, କାଶ ହେଉଥିବା ବ୍ୟକ୍ତିଙ୍କ ପାଇଁ ଏହା ବେଶ୍ ଉପକାରୀ। ନିୟମିତ ଅମୃତଭଣ୍ଡା ଖାଇଲେ ତାହା ହୃଦ୍‌ରୋଗଜନିତ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। କୋଷ୍ଠକାଠିନ୍ୟ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ତା' ସହ ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ ଅମୃତଭଣ୍ଡା।



# କିଡ୍‌ନୀ ସମସ୍ୟା

କିଡ୍‌ନୀ ସମସ୍ୟାର କାରଣ ସମ୍ପର୍କରେ ଆମେ ଅବଗତ ହେବା ନିହାତି ଜରୁରୀ। କାରଣ ବେଳେବେଳେ କେତେଜଣ ଏହାର ଲକ୍ଷଣ ବିଷୟରେ ଅବଗତ ନ ଥାନ୍ତି। ଯେତେବେଳେ ସମସ୍ୟା ଗୁରୁତର ହୁଏ ସେତେବେଳେ ସେମାନେ ଡାକ୍ତରଙ୍କର ପରାମର୍ଶ ନେଇଥାଆନ୍ତି। ହେଲେ ଏହି ସମୟରେ ରୋଗ ଏପରି ଆକାର ଧାରଣ କରିଥାଏ ଯେ ନିୟମିତ ସମୟ ଅନ୍ତରାଳରେ କିଡ୍‌ନୀ ଡାଏଲିସିସ କରିବାକୁ ପଡିଥାଏ। ଏପରି କି କେତେକ ରୋଗୀ ଏଥିଯୋଗୁଁ ଅକାଳରେ ମୃତ୍ୟୁବରଣ କରିଥାଆନ୍ତି। କିଡ୍‌ନୀ ସମସ୍ୟାର ପ୍ରମୁଖ କାରଣ ହେଲା-ପରିସ୍ରା କମ୍ ହେବା, ଦୁର୍ବଳ ଲାଗିବା, ବାନ୍ତି ଲାଗିବା, ପାଦ ଫୁଲିଯିବା, ଅଜୀର୍ଣ୍ଣ ହେବା ଏବଂ ଭୋକ ନ ହେବା। ଯଦି ଆପଣ ଡାଇବେଟିସ୍ ରୋଗୀ ଏବଂ ଆପଣଙ୍କ ଶରୀରରେ ସୁଗାର (ଶର୍କରା) ସବୁବେଳେ ଅସନ୍ତୁଳିତ ରହୁଛି ତେବେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ ପରୀକ୍ଷା ଦ୍ୱାରା ଡାକ୍ତର ଏ ସମ୍ପର୍କରେ ଅବଗତ ହୋଇ ତାହାର ଚିକିତ୍ସା କରିଥାଆନ୍ତି। ଯଦି ଆପଣ ଏପରି ସମସ୍ୟା ସହ ଜଡିତ ତେବେ ଡାକ୍ତରଙ୍କ ସହ ନିୟମିତ ଯୋଗାଯୋଗରେ ରହି ଚିକିତ୍ସିତ ହୁଅନ୍ତୁ।



# ହୃଦ୍‌ଘାତ ଜାଣିବାର ନୂଆ ଉପାୟ



ହୃଦ୍‌ଘାତ (ହାର୍ଟ ଆଟାକ) ଜାଣିବାର ଏକ ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ହୃଦ୍‌ରୋଗ ବିଶେଷଜ୍ଞମାନେ। ଏ ସମ୍ପର୍କିତ ଏକ ଗବେଷଣାରୁ ସେମାନେ ଜାଣିପାରିଛନ୍ତି ଯେ, ଏହାର ବଂଶାନୁଗତ ସମ୍ପର୍କ ରହିଛି। ଅର୍ଥାତ୍, ଯଦି ପରିବାରର କୌଣସି ସଦସ୍ୟଙ୍କ ପୂର୍ବରୁ ହୃଦ୍‌ଘାତ ହୋଇଥାଏ ତେବେ ଭବିଷ୍ୟତରେ ସେହି ପରିବାରର ଅନ୍ୟ ସଦସ୍ୟମାନେ ଏପରି ସ୍ୱାସ୍ଥ୍ୟଜନିତ ସସମ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ ପରିବାରର ଇତିହାସକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ସେମାନେ ଏପରି ତଥ୍ୟ ଜାଣିବାକୁ ପାଇଥିଲେ। ଗବେଷଣା ପରିସରଭୁକ୍ତ ପ୍ରାୟ ୪୫,୦୦୦ ପରିବାର ମଧ୍ୟରୁ ପାଖାପାଖି ୫ ପ୍ରତିଶତ ପରିବାର ସଦସ୍ୟଙ୍କଠାରେ ଏପରି ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।



# ଜଳର ମହତ୍ତ୍ୱ



ଡା. ନିତ୍ୟାନନ୍ଦ ସ୍ୱାଇଁ

> "ପୃଥିବୀର ପାଖାପାଖି ୭୦ ଶତାଂଶ ଜଳରେ ଢାଙ୍କି ହୋଇ ରହିଛି। ତଥାପି ବି ଜଳର ଅନଟନ। କାରଣ ପୃଥିବୀରେ ରହିଥିବା ମୋଟ ଜଳର ୯୭ ପ୍ରତିଶତ ଜଳବନ୍ଦୀ ହୋଇ ରହିଛି ସମୁଦ୍ରରେ। ଏହି ଜଳ ଲୁଣିଆ ହୋଇଥିବାରୁ ବ୍ୟବହାର ନିମନ୍ତେ ଅଯୋଗ୍ୟ।"

ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱ ଜଳ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...




**ବିଶ୍ୱ ଜଳ ଦିବସ :** ଜଳ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱ ଜଳ ଦିବସ'। ଏହି ଦିବସ ପାଳନ କରିବାର ପ୍ରଧାନ ଉଦ୍ଦେଶ୍ୟ ହେଲା ଜଳ ପ୍ରଦୂଷଣ ନିବାରଣ ଏବଂ ଜଳ ସଂରକ୍ଷଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ତଥା ଏହି କାର୍ଯ୍ୟରେ ସକ୍ରିୟ ସହଯୋଗ ପାଇଁ ସେମାନଙ୍କୁ ଅନୁପ୍ରାଣିତ କରିବା। ଚଳିତ ବର୍ଷ ବିଶ୍ୱ ଜଳ ଦିବସ ଉପଲକ୍ଷେ ମିଳିତ ଜାତିସଂଘର ବାର୍ତ୍ତା ବା ପ୍ରସଙ୍ଗ ହେଉଛି 'Valuing Water' ବା 'ଜଳର ମହତ୍ତ୍ୱ ବୁଝି ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ'।

**ଜଳ ହିଁ ଜୀବନ :** ଅନେକେ ହୁଏତ ଜାଣି ନ ଥିବେ ଯେ ତୈଳ ସଙ୍କଟଠାରୁ ପୃଥିବୀରେ ଜଳ ସଙ୍କଟ ବେଶି ଗୁରୁତର। ତୈଳ ବିନା ଜୀବନ ହାନି ଘଟିବନି। କିନ୍ତୁ ଜଳ ବିନା ଜୀବନହାନି ଅବଶ୍ୟମ୍ଭାବୀ। ପୁନଶ୍ଚ ତୈଳର ବିକଳ୍ପ ଅଛି, ହେଲେ ଜଳର ବିକଳ୍ପ ନାହିଁ। ଜଳ ବିନା ବଞ୍ଚିରହିବା ଆଦୌ ସମ୍ଭବ ନୁହେଁ। ଆଶ୍ଚର୍ଯ୍ୟର କଥା ଯେ ପୃଥିବୀର ପାଖାପାଖି ୭୦ ଶତାଂଶ ଜଳରେ ଢାଙ୍କି ହୋଇ ରହିଛି। ତଥାପି ବି ଜଳର ଅନଟନ। କାରଣ ପୃଥିବୀରେ ରହିଥିବା ମୋଟ ଜଳର ୯୭ ପ୍ରତିଶତ ଜଳବନ୍ଦୀ ହୋଇରହିଛି ସମୁଦ୍ରରେ। ଏହି ଜଳ ଲୁଣିଆ ହୋଇଥିବାରୁ ବ୍ୟବହାର ନିମନ୍ତେ ଅଯୋଗ୍ୟ। ଅବଶିଷ୍ଟ ୩ ଶତାଂଶ ମଧୁର ଜଳ ଏବଂ ତା'ର ବେଶିଭାଗ ରହିଛି ପର୍ବତଗୁଡ଼ିକର ହିମବାହରେ, ମେରୁ ଅଞ୍ଚଳରେ ଜମିଥିବା ବରଫ ଆକାରରେ ଏବଂ ମାଟିତଳେ ଭୂତଳ ଜଳ ଭାବରେ। ମଧୁର ଜଳର ଶତକଡ଼ା ମାତ୍ର ୧.୨ ଭାଗ ନଦୀ, ହ୍ରଦ ଓ ପୁଷ୍କରିଣୀ ତଥା କୂପଗୁଡ଼ିକରେ ଅଛି, ଯାହା ମଣିଷର ବ୍ୟବହାରରେ ଲାଗିଥାଏ। ଅବଶ୍ୟ ସମ୍ପ୍ରତି ଭୂତଳ ଜଳର ବ୍ୟବହାର ବଢ଼ିବଢ଼ି ଚାଲିଛି। ବିଶ୍ୱରେ ଜଳ ଅଭାବର ପଶ୍ଚାତରେ ରହିଥିବା ପ୍ରଧାନ କାରଣ ହେଉଛି ଜଳ ପ୍ରଦୂଷଣ। ସୁତରାଂ ଏହାର ପ୍ରଦୂଷଣ ଓ ଅପଚୟକୁ ନ ରୋକିଲେ ଜଳର ଅଭାବ ଦୂର କରିବାର କୌଣସି ଆଶା ନାହିଁ।

**ଶରୀର ପାଇଁ ଜଳର ଗୁରୁତ୍ୱ :** ଜୀବନ ଧାରଣ ପାଇଁ ଅମ୍ଳଜାନ ପରେ ଜଳର ସ୍ଥାନ। ଶରୀରର ଯଥେଷ୍ଟ ଚର୍ବି ବା ସ୍ନେହସାର କମିଗଲେ ବିଶେଷ କିଛି କ୍ଷତି ହୁଏ ନାହିଁ। ଶରୀରୁ ଅଧାଅଧି ପୁଷ୍ଟିସାର କମିଗଲେ ବି ଶରୀର ତାକୁ ଚଳେଇନିଏ। କିନ୍ତୁ ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକଭାଗ ବା ୨୦ ପ୍ରତିଶତ ହ୍ରାସ ପାଇଗଲେ ସଂକଟାପନ୍ନ ହୋଇପଡ଼େ ଜୀବନ। ଏପରିକି ଉପୁଜିପାରେ ମୃତ୍ୟୁ ଭଳି ପରିଣାମ। ତେଣୁ ଜଳ ନିୟନ୍ତ୍ରଣ ପାଇଁ ଶରୀରରେ ରହିଛି ପର୍ଯ୍ୟାପ୍ତ ପ୍ରାକୃତିକ ବ୍ୟବସ୍ଥା।

**ଜଳର କାମ :** ଶରୀରରେ ରକ୍ତ, ମୂତ୍ର, ଲୁହ, ଲାଳ, ପିତ୍ତ ଓ ପାଚକରସ ଆଉ ଯେତେସବୁ ତରଳ ପଦାର୍ଥ ରହିଛି ଜଳ ହିଁ ସେଗୁଡ଼ିକର ମୂଳ ଉପାଦାନ। ସେଗୁଡ଼ିକୁ ତିଆରି କରିବା ପାଇଁ ଜଳ ଅପରିହାର୍ଯ୍ୟ। ଶରୀରରେ ଅହରହ ସଂଘଟିତ ହୋଇଚାଲିଛି ଜୈବରାସାୟନିକ କ୍ରିୟା। ସେସବୁ ସଂଘଟିତ ହୋଇଥାଏ ଜଳ ମାଧ୍ୟମରେ। କେତେକ ଜୈବରାସାୟନିକ ପ୍ରକ୍ରିୟାରେ ଜଳ ମଧ୍ୟ ଏକ ଉପାଦାନ ରୂପେ ବିନିଯୋଗ ହୁଏ। ଶରୀରସ୍ଥ ପ୍ରତ୍ୟେକ କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ ଏବଂ ଔଷଧ ଆଦି ପହଞ୍ଚେଇବାରେ ଜଳ ଏକ ବାହକ ରୂପେ କାର୍ଯ୍ୟକରେ। ଶରୀରେ ତାପମାତ୍ରା ନିୟନ୍ତ୍ରଣ କରିବା ଜଳର ଅନ୍ୟତମ କାର୍ଯ୍ୟ। ଉଦାହରଣ ସ୍ୱରୂପ ଜ୍ୱର ହେଲେ ତାକୁ କମେଇବା ପାଇଁ ଦେହରୁ ଝାଳ ବହେ ଓ ଝାଳବାଟେ ଶରୀରରୁ ତାପ ବାହାରି ଯିବାରୁ ଜ୍ୱର ଓହ୍ଲେଇବା ସହଜ ହୋଇଥାଏ। ପରିସ୍ରା ଓ ଝାଳ ଭଳି ଜଳୁଆ ମାଧ୍ୟମ ଦ୍ୱାରା ନିଷ୍କାସିତ ହୋଇଥାଏ ଶରୀର ପାଇଁ ଅଦରକାରୀ ବର୍ଜ୍ୟ ଉପାଦାନ। ଗଣ୍ଠିଭିତରେ ଜଳ ରହିଥିବାରୁ ଗଣ୍ଠିଗୁଡ଼ିକ ସୁରୁଖୁରୁରେ ଚଳପ୍ରଚଳ ହୋଇପାରେ।

**ଶରୀରରେ ଜଳ ରହିଛି କେଉଁଠି :** ଶରୀରଟି ଜଳରେ ଗଢ଼ା ବୋଲି କହିଲେ କିଛି ଭୁଲ୍ ହେବ ନାହିଁ। କାରଣ ଆମ ଦେହର ଓଜନ ପାଇଁ ତା'ର ପାଖାପାଖି ୬୦ପ୍ରତିଶତ ହେଉଛି କେବଳ ଜଳର ଓଜନ। ପୁଣି ସମୁଦାୟ ଜଳର ୩ ଭାଗରୁ ୨ ଭାଗ ଥାଏ ଶରୀରର ସମସ୍ତ କୋଷିକା ଭିତରେ ଓ ୧ ଭାଗ ଥାଏ କୋଷିକା ଗୁଡ଼ିକର ବାହାରେ। ଆମ ଦେହ ଭିତରେ ଯେତେ ରକ୍ତ ପ୍ରବାହିତ ହେଉଛି, ତା'ର ଅଧାଅଧି ହେଉଛି କେବଳ ଜଳ।

**ଶରୀର ଭିତରେ ଜଳର ମାତ୍ରା ନିୟନ୍ତ୍ରଣ ହୋଇଥାଏ କିପରି :** ଜଳ ପିଇବା ଏବଂ ଚା, କଫି, ସରବତ, ଫଳରସ, ପାଣି, ଡାଲି, ତରକାରି ତଥା ଅନ୍ୟାନ୍ୟ ଖାଦ୍ୟ ମାଧ୍ୟମରେ ଦିନମାନ ଭିତରେ ଶରୀର ଯେତିକି ପରିମାଣର ଜଳ ପାଇଥାଏ ସେତିକି ପରିମାଣର ଜଳ ଶରୀର ଭିତରୁ ବାହାରି ନିଷ୍କାସିତ ହୋଇଗଲେ, ଏହି ଅବସ୍ଥାକୁ 'ଜଳ ନିୟନ୍ତ୍ରିତ ଅବସ୍ଥା' ବୋଲି କୁହାଯାଏ। ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ଦୈନିକ ଅତିକମ୍‌ରେ ୨-୩ ଲିଟର ବା ପାଖାପାଖି ଅଢ଼େଇ ଲିଟର ଜଳ ପିଇବା ଜରୁରୀ। କାରଣ ଏହାଦ୍ୱାରା ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଆମେ ପିଉଥିବା ଜଳର ସମାନ ପରିମାଣ ଶରୀରରୁ ପରିସ୍ରା ଏବଂ ଝାଳ ଆକାରରେ ମୁଖ୍ୟତଃ ନିଷ୍କାସିତ ହୋଇଥାଏ ଏବଂ ଏହାର ଦୈନିକ ପରିମାଣ ହେଉଛି ଦେଢ଼ରୁ ଦୁଇ ଲିଟର। ପରିସ୍ରା ବ୍ୟତୀତ ଜଳ ମଧ୍ୟ ଦେହରୁ ବାହାରି ଯାଏ ଝାଳ, ମଳରେ ଓ ନିଃଶ୍ୱାସ ବାୟୁରେ। ଜାଣି ରଖିବା ଦରକାର ଯେ ଶରୀରରେ ଜଳ ସନ୍ତୁଳନ ରକ୍ଷା ନିମନ୍ତେ ପ୍ରକୃତି ପର୍ଯ୍ୟାପ୍ତ ବ୍ୟବସ୍ଥା ଖଞ୍ଜିଛି। ଉଦାହରଣ ସ୍ୱରୂପ ଆମ ପ୍ରତ୍ୟେକଙ୍କ ମସ୍ତିଷ୍କରେ ରହିଛି ତୃଷାକେନ୍ଦ୍ର। ଶରୀରରେ ଜଳର ପରିମାଣ କମିଗଲେ ତୃଷାକେନ୍ଦ୍ର ଏହି ଖବରପାଇ ସକ୍ରିୟ ହୋଇଉଠେ। ଫଳରେ ଆମକୁ ଶୋଷ କରେ ଏବଂ ଜଳ ପିଇଦେଲେ ଏହି ଖବର ତୃଷାକେନ୍ଦ୍ର ନିକଟରେ ପହଞ୍ଚି ଏହାକୁ ଶାନ୍ତ କରିଦିଏ ଏବଂ ଆମର ଶୋଷ ମରିଯାଏ।

-'ଅଭୀପସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୮୩୨୮୯୭୫୧୧୮



# ଜଳସୁରକ୍ଷା ଓ ସୁସ୍ଥ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ପ୍ରକୃତି ଓ ପରିବେଶକୁ ସୁରକ୍ଷା ନିମନ୍ତେ 'ଜଳ' ହିଁ ମୁଖ୍ୟ ଉପାଦାନ । ଜଳ ବିନା ଉଦ୍ଭିଦ ଓ ପ୍ରାଣୀ ଜଗତ ତଥା ମନୁଷ୍ୟ ସଭ୍ୟତା ପୃଥିବୀ ପୃଷ୍ଠରେ ତିଷ୍ଠିରହିବା ଅସମ୍ଭବ ।

ସାଧାରଣତଃ ଆମେ ପ୍ରାକୃତିକ ଉପାୟରେ ବୃଷ୍ଟିପାତ ହେତୁ ଏବଂ ଭୂଗର୍ଭରୁ-ଏପରି ଦୁଇ ପ୍ରକାର ମାଧ୍ୟମରେ ଜଳ ପାଇଥାଉ । ଉକ୍ତ ଜଳକୁ ସାଇତି ରଖିବା ଓ ଦୂଷିତ ହେବାରୁ ରକ୍ଷା କରି ଏହାକୁ ସଦ୍‌ବିନିଯୋଗ କରିବା ନିମନ୍ତେ ଆମେ ସର୍ବଦା ଯତ୍ନବାନ ହେବା ଜରୁରୀ। କିନ୍ତୁ ଆମେ ଜଳକୁ ଅଯଥା ଅପଚୟ କରିବା ସହ ବେଳେବେଳେ ପିଇବା ପାଇଁ ଆସୁଥିବା ପାଣି ଟ୍ୟାପ୍‌କୁ ଖୋଲା ରଖିଦେଇଥାଉ, ଯଦ୍ୱାରା ବହୁ ସମୟଧରି ଜଳ ଅଯଥା ପ୍ରବାହିତ ହୋଇଥାଏ। ଜଳ ଆମର ପ୍ରାକୃତିକ ସମ୍ପଦ। ଏହାକୁ ସୁରକ୍ଷା ଦେବାସହ ପରିଷ୍କାର ପରିଚ୍ଛନ୍ନତା ତଥା ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ସବୁ ବର୍ଗର ଜନସାଧାରଣ ଉଦ୍ୟମ ଜାରି ରଖିବା ଉଚିତ । ଯଦ୍ୱାରା ଭୂଗର୍ଭରୁ ଆମେ ସ୍ୱଚ୍ଛ ଓ ପରିଷ୍କାର ଜଳ ପାଇବା ସହ ସୁସ୍ଥ ଜୀବନ ବିତାଇପାରିବା । ସ୍ୱଚ୍ଛଜଳହିଁ ସୁସ୍ଥଜୀବନପାଇଁ ଅପରିହାର୍ଯ୍ୟ। ଏଥିପାଇଁ ଜଳ ସମ୍ପଦକୁ ସୁରକ୍ଷା ଦେବା, ଭୂଗର୍ଭରୁ ସ୍ୱଚ୍ଛ ଜଳ ପାଇବା ସହ ସୁସ୍ଥ ଜୀବନ ବିତାଇବା ଲାଗି ସର୍ବସାଧାରଣଙ୍କୁ ସଚେତନତା କରିବା ନିମନ୍ତେ ୧୯୯୩ ମସିହାଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୨ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବେ ପାଳନ କରାଯାଇ ଆସୁଅଛି। ଏହି ଦିବସକୁ ଭାରତରେ ମଧ୍ୟ ଆମେ ଆନୁଷ୍ଠାନିକ ଭାବେ ପାଳନ କରିଆସୁଛେ। ଜଳକୁ ସଦ୍‌ବିନିଯୋଗ କରିବା, ଅପଚୟ ନ କରିବା, ଜଳାଶୟକୁ ଦୂଷିତ ମୁକ୍ତ, ସ୍ୱଚ୍ଛ ଓ ପରିଷ୍କାର ରଖିବା ଦ୍ୱାରା ହିଁ ପ୍ରତିବର୍ଷ ପାଳନ କରାଯାଉଥିବା ବିଶ୍ୱ ଜଳ ଦିବସର ମହତ୍ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଏହାଦ୍ୱାରା ଆମେ ଦୈନନ୍ଦିନ ବ୍ୟାବହାର ନିମନ୍ତେ ସ୍ୱଚ୍ଛଜଳ ପାଇପାରିବା। ଏହାକୁ ସେବନ କରି ବିଭିନ୍ନ ରୋଗରୁ ରକ୍ଷା ପାଇବା ଓ ସୁସ୍ଥ ତଥା ଦୀର୍ଘାୟୁ ହୋଇପାରିବା। ସ୍ୱଚ୍ଛଜଳ ହିଁ ଶରୀର ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ସହାୟକ ହୋଇଥାଏ। ଆମେ ସୁଷମ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଇବା ଦରକାର। କାରଣ ସୁସ୍ଥ ରହିବା ପାଇଁ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ଜରୁରୀ। ଦୂଷିତ ଜଳ ସେବନ ଶରୀରରେ ରୋଗ ସୃଷ୍ଟିର ମୂଳକାରଣ । ଜଳକୁ ସାଇତି ରଖିବା ପାଇଁ ନଦୀର ଜଳକୁ ବନ୍ଧାଇ ରଖିବା, ପ୍ରବାହିତ ଜଳକୁ ବନ୍ଧ ବାନ୍ଧିବା, ବର୍ଷାଦିନେ ଜଳକୁ ସାଇତି ରଖିବା ତଥା ବର୍ଷା ଜଳକୁ ଘରର ଛାତ ଉପରେ ବିଭିନ୍ନ ଉପାୟରେ ସଂରକ୍ଷିତ କରି ସଦ୍‌ବିନିଯୋଗ କରିବା ହିଁ ବିଶ୍ୱ ଜଳ ଦିବସର ମୂଳ ଉଦ୍ଦେଶ୍ୟ । ତେଣୁ ଆମେ ସମସ୍ତେ ମାନସିକ ସ୍ତରରେ ଏକାଠି ହୋଇ ହାତକୁ ହାତ ମିଶାଇ ଜଳକୁ ପରିଷ୍କାର ଏବଂ ସ୍ୱଚ୍ଛ ରଖିବା ନିମନ୍ତେ ବିଶ୍ୱ ଜଳ ଦିବସ ଅବସରରେ ଶପଥ ନେବା, ଯଦ୍ୱାରା ବର୍ତ୍ତମାନ ଓ ଆଗାମୀ ପିଢ଼ି ପାଇଁ ଜଳ ସୁରକ୍ଷା ନିମନ୍ତେ ସଚେତନତା ବାର୍ତ୍ତା ସମସ୍ତେ ପାଇପାରିବା ସହ ବିଶ୍ୱ ଜଳ ଦିବସ ପାଳନର ଅସଲ ଉଦ୍ଦେଶ୍ୟ ପୂରଣ ହୋଇ ପାରିବ।





-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

# ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରକୁ ଭିଟାମିନ୍ 'ଡି' ଅନେକ ମାତ୍ରାରେ ମିଳିଥାଏ।
- ସାଧାରଣତଃ ଗ୍ରୀଷ୍ମ ଋତୁରେ ଆମେ ପାଣି ପିଇବା ପ୍ରତି ସତର୍କ ରହିବା ଆବଶ୍ୟକ। କାରଣ ଏହି ସମୟରେ ଶରୀରରେ ଜଳୀୟ ଅଂଶ କମିଗଲେ ତାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।
- ଆଜିକାଲି ବଜାରରେ ଅନେକ ପ୍ରକାର ଫୁଡ୍ ସପ୍ଲିମେଣ୍ଟ ଉପଲବ୍ଧ। ହେଲେ ଏଗୁଡିକୁ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ରକ୍ତଚାପଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ (ବ୍ଲଡପ୍ରେସର) କେତେ ରହୁଛି ତାହା ମାପି ନିଅନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ସମ୍ମାନିତ ହେବେ ୫ ଅମ୍ପାୟର



ସତ୍ୟେନ୍ଦ୍ର ମହାନ୍ତି, କଲ୍ୟାଣ ରାୟ ଚୌଧୁରୀ, ସୁବ୍ରତ ଦାସ, ଅରୁଣ ବାସା ଓ ସତ୍ୟପ୍ରସାଦ ରଥ।

**ଭୁବନେଶ୍ୱର, ୨୧।୩(କ୍ରୀଡ଼ା ପ୍ରତିନିଧି)** ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଏପ୍ରିଲ ୪ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନ ଓସିଏ ପ୍ୟାନେଲର ୫ ସିନିୟର ଅମ୍ପାୟରଙ୍କୁ ସମ୍ବର୍ଦ୍ଧିତ କରାଯିବ। ସମସ୍ତଙ୍କୁ ସୌମ୍ୟରଞ୍ଜନ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ଏସ୍‌ଜେଏସ୍‌ଏର ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏହି ଅମ୍ପାୟରମାନେ ହେଲେ ସୁବ୍ରତ ଦାସ, ଅରୁଣ କୁମାର ବାସା (ଉଭୟେ ସମ୍ବଲପୁର), କଲ୍ୟାଣ କୁମାର ରାୟ(କଟକ), ସତ୍ୟପ୍ରସାଦ ରଥ (ରାଉରକେଲା) ଓ ସତ୍ୟେନ୍ଦ୍ର ମୋହନ ମହାନ୍ତି (ପୁରୀ)। ଚଣ୍ଡିପ୍ରସନ୍ନ ମହାପାତ୍ର, ପବିତ୍ର ପ୍ରଧାନ, ବିଭୁ ଶତପଥୀ, ଅକ୍ଷୟ ଚାନ୍ଦ, ବଲ୍ଲଭ ଚରଣ ସାହୁ, ଦକ୍ଷ ବ୍ରହ୍ମା ରାଉତରାୟଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଏମାନଙ୍କୁ ମନୋନୀତ କରିଥିଲେ। ସୂଚନାଯୋଗ୍ୟ ଯେ ୨୦୦୬ରେ ଓସିଏ ଏବଂ ୨୦୦୯ରେ ବିସିସିଆଇ ଲେଭଲ-୧ ଅମ୍ପାୟରଭାବେ ଉତ୍ତୀର୍ଣ୍ଣ ହୋଇଥିବା ସୌମ୍ୟରଞ୍ଜନ ଦାସ ୨୦୧୭ ଏପ୍ରିଲ ୨୬ରେ ସାକ୍ଷୀଗୋପାଳଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୧୯ରେ ପ୍ରଥମଥର ପାଇଁ ରମାକାନ୍ତ ମହାନ୍ତି, ବୁଲୁ ପଟ୍ଟନାୟକ, ପ୍ରବୀର ବିଶ୍ୱାସ, ଆଲୋକ ଦାସ ଓ ପବିତ୍ର ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

# ଛାତ୍ରାବାସ, ରେଲୱେ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଭୁବନେଶ୍ୱର, ୨୧।୩(କ୍ରୀଡ଼ା ପ୍ରତିନିଧି)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ) ରବିବାର ଅନୁଷ୍ଠିତ ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ, ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ ୨-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ବନ୍ୟା କବିରାଜ ୪୦ ଓ ସୁମିତ୍ରା ହେମ୍ବ୍ରମ ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସସ୍ମିତା ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ରେଲୱେ ଦଳ ୫-୦ ଗୋଲରେ ସାଇ-ଏସ୍‌ଟିସିକୁ ହରାଇ ଦେଇଛି। ଦଳ ପକ୍ଷରୁ ତାରା ଖାତୁନ ୫୨ ଓ ୯୦+୧ ମିନିଟରେ ୨ଟି, ଜଞ୍ଜାଳି ସାହୁ ୨୦, ସରୋଜିନୀ ତିର୍କୀ ୪୫ ଓ ଲାହାରି ମଙ୍ଗରାଜ ୮୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତାରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୩-୦ ଗୋଲରେ



କ୍ରୀଡ଼ା ଛାତ୍ରାବାସ-ଓଜିପି କ୍ଲବ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ**

ଓଡ଼ିଶା ପୋଲିସକୁ ହରାଇ ଦେଇଛି। ରାଇଜିଂ ପକ୍ଷରୁ ଅଧିନାୟିକା ସତ୍ୟବତୀ ଖାଡିଆ ୧୧ ଓ ୪୭ତମ ମିନିଟରେ ୨ଟି ଏବଂ ସୁମିତ୍ରା ଖାଲ୍‌କୋ ୮୮ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସତ୍ୟବତୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୪ ତାରିଖରେ ସାଇ ଏସ୍‌ଟିସି-ଓଜିପି, କ୍ରୀଡ଼ା ଛାତ୍ରାବାସ-ଓଡ଼ିଶା ପୋଲିସ ଏବଂ ରେଲୱେ-ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ସଚିବାଳୟ ଓପନ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

**ଭୁବନେଶ୍ୱର, ୨୧।୩ (ସ୍ପୋର୍ଟ୍ସ ବ୍ୟୁରୋ)** ଭୁବନେଶ୍ୱର ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ୟୁନିଟ-୧ ସ୍ଥିତ ଇନ୍‌ଡୋର ହଲ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଦ୍ୱାଦଶ ସେକ୍ରେଟାରିଏଟ୍ ଓପନ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଦୁଇଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୪୫ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନ ବର୍ଗରେ ଦେବଦୁର୍ଲଭ ଓ ମହେନ୍ଦ୍ର ଯୋଡି ଚାମ୍ପିୟନ ହୋଇଥିବା ବେଳେ ରମାକାନ୍ତ- ଉମାଶଙ୍କର ଯୋଡି ରନର୍ସଅପ୍ ହୋଇଥିଲେ। ସିନିୟର ପୁରୁଷ ଡବଲ୍ସରେ ମହେନ୍ଦ୍ର କୁମାର ବାରିକ ଓ ଦେବଦୁର୍ଲଭ ଦାସ ଟାଇଟଲ ହାସଲ କରିଛନ୍ତି। ସେହିପରି ଦୀପ ରଞ୍ଜନ ବିଶୋଇ- ରାଜେଶ ଦାସ ରନର୍ସଅପ ହୋଇଥିଲେ।

ଇନ୍‌ଭିଟେଶନାଲ ଡବଲ୍ସ ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ





ପୁରସ୍କୃତ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଚନ୍ଦୁ- ଚାରିଆ ଚାମ୍ପିୟନ ହୋଇଥିବା ବେଳେ ଚିତ୍ତରଞ୍ଜନ ଶତପଥୀ ଓ ଅଗ୍ନିରିଜ ରାୟ ରନର୍ସଅପ ବିବେଚିତ ହୋଇଥିଲେ। ସେହିପରି ମହିଳା ବର୍ଗ ପ୍ରତିଯୋଗିତାରେ ମଧୁସ୍ମିତା ଓ ଆଶ୍ୱସ୍ତି ପ୍ରଧାନ ଯୋଡି ଟାଇଟଲ ହାସଲ କରିଥିଲେ ଓ ପ୍ରୀତି- ଭାନୁ ଯୋଡି ରନର୍ସ ଅପ ହୋଇଥିଲେ। ସଂଘର ପୂର୍ବତନ ସଭାପତି ଲଳିତ ମୋହନ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିରୂପେ ସଂଘର ପ୍ରତିଷ୍ଠାତା ସଭାପତି ବିନୋଦ କୁମାର ମିଶ୍ର କୃତୀ ଖେଳାଳିଙ୍କୁ ଟ୍ରଫି ସହ ୬୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର, ଉପ- ସଭାପତି ବିଶ୍ୱଜିତ୍ ମହାନ୍ତି, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଗେମ୍ ଡାଇରେକ୍ଟର ଶଶାଙ୍କ ମହାପାତ୍ର ଓ କୋଷାଧ୍ୟକ୍ଷ ବରେଣନାଥ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ରେଫରି ଶୁଭକାନ୍ତ ମହାନ୍ତି, ମନୋଜ କୁମାର ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ବିଜୟ

**ଲକ୍ଷ୍ନୌ, ୨୧।୩ (ପି.ଟି.):** ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୬ଉଇକେଟରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ବଲ୍‌ରେ ଶେଷ ହୋଇଥିବା ଏହି ମ୍ୟାଚରେ ଭାରତର ୧୫୮/୪ ସ୍କୋରକୁ ଭ୍ରମଣକାରୀ ଦଳ ୨୦ ଓଭରରେ ୪ ଉଇକେଟ ବିନିମୟରେ ଅତିକ୍ରମ କରିଯାଇଥିଲା। ଟପ୍ ସ୍କୋରର ଓପନର ଲିଜେଲ ଲି ୭୦ ଓ ଲାଉରା ଓଲ୍‌ଭାଡଟ୍- ୫୩ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳର ଓପନର ଶେଫାଳି ବର୍ମା ୪୭ ରନ (୩୧ ବଲ୍, ୬ ଚୌକା ଓ ୨ ଛକା) କରିଥିଲେ। ସେ ଓ ହାର୍ଲିନ ଦେଓଲ (୩୧) ତୃତୀୟ ଉଇକେଟରେ ୭୯ରନ ଯୋଗ କରିଥିଲେ। ରିଚା ଘୋଷ ଦଳର ଫିନିଶିଂ ଟଚ୍ ଦେଇଥିଲେ। ସେ ୨୬ ବଲରୁ ୪୪ ରନ କରି ଅପରାଜିତ ରହିଥିଲେ, ଯାହାଫଳରେ ଭାରତ ୧୫୦ ଅଙ୍କ ଅତିକ୍ରମ କରିପାରିଥିଲା।

# ଇଣ୍ଡିଆ ଲିଜେଣ୍ଡ୍ସ ଚାମ୍ପିୟନ

**ରାୟପୁର, ୨୧।୩:** ରୋଡ ସେଫ୍ଟି ୱାର୍ଲ୍ଡ ସିରିଜରେ ଇଣ୍ଡିଆ ଲିଜେଣ୍ଡ୍ସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ୧୪ ରନରେ ଶ୍ରୀଲଙ୍କା ଲିଜେଣ୍ଡ୍ସକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଣ୍ଡିଆ ୨୦ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରିଥିଲା। ଦଳ ତରଫରୁ ୟୁସୁଫ ପଠାନ ଅପରାଜିତ ୬୨, ଯୁବରାଜ ସିଂ ୬୦, ଅଧିନାୟକ ସଚିନ ତେନ୍ଦୁଲକର ୩୦, ବୀରେନ୍ଦ୍ର ସେହ୍ୱାଗ ୧୦ ରନ ସଂଗ୍ରହ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ରଙ୍ଗନା ହେରାଥ, ସନଥ ଜୟସୁରିୟା, ପରଭେଜ ମାହରୁଫ, କୌଶଲ୍ୟ ୱିରାରତ୍ନେ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଜବାବରେ ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନରେ ସୀମିତ ରହି ରନର୍ସଅପ୍ ହୋଇଛି। ଦଳ ତରଫରୁ ଜୟସୁରିୟା ୪୩, ତିଲକରତ୍ନେ ଦିଲସାନ ୨୧, ଚିନ୍ତାକା ଜୟସିଂଘେ ୪୦, ୱିରାରତ୍ନେ ୩୮ ରନ କରିଥିଲେ।

# ଏନ୍‌ଟିଏଚ ୧୯-୦ ଗୋଲରେ ବିଜୟୀ



ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ଓ ତାମିଲନାଡୁ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୨୧।୩(କ୍ରୀଡ଼ା ପ୍ରତିନିଧି)** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ଜୁନିୟର ବିଭାଗର ଗ୍ରୁପ 'ଏ' ମ୍ୟାଚରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏନଟିଏଚ୍) ୧୯-୦ ଗୋଲରେ ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ନେହା ଲାକ୍ରା ୨୨, ୨୫, ୨୭, ୨୯, ୪୦, ୪୫ ଓ ୫୧ତମ ମିନିଟରେ ଏକାକୀ ୭ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପି ମୋନିକା ଟପ୍ପୋ ୨ୟ ଓ ୫ମ, ଅଧିନାୟିକା ଜ୍ୟୋତି ଛତ୍ରୀ ୧୮ ଓ ୨୮, ନିକିତା ଟପ୍ପୋ ୧୨ ଓ ୪୧, କମଳା ସିଂ ୪୭ ଓ ୫୭ତମ ମିନିଟରେ ୨ଟି ଲେଖାଏ ଏବଂ ମାରୀ କଣ୍ଡୁଲାନା ୩୬, ସୁନୀତା ଖାଖା ୪୨, ମମତା କିଣ୍ଡୋ ୪୮ ଓ ନେହା ଟପ୍ପୋ

**ଜାତୀୟ ଏକାଡେମୀ ମହିଳା ହକି**

୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ 'ବି'ରେ ହର୍ ହକି ଏକାଡେମୀ ୧୧-୦ରେ ତାମିଲନାଡୁ ହକି ଏକାଡେମୀକୁ ହରାଇ ଦେଇଛି।

## ସବ୍‌ଜୁନିୟରରେ ୧୧-୦

ସବ୍‌ଜୁନିୟର ବିଭାଗର ପୁଲ୍ 'ବି' ମ୍ୟାଚରେ ଏନଟିଏଚ୍ ୧୧-୦ ଗୋଲରେ ତାମିଲନାଡୁ ହକି ଏକାଡେମୀକୁ ହରାଇ ଦେଇଛି। ଓଡ଼ିଶା ଦଳ ପକ୍ଷରୁ ଅସ୍ମିତା ରାଉତ ୨, ୪୩, ୬୦ ଓ ୫୪ତମ ମିନିଟରେ ୪ଟି, ଅଧିନାୟିକା ମୁନମୁନି ଦାସ ୨୫ ଓ ୫୫, ଡୋଲି ଭୋଇ ୧୧ ଓ ୫୩ତମ ମିନିଟରେ ୨ଟି ଲେଖାଏ ଏବଂ ସୁମି ମୁଣ୍ଡାରୀ ୧୮, ଇଲାନି ଟୁଟି ୨୯ ଓ ସୁପ୍ରିୟା କୁଜୁର ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏନଟିଏଚ୍ ଖେଳିଥିବା ୪ଟି ଯାକ ମ୍ୟାଚ ଜିତି ୧୨ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି। ପୁଲ୍ 'ଏ'ର ଏକ ମ୍ୟାଚରେ ସାଇ ଏକାଡେମୀ ୧୧-୦ ଗୋଲରେ ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନକୁ ହରାଇ ଦେଇଛି।

# ତରୁଣଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ପଞ୍ଜାବର ଲୁଧିଆନାଠାରେ ୧୧ତମ ସର୍ବଭାରତୀୟ ଜୁନିୟର ଦିବ୍ୟାଙ୍ଗ ଓ ମାଷ୍ଟର୍ସ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଦିବସରେ ମାଷ୍ଟର୍ସ ବିଭାଗ (୬୦ ବର୍ଷରୁ ଅଧିକ)ରେ ଓଡ଼ିଶାର ତରୁଣ କୁମାର ଚାଟାର୍ଜୀ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେହିପରି ୫୫କେଜି ବର୍ଗରେ ଓଡ଼ିଶାର ରିଙ୍କୁ ନାୟକ ୫ମ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ତରୁଣ ତାଙ୍କ ଯୁବକ ଅବସ୍ଥାରେ ରାଜ୍ୟ ଓ ରାଜ୍ୟ ବାହାରେ ବହୁବାର ତାଙ୍କ ଓଜନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବର୍ତ୍ତମାନ ସେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ତରୁଣଙ୍କ ସଫଳତା ପାଇଁ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆରଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ତରୁଣ କୁମାର ଚାଟାର୍ଜୀ (ବାମ)।

# ଭାରତୀୟ ମହିଳା, ପୁରୁଷଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୧।୩(ପି.ଟି.):** ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ୧୦ମି ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଛି। ବିଶ୍ୱକପ୍‌ର ତୃତୀୟ ଦିନରେ ରବିବାର ଭାରତୀୟ ଦଳ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛି। ଯଶସ୍ୱିନୀ ସି ଦେସ୍‌ୱାଲ, ମନୁ ଭାକର ଓ ଶିରି ନିବେଦିତାଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ବିଜୟୀ ହୋଇଥିଲା। ପୋଲାଣ୍ଡକୁ ହରାଇ ମହିଳା ଦଳ ବିଜୟୀ ହୋଇଥିଲା। ଫାଇନାଲରେ ଭାରତୀୟ ମହିଳା ଦଳ ୧୬ ପଏଣ୍ଟ ହାସଲ କରିଥିଲା ଓ ଜୁଲିଟା ବୋରେକ, ଜୋଆନା ଆଓ୍ୱନା ୱାରଜୋନୋଓ୍ୱସ୍କାଙ୍କୁ ନେଇ ଗଠିତ ପୋଲାଣ୍ଡ ଦଳକୁ ହରାଇଥିଲା। ଯୁଥ ଅଲିମ୍ପିକ୍ସ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦଳ (ସୌରଭ ଚୌଧୁରୀ, ଅଭିଷେକ ବର୍ମା ଓ ଶାହାଜାର ରିଜ୍‌ଭି) ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛି। ଫାଇନାଲରେ ଭିଏତ୍‌ନାମକୁ ୧୭-୧୧ରେ ସହଜରେ ହରାଇ ଭାରତୀୟ ଦଳ ବାଜି ମାରିଛି।

# ଆଜିଠାରୁ ରସୁଲଗଡ଼ ପ୍ରିମିୟର ଲିଗ୍

**ଭୁବନେଶ୍ୱର, ୨୧।୩ (କ୍ରୀଡ଼ା ପ୍ରତିନିଧି):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୬ଷ୍ଠ ସଂସ୍କରଣ ଜିଜିପି ପଡ଼ିଆରେ ସୋମବାର ଆରମ୍ଭ ହେବ। ଏଥିରେ ୪ଟି ଦଳ ଭାଗନେବେ। ସେଗୁଡ଼ିକ ହେଲେ ମା' କୋଟିଲେଇ ଏକାଦଶ, ଜୟ ମା' ମଙ୍ଗଳା ଏକାଦଶ, ବ୍ରହ୍ମେଶ୍ୱର ଏକାଦଶ ଏବଂ ଗୋପୀନାଥ ଦେବ ଏକାଦଶ। ୪ ଦଳର ଅଧିନାୟକ ତୋଫାନ ରାଉତ, ମନୋରଞ୍ଜନ ଜୟସିଂ, ରଜତ ଜଗଦେବ ଓ ଦେବାଶିଷ ଜେନାଙ୍କ ଉପସ୍ଥିତିରେ ରବିବାର ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।





ଅଧିନାୟକମାନେ ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚନ କରୁଛନ୍ତି।

# ଖେଳାଳିଙ୍କ ପାଇଁ କ୍ରୀଡ଼ା ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୧।୩(କ୍ରୀଡ଼ା ପ୍ରତିନିଧି)** ଖେଳାଳିଙ୍କ କ୍ୟାରିୟର ଆଗକୁ ବଢ଼ାଇବାରେ କ୍ରୀଡ଼ା ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କ୍ରୀଡ଼ାବିତ୍- କ୍ରୀଡ଼ା ଖବରଦାତାଙ୍କ ସମ୍ପର୍କ କାରଣରୁ ରାଜ୍ୟରେ କ୍ରୀଡ଼ାର ବିକାଶ ଘଟିଛି ବୋଲି ରବିବାର କଟକସ୍ଥିତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓସ୍‌ଜା ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିମାନେ ଏକମତ ହୋଇଛନ୍ତି। ଅନ୍ୟପକ୍ଷରେ ବାର୍ଷିକ ଓସ୍‌ଜା ପୁରସ୍କାର ଆମମାନଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ମଧ୍ୟ ଖେଳାଳିମାନେ ସ୍ୱୀକାର କରିଛନ୍ତି। ରବିବାର ଏକ ଭାବପୂର୍ଣ୍ଣ ଉତ୍ସବରେ ଗତ ଦୁଇ ବର୍ଷର ଓସ୍‌ଜା ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଜୁନ ପୁରସ୍କାର ବିଜେତା ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ (୨୦୧୯) ଏବଂ ଓଡ଼ିଶାର ଦ୍ୱିତୀୟ ଚେସ୍ ଗ୍ରାଣ୍ଡମାଷ୍ଟର୍ ସ୍ୱୟମ୍ଭ ମିଶ୍ର (୨୦୨୦) ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଥିବାବେଳେ ସଫଳ ଖେଳାଳିରୁ ପ୍ରତିଷ୍ଠିତ ପ୍ରଶିକ୍ଷକ ପାଲଟିଥିବା ଦୁଇ ଆଥ୍‌ଲେଟିକ୍ସ ବ୍ୟକ୍ତିତ୍ୱ ପଞ୍ଚାନନ ଗନ୍ତାୟତ (୨୦୧୯) ଓ ଅରୁଣ ଦାସ (୨୦୨୦)ଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଉପରୋକ୍ତ ୪ ଜଣଙ୍କୁ ମାନପତ୍ର ସହ ୨୫,୦୦୦ ଟଙ୍କା ଲେଖାଏ ଅର୍ଥରାଶି, ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ପଞ୍ଚାନନଙ୍କ ଅନୁପସ୍ଥିତିରେ ତାଙ୍କ ସମ୍ପର୍କୀୟ ଭାଇ ଏହାକୁ ଗ୍ରହଣ କରିଥିଲେ। ଓସ୍‌ଜା ପକ୍ଷରୁ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ହୃଦୟନାଥ ଦାସ ଓ ଶ୍ୟାମାକାନ୍ତ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟଙ୍କ ଅନୁପସ୍ଥିତିରେ ତାଙ୍କ ପରିବାର ଲୋକ ଏହାକୁ ଗ୍ରହଣ କରିଥିଲେ। ଏହି ଅବସରରେ ଅର୍ଜୁନ ପୁରସ୍କାର ବିଜେତା ତଥା ପ୍ରମୋଦ ଭଗତଙ୍କ ଡବଲ୍ସ ସାଥି ମନୋଜ ସରକାରଙ୍କୁ ଓସ୍‌ଜା ସମ୍ବର୍ଦ୍ଧିତ କରିଥିଲା। ଓସ୍‌ଜା ସମ୍ପାଦକ ସସ୍ମିତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ



ଅତିଥିମାନେ ପ୍ରମୋଦ ଭଗତ, ସ୍ୱୟମ୍ଭ ମିଶ୍ର ଓ ଅରୁଣ ଦାସଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ପ୍ରମୋଦ, ସ୍ୱୟମ୍ଭ, ପଞ୍ଚାନନ, ଅରୁଣଙ୍କୁ ଓସ୍‌ଜା ପୁରସ୍କାର**

ବେହେରା, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର୍ ରାଜେନ୍ଦ୍ର ପ୍ରସାଦ ସିଂ, ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ ରବି, ଆୟୋଜନ କମିଟି ସମ୍ପାଦକ ସୁଶାନ୍ତ ମହାନ୍ତି ଅତିଥି ଥିଲେ। "ମୁଁ ଚେସ୍‌ରେ ଏତେବାଟ ଆସିଛି କେବଳ କ୍ରୀଡ଼ା ଖବରଦାତାଙ୍କ କାରଣରୁ। ୭ ବର୍ଷରୁ କମ୍ ବର୍ଗର ଏକ ଚେସ୍ ଶିବିର ସମ୍ପର୍କିତ ଖବର ପଢ଼ି ମୋ ମାମୁ ଭାଗନେବାକୁ କହିବା ପରେ ଏହି ଖେଳରେ ମୋ ପ୍ରବେଶ ହୋଇଥିଲା" ବୋଲି ନିଜ ପିଲାଦିନ ସ୍ମୃତିଚାରଣ କରି କହିଥିଲେ ଗ୍ରାଣ୍ଡମାଷ୍ଟର୍ ସ୍ୱୟମ୍ଭ। ଅନ୍ୟପକ୍ଷରେ ଅଲିମ୍ପିକ୍ ବର୍ଷରେ ଏହି ପୁରସ୍କାର ମୋତେ ଉତ୍ସାହିତ କରିଛି ବୋଲି କହିଥିଲେ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ। ମୁଖ୍ୟ ଅତିଥି ଆଶୀର୍ବାଦ ବେହେରା ଓସ୍‌ଜାର ଏକତାରେ ଅଭିଭୂତ ହୋଇ ଅଧିକ ସଂଘବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଂଘକୁ ଏକ ସ୍ଥାୟୀ ଗୃହ କଳିଙ୍ଗ ଷ୍ଟାଡିୟମରେ ପ୍ରଦାନ ଲାଗି ସେ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ। କ୍ରୀଡ଼ା ଖବରଦାତାଙ୍କ କାରଣରୁ ଜଣେ ଖେଳାଳିଙ୍କୁ ସମସ୍ତେ କୋଣ ଅନୁକୋଣରେ ଚିହ୍ନିପାରିଥାନ୍ତି ବୋଲି ରାଜେନ୍ଦ୍ର କହିଥିଲେ। ଖେଳାଳି ଜୀବନରେ ପ୍ରତିଟି ପାଦରେ ଓ କୃତିତ୍ୱରେ ଖେଳ ଖବରଦାତାଙ୍କ ଯୋଗଦାନକୁ ଅନ୍ୟତମ ଅତିଥି ଅନୁରାଧା ମଧ୍ୟ ସ୍ୱୀକାର କରିଥିଲେ। ପ୍ରକାଶଯୋଗ୍ୟ ଯେ, ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆର ଏକମାତ୍ର ଅନୁବନ୍ଧିତ ଓଡ଼ିଶା ସଂଘ 'ଓସ୍‌ଜା' ପକ୍ଷରୁ ୨୦୧୮ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ହେପ୍ଟାଥଲନ ତାରକା ପୂର୍ଣ୍ଣିମା ହେମ୍ବ୍ରମ୍, ହକି ତାରକା ଅମିତ ରୋହିଦାସ ପ୍ରଥମ ଦୁଇ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ ଫୁଟ୍‌ବଲ ବ୍ୟକ୍ତିତ୍ୱ ଦେବ ସିଂ, ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରଜ ଭୂଷଣ ମହାନ୍ତି 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ପୁରସ୍କାର ପାଇଥିଲେ।

**ଖସିଲା ଜଳନ୍ତା ଗ୍ରହପିଣ୍ଡ**

କ୍ୟୁବାରେ ଶନିବାର ରାତି ପ୍ରାୟ ୧୦ଟାରେ ଆକାଶରୁ ଏକ ଜଳନ୍ତା ଗ୍ରହପିଣ୍ଡ ପ୍ରଚଣ୍ଡ ଶବ୍ଦ କରି ଭୂପୃଷ୍ଠରେ ପଡ଼ିଛି। ଗ୍ରହପିଣ୍ଡର ଆଲୋକରେ ରାତି ବି ଦିନ ଭଳି ଆଲୋକିତ ହୋଇ ଉଠିଥିଲା। କୌଣସି କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ ହୋଇଥିବା ନେଇ ଲୋକେ ଭୟରେ ଆତଙ୍କିତ ହୋଇ ସାରା ରାତି ଉଜାଗର ରହିଥିଲେ। ରବିବାର ସକାଳେ କ୍ୟୁବାର ନ୍ୟାଶନାଲ ସେସ୍ମୋଲୋଜିକାଲ ସର୍ଭିସ(ଏନଏସଏସ) ପକ୍ଷରୁ ଏହା ଏକ ଗ୍ରହପିଣ୍ଡ ବୋଲି ସୂଚନା ଦିଆଯାଇଛି। ଗ୍ରହପିଣ୍ଡ କ୍ୟୁବାର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଭୟଙ୍କର ଭାବେ ଜଳି ଉଠିଥିଲା। ଶେଷରେ ଏହା ଭୂପୃଷ୍ଠରେ ଖସି ପଡ଼ିଥିବା ଏନଏସଏସ କହିଛି। ୨୦୧୯ରେ ମଧ ଏଭଳି ଏକ ବଡ଼ ଗ୍ରହପିଣ୍ଡ ଏଠାରେ ଖସିଥିଲା।

# ଦକ୍ଷିଣ ଭାରତୀୟ ଜଳଖିଆ ମହଙ୍ଗା

**ଦୀର୍ଘଦିନ ପରେ ମ୍ୟାନ୍‌ମାର ଦେଖିଥିଲା ଗଣତନ୍ତ୍ର ସରକାର। ହେଲେ ଏହା ବେଶି ଦିନ ତିଷ୍ଠିପାରିନି। ସେନାର ବଳପୂର୍ବକ କ୍ଷମତା ହାସଲ ପରେ ସବୁ ଗଣିତ ବଦଳିଯାଇଛି। ଗଣତନ୍ତ୍ର ବିରୋଧୀ ସେନା ଶାସନକଳ ଅକ୍ତିଆର କରିବା ପରେ ଭାରତ ସହ ବାଣିଜ୍ୟିକ ସମ୍ପର୍କ ଉଣା ଅଧିକେ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ପଡ଼ିଛି ଦକ୍ଷିଣ ଭାରତୀୟ ଜଳଖିଆ ଥାଳି ଉପରେ। ଲୋକପ୍ରିୟ ଖାଦ୍ୟ ବରା, ଇଡଲି, ଦୋସା ଦରବୃଦ୍ଧିରୁ ଏହାକୁ ଅନୁଭବ କଲେଣି ଦକ୍ଷିଣ ଭାରତର ଜନତା।**



**ନୂଆଦିଲ୍ଲୀ:** ଗୋଟିଏ ଦେଶ ଆକାରରେ ଛୋଟ ହୋଇପାରେ। ତେବେ ଶାସନକୁ ନେଇ ସନ୍ତୁଳନ ବିଗିଡ଼ିଲେ ବର୍ଷ ବର୍ଷ ଧରି ପଡ଼ୋଶୀଙ୍କ ସହିତ ରହିଥିବା ସମ୍ପର୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ। ଧାର୍ମିକ, ବାଣିଜ୍ୟିକ ଏବଂ ଐତିହାସିକ ଘଟଣାକୁ ନେଇ ଭାରତ-ମ୍ୟାନ୍‌ମାର ମଧ୍ୟରେ ରହିଥିବା ସମ୍ପର୍କ କାହାରିକୁ ଅଛପା ନାହିଁ। ତେବେ ଭାରତୀୟ ପାକଶାଳାରେ ଦୀର୍ଘଦିନ ହେଲା କର୍ତ୍ତୃତ୍ୱ ଜାହିର କରି ଆସିଛି ମ୍ୟାନ୍‌ମାର। ଏବେ ମ୍ୟାନ୍‌ମାର ଶାସନରେ ପରିବର୍ତ୍ତନ ପରେ ସେନା-ଗଣତନ୍ତ୍ର ସପକ୍ଷବାଦୀଙ୍କ ଭିତରେ ହିଂସା ନିତିଦିନିଆ ହୋଇଛି, ଯାହାର ପ୍ରଭାବ ପଡ଼ିଛି ବାଣିଜ୍ୟ ବ୍ୟବସାୟ ଉପରେ। ମ୍ୟାନ୍‌ମାରରୁ ଭାରତକୁ ଆମଦାନୀ କରାଯାଉଥିବା କଳାବିରି ଯଥେଷ୍ଟ ପରିମାଣରେ ଆସିପାରୁନାହିଁ। ଫଳରେ ଦକ୍ଷିଣ ଭାରତର ଲୋକପ୍ରିୟ ଖାଦ୍ୟ ଇଡ୍‌ଲି, ଦୋସା, ବରା ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ଉପରେ ମହଙ୍ଗା ମାଡ଼ ପଡ଼ିବା ଆରମ୍ଭ ହୋଇଛି।

ଉତ୍କୃଷ୍ଟ କଳାବିରି ଉତ୍ପାଦନରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ମ୍ୟାନ୍‌ମାର। ଏଠାରୁ ସିଂହଭାଗ କଳାବିରି ଭାରତ ଆମଦାନୀ କରିଥାଏ। ହେଲେ ଶାସନରେ ପରିବର୍ତ୍ତନ ଏବଂ ଏହାକୁ ନେଇ ଅସ୍ଥିରତା ଲାଗିରହିଥିବାରୁ ବାଣିଜ୍ୟିକ କାରବାର ପ୍ରଭାବିତ ହୋଇଛି। ତେଣୁ ଗତ କିଛିଦିନ ଭିତରେ ମୁମ୍ବାଇର ହୋଲ୍‌ସେଲ ମାର୍କେଟରେ କଳାବିରି ଦର କିଲୋଗ୍ରାମ ପିଛା ୯୭ରୁ ୧୧୦ ଟଙ୍କାକୁ ବୃଦ୍ଧି ପାଇଲାଣି। ଖୁଚୁରା ବଜାରରେ ଏହା ୧୧୭ରୁ ୧୩୦ ଟଙ୍କାରେ ବିକ୍ରି ହେଉଛି । ଲକ୍ଷ୍ନୌରେ ବିରି କେଜି ୧୪୫ ଟଙ୍କାରେ ପହଞ୍ଚିଲାଣି। ସେହିପରି ଦକ୍ଷିଣ ଭାରତୀୟ ରାଜ୍ୟରେ ମଧ୍ୟ ଏହାର ଦର ହୁ ହୁ ହୋଇ ବଢ଼ିଚାଲିଛି, ଯାହାର ପ୍ରଭାବ ପଡ଼ିଛି ଇଡ୍‌ଲି, ଦୋସା, ବରା ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ଉପରେ।

ଭାରତ ସରକାର ବାର୍ଷିକ ୪ ଲକ୍ଷ ମେଟ୍ରିକ ଟନ୍ ବିରି ମ୍ୟାନ୍‌ମାରରୁ ଆମଦାନୀ କରିଥାନ୍ତି, ଯାହା ମୋଟ ବ୍ୟବହାରର ହାରାହାରି ୮୪%। କେବଳ ୟାଙ୍ଗୁନରୁ ଚେନ୍ନାଇ ବନ୍ଦର ଦେଇ ଦେଶକୁ ୭୮% ବିରି ଆମଦାନୀ କରାଯାଇଥାଏ। ଏହାର ଅଧିକତମ ଭାଗ

## ମ୍ୟାନ୍‌ମାର ସଙ୍କଟର ପ୍ରଭାବ

ଦକ୍ଷିଣ ଭାରତର ରାଜ୍ୟରେ ବ୍ୟବହାର କରାଯାଏ। ତେବେ ଗତବର୍ଷ ବର୍ଷାରେ ବିରି ଫସଲ କ୍ଷତିଗ୍ରସ୍ତ ହୋଇଛି। ହିଂସାଗ୍ରସ୍ତ ମ୍ୟାନ୍‌ମାରରେ ରପ୍ତାନି ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ଚଳିତବର୍ଷ ପୂର୍ବବର୍ଷ ଭଳି ବିରି ଆମଦାନୀ କରିବା ସହଜ ହେବନାହିଁ ବୋଲି ଅନୁମାନ କରୁଛନ୍ତି ବିଶେଷଜ୍ଞ।

ଅପରପକ୍ଷେ ମ୍ୟାନ୍‌ମାର ଚାଷୀଙ୍କ ବିରି ଫସଲ ଉପରୁ ମୋହଭଙ୍ଗ ଆରମ୍ଭ ହୋଇଛି। ଏହାର ପଛରେ ରହିଛି ଚାଇନା କୂଟନୀତି। କିଛିବର୍ଷ ହେଲା ମ୍ୟାନ୍‌ମାର ମୁଗ ବଜାରକୁ ବେଜିଂ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛି। ଅଧିକ ଅର୍ଥ ଦେଇ ଚାଷୀଙ୍କଠାରୁ ସିଧାସଳଖ ମୁଗ କିଣି ନେଉଛି। ତେଣୁ ମ୍ୟାନ୍‌ମାର ଚାଷୀ ଅଧିକରୁ ଅଧିକ ମୁଗ ଉତ୍ପାଦନ କରିବାକୁ ମନବଳାଉଛନ୍ତି। ତେଣୁ ଧୀରେ ଧୀରେ ବିରି ଉତ୍ପାଦନ କମିବାରେ ଲାଗିଛି। ମ୍ୟାନ୍‌ମାର ବିରି ଉପରେ ଅତ୍ୟଧିକ ନିର୍ଭରଶୀଳତା ଭାରତ ପାଇଁ ମୁଣ୍ଡବ୍ୟଥା ବଢ଼ାଇଛି। ଆମଦାନୀ ସ୍ୱାଭାବିକ ନ ହେଲେ ଜୁଲାଇ ସୁଦ୍ଧା ବିରି ଦର ଆକାଶଛୁଆଁ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ପରିଚୟ ଦେଇଥିଲା ଆତି କ୍ୟା ଖଣ୍ଡାଲା..



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ ରବିବାର ୪୩ ବର୍ଷ ପୂରଣ ହୋଇଛି। ରାଣୀଙ୍କ ଅଭିନୟ ଦକ୍ଷତାକୁ ଦର୍ଶକ ବେଶ ପସନ୍ଦ କରିଥାନ୍ତି। ୧୯୯୬ରେ 'ରାଜା କି ଆୟେଗି ବାରାତ୍'ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ୧୯୯୮ରେ ଆମିର ଖାଁଙ୍କ ଅପୋଜିଟ୍‌ରେ 'ଗୁଲାମ' ଫିଲ୍ମରେ ଅଭିନୟ କରି ସେ ଖଣ୍ଡାଲା ଗର୍ଲ ଭାବେ ପରିଚିତି ହାସଲ କରିଥିଲେ। ଏହି ଫିଲ୍ମରେ ଆତି କ୍ୟା ଖଣ୍ଡାଲା.. ଗୀତଟି ବେଶ୍ ହିଟ୍ ହୋଇଥିଲା। 'କୁଛ କୁଛ ହୋତା ହୈ', 'ହମ ତୁମ', 'ବୀର୍ ଜାରା', 'କଭି ଅଲବିଦା ନା କେହେନା, ଭଳି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କୁ ଆକର୍ଷିତ କରିପାରିଛନ୍ତି। ରାଣୀଙ୍କ ସହିତ ବିଭିନ୍ନ ଅଭିନେତାଙ୍କ ସମ୍ପର୍କ ନେଇ ବହୁ ସମୟରେ ବଲିଉଡ୍‌ରେ ଚର୍ଚ୍ଚା ହୋଇଛି। ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ସହିତ 'ମୁଝସେ ଦୋସ୍ତି କରୋଗି' ଶୁଟିଂ ସେଟ୍‌ରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବୃଦ୍ଧି ପାଇଥିଲା। ୨୦୧୪ରେ ସେ ଆଦିତ୍ୟ ଚୋପ୍ରାଙ୍କୁ ଇଟାଲିରେ ବିବାହ କରିଥିଲେ। ରାଣୀ ଆଦିତ୍ୟଙ୍କୁ ବହୁତ ଭଲ ପାଆନ୍ତି। ତେବେ ଆଦିତ୍ୟ ବହୁ ସମୟରେ ବ୍ୟସ୍ତ ରହୁଥିବାରୁ ରାଣୀ ତାଙ୍କୁ ଥଟ୍ଟାରେ ମଜାଳିଆ ଢ଼ଙ୍ଗରେ ଗାଳି ଦେଇଥାନ୍ତି ବୋଲି ଏକ ସାକ୍ଷାତକାରରେ କହିଥିଲେ।

# ଜୋନ୍ସଙ୍କ ପରି ଜ୍ୱାଇଁ ଖୋଜୁଥିଲେ ମା'

**ନୂଆଦିଲ୍ଲୀ:** ହଲିଉଡ୍ ଗାୟକ ନିକ୍ ଜୋନ୍ସଙ୍କ ପରି ପିଲାଙ୍କୁ ଜ୍ୱାଇଁ କରିବାକୁ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ମା' ଚାହୁଁଥିଲେ। ଏ ସମ୍ପର୍କରେ ଆମେରିକାର ଜଣାଶୁଣା ଟେଲିଭିଜନ ଉପସ୍ଥାପକ ଓପ୍ରାହ ୱିନଫ୍ରେଙ୍କୁ ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି ପ୍ରିୟଙ୍କା। ସୁପର ସୋଲ୍ ଶୋ'ରେ ପ୍ରିୟଙ୍କା ତାଙ୍କ ଜୀବନର ଅନେକ କଥା ଖୋଲାଖୋଲି ଭାବେ ପ୍ରକାଶ କରି କହିଥିଲେ ଯେ, ନିକ୍ ଜଣେ ଆତ୍ମନିର୍ଭରଶୀଳ ଓ ସମ୍ବେଦନଶୀଳ ବ୍ୟକ୍ତି। ମୋ ସଫଳତା ଓ ସ୍ୱପ୍ନକୁ ନେଇ ସେ ବେଶ୍ ଉତ୍ସାହିତ। ମା' ମଧୁ ଚୋପ୍ରା ନିକ୍‌ଙ୍କ ପରି ଜଣେ ପିଲା ମୋ ଜୀବନରେ ଆସନ୍ତୁ ବୋଲି ଚାହୁଁଥିଲେ। ବିବାହ ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମ ଅନୁସାରେ ହୋଇଥିଲା। ଦୀର୍ଘ ଦିନ ଧରି ଅନେକ ସମସ୍ୟା ଓ ଯନ୍ତ୍ରଣାରେ ରହିବା ପରେ ନିକ୍ ତାଙ୍କ ଜୀବନକୁ ଆସିଥିଲେ। ପ୍ରଥମେ ପ୍ରଥମେ ନିକ୍‌ଙ୍କ ସହ ସମ୍ପର୍କକୁ ପ୍ରିୟଙ୍କା ଗମ୍ଭୀରତା ସହ ନେଇ ନ ଥିଲେ। ପ୍ରିୟଙ୍କାଙ୍କୁ ୩୫ ବର୍ଷ ହୋଇଥିବାବେଳେ ନିକ୍ ମାତ୍ର ୨୦ ବର୍ଷର ହୋଇଥିଲେ। ସେତେବେଳେ ପ୍ରିୟଙ୍କା ବାହା ହେବା ପାଇଁ ଇଚ୍ଛା କରୁଥିଲେ। ହେଲେ ବୟସରେ ଅଧିକ ତାରତମ୍ୟ ଯୋଗୁ ନିକ୍‌ଙ୍କ ସହ ବିବାହ କଥା ସେ ଭାବି ନ ଥିଲେ।



## ଓପ୍ରାହଙ୍କ ସହ ପ୍ରିୟଙ୍କା ଚୋପ୍ରାଙ୍କ ସାକ୍ଷାତକାର

କିନ୍ତୁ ମା' ମଧୁ ଚୋପ୍ରା ନିକ୍‌ଙ୍କୁ ଜ୍ୱାଇଁ ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ। ସେହିପରି ୨୦୦୦ ମସିହାରେ ମିସ୍ ୱାର୍ଲ୍ଡ ହାସଲ କରିବା ସମ୍ପର୍କରେ ପ୍ରିୟଙ୍କା କହିଛନ୍ତି ଯେ, ସେ କେବେ ବି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ଯେ ଦିନେ ଏହି ଆଖ୍ୟା ହାସଲ କରିବେ। ଆମେରିକା ସ୍କୁଲରେ ପଢୁଥିବାବେଳେ ତାଙ୍କ ବର୍ଣ୍ଣ, ପୋଷାକ ଆଦିକୁ ନେଇ ଅନେକ ପିଲା ତାଙ୍କୁ ଉପହାସ କରୁଥିଲେ। ଏଥିରେ ନିରୁତ୍ସାହିତ ହୋଇ ତାଙ୍କୁ ସେଠାରୁ ନେଇଯିବାକୁ ସେ ମା'ଙ୍କୁ କହିଥିଲେ। ନୂଆ ନୂଆ ଅଭିନୟ ଦୁନିଆକୁ ଆସିଥିବାବେଳେ ଜଣେ ଫିଲ୍ମ ନିର୍ମାତା ତାଙ୍କୁ ଦୁର୍ବ୍ୟବହାର କରିବା କଥା ମଧ୍ୟ ପ୍ରିୟଙ୍କା ଉଠାଇଥିଲେ।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼, ଦେଓଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ସୋମବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୭ | ୨୪.୭ |
| ଚାନ୍ଦବାଲି | ୩୬.୩ | ୨୩.୧ |
| କଟକ | ୩୯.୬ | ୨୨.୬ |
| ପାରାଦୀପ | ୩୫.୨ | ୨୫.୦ |
| ଭୁବନେଶ୍ୱର | ୪୦.୦ | ୨୩.୨ |
| ଗୋପାଳପୁର | ୩୪.୫ | ୨୪.୩ |
| ପୁରୀ | ୩୪.୦ | ୨୬.୨ |
| ଅନୁଗୋଳ | ୩୯.୭ | ୨୨.୬ |
| ବାରିପଦା | ୪୦.୦ | ୨୩.୨ |
| ଝାରସୁଗୁଡ଼ା | ୩୭.୨ | ୨୦.୬ |
| କେନ୍ଦୁଝର | ୩୬.୬ | ୨୦.୮ |
| ସମ୍ବଲପୁର | ୩୭.୮ | ୨୧.୩ |
| ସୁନ୍ଦରଗଡ଼ | ୩୬.୦ | ୧୮.୦ |
| ହୀରାକୁଦ | ୩୭.୧ | ୨୦.୫ |
| ତାଳଚେର | ୩୮.୮ | ୨୨.୨ |
| ଭବାନୀପାଟଣା | ୩୭.୬ | ୧୯.୮ |
| ବଲାଙ୍ଗୀର | ୩୮.୪ | ୨୦.୮ |
| କୋରାପୁଟ | ୩୪.୬ | ୧୭.୬ |
| ଫୁଲବାଣୀ | --- | ୧୫.୦ |
| ଟିଟିଲାଗଡ଼ | ୩୮.୫ | ୨୨.୩ |
| ମାଲକାନଗିରି | ୩୯.୦ | ୨୨.୦ |
| ସୋନପୁର | ୩୮.୨ | ୨୦.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୧୯.୦ |
| ନୟାଗଡ଼ | ୩୯.୦ | ୨୨.୭ |
| ବୌଦ୍ଧ | ୩୯.୦ | ୧୯.୦ |
| ଛତ୍ରପୁର | ୩୫.୦ | ୨୩.୭ |
| ପାରଳାଖେମୁଣ୍ଡି | ୩୪.୫ | ୨୨.୫ |
| ରାୟଗଡ଼ା | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚୋରି କରିବାକୁ ଆସି ଫସିଗଲେ

**ମେକ୍ସିକୋ ସିଟି:** ଚୋରି କରିବାକୁ ଚୋରମାନେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ମାତ୍ର କିଛି ଯୋଜନା ଏମିତି ଭୁଲ ହୋଇଥାଏ, ଯାହାଦ୍ୱାରା ଚୋର ଧରା ପଡ଼ିବା ସହ ଜେଲ ଯିବାକୁ ବି ପଡ଼ିଥାଏ। ଏଭଳି ଏକ ଘଟଣା ଘଟିଛି ମେକ୍ସିକୋରେ। ରିପୋର୍ଟ ଅନୁଯାୟୀ, ଚୋରି କରିବା ଉଦ୍ଦେଶ୍ୟରେ ଚୋର ଜଣକ ମେକ୍ସିକୋ ସହରରେ ଥିବା ଏକ ଘରେ ପଶିଥିଲେ। ମାତ୍ର ଭିତରକୁ ଯିବା ପାଇଁ ରେଲିଂରେ ମୁଣ୍ଡ ଗଳାଇବା ସମୟରେ ମୁଣ୍ଡ ଫସିଗଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ ମୁଣ୍ଡ ବାହାରି କରିପାରି ନ ଥିଲେ। ପ୍ରାୟ ୩ ଘଣ୍ଟା ରେଲିଂରେ ଫସି ରହିଥିଲେ। ନିକଟରେ ଥିବା ଲୋକେ କହିଛନ୍ତି, ଚୋରି କରିବାକୁ ଆସିଥିବା ବ୍ୟକ୍ତି ଜଣକ ବାହାରିବା ପାଇଁ ବହୁତ ଚେଷ୍ଟା କରିଥିଲେ। ମାତ୍ର ରେଲିଂରୁ ମୁଣ୍ଡ ବାହାର କରିପାରି ନ ଥିଲେ। ଫଳରେ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରଙ୍କ ଏପରି ଅବସ୍ଥା ଦେଖି ଘାବରେଇ ଯାଇଥିଲା। ତାଙ୍କ ଗୋଟିଏ ହାତ ଏବଂ ମୁଣ୍ଡ ରେଲିଂରେ ଓହଳି ରହିଥିଲା। ଏଥିପାଇଁ ପୋଲିସକୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ଶେଷରେ ରେଲିଂକୁ କଟର ସାହାଯ୍ୟରେ କାଟି ମୁଣ୍ଡ ବାହାର କରି ହାତରେ ହାତକଡ଼ି ପକାଇ ଥାନାକୁ ନେଇଯାଇଛି ପୋଲିସ।

# ମୃତ୍ୟୁମୁଖକୁ ଟାଣି ନେଇଥିଲା ଡ୍ରଗ୍ସ

**ଲସ୍ ଏଞ୍ଜେଲ୍ସ:** ଆମେରିକୀୟ ଗାୟିକା ଏବଂ ଗୀତ ଲେଖିକା ଡେମି ଲୋଭାଟୋଙ୍କ ଜୀବନୀ ଉପରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ଆସୁଛି। ପିପୁଲ୍ସ ମାଗାଜିନ ଅନୁଯାୟୀ ଏହି ଫିଲ୍ମ ମାର୍ଚ୍ଚ ୨୩ରେ ୟୁଟ୍ୟୁବରେ ମୁକ୍ତିଲାଭ କରିବାକୁ ଯାଉଛି। ନିକଟରେ ଡେମି ତାଙ୍କ ନିଶା ସେବନ ବେଳର ଏକ ରହସ୍ୟ ସର୍ବସାଧାରଣକୁ ଆଣିଛନ୍ତି। ୨୦୧୮ ଜୁଲାଇରେ ସେ ଡ୍ରଗ୍ସ ଖାଇ ଏପରି ଅବସ୍ଥାରେ ପହଞ୍ଚିଥିଲେ ଯେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ୨୮ ବର୍ଷୀୟା ଡେମି କହିଛନ୍ତି ଯେ, ନିଶା ସେବନ ହେତୁ ସେ ମୃତ୍ୟୁମୁଖରେ ପହଞ୍ଚିଥିଲେ। ଏଥିଯୋଗୁ ତାଙ୍କୁ ୩ ଥର ଷ୍ଟ୍ରୋକ୍ ସହ ଥରେ ହାର୍ଟଆଟାକ୍ ମଧ୍ୟ ହୋଇଥିଲା। ତାଙ୍କ ଦୃଷ୍ଟିଶକ୍ତି ମଧ୍ୟ ନଷ୍ଟ ହେବାରେ ଲାଗିଥିଲା। ଆମେରିକାର ସାପ୍ତାହିକ ପତ୍ରିକାକୁ ଦେଇଥିବା ଏକ ସାକ୍ଷାତକାରରେ ଡେମି ଲାଭାଟୋ କହିଛନ୍ତି ସ୍ଥିତି ଏପରି ହୋଇଥିଲା ଯେ, ସେ ଆଉ ମାତ୍ର ୧୦ ମିନିଟ୍ ବଞ୍ଚିରହିବେ ବୋଲି ଡାକ୍ତର କହିଥିଲେ। କିନ୍ତୁ ଭଗବାନଙ୍କ ଆଶୀର୍ବାଦରୁ ସେ ମୃତ୍ୟୁମୁଖରୁ ଫେରିଆସିଥିଲେ ବୋଲି ଲୋଭାଟୋ କହିଛନ୍ତି।




## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ONLY TODAY
30 Years Experience
Full Refund on Failure
PERMANENT SOLUTION WITHOUT STONE
BUSINESS? SERVICE? EDUCATION? MARRIAGE? Any problem in life / VASTU?
only one reliable name in Astrological World
SRABANI DEBNATH
Please Contact 9830040240
Bring this paper cutting & get spl. offer!

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିନୋଦିନୀ ଶତପଥୀ
ବରିଷ୍ଠ ଶିକ୍ଷୟିତ୍ରୀ, କାମାକ୍ଷାପ୍ରସାଦ ହାଇସ୍କୁଲ ଗୋବିନ୍ଦପୁର, ଢେଙ୍କାନାଳ, ଗ୍ରାମ: ଦଳବାଡ଼, ଫୁଲନଖରା, କଟକ
ତିରୋଧାନ: ୨୦।୦୩।୨୦୧୩
"ଆଠବର୍ଷ ପୂରି ନଅବର୍ଷ ହେଲା କେଉଁପୁରେ ଗଲ ଜୀବନ ସାଥୀ, ବିଚ୍ଛେଦ ଯନ୍ତ୍ରଣା ବଡ଼ ଦୁର୍ବିସହ ସନ୍ତାପିତ ପ୍ରାଣ ଝୁରଇ ନିତି। ସହିପାରୁନି କି ବଞ୍ଚି ମୁଁ ପାରୁନି ଏଇ ମୋର ପରିଚୟ, ସରଗପୁରରୁ ଫେରିଆସ ଥରେ ହାତ ମୋର ଧରି ନିଅ, ଏତିକି ମୋହର ଅଳି ତୁମ ପାଖେ କରୁଛି ତୁମକୁ ମିନତି, ମୋତେ ଯଦି ତୁମେ ନେଇଯାଅ ପାଶେ ପାଇଯାଆନ୍ତି ମୁଁ ଶାନ୍ତି।
(ଇତି) ତୁମର ହତଭାଗ୍ୟ ସ୍ୱାମୀ
ସୁଭାଷଚନ୍ଦ୍ର ଶତପଥୀ, ଗୋବିନ୍ଦପୁର ଢେଙ୍କାନାଳ
ଫୋନ୍: ୯୪୩୭୧୪୭୩୫୦
ଧ-୨୦୩୦୩

୩୩ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସୁହାସିନୀ ତ୍ରିପାଠୀ
ଆବିର୍ଭାବ- ୧୯୪୧ (ରାମ ନବମୀ)
ତିରୋଧାନ- ୧୯୮୮ (ଫଗୁ ନବମୀ)
ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମପାଇଁ ପ୍ରେରଣାର ଏକ ମହାନ ଉତ୍ସ । ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ । ଆଜିର ଏହି ୩୩ ତମ ପୂଣ୍ୟ ତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା । ତମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
ଶୋକସନ୍ତପ୍ତ : ଝିଅ, ଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ, ପୁଅ, ବୋହୂ-ବାବୁନା ଓ ମାମୁନି, ନାତି-କୁଟୁ, ଡୁକି ଓ ଫୁକି, ନାତୁଣୀ-ପ୍ରାଚି, ଶୈବି ଓ ନୈଶା ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୫୬୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବି ଶଙ୍କର ମହାନ୍ତି
ପ୍ଲଟ୍ ନଂ.-୩୦୨୧/୩୭୪୧, ରବିଟକିଜ୍ ରୋଡ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୨।୧୯୬୦
ତିରୋଧାନ: ୧୨।୦୩।୨୦୨୧
ରବିଙ୍କର ଉପସ୍ଥିତିରେ ଯେମିତି ଦୁନିଆରୁ ଅନ୍ଧକାର ଦୂରହୁଏ, ସେହିପରି ତୁମ ଉପସ୍ଥିତି ଆମ ପରିବାରକୁ ସୁଖ ଆଲୋକ ପ୍ରଦାନ କରୁଥିଲା। ତୁମେ ସଦାସର୍ବଦା ଆମ ହୃଦୟରେ ବାସ କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ଗୁହାରି ତୁମର ଅମର ଆତ୍ମା ବୈକୁଣ୍ଠ ପ୍ରାପ୍ତି ହେଉ।
-:ଶୋକସନ୍ତପ୍ତ:-
ବିକି, ସୋନୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୩୦୩

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୨ ମାର୍ଚ୍ଚ, ୨୦୨୧



## ଠିକା କମ୍ପାନୀ କ୍ୟାମ୍ପରୁ ଲୁଟିଲେ

ଲୋଇସିଂହା,(ଡି.ଏନ.ଏ.): ଲୋଇସିଂହା ଥାନା ବେନ୍ଦ୍ରା ରେଳ ଫାଟକ ନିକଟ ଏଲଏଣ୍ଡଟି କ୍ୟାମ୍ପର ସୁରକ୍ଷା କର୍ମୀଙ୍କୁ ମାଡମାରି କପର କେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ରବିବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ଲୋଇସିଂହା ଥାନା ଗୁଡୁଗୁଡିଖାଲ ଛକରୁ ବେନ୍ଦ୍ରା ରାସ୍ତାର ରେଳଫାଟକ ନିକଟରେ ଏଲଏଣ୍ଡଟି କମ୍ପାନୀର କ୍ୟାମ୍ପରେ ଶନିବାର ରାତିରେ ୫ଜଣ ଦୁର୍ବୃତ୍ତ ଉକ୍ତ କ୍ୟାମ୍ପର ଜଣେ ସୁରକ୍ଷା କର୍ମୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ୩ ମୃତ

**ଅନୁଗୋଳ ଅଫିସ/କଣିହାଁ(ଡି.ଏନ.ଏ.), ୨୧।୩:** ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଅନ୍ତର୍ଗତ ବଲାଙ୍ଗୀ ପୋଲ ନିକଟ ୫୩ନଂ. ଜାତୀୟ ରାଜପଥରେ ରବିବାର ଏକ ପାଉଁଶ ବୋଝେଇ ଟ୍ରକ ଧକ୍କାରେ ୨ ବନ୍ଧୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କମରେଇ ଗ୍ରାମର ମନୋଜ ଏବଂ ଜ୍ୟୋତିରଞ୍ଜନ। ଉଭୟେ ଏକ ବାଇକ୍‌ରେ ଯାଉଥିବାବେଳେ ତାଳଚେରରୁ ଆସୁଥିବା ଉକ୍ତ ପାଉଁଶ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଜ୍ୟୋତିରଞ୍ଜନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ନେଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କ୍ଷତିପୂରଣ ଦାବିରେ ଭାଜପା ନେତା ରୁଦ୍ରନାରାୟଣ ପାଣି ଦଳୀୟ କର୍ମୀଙ୍କ ସହ ଆନ୍ଦୋଳନ ଚଳାଇଛନ୍ତି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଭୋର୍ ସମୟରେ ବଁଅରପାଳ-ତାଳଚେର ରାସ୍ତାର ଚାଇଁପାଳ ନିକଟରେ ଦୁର୍ଘଟଣା ଘଟି ପରଜଙ୍ଗ ଥାନା ଆଖୁଆପାଳ ଗ୍ରାମର ଜିତୁ ମହାନ୍ତି (୨୬)ଙ୍କ ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି।

## ଜଙ୍ଗଲ ସୁରକ୍ଷା ଲାଗି ଶପଥ

**ବଲାଙ୍ଗୀର ଅଫିସ, ୨୧।୩:** ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମର ପଞ୍ଚମ ଦିବସରେ ବଲାଙ୍ଗୀର ବନାଞ୍ଚଳ ଅନ୍ତର୍ଗତ ମାକରଚୂଆଁଠାରେ ରବିବାର ଜଙ୍ଗଲ ନିଆଁ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଭିଯାନ ଅଧକ୍ଷ ହେମନ୍ତ କୁମାର ପଣ୍ଡା ଏବଂ ଆବାହକ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ୍ ଅଧକ୍ଷ ଗୋଲାପ ବାଗ, ମାକରଚୂଆଁ ବନ ସୁରକ୍ଷା ସମିତି ସଭାପତି ସାଧୁରାମ ମାଝି, ପ୍ରକୃତିବନ୍ଧୁ ସୌମିତ୍ରୀ ମିର୍ଦ୍ଧା, ମାହେଶ୍ୱରୀ ସଙ୍ଗଠନ ସଭାପତି ଅଙ୍କୁଶ ପାଣ୍ଡିଆ, ଜିଲା ଜଙ୍ଗଲ ଫୋରମ ଆବାହକ କୁଳମଣି ସାହୁ, ସୁଧୀର ମିଶ୍ର, ବନପାଳ ଠଣସୁନ୍ଦର ଧରୁଆ, ବନରକ୍ଷୀ ହରିବଂଶ ପଧାନ ଉପସ୍ଥିତ ଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବକ୍ତାମାନେ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଳସାଏ ଓ ଯୁବ ସଙ୍ଗଠକ ପ୍ରଶାନ୍ତ ମହାକୁର ଶପଥ ପାଠ କରାଇଥିଲେ। ଯୁବକବି ଅର୍ଜୁନ ସାହୁ ଜଙ୍ଗଲ ସୁରକ୍ଷାକୁ ନେଇ ଏକ ସଚେତନତା ମୂଳକ କୋଶଲୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ମାକରଚୂଆଁର ଲକ୍ଷ୍ମଣ ସିଂ ମାଝି, ବିଘ୍ନରାଜ ମାଝି, ରାମ ତ୍ରିପାଠୀ, ସୁଶାନ୍ତ ସିଂ ମାଝି, କୃଷ୍ଣଚନ୍ଦ୍ର ହୋତା, କାର୍ତ୍ତିକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ସଂକ୍ରମିତ ରକ୍ତ ଚିହ୍ନଟରେ ନାଟ୍-ପିସିଆର ପଦ୍ଧତି ସଫଳ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

- ରାଜ୍ୟର ୨୦୦ ୟୁନିଟ୍‌ରୁ ଗୋଟିଏ ସଂକ୍ରମିତ ରକ୍ତ ବାହାରୁଛି
- ଗଞ୍ଜାମ ଜିଲାରେ ପ୍ରତି ୯୨ ୟୁନିଟ୍‌ରୁ ଗୋଟିଏ ରକ୍ତ ସଂକ୍ରମିତ
- ଅଧିକ ରକ୍ତ ଭଣ୍ଡାରରେ ଏହି ପଦ୍ଧତିରେ ପରୀକ୍ଷଣ ପ୍ରସ୍ତାବ



ସଂଗୃହୀତ ରକ୍ତକୁ ରୋଗୀଙ୍କୁ ଦେବା ପୂର୍ବରୁ ତାହାକୁ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷାନିରୀକ୍ଷା କରାଯାଇଥାଏ। ଉକ୍ତ ରକ୍ତ ମ୍ୟାଲେରିଆ, ସିଫିଲିସ୍, ଏଚ୍‌ଆଇଭି, ହେପାଟାଇଟିସ୍-ବି ଓ ସି ଆଦି ଦ୍ୱାରା ସଂକ୍ରମିତ କି ନୁହେଁ, ତାହାର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ସଂକ୍ରମିତ ରକ୍ତ ଥରେ ନେଲେ ଜୀବନ ସାରା ରୋଗ ସହ ଲଢ଼ିବାକୁ ପଡ଼େ। ଅଧିକାଂଶ କ୍ଷେତ୍ରରେ ରୋଗୀଙ୍କ ଜୀବନ ପ୍ରତି ବିପଦ ରହିଥାଏ। ପୂର୍ବରୁ ଏଲାଇଜା ପଦ୍ଧତିରେ ସଂକ୍ରମିତ ରକ୍ତ ଚିହ୍ନଟ ହେଉଥିବାବେଳେ ୨୦୧୬ରୁ ନାଟ୍-ପିସିଆର (ନିଉକ୍ଲିକ ଆମ୍ପ୍ଲିଫିକେଶନ ଏସିଡ୍ ଟେଷ୍ଟ-ପଲିମର୍ସ ଚେନ୍ ରିଆକ୍ସନ) ମାଧ୍ୟମରେ ପରୀକ୍ଷଣ କରାଯାଉଛି। ନାଟ୍ ପଦ୍ଧତିରୁ ବେଶ୍ ସଫଳତା ମିଳିଥିବାବେଳେ ଅନେକ ଲୋକଙ୍କୁ ମାରାତ୍ମକ ସଂକ୍ରମଣରୁ ରକ୍ଷା କରାଯାଇପାରୁଛି ବୋଲି କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡା. ଦେବାଶିଷ ମିଶ୍ର କହିଛନ୍ତି। ସେ କହିଛନ୍ତି, ନାଟ୍-ପିସିଆର ସାରା ବିଶ୍ୱର ଏକ ଅତ୍ୟାଧୁନିକ ବିଶ୍ୱସନୀୟ ପଦ୍ଧତି। ଆମେରିକା, ୟୁରୋପ ଭଳି ଅନେକ ବିକଶିତ ଦେଶ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାକୁ ବ୍ୟବହାର କରୁଛନ୍ତି। ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଯେ, ସେ ଏଭଳି ବ୍ୟବସ୍ଥା ଆମ ରାଜ୍ୟରେ ଚାଲୁ କରିଛନ୍ତି। ଆମେ ଅଧିକରୁ ଅଧିକ ଲୋକଙ୍କୁ ସୁରକ୍ଷା ଦେବାକୁ ଯେତେ ଅଧିକ ରକ୍ତ ଭଣ୍ଡାରରେ ଏହି ବ୍ୟବସ୍ଥା କରିପାରିବା ରାଜ୍ୟବାସୀଙ୍କ ପାଇଁ ସେତେ ଉପକାର ହେବ ଓ ଅନେକ ଦୁର୍ମୂଲ୍ୟ ଜୀବନ ଆମେ ରକ୍ଷା କରିପାରିବା ବୋଲି ଡା. ମହାନ୍ତି କହିଛନ୍ତି।

ରାଜ୍ୟ ସରକାର ଓ ରେଡକ୍ରସ ଦ୍ୱାରା ୫୭ଟି ରକ୍ତ ଭଣ୍ଡାର ପରିଚାଳିତ ହେଉଥିବାବେଳେ ସଂଗୃହୀତ ରକ୍ତକୁ ୬ଟି ରକ୍ତ ଭଣ୍ଡାରରେ ନାଟ୍-ପିସିଆର୍ ପଦ୍ଧତିରେ ପରୀକ୍ଷଣ କରାଯାଉଛି। ରାଜ୍ୟରେ ପ୍ରତି ୨୦୦ ୟୁନିଟ୍ ରକ୍ତ ପରୀକ୍ଷାରେ ଗୋଟିଏ ୟୁନିଟ୍ ସଂକ୍ରମିତ ରକ୍ତ ବାହାରୁଛି। ୬ଲକ୍ଷ ୫୦ହଜାରରୁ ଅଧିକ ୟୁନିଟ୍ ରକ୍ତରୁ ୩,୫୪୩ ୟୁନିଟ୍ ସଂକ୍ରମିତ ରକ୍ତ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ଏଚ୍‌ଆଇଭି ସଂକ୍ରମିତ ୪୫୬ ୟୁନିଟ୍ ଥିବାବେଳେ ହେପାଟାଇଟିସ୍-ବି ୨୮୪୦ ଓ ହେପାଟାଇଟିସ-ସି ୨୪୭ ୟୁନିଟ୍ ରହିଛି। ତେବେ ଗଞ୍ଜାମ ଜିଲାରେ ୯୨ ୟୁନିଟ୍ ରକ୍ତରେ ଗୋଟିଏ ୟୁନିଟ୍ ସଂକ୍ରମିତ ରକ୍ତ ବାହାରୁଛି। ଜିଲାରେ ଥିବା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପ୍ରାୟ ୧୨ହଜାର ୟୁନିଟ୍ ରକ୍ତ ପରୀକ୍ଷା ହୋଇଥିବାବେଳେ ୧୨୬୪ ୟୁନିଟ୍ ସଂକ୍ରମିତ ରକ୍ତ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରତିବର୍ଷ ସମସ୍ତ ରକ୍ତ ଭଣ୍ଡାର ଦ୍ୱାରା ପ୍ରାୟ ୪ଲକ୍ଷ ୫୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି। ଏଥିମଧ୍ୟରୁ ମାତ୍ର ୧ଲକ୍ଷ ୫୦ହଜାର ୟୁନିଟ୍ ରକ୍ତ ନାଟ୍ ପଦ୍ଧତିରେ ପରୀକ୍ଷା ହେଉଛି। ବାକି ପ୍ରାୟ ୩ଲକ୍ଷ ୟୁନିଟ୍ ଏହି ପଦ୍ଧତିରେ ପରୀକ୍ଷା ହୋଇପାରିନି। ତେଣୁ ଶେଷ ୫ବର୍ଷରେ ୧୫ଲକ୍ଷ ୟୁନିଟ୍ ରକ୍ତ ନାଟ୍ ପଦ୍ଧତିରେ ପରୀକ୍ଷା ନ ହୋଇ ଦିଆଯାଇଥିବାରୁ ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

## ବହୁମୁଖୀ ପ୍ରତିଭାଧାରୀଙ୍କ ପରଲୋକ

**ବରଗଡ଼ ଅଫିସ୍,୨୧।୩**

ବରଗଡ଼ ଜିଲାର ଜଣେ ବହୁମୁଖୀ ପ୍ରତିଭା ବିପିନ ବିହାରୀ ମହାପାତ୍ରଙ୍କ ଶନିବାର ବରଗଡ଼ ତଳିପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଛି। ସ୍ୱର୍ଗତ ମହାପାତ୍ର ଜଣେ ଆଡ଼ଭୋକେଟ୍, କଳାକାର ଭାବେ



ଖ୍ୟାତି ଅର୍ଜନ କରିଥିବାବେଳେ ବିଭିନ୍ନ ସଙ୍ଗଠନ ସହିତ ଜଡ଼ିତ ଥିଲେ। ପେଶାରେ ଜଣେ ଆଡ଼ଭୋକେଟ୍ ହୋଇଥିଲେ ସୁଦ୍ଧା କଳା ତାଙ୍କର ନିଶା ଥିଲା। ୧୯୭୦ରୁ ୧୯୭୨ ପର୍ଯ୍ୟନ୍ତ ସେ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସଙ୍କ ମହାମନ୍ତ୍ରୀ ଭାବେ ଅଭିନୟ କରିଥିଲେ। ସେହିପରି ଲକ୍ଷ୍ମୀପୂଜା, ସର୍ଦ୍ଦାର ଭାନୁଦେବ, ବନବାଳା, କର୍ଣ୍ଣାର୍ଜୁନ ନାଟକରେ ସେ ତାଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରି ପରିଚିତ ହୋଇଥିଲେ। ଗତ ୭୦ତମ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପକ୍ଷରୁ ସ୍ୱର୍ଗତ ମହାପାତ୍ରଙ୍କୁ ଯୁଧିଷ୍ଠିର ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ବରଗଡ଼ ଜିଲାରେ ଶୋକ ପ୍ରକାଶ ପାଇଛି।

# ବିବାହ ବନ୍ଧନରେ ଦୁଇ ଦିବ୍ୟାଙ୍ଗ

**ସମ୍ବଲପୁର,୨୧।୩(ବ୍ୟୁରୋ)**



ସମ୍ବଲପୁର ଭତରା ଶଙ୍କର ମଠ ମନ୍ଦିରଠାରେ ବିବାହ ଚାଲିଛି।

- ସାମାଜିକ ଗଣମାଧ୍ୟମ ଜୀବନ ବଦଳାଇଲା
- ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ

କେବେ, କେଉଁଠି, କିଭଳି ଭାବେ କାହା ସହ ପ୍ରେମ ସମ୍ପର୍କ ଗଢ଼ିଉଠିବ ତାହା କେହି କହିପାରିବେନି। ଏହି ଉକ୍ତିର ସତ୍ୟତା ଦୁଇ ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। ସାମାଜିକ ଗଣମାଧ୍ୟମ (ଫେସ୍‌ବୁକ) ଜରିଆରେ ଦୁହିଁଙ୍କ ମଧ୍ୟରେ ହୋଇଥିଲା ପରିଚୟ। ତା'ପରେ ପ୍ରେମ। ସମ୍ପର୍କ ନିବିଡ଼ ହେବା ପରେ ଶେଷରେ ଉଭୟ ପରିବାରର ସହମତିରେ ରବିବାର ସେମାନେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସମ୍ପୃକ୍ତ ଦିବ୍ୟାଙ୍ଗ ଦମ୍ପତି ହେଲେ ଲକ୍ଷ୍ମୀ ତ୍ରିପାଠୀ (୩୫) ଓ ଝାଡ଼ଖଣ୍ଡ ଗୋବିନ୍ଦପୁର ଲୋଟାପାହାଡ଼ ଗ୍ରାମର ମହାବୀର ପ୍ରସାଦ ଶୁକ୍ଳା (୪୫)। ସମ୍ବଲପୁର ଭତରାସ୍ଥିତ ଶଙ୍କର ମଠ ମନ୍ଦିରରେ ବୈଦିକ ରୀତିନୀତି ଅନୁସାରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହା ସମାଜ ପାଇଁ ଉଦାହରଣ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଚିପିଲିମା ଅଞ୍ଚଳର ଆଦିକନ୍ଦ ତ୍ରିପାଠୀଙ୍କ ଝିଅ ହେଉଛନ୍ତି ଲକ୍ଷ୍ମୀ। ସେ ପିଲା ଦିନରୁ ମୂକ ଓ ବଧିର। ହେଲେ ସେ ଘରର କାମ ବେଶ ସୂଚାରୁ ରୂପେ କରିପାରନ୍ତି। ସୁନ୍ଦରଗଡ଼ ଜିଲାର ଏକ ସ୍କୁଲରେ ସେ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଲକ୍ଷ୍ମୀଙ୍କର ଦୁଇ ଭଉଣୀ ଥିବା ବେଳେ ତାଙ୍କୁ ନେଇ ପରିବାରରେ ସମସ୍ତଙ୍କ ଚିନ୍ତା ଥିଲା। ଶେଷରେ ଜଣେ ସହପାଠୀଙ୍କ ସହଯୋଗକ୍ରମେ ଲକ୍ଷ୍ମୀ ଦୀର୍ଘ ଦିନ ପରେ ନିଜ ମନର ମଣିଷକୁ ଖୋଜି ପାଇଥିଲେ। ଝାଡ଼ଖଣ୍ଡର ମହାବୀର ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ସେ ମଧ୍ୟ ମୂକ ବଧିର ହୋଇଥିଲେ ହେଁ ଜଣେ ସଫଳ ବ୍ୟବସାୟୀ। ମହାବୀର ଓ ଲକ୍ଷ୍ମୀଙ୍କ ମଧ୍ୟରେ ଗତ କିଛି ଦିନ ହେଲା ସମ୍ପର୍କ ଗଢ଼ି ଉଠିଥିବା ବେଳେ ଉଭୟ ହ୍ୱାଟ୍ସ ଆପ୍‌ରେ ଚାଟିଂ କରୁଥିଲେ। ଏହି ସମ୍ପର୍କ ବିଷୟରେ ଉଭୟେ ନିଜ ପରିବାରଙ୍କୁ ଜଣାଇଥିଲେ। ଗତ ୧୬ ତାରିଖରେ ଚିପିଲିମାରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ଧାର୍ଯ୍ୟ ତିଥି ଅନୁସାରେ ରବିବାର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ମଠ ବାବାଙ୍କ ଆଶୀର୍ବାଦ ଭିକ୍ଷା କରି ନବ ଦମ୍ପତି ସାଂସାରିକ ଜୀବନ ଆରମ୍ଭ କରିଛନ୍ତି।

# ବିକାଶ କ୍ରିକେଟ କ୍ଲବ, ସୋହେଲା ବିଜୟୀ

**ବରଗଡ଼ ଅଫିସ୍,୨୧।୩**



ଶତକ ଅର୍ଜନ କରିଥିବା ବିକାଶ କ୍ରିକେଟ କ୍ଲବର ୨ ବ୍ୟାଟ୍ସମ୍ୟାନ।

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଷ୍ଟାଡ଼ିୟମ ଏବଂ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ରବିବାର ମ୍ୟାଚ୍‌ରେ ବିକାଶ କ୍ରିକେଟ କ୍ଲବ ଏବଂ ସୋହେଲା ଆଥଲେଟିକ ଆସୋସିଏଶନ ବିଜୟୀ ହୋଇଛନ୍ତି। ବିକାଶ ଷ୍ଟାଡ଼ିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିକାଶ କ୍ରିକେଟ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୪ଉଇକେଟ୍ ହରାଇ ୩୬୩ରନ ସଂଗ୍ରହ କରିଥିଲା। ଜବାବରେ ଜେୱାଇଏସ୍ ଦଳ ୩୫ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୦୮ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ସେହିପରି ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଅନୁଷ୍ଠିତ ମ୍ୟାଚରେ ସୋହେଲା କ୍ରିକେଟ ଆସୋସିଏଶନ ଟସ୍ ଜିତି ପ୍ରତିପକ୍ଷ ବରଗଡ଼ର ସୁପର ଜିମ୍ନାସିୟମକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସୁପର ଜିମ୍ନାସିୟମ ବ୍ୟାଟିଂ କରି ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୪୫ ରନ ସଂଗ୍ରହ କରିଥିଲା। ଜବାବରେ ସୋହେଲା ୩୬.୩ ଓଭରରେ ୫ଉଇକେଟ ହରାଇ ୨୪୮ରନ ସଂଗ୍ରହ ସହିତ ମ୍ୟାଚ୍ ଜିତିଥିଲା।

# ନବକିଶୋର, ପାଟଣାଗଡ଼ ବିଜୟୀ

**ବଲାଙ୍ଗୀର ଅଫିସ, ୨୧।୩**

**ସିନିଅର ଇନ୍‌ଟ୍ରାକ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟ**

ସିନିଅର ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ନବକିଶୋର ଦଳ ଓ କଣ୍ଟାବାଞ୍ଜି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନବକିଶୋର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ଉଇକେଟ ହରାଇ ୨୯୩ ରନ୍ ସ୍କୋର କରିଥିଲେ। ନବକିଶୋର ଦଳ ତରଫରୁ ଗୋଲକ ସିଂଦେଓ ସର୍ବାଧିକ ୬୮ ଓ ଜୟକିଶନ ପଟ୍ଟନାୟକ ୬୨ ରନ୍ ସଂଗ୍ରହ କରିଥିଲେ। କଣ୍ଟାବାଞ୍ଜି ତରଫରୁ ସୁଶାନ୍ତ ପଟେଲ ସର୍ବାଧିକ ୩ଟି ଓ ଅଭିଷେକ ଚୌଧୁରୀ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କଣ୍ଟାବାଞ୍ଜି ୨୯ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୧୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। କଣ୍ଟାବାଞ୍ଜି ତରଫରୁ ବିଜୟ କୁମାର ସର୍ବାଧିକ ୭୨ ରନ୍ ଓ ଅବିନାଶ କୁମାର ୧୭ ରନ୍ ସଂଗ୍ରହ କରିଥିଲେ। ନବକିଶୋର ଦଳ ତରଫରୁ ସୌଭାଗ୍ୟ ପଟେଲ ୪ଟି ଉଇକେଟ ଓ ଶୈଳେଶ ପଟ୍ଟନାୟକ ୩ଟି ଉଇକେଟ ଅକ୍ତିଆର କରିଥିଲେ।

ପାଟଣାଗଡ ଷ୍ଟାଡିୟମଠାରେ ପାଟଣାଗଡ଼ ଓ ଲାୟନ୍ସ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପାଟଣାଗଡ଼ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୪୮ ଓଭରରେ ସମସ୍ତ ଉଇକେଟ ହରାଇ ୩୨୮ ରନ୍ ସ୍କୋର କରିଥିଲା। ପାଟଣାଗଡ଼ ତରଫରୁ ସୁମନ ପଟ୍ଟନାୟକ ସର୍ବାଧିକ ୧୧୦ ରନ୍ ଓ ହର ବେନ୍ତକାର ୫୮ ରନ୍ କରିଥିଲେ। ଲାୟନ୍ସ ଏକାଡେମୀ ତରଫରୁ ରୋଶନ ପାଣିଗ୍ରାହୀ ସର୍ବାଧିକ ୪ଟି ଓ ଅଜୟ ନାଗ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୩୨୯ ରନ୍‌ର ଲକ୍ଷକୁ ପିଛା କରିବାକୁ ଯାଇ ଲାୟନ୍ସ ଏକାଡେମୀ ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୩୦ ରନ୍ କରିବାର ସକ୍ଷମ ହୋଇଥିଲା। ଲାୟନ୍ସ ଏକାଡେମୀ ତରଫରୁ ଗୁଣନିଧି କୁଦେଇ ୨୪ ରନ୍ ଓ ରିଙ୍କୁ ନାଗ ୧୭ ରନ୍ ସଂଗ୍ରହ କରିଥିଲେ। ପାଟଣାଗଡ଼ ତରଫରୁ ବେନ୍ତକାର ୩ଟି, ରାହୁଲ ରାଉତ ଓ ସାଗର ପରୁଆଙ୍କୁ ୨ଟି ଉଇକେଟ ମିଳିଥିଲା। ପାଟଣାଗଡ କ୍ରିକେଟ ଦଳ ୧୯୮ ରନ୍‌ରେ ବିଜୟ ଲାଭ କରିଥିଲେ।



ଗାନ୍ଧୀ ଷ୍ଟାଡିୟମର ବିଜୟୀ ନବକିଶୋର କ୍ରିକେଟ୍ ଟିମ୍ ସଦସ୍ୟ।




ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କୋଣାର୍କ ଗସ୍ତକୁ ସ୍ୱାଗତ ଜଣାଇ ରବିବାର ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଓ ଶିଳ୍ପା ଗୋଚ୍ଛାୟତଙ୍କ ବାଲୁକା କଳା।

# ଶିକ୍ଷା ପରିବେଶରେ ସୁଧାର ଆସିବ

**ବଲାଙ୍ଗୀର ଅଫିସ,୨୧।୩**

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ମୋ କଲେଜ ଅଭିଯାନର ଉଦ୍‌ଘାଟନୀ ସଭାରେ ମତ**



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ମୋ କଲେଜ ଅଭିଯାନ ଉଦ୍‌ଘାଟନୀ ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରୋଜେକ୍ଟର ଜରିଆରେ ସିଧା ପ୍ରସାରଣ କରାଯାଇଥିଲା। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଲେଜର ବହୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ଅଧ୍ୟକ୍ଷ ଓ ପ୍ରଫେସର ଯୋଗଦାନ କରିଥିଲେ। ଏହି ଅଭିଯାନ ଜରିଆରେ ପୁରାତନ ଛାତ୍ରୀଛାତ୍ର ସେମାନଙ୍କ କଲେଜକୁ ଫେରି ଦାୟିତ୍ୱସମ୍ପନ୍ନ ଭାବେ ଯୋଡି ହୋଇପାରିବେ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନୀ ସଭା ପ୍ରସାରଣ ପରେ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ରାଜେନ୍ଦ୍ର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ମିଶ୍ର, ପ୍ରଫେସର ବିନୟ କୁମାର ଜେନା, ଅବସରପ୍ରାପ୍ତ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ରବିଶଙ୍କର ପାଣ୍ଡିଆ, ବରିଷ୍ଠ ଆଡଭୋକେଟ୍ ଭାବାନୀ ଶଙ୍କର ଶତପଥୀ ବକ୍ତବ୍ୟ ରଖି ମୋ କଲେଜ ଅଭିଯାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହାଦ୍ୱାରା ପୁରାତନ ଛାତ୍ରୀଛାତ୍ର ଓ ପୃଷ୍ଠପୋଷକ ପୁଣି ଥରେ କଲେଜରେ ଯୋଡି ହୋଇ ଉଚ୍ଚଶିକ୍ଷା କ୍ଷେତ୍ରକୁ ସମୃଦ୍ଧ କରିପାରିବେ ବୋଲି ଆଶା କରିଥିଲେ। କଲେଜଗୁଡିକର ଶିକ୍ଷା ପରିବେଶ ସୁଧୁରିବା ସହ ଆର୍ଥିକ ଦିଗରେ ମଧ୍ୟ ଏହା ସମୃଦ୍ଧ ହେବ ବୋଲି କହିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ଅଥରାଶିର ଦୁଇଗୁଣ ରାଜ୍ୟ ସରକାର ମ୍ୟାଚିଂଫଣ୍ଡ ପ୍ରଦାନ କରିବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଦୀପ୍ତିମଞ୍ଜରୀ ମେହେର, ପ୍ରଫେସର ପବିତ୍ର ମୋହନ ଦେବତା, ପ୍ରଫେସର ଅକ୍ଷୟ କୁମାର ମିଶ୍ର, ପ୍ରଫେସର ବିଶ୍ୱଜିତ୍ ବେହେରା, ପ୍ରଫେସର ସୁମିତ୍ କୁମାର ପ୍ରଧାନ, ଗୌତମ ପ୍ରଧାନ ଉପସ୍ଥିତ ଥିଲେ। ଶେଷରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମୋ କଲେଜ ଅଭିଯାନର ଇନଚାର୍ଜ ପ୍ରଫେସର ମଦନ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ଲୋ ଓଭର ରେଟ୍ ପାଇଁ ଭାରତ ଦଣ୍ଡିତ

**ଅହମଦାବାଦ, ୨୧।୩ (ପି.ଟି)**

ଇଂଲଣ୍ଡ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ରେ ସ୍ଲୋ-ଓଭର ରେଟ୍ ପାଇଁ ଭାରତକୁ ଏହାର ମ୍ୟାଚ ଫି’ର ୪୦ ପ୍ରତିଶତ ଜରିମାନା କରାଯାଇଛି। ବିରାଟ କୋହଲିଙ୍କ ଦଳ ଟାର୍ଗେଟଠାରୁ ୨ ଓଭର ପଛରେ ରହିଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନିୟମାନୁସାରେ ଧାର୍ଯ୍ୟ ସମୟ ଭିତରେ ନିର୍ଦ୍ଧାରିତ ଓଭର ବୋଲିଂ ଶେଷ କରିବାକୁ ହେବ। ଏହି ସମୟ ମଧ୍ୟରେ ଯେଉଁ ଦଳ ଯେତେ ଓଭର ପଛୁଆ ରହିବ ଓଭର ପିଛା ମ୍ୟାଚ ଫି’ର ୨୦ ପ୍ରତିଶତ ହିସାବରେ ଜରିମାନା ଦେବାକୁ ହେବ। ଅନ୍‌ଫିଲ୍ଡ ଅମ୍ପାୟର ଅନିଲ ଚୌଧାରୀ ଓ ନୀତିନ ମେନନ ଏବଂ ତୃତୀୟ ଅମ୍ପାୟର କେ.ଏନ୍. ଅନନ୍ତପଦ୍ମନାଭନଙ୍କ ଅଭିଯୋଗକୁ ଭିତ୍ତିକରି ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରି ଜାଭାଗଲ ଶ୍ରୀନାଥ ଏହି ଦଣ୍ଡବିଧାନ କରିଛନ୍ତି।




# ଇଂଲଣ୍ଡ ଦଳରୁ ରୁଟ୍, ଆର୍ଚର ବାଦ୍

**ଅହମଦାବାଦ, ୨୧।୩ (ପି.ଟି.):** ମଙ୍ଗଳବାରଠାରୁ ପୁଣେରେ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଭ୍ରମଣକାରୀ ଇଂଲଣ୍ଡ ଦଳ ଘୋଷିତ ହୋଇଛି। ଏହି ୧୪ ଜଣିଆ ଦଳରେ ତାରକା ବ୍ୟାଟ୍ସମ୍ୟାନ ତଥା ଟେଷ୍ଟ ଅଧିନାୟକ ଜୋ ରୁଟ୍ ଓ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ବାଦ୍ ଦିଆଯାଇଛି। ଟେଷ୍ଟ ସିରିଜରେ ଖେଳିବା ପରେ ରୁଟ୍ ବିଶ୍ରାମ ପାଇଁ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲେ। ଫଳରେ ସେ ଚୟନ ପାଇଁ ଉପଲବ୍ଧ ହୋଇପାରିନାହାନ୍ତି। ସେହିପରି ଇଞ୍ଜୁରି କାରଣରୁ ତାରକା ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କୁ ବାଦ୍ ଦିଆଯାଇଛି। ଆର୍ଚରଙ୍କ ଏଲ୍‌ବୋ ଇଞ୍ଜୁରି ସାଂଘାତିକ ହୋଇଛି ଓ ଏହି ଦିନିକିଆ ସିରିଜ ସମେତ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ମଧ୍ୟ ସେ ଓହରିଯାଇଛନ୍ତି ବୋଲି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ କହିଛନ୍ତି। ସେ ଏଥିପାଇଁ ଇଂଲଣ୍ଡ ଫେରିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ ସୂଚନା ଦିଆଯାଇଛି। ୩ଟି ଯାକ ଦିନିକିଆ ୨୩, ୨୬ ଓ ୨୮ ତାରିଖରେ ଖେଳାଯିବ। ଡାହାଣ ଏଲ୍‌ବୋ ଇଞ୍ଜୁରି କାରଣରୁ ସେ ଚୟନ ପାଇଁ ଅନ୍‌ଫିଟ୍ ବୋଲି ଇସିବି କହିଛି। ଟି୨୦ ସିରିଜ ଖେଳିଥିବା ଜ୍ୟାକ ବଲ, କ୍ରିସ୍ ଜୋର୍ଡାନ ଓ ଡାୱିଡ୍ ମଲାନ ମଧ୍ୟ ଅତିରିକ୍ତ ଖେଳାଳି ଭାବେ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ଟି୨୦ ସିରିଜରେ ଭାରତ ୩-୨ରେ ବିଜୟୀ ହୋଇଛି।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ସାମ ବିଲିଙ୍ଗ୍ସ, ଜୋଶ ବଟଲର, ସାମ୍ କୁରାନ, ଟମ କୁରାନ, ଲିଆମ ଲିଭିଂଷ୍ଟୋନ, ମ୍ୟାଟ୍ ପାର୍କିନସନ, ଆଦିଲ ରସିଦ, ଜାସନ ରୟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍ଲେ ଓ ମାର୍କ ଉଡ୍।






## ଅଗ୍ନିକାଣ୍ଡରେ ଜଳିଗଲା ଫାର୍ମ ହାଉସ୍

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ସଫେଡ କୁମାର ଦାଶଙ୍କ ଫାର୍ମ ହାଉସରେ ରବିବାର ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସେଠାରେ ଥିବା ୫୦ଟି ଆମ୍ବଗଛ, ଏକ ପାଳଗଦା ନଷ୍ଟ ହୋଇଯାଇଛି। ବରଗଡ଼ରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ଅନ୍ୟ ଏକ ପାଳଗଦା, ଛେଳି ଏବଂ ଗାଈ ଅଗ୍ନିକାଣ୍ଡରୁ ବର୍ତ୍ତି ଯାଇଛି। ସେହିପରି ଫାର୍ମ ହାଉସକୁ ଲାଗି ରହିଥିବା କମଗାଁ ରେଞ୍ଜ ଅଧୀନ ବାଉଲସିଂହାରେ ପ୍ରାୟ ୧କି.ମି ପରିମିତ ଜମିରେ ରହିଥିବା ଶାଗୁଆନ ଗଛ ଆଦି ନଷ୍ଟ ହୋଇଛି । ଭଟଲି ଦମକଳ ବାହିନୀ ସମେତ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

### ସଂକ୍ଷେପରେ

## ସିଂଘିଯୁବା ଘଣ୍ଟେଶ୍ୱରୀ ପୀଠରେ ପାନୀୟ ଜଳାଭାବ

ବିନିକା,୨୧।୩(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମ ପଞ୍ଚାୟତରେ ଥିବା ଘଣ୍ଟେଶ୍ୱରୀ ପୀଠରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଫଳରେ ଏହି ପୀଠକୁ ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ବିନିକା-ସିଂଘିଯୁବା ମୁଖ୍ୟରାସ୍ତା ମଧ୍ୟବର୍ତ୍ତୀ ଜାମପାଲି ଠାରେ ଏହି ପାହାଡ ଅବସ୍ଥିତ। ଏହି ପୀଠର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ। ପାହାଡରେ ସୋମନାଥ ମନ୍ଦିର, ୩୦ଫୁଟ ଉଚ୍ଚର ହନୁମାନ ପ୍ରତିମୂର୍ତ୍ତି ଓ ଓ ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିର ରହିଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଏଠାକୁ ବୁଲିବାକୁ ଆସୁଥିବା ବେଳେ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ବିଶେଷ କରି ସିଂଘିଯୁବା,ବାବୁପାଳି, ସିନ୍ଦୁରପୁର, ଭଣ୍ଡାର, ଡଭଲା ଆଦି ଅଞ୍ଚଳର ଲୋକଙ୍କ ଭିଡ ଜମେ । କିନ୍ତୁ ଏହି ପୀଠରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇ ନାହିଁ। ପାହାଡ ତଳେ କିଛି ବର୍ଷ ତଳେ ମାତ୍ର ଗୋଟିଏ ନଳକୂପ ଖନନ ହୋଇଥିଲା। ଏହା ଗତ ୪ ମାସ ହେଲା ଅଚଳ ହୋଇପଡିଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଯଥାଶୀଘ୍ର ଏହି ପୀଠରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ଖଡିଆଳ ବନଖଣ୍ଡ ପକ୍ଷରୁ ବନଖଣ୍ଡ ଦିବସ ପାଳିତ

ଖଡିଆଳ, ୨୧।୩ (ଡି.ଏନ.ଏ.): ନୂଆପଡା ଜିଲା ବନଖଣ୍ଡ ପକ୍ଷରୁ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏଥିରେ ଖଡିଆଳ ଉପଖଣ୍ଡର ୨୦ଟି ଗ୍ରାମର ବନସୁରକ୍ଷା ସମିତି ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ କିପରି ରକ୍ଷା କରିବା ଏବଂ ଜଙ୍ଗଲରେ ବୃକ୍ଷ ରୋପଣ ତଥା ତାହାର ରକ୍ଷଣବେକ୍ଷଣ ଉପରେ ଯତ୍ନ ନେବା ପାଇଁ ଲୋକଙ୍କୁ ସଚେତନତା କରାଇଥିଲେ। ଖଡିଆଳ ବନଖଣ୍ଡ ରେଞ୍ଜର ସଦାନନ୍ଦ ସୁନାନୀଙ୍କ ସଭାପତିତ୍ୱରେ ଏକ ଶୋଭାଯାତ୍ରା ବାହାରି ଖଡିଆଳ ସହରକୁ ନଗର ପରିକ୍ରମା କରି ସଚେତନତା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ମେଜର ଡ. ରାମଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ମୋତିଲାଲ ବାଗ, ଶଙ୍କରଲାଲ ବାଗ, ପ୍ରତାପ ମାଝି, ଯୋଗେଶ୍ୱର ନିଆଲ, ଫରେଷ୍ଟର ଲିଙ୍ଗରାଜ ହଂସ ପ୍ରମୁଖ ସାମିଲ ହୋଇ ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଖଡିଆଳ ସହର ପରିକ୍ରମା କରି ଲୋକଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା କରିଥିଲେ। ବନଖଣ୍ଡ ବିଭାଗ କର୍ମଚାରୀ ତାପସ ପତି ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ସମସ୍ୟା ଘେରରେ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟ

### ଅଫିସରେ ତାଲା

ବାଉଁଶୁଣୀ,୨୧।୩(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟରେ ନା ନା ଅବ୍ୟବସ୍ଥା ଲାଗି ରହିଛି । ଏପରି ସ୍ଥଳେ ଗତ ୪ ଦିନ ହେବ ଅଫିସରେ ତାଲା ପଡିଛି। ଫଳରେ ଦୂରଦୂରାନ୍ତରୁ ଆସିଥିବା ଗୋପାଳକମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି । ପ୍ରକାଶ ଯେ, ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ନଳକୂପ ଗତ ୨ ବର୍ଷ ହେବ ଅଚଳ ହୋଇ ପଡିରହିଛି। ଫଳରେ ଚିକିତ୍ସାଳୟ କର୍ମଚାରୀ ତଥା ଏଠାକୁ ଆସୁଥିବା ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। । ଏହି ଅଚଳ ନଳକୂପକୁ କାର୍ଯ୍ୟକ୍ଷମ କରିବାକୁ ବହୁବାର ଦାବି ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ସେହିପରି ଦୁଇ ବର୍ଷ ହେବ ଚିକିତ୍ସାଳୟର ପାଚେରି ଭାଙ୍ଗି ଯାଇଛି । ଫଳରେ ବୁଲା ଗାଈ ଗୋରୁ ଅବାଧରେ ଅଫିସ ଭିତରେ ପ୍ରବେଶ କରୁଛନ୍ତି । ଏପରି କି ଅନେକ ସମୟରେ ସେଠାରେ ଅସାମାଜିକ ଯୁବକ ଆଡ୍ଡା ଜମାଉଥିବା ଦେଖିବାକୁ ମିଳୁଛି। ଏ ନେଇ ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରାଙ୍କୁ ପଚାରା ଯିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଜିଲାପାଳ ଯଥାଶୀଘ୍ର ଏହି ପ୍ରାଣୀ ଚିକିତ୍ସାଳୟର ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଘରୋଇ ସ୍କୁଲରେ ଫି ଛାଡ଼ ଦାବି

### ଡିଇଓଙ୍କୁ ଫେରାଦ ହେଲା ଅଭିଭାବକ ସଂଘ

ବରଗଡ଼ ଅଫିସ୍,୨୧।୩


ବରଗଡ଼ ଜିଲା ଘରୋଇ ଅଭିଭାବକ ସଂଘ ପକ୍ଷରୁ ଡିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଘରୋଇ ସ୍କୁଲ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଫି ଛାଡ଼ କରିବା ନେଇ ବରଗଡ଼ ଜିଲା ଅଭିଭାବକ ସଂଘ ଶନିବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମିତ୍ରଭାନୁ କଚ୍ଛପଙ୍କୁ ଫେରାଦ ହୋଇଥିଲା। ଏ ସମ୍ପର୍କରେ ଡିଇଓ କଚ୍ଛପଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉଚ୍ଚ ନ୍ୟାୟାଳୟର ପରାମର୍ଶ ତଥା ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରଙ୍କ ଫି ଉପରେ ବିହିତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି।

କରୋନା ସଂକ୍ରମଣ ତଥା ଏଥିପାଇଁ ହୋଇଥିବା ଲକ୍ ଡାଉନ ଏବଂ ଶଟ୍ ଡାଉନ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଏପରିକି ସ୍କୁଲ ଗୁଡ଼ିକ ବନ୍ଦ ରହିଥିବାବେଳେ କାଁ ଭାଁ କେତେବେଳେ ଅନ୍‌ଲାଇନ୍ କ୍ଲାସ ଚାଲିଥିଲା। ଏପର୍ଯ୍ୟନ୍ତ ପାଠପଢ଼ା ସ୍ୱାଭାବିକ ହୋଇପାରି ନାହିଁ। ଅନ୍ୟପଟେ ବିଭିନ୍ନ ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଫି ଦାବି କରୁଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଅଭିଭାବକ ସଂଘ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏହି ପ୍ରସଙ୍ଗକୁ ବିଚାର କରିବା ପରେ ଗଣଶିକ୍ଷା ବିଭାଗ ଫି ପ୍ରସଙ୍ଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗଣଶିକ୍ଷା ବିଭାଗର ସେହି ନିର୍ଦ୍ଦେଶ ବରଗଡ଼ରେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ଜିଲା ଅଭିଭାବକ ସଂଘ ଅଭିଯୋଗ କରିଛି। ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ବିହିତ ପଦକ୍ଷେପ ନେବା ତଥା ଛାତ୍ରୀଛାତ୍ରଙ୍କ ଫି ଛାଡ଼ କରିବାକୁ ଅଭିଭାବକ ସଂଘ ନିବେଦନ କରିଛି। ଏହାସହିତ ସମସ୍ତ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏକ ବୈଠକକୁ ଡାକି ଫି ଛାଡ଼ ଉପରେ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସଂଘର ସଭାପତି ବିମଳ କୁମାର ଦାଶଙ୍କ ସମେତ ସୁଜିତ ମିଶ୍ର, ରଞ୍ଜିତ ସାହୁ, ବିରେନ୍ଦ୍ର ପଣ୍ଡା, ମହେଶ୍ୱର ପାଣ୍ଡେ, ଆଶୁତୋଷ ରଥ, ଜ୍ୟୋତ୍ସ୍ନା ପାଇକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# କେସିଙ୍ଗା ବ୍ଲକ: ମୋ କଲେଜ ଅଭିଯାନ



ମୋ କଲେଜ୍ ଅଭିଯାନରେ ଅଂଶ ଗ୍ରହଣ କରିଥିବା ଅଧ୍ୟାପକ ବୃନ୍ଦ ।

କେସିଙ୍ଗା/ତୁଣ୍ଡଲା, ୨୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟ ପରିସରରେ ରବିବାର ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା କଲେଜ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସାହାଙ୍କ ନେତୃତ୍ୱରେ କଲେଜର ବରିଷ୍ଠ ଇଂଲିଶ ଅଧ୍ୟାପକ ସୁଶାନ୍ତ ପାଢ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀବୃନ୍ଦ ଓ ପୂରାତନ ଛାତ୍ର ଯୋଗଦେଇଥିଲେ। ରବିବାର ଅପରାହ୍ନ ସାଢ଼େ ୪ଟାରେ ମୋ କଲେଜ ଅଭିଯାନ ୱେବ ପୋଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଲୋକାର୍ପିତ କରିଛନ୍ତି। ସେହିପରି ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ଅଧ୍ୟକ୍ଷତାରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ମୋ କଲେଜ ଅଭିଯାନ ସଂଯୋଜକ ଅଧ୍ୟାପକ ନିରଞ୍ଜନ ମାଝି କଲେଜର ଉନ୍ନତି ବିଷୟରେ ବୁଝାଇଥିଲେ। କଲେଜ ଅଧ୍ୟାପକ ମଦନମୋହନ ସାହୁ, ସଦାନନ୍ଦ ଶତପଥି, ଦୁର୍ଯ୍ୟୋଧନ ବିଶୋଇ, ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲର ସୁରକ୍ଷା ପ୍ରାଥମିକ ଦାୟିତ୍ୱ

ବୌଦ୍ଧ/ବଘିଆପଡା/ବାଉଁଶୁଣୀ,୨୧।୩.୨୦୨୧ (ସ୍ୱପ୍ର/ଡି.ଏନ.ଏ.)


ବିଶ୍ୱ ବନ ଦିବସରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ ଜିଲା ବଘିଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୌଦ୍ଧ ବନଖଣ୍ଡ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ରବିବାର ପାଳିତ ହୋଇଯାଇଛି। ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ଯୋଗଦେଇ ଗଛ ଲଗାଇବା, ଗଛ ବଞ୍ଚାଇବା, ଗଛ ପୂଜା, ଗଛର ମାହାତ୍ମ୍ୟ ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କିରବା ତଥା ସମସ୍ତ ବିଦ୍ୟାଳୟର ଇକୋ କ୍ଲବଗୁଡିକ କାର୍ଯ୍ୟକାରୀ କରିବା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର କୁମାର ଦାସ ଯୋଗଦେଇ ଗଛ ତଥା ଜଙ୍ଗଲର ସୁରକ୍ଷା କିପରି କରାଯାଇପାରିବ ଆଲୋଚନା କରିଥିଲେ। ବନଖଣ୍ଡ ଅଧିକାରୀ ସେଠୀ ବହୁ ସଂଖ୍ୟାରେ ଗଛ ଲଗାଇବା ଓ ତାହାର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବଘିଆପଡା ସରପଞ୍ଚ ସୈରେନ୍ଦ୍ରୀ ମହାକୁଲ, ପରିବେଶବିତ୍ ସ୍ୱରାଜ କୁମାର କହଁର ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଜଙ୍ଗଲର ସୁରକ୍ଷା ସମସ୍ତ ନାଗରିକର ପ୍ରାଥମିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅତିରିକ୍ତ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବୌଦ୍ଧ ବନଖଣ୍ଡ ପକ୍ଷରୁ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଇକୋ କ୍ଲବ ପ୍ରଥମ ପୁରସ୍କାର ଭାବରେ ପ୍ରମାଣପତ୍ର ସହ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅତିରିକ୍ତ ବନ ସଂରକ୍ଷକ ଜିତେନ୍ଦ୍ର କୁମାର ବେହେରା, ନାରାୟଣ ସ୍ୱାଇଁ, ନିହାର ରଞ୍ଜନ ମଲ୍ଲିକ, ପ୍ରଦୀପ ବେହେରା, ବନପାଳ ଶେଷଦେବ ମେହେର ଓ ଗୋବର୍ଦ୍ଧନ ମେହେର ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ସଚେତନ ଯୁବକ, ମହିଳା, ଶିକ୍ଷକ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

କୋକସରା, ୨୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ କୋକସରା ମଣ୍ଡଳ ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। କୋକସରା ମଣ୍ଡଳ ନବନିଯୁକ୍ତ ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝିଙ୍କ ସଭାପତିତ୍ୱରେ ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର ୬୧ଜଣ କାର୍ଯ୍ୟକାରୀ ସକ୍ରିୟ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲା ଉପସଭାପତି ବଦ୍ରୀ ନାରାୟଣ ପଟ୍ଟନାୟକ, ମୋଟେରେ ଜିଲା ପରିଷଦ ସଭ୍ୟ ଅମୋଜ ପଣ୍ଡା, ଜିଲା ଆଇଟି ସେଲ ସଦସ୍ୟ ଗୋଦାବରୀଶ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଉପସଭାପତି ସୁଧୀର ପାତ୍ର, ସାଧାରଣ ସମ୍ପାଦକ କୋଷାଧ୍ୟକ୍ଷ ଦୈତାରି ବାରିକଙ୍କ ସମେତ ଗଣେଶ ନନ୍ଦଙ୍କ ସମେତ ମହିଳା କର୍ମୀ ରୁକ୍ମଣୀ ମାଝି, ଜାହ୍ନବୀ ବାଗ, କାଞ୍ଚନ ନେଗି, ରୁକ୍ମଣୀ ଦାସ ପ୍ରମୁଖଙ୍କୁ ସାଙ୍ଗଠାନିକ କାର୍ଯ୍ୟ ଭାର ଦିଆଯାଇଛି।

# ପୋଲିସ ସହାୟତା ଲୋଡିଲେ ତାମିଲନାଡୁ ଯାଉଥିବା ଶ୍ରମିକ

ଦେଓଗାଁ, ୨୧।୩(ଡି.ଏନ.ଏ.)

ପାଟନା ଓ ଝାରଖଣ୍ଡର ଶ୍ରମିକମାନେ କାମ କରିବା ପାଇଁ ତାମିଲନାଡୁ ଯାଉଥିଲେ। ଶ୍ରମିକମାନଙ୍କୁ ନେଉଥିବା ବସ୍ ହଇରାଣ କରିବାରୁ ସେମାନେ ଶ୍ରମିକ କଣ୍ଟ୍ରୋଲ ରୁମ୍‌କୁ ଫୋନ କରି ଅଭିଯୋଗ କରିଥିଲେ। ଖବର ପାଇ ଦେଓଗାଁ ଥାନା ପୋଲିସ ଉକ୍ତ ବସ୍(ନଂ.ଟିଏନ୫୨ସି ୯୯୫୯) ସହ ୪୪ଜଣ ଶ୍ରମିକଙ୍କୁ ସ୍ଥାନୀୟ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା । ଶ୍ରମିକମାନଙ୍କ ଅଭିଯୋଗ ମୁତାବକ ଗତ ୧୯ ତାରିଖରେ ପାଟନା, ଝାରଖଣ୍ଡ ରାଜ୍ୟର ସିରିଡି ଜିଲା ଅନ୍ତର୍ଗତ ଦଲାଞ୍ଚଳକରି, ବାନୋ, ଜନ୍ତଡା ଅଞ୍ଚଳରୁ ଶ୍ରମିକମାନେ ବାହାରିଥିଲେ। ସେଠାରୁ ବସ୍ ଯୋଗେ ସେମାନେ ସିଧା ଯାଇଥିଲେ ୨୦ ତାରିଖ ସକାଳେ ତାମିଲନାଡୁରେ ପହଞ୍ଚିଥାନ୍ତେ । କିନ୍ତୁ ବସ୍ ଚାଳକ ସିଧା ନ ଯାଇ ବିଭିନ୍ନ ପଟେ ବସ୍‌କୁ ନେଇ ଦିନ ଗଡାଇ ଚାଲିଥିବାରୁ ଶ୍ରମିକମାନେ ସନ୍ଦେହ କରିଥିଲେ। ବଲାଙ୍ଗୀରରେ ପହଞ୍ଚିବା ପରେ ଶ୍ରମିକମାନେ ପ୍ରଶାସନର ସହାୟତା ନେଇଥିଲେ । ଦେଓଗାଁ ପୋଲିସ ସମସ୍ତ ଶ୍ରମିକ ଓ ଡ୍ରାଇଭରଙ୍କୁ ଅଟକ ରଖି ଶ୍ରମ ବିଭାଗକୁ ଖବର ଦେଇଥିଲେ। ଦେଓଗାଁ ଦାୟିତ୍ୱରେ ଥିବା ଶ୍ରମିକ ଅଧିକାରୀ ନିରଞ୍ଜନ ଭୂୟାଁ ଥାନାରେ ପହଞ୍ଚି ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ। ଏଠୁ ସିଧାସଳଖ ତାମିଲନାଡୁ ପହଞ୍ଚାଇବା ପାଇଁ ଶ୍ରମିକମାନେ ଦାବି କରିଥିଲେ। ପରେ ଶ୍ରମ ବିଭାଗ ଓ ପୋଲିସ ମିଳିତ ଉଦ୍ୟମରେ ଶ୍ରମିକମାନଙ୍କୁ ତାମିଲନାଡୁରେ କାମ କରୁଥିବା ସ୍ଥାନରେ ତୁରନ୍ତ ପହଞ୍ଚାଇବାକୁ ଡ୍ରାଇଭରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାମ କରୁଥିବା ଅନୁଷ୍ଠାନର ମାଲିକଙ୍କ ସହ ଆଲୋଚନା କରି ସମସ୍ତ ଶ୍ରମିକଙ୍କୁ ପଠାଯାଇଥିବା ଥାନାଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି।

# କ୍ରିକେଟ ପ୍ରିମିୟର ଲିଗ୍: ଚିଲିଗୁଡ଼ା ଚାମ୍ପିୟନ

କୋକସରା, ୨୧।୩ (ଡି.ଏନ.ଏ.)


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

କଳାହାଣ୍ଡି ଜିଲା କୋକସରା ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ କସ୍ତୁରବା ଖେଳ ପଡିଆଠାରେ ଚାଲିଥିବା କୋକସରା କ୍ରିକେଟ ପ୍ରିମିୟ ଲିଗ୍ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଚିଲିଗୁଡା ଓ ମାଝିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିଲିଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୨୬ ରନ ସଂଗ୍ରହ କରିଥିଲେ। ଜବାବରେ ମାଝିଗୁଡା ଦଳ ୧୨୭ ରନକୁ ପିଛା କରି ୯୭ ରନ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସମ୍ମାନିତ ଅତିଥି କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ, ପ୍ରମୋଦ ପ୍ରଧାନୀ, ଅବସରପ୍ରାପ୍ତ ପ୍ରାଧାପକ ଡ଼ ଅଜୟ କୁମାର ମଲ୍ଲିକ, ବିଜେଡି ସମ୍ପାଦକ ପଙ୍କଜ ପୋଡ଼, ବ୍ଲକ ବିଜେଡ ସଭାପତି ସୁଶାନ୍ତ ବେହେରା, ଶିବ ପ୍ରଧାନୀ ପ୍ରମୁଖ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହ ନଗଦ ୮ ହଜାର ଟଙ୍କା ଓ ରନର୍ସଅପ ଦଳ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଫାଇନାଲ ଖେଳକୁ ଅମ୍ପୟାର ମୋହନ ବାଗ ଓ ସୁରେନ୍ଦ୍ର ମାଝି ପରିଚାଳନା କରିଥିଲେ। କୋକସରା ସ୍ପୋର୍ଟ୍ସ କ୍ଲବର ମହେଶ ଗୁପ୍ତା, ମୋହନ ନାଏକ, ଶୁଭମ ନେଗି, କ୍ଷମାନିଧି ନାଏକ ପ୍ରମୁଖ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ମୋ କଲେଜ ଅଭିଯାନ

ବିନିକା,୨୧।୩(ଡି.ଏନ୍.ଏ)

ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ସଭାଗୃହରେ ମୋ କଲେଜ ଅଭିଯାନର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର, ଛାତ୍ର ସଂସଦ ପୂର୍ବତନ ସଭାପତି, ସମ୍ପାଦକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଅଭିଯାନକୁ ସ୍ୱାଗତ କରିଥିଲେ । କଲେଜ ଆଲମ୍ନି ସଂଘ ସଭାପତି ସୋମନାଥ ମିଶ୍ର, ସମ୍ପାଦକ ପ୍ରଶାନ୍ତ ପୂଜାହାରୀ, ଅଶ୍ୱିନୀ ସୁବୁଦ୍ଧି, ସିଦ୍ଧାର୍ଥ ମାଧ୍ୟମିକ କଲେଜ ଅଧ୍ୟକ୍ଷା ରେଖା ପଧାନ, ସୁଧାଂଶୁ ଦାଶ ପ୍ରମୁଖ ଯୋଗଦେଇଥିଲେ। କଲେଜର ଅବସରପ୍ରାପ୍ତ କର୍ମଚାରୀ ମାନଗୋବିନ୍ଦ ମେହେରଙ୍କ ରଚିତ କବିତା ସଂକଳନ ସୁକ୍ତି ମରି ଉନ୍ମୋଚିତ ହୋଇଥିଲା। ଡିଗ୍ରୀ କଲେଜ ଅଧ୍ୟକ୍ଷ ଧୀରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ବଡ଼ାଖାନା କାର୍ଯ୍ୟକ୍ରମ



ବଡ଼ାଖାନା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

କେସିଙ୍ଗା, ୨୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ବଡ଼ାଖାନା କାର୍ଯ୍ୟକ୍ରମ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଉପଜିଲାପାଳ ସୁଶାନ୍ତ କୁମାର ସିଂଙ୍କ ସଭାପତିତ୍ୱରେ କେସିଙ୍ଗା ଏସଡିପିଓ ସୁଶ୍ରୀ ଯୋଗଦେଇଥିଲେ। କରୋନା ସମୟରେ ସହରରେ ସଫେଇ କରିଥିବା ୨୬ଜଣ ସଫେଇ କର୍ମଚାରୀଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ପୂର୍ବତନ ନଗରପାଳ ରମାକାନ୍ତ ଗୌଡ, ରାଜକୁମାର ଜୈନ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଉପଜିଲାପାଳ ଓ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ବଡାଖାନା କାର୍ଯ୍ୟକ୍ରମ ଓ ସଫେଇ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ପୂର୍ବତନ ନଗରପାଳିକା ପ୍ରତିଭା ଚୌଧୁରୀ, ଗୋବିନ୍ଦ ବନଛୋର, ଏନଏସି ସମସ୍ତ କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଘନଶ୍ୟାମ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଶତ୍ରୁଘନ ନାଏକ ଧନ୍ୟବାଦ ଦେଇଥିଲେ ।

# କଳାହାଣ୍ଡି ଟ୍ରକ ମାଲିକ ସଂଘ ସାଧାରଣ ସଭା

ଜୁନାଗଡ଼, ୨୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ନିକଟ ଜୁନାଗଡ଼ ଟ୍ରକ ଆସୋସିଏଶନ ଅଫିସଠାରେ ରବିବାର କଳାହାଣ୍ଡି ଜିଲା ଟ୍ରକ ମାଲିକ ସଂଘ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜୁନାଗଡ଼ ଟ୍ରକ ମାଲିକ ସଂଘ ସଭାପତି ତାପସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଘ କିପରି ମଜଭୁତ ହେବ ସେ ଉପରେ ବିଷଦ ଭାବେ କର୍ମକର୍ତ୍ତାମାନେ ମତ ରଖିଥିଲେ। ସଭାରେ କେସିଙ୍ଗା ଟ୍ରକ ମାଲିକ ସଂଘ ସଭାପତି ହିମାଂଶୁ ଶେଖର ଦାସ, ସମ୍ପାଦକ ରଘୁରାଜ ସିଂ, ଉପସଭାପତି ରାମଜୀ ମାତଖଣ୍ଡିଆ, ଭବାନୀପାଟଣା ଟ୍ରକ ମାଲିକ ସଂଘ ସଭାପତି ମେହର ସିଂଗଲ, ସମ୍ପାଦକ ପିଣ୍ଟି ସିଂ ପ୍ରମୁଖ ଯୋଗ ଦେଇଥିଲେ । ଜୁନାଗଡ଼ ସମ୍ପାଦକ ସୁଧାଂଶୁ ଶେଖର ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ।



ଜୁନାଗଡ଼ରେ ଅନୁଷ୍ଠିତ ବୈଠକରେ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ।

# ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଖସଡ଼ା ପ୍ରସ୍ତୁତ

### ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ

ନୂଆପଡ଼ା ଅଫିସ,୨୧।୩

ନୂଆପଡା ଜିଲାପାଳ ସଦଭାବନା ସଭା ଗୃହରେ ରବିବାର ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳ ସ୍ୱାଧାଦେବ ସିଂ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରି ପ୍ରକଳ୍ପ ତାଲିକାକୁ ଅନୁମୋଦନ କରାଯାଇଥିଲା। ପଞ୍ଚମ ଅର୍ଥ କମିଶନଙ୍କ ଦ୍ୱରା ୨୦୨୦-୨୧ ଆର୍ଥିକ ବର୍ଷ ପ୍ରାପ୍ତ ହେବାକୁ ଥିବା ପାଣ୍ଠି ବିନିଯୋଗ ଉପରେ ଆଲୋଚନା କରାଯାଇଛି। ପଞ୍ଚମ ଅର୍ଥ କମିଶନଙ୍କ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷରେ ନୂଆପଡା ଜିଲା ପରିଷଦକୁ ବିକେନ୍ଦ୍ରୀକରଣ ପାଣ୍ଠି ବାବଦକୁ ୧,୪୫,୭୧,୬୫୪,୦୦ ଟଙ୍କା ପ୍ରାପ୍ତ ହୋଇଛି। ଆଗାମୀ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସମପରିମାଣର ଅର୍ଥ ଜିଲାକୁ ପ୍ରାପ୍ତ ହେବା ଆଶଙ୍କା ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ୧୪୮୫୮ ତା ୨୨।୯।୨୦୨୦ରେ ନିର୍ଦ୍ଦେଶାନୁଯାୟୀ ଆଗାମୀ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନା ଗ୍ରାମ ସ୍ୱରାଜ ପୋର୍ଟାଲରେ ପ୍ରବେଶ କରାଯିବ। ଓଡିଶା ସରକାରଙ୍କ ପତ୍ର ସଂଖ୍ୟା ୯୨୫୨ ତା ୫।୬।୨୦୨୦ ନିର୍ଦ୍ଦେଶାନିଯାୟୀ ବିକେନ୍ଦ୍ରୀକରଣ ପାଣ୍ଠିକୁ ଖର୍ଚ୍ଚ କରିବା ପାଇଁ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକରେ ତାଲିକା ପ୍ରସ୍ତୁତ କରାଯାଇଛି। ସେହିପରି ପଞ୍ଚଦଶ ଅର୍ଥ କମିଶନଙ୍କ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷରେ ନୂଆପଡା ଜିଲା ପରିଷଦକୁ ନିର୍ଭରଶୀଳ ପାଣ୍ଠି (ପୂର୍ବ ନିର୍ଦ୍ଧାରିତ ଆକ୍ସନପ୍ଲାନ) ଟାଏ ବାବଦକୁ ୧,୭୯,୭୭,୭୦୫,୦୦ ଟଙ୍କା ଓ ଅନଟାଏ ତଥା ବିବିଧ ପାଣ୍ଠି ବାବଦକୁ ୮୯,୮୮,୮୫୪,୦୦ ଟଙ୍କା ଆସିଛି। ଗମନାଗମନ, ପାନୀୟ ଜଳ ଯୋଗାଣ ଉପରେ ଖର୍ଚ୍ଚ ହେବ ବୋଲି ବୈଠକରେ ଅନୁମୋଦିତ ହୋଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଲମ୍ବୋଦର ନିଆଲ, ଅବନୀ ରଞ୍ଜନ ଯୋଷୀ, ପିଡି ନବୀନ ପଟେଲ, ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।


ସ୍ୱତନ୍ତ୍ର ଜିଲା ପରିଷଦ ବୈଠକରେ ଉପସ୍ଥିତ ଅତିଥି ।

## ଯାନବାହନ ଯାଞ୍ଚ, ୧.୨୨ଲକ୍ଷ ଜରିମାନା ଆଦାୟ

ଡୁଙ୍ଗୁରିପାଲି,(ଡି.ଏନ.ଏ): ଡୁଙ୍ଗୁରିପାଲି ବ୍ଲକ ଜାତୀୟ ରାଜପଥ ଶିଶୁ ମନ୍ଦିର ଛକ ନିକଟରେ ରବିବାର ଅପରାହ୍ନରେ ସୁବର୍ଣ୍ଣପୁର ଆଞ୍ଚଳିକ ପରବହନ ଅଧିକାରୀ ଓ ଡୁଙ୍ଗୁରିପାଲି ପୋଲିସର ମିଳିତ ଉଦ୍ୟମରେ ଦୁଇ ଓ ଚାରି ଚକିଆ ଯାନବାହନ ଯାଞ୍ଚ କରାଯାଇଥିଲା। ଆଇନ ଅମାନ୍ୟ କରିଥିବା ଗାଡି ଚାଳକମାନଙ୍କଠାରୁ ୧ ଲକ୍ଷ ୨୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ସୁବର୍ଣ୍ଣପୁର ଆରଟିଓ ରବୀନ ପଟ୍ଟନାୟକ ଜରିମାନ ଆଦାୟ କରିଥିଲେ। ମଦ୍ୟପାନ କରି ଗାଡି ଚଳାଉଥିବା ୫ ବାଇକ ଆରୋହୀଙ୍କ ଗାଡି ଜବତ କରାଯାଇଥିଲା। ଯାନବାହାନ ଯାଞ୍ଚରେ ଏମଭିଆଇ ଦେବାଶିଷ ସାହୁ, ଜୁନିୟର ଏମଭିଆଇ ଦୋହନ ପ୍ରତାପ କୁଲୁ ଓ ଡୁଙ୍ଗୁରିପାଲି ସବ୍‌ଇନ୍ସପେକ୍ଟର ଅନୀଲ କୁମାର ପଧାନ ସାମିଲ ଥିଲେ।

**ସଂକ୍ଷେପରେ**

## ମୋ କଲେଜ ଅଭିଯାନର ଶୁଭାରମ୍ଭ

କଣ୍ଟାବାଞ୍ଜି/ ଦେଓଗାଁ/ ଲୋଇସିଂହା/ ସଇଁତଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ କେ.ଭି ଡିଗ୍ରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନର ଶୁଭାରମ୍ଭ ରବିବାର ହୋଇଛି। ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସହ ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ପୁରାତନ ଓ ଅଧ୍ୟୟନରତ ଛାତ୍ରୀମାନେ ସାମିଲ ହୋଇଥିଲେ। ଅଧକ୍ଷ ରାଜେନ୍ଦ୍ର ପୁରୋହିତ, କୋଅର୍ଡିନେଟର ଜିତେନ୍ଦ୍ର ସୁନା କାର୍ଯ୍ୟକ୍ରମ ପରିଚାଳନା କରଥିଲେ। କେ.ଭି ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସତ୍ୟବ୍ରତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଅଧାପକ,ଅଧାପିକା,ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସେହିପରି ଦେଓଗାଁ ଡିଗ୍ରୀ କଲେଜରେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଜୟ କୁମାର ସାହୁ, ବୀରେନ୍ଦ୍ର ପାଣିଗ୍ରାହୀ, ଶୈଳେନ୍ଦ୍ର କୁମାର ସାହୁ, ଜ୍ୟୋତିବିକାଶ ବାରିକ ଓ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ। ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ଅଧକ୍ଷତା ଏବଂ ଜଗଦୀଶ ସିଂ ବାବୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଚିତ୍ତରଞ୍ଜନ ଥନାପତି, କରୁଣାକର ମେହେର, ରାଜକିଶୋର ସେଠ, ପୁରୁଷୋତ୍ତମ ଥନାପତି, ଆଲୁମିନି ଆସୋସିଏଶନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଲୋଇସିଂହା ମହାବିଦ୍ୟାଳୟ ସଭାଗୃହରେ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଲଳିତମୋହନ ତ୍ରିପାଠୀ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ବିବେକାନନ୍ଦ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ଅନୁଷ୍ଠାନର ଉନ୍ନତି ସମ୍ଭବ ବୋଲି କହିଥିଲେ। ମନମୋହନ ପଟେଲ, ସରୋଜ ବିଶ୍ୱାଳ, ପ୍ରଦୀପ ସାହୁଙ୍କ ସମେତ ବହୁ ପ୍ରାକ୍ତନ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ସଇଁତଲା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଗୌତମ କ୍ଷେତୀ, ଚନ୍ଦ୍ରବଦନ ପୁରୋହିତ, ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବ ପ୍ରସାଦ ବିଶ୍ୱାଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଶଶୀଭୂଷଣ ପଧାନ, ତିରୁପତି ମେହେର, ଅନୀମା ନନ୍ଦ, ତରଣୀସେନ ବେମାଲ, ବନମାଳୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ କଂଗ୍ରେସର ବୈଠକ

ଡୁଙ୍ଗୁରିପାଲି, ୨୧।୩ (ଡି.ଏନ.ଏ): ଡୁଙ୍ଗୁରିପାଲିଠାରେ ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁଙ୍କ ଅଧକ୍ଷତାରେ ଆସନ୍ତା ୨୫ ତାରିଖ ଯୁବ କଂଗ୍ରେସର ବିଧାନସଭା ଘେରାଉ ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସଭ୍ୟ ବାଳକୃଷ୍ଣ ଦଣ୍ଡସେନା, ଡୁଙ୍ଗୁରିପାଲି ଓ ବୀରମହାରାଜପୁର ବ୍ଲକର ଦଳୀୟ କର୍ମୀ ରାଜକିଶୋର ବାଦୀ, ରଞ୍ଜନ ଅମାତ, ବ୍ୟାଞ୍ଜ କୁମାର ପଣ୍ଡା, ବୀରେନ୍ଦ୍ର ଜୁଆଡି, ସୁରୁବାବୁ ନନ୍ଦ, ପାଣ୍ଡବ ତ୍ରିପାଠୀ, ଜଗନ୍ନାଥ ତ୍ରିବେଦୀ ପ୍ରମୁଖ ଯୋଗଦେଇଥିଲେ।

## ବନଦିବସରେ ବାହାରିଲା ସଚେତନତା ରାଲି

ଉଲୁଣ୍ଡା, ୨୧।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ବିଶ୍ୱ ବନ ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଲୁଣ୍ଡା ବିଡିଓ ହେମସାଗର ଭୋଇ ଯୋଗଦେଇ ଜଙ୍ଗଲ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା ଯୋଗଦେଇ ଜଙ୍ଗଲ ନିଆଁର ପ୍ରତିକାର ଉପରେ ବକ୍ତବ୍ୟ ରଖିଥିଲେ। ରେଞ୍ଜର ଶିବ ପ୍ରସାଦ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବନପାଳ ଦିନେଶ ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥ ବନ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଫରେଷ୍ଟର ପ୍ରସନ୍ନ ନାଏକ, ପଦ୍ମଲୋଚନ ଭୋଇ, ବିନୋଦ ସାହୁ, ଗୋପାଳ ପଣ୍ଡା, ବନରକ୍ଷୀ ପଙ୍କଜିନୀ ପୁଟା, ଦିପାଞ୍ଜଳି ହରିପାଲ, ଆଶୁତୋଷ ହୋତା, ବନମାଳୀ ପାଣ୍ଡେ, ଶକ୍ତି ଧରୁଆ, ଚୌଧୁରୀ ଦଳପତି, ଜୟନାରାୟଣ ମିଶ୍ରଙ୍କ ସମେତ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସମସ୍ତ କର୍ମଚାରୀ ଓ ଫରେଷ୍ଟ ସ୍କ୍ୱାଡ ସାମିଲ ହୋଇଥିଲେ ।

# ଦନ୍ତାହାତୀକୁ ନେଇ ବଢୁଛି ଚିନ୍ତା

**ସୁବର୍ଣ୍ଣପୁର ଜିଲା**
- ୨ ଜଣଙ୍କୁ ମାରିଛି, ୧୪ ଘର ଭାଙ୍ଗିଛି

ସୋନପୁର,୨୧।୩(ନି.ପ୍ର.)

ଦନ୍ତାହାତୀକୁ ନେଇ ସୁବର୍ଣ୍ଣପୁର ଜିଲାରେ ଭୟର ବାତାବରଣ। ସନ୍ଧ୍ୟା ପରେ ବାହାରକୁ ଯିବାକୁ ଲୋକେ ଆଉ ନିରାପଦ ମଣୁ ନାହାନ୍ତି। ଗତ ୧୬ ଦିନ ଭିତରେ ହାତୀ ୨ଜଣଙ୍କ ଜୀବନ ନେଇଛି। କେତେକ ଲୋକ ଆକ୍ରମଣରେ ଆହତ ହୋଇଛନ୍ତି। ଗତ ନଭେମ୍ବର ମାସଠାରୁ ଏ ପର୍ଯ୍ୟନ୍ତ ୧୪ ଜଣଙ୍କ ଘର ଭାଙ୍ଗିଛି। ବ୍ୟାପକ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘରେ ପଶି ଧାନ ଓ ଚାଉଳ ଖାଉଛି। ଦଳଠାରୁ ଅଲଗା ହୋଇ ଏକୁଟିଆ ବୁଲାବୁଲି କରୁଥିବା ଦନ୍ତାହାତୀକୁ ନେଇ ଚିନ୍ତା ବଢ଼ିଛି। ହାତୀ ଓ ମଣିଷର ସୁରକ୍ଷା ଏବେ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି।

ଗତ ୪ ତାରିଖ ରାତିରେ ହାତୀଟି ଉଲୁଣ୍ଡା ଥାନା ପଣ୍ଡକିଟାଲ ଗାଁରେ ପଶି ଘର ଦ୍ୱାର ଭାଙ୍ଗିଥିଲା। ବିଳମ୍ବିତ ରାତିରେ ଘର ଭିତରେ ଥିବା ନାରାୟଣ ଭୋଇ(୭୮)ଙ୍କୁ ଟାଣି ଆଣି ଗାଁ ଦାଣ୍ଡରେ ପାଦରେ ଦଳି ମାରି ଦେଇଥିଲା। ଉଲୁଣ୍ଡା ବନାଞ୍ଚଳର କୋଟସମଲାଇ, ଖରାପୁରା,



ଶନିବାର ବିଳମ୍ବିତ ରାତିରେ ହାତୀ ଚନ୍ଦ୍ରପୁର ଗ୍ରାମର କୃଷ୍ଣ ପୁଟେଲଙ୍କ ଘର ଭାଙ୍ଗିଛି ।

ଯାଲୋଏ ଓ ପିପିଲକଟାରେ ଉପଦ୍ରବ କରିବା ସହ ଜଙ୍ଗଲ ସଂଲଗ୍ନ ଗ୍ରାମରେ ପଶି ଘରଦ୍ୱାର ଭାଙ୍ଗୁଥିଲା। ୧୯ ତାରିଖ ରାତିରେ ହାତୀ ମହାନଦୀ ପାର ହୋଇ ସୋନପୁର ବନାଞ୍ଚଳକୁ ପଶି ଆସିଥିଲା। ୨୦ ତାରିଖ ସକାଳ ସାଢେ ୬ଟାରେ ସୋନପୁର ବ୍ଲକ ବାଙ୍କତେନ୍ତୁଳି ଗାଁର ଚାଷୀ ଉପେନ୍ଦ୍ର ଦୀପ(୫୨)ଙ୍କୁ ପାଦରେ ଦଳି ମାରି ଦେଇଥିଲା। ଉପେନ୍ଦ୍ର କ୍ଷେତକୁ ଯାଇଥିବା ସମୟରେ ହାତୀ ହାବୁଡରେ ପଡି ଯାଇଥିଲେ। ଶନିବାର ରାତିରେ ହାତୀ ବାଜିଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ଗ୍ରୀଲ ଭାଙ୍ଗି ଛାତ୍ରୀଛାତ୍ରଙ୍କ ପାଇଁ ଗଚ୍ଛିତ ଥିବା ମଧ୍ୟାହ୍ନଭୋଜନ ଚାଉଳକୁ ଖାଇବା ସହ ନଷ୍ଟ କରିଛି। ସେହିପରି ଚନ୍ଦ୍ରପୁର ଗ୍ରାମର କୃଷ୍ଣ ପୁଟେଲଙ୍କ ଘର ଭାଙ୍ଗିଛି। ଖବର ଲେଖା ହେବା ବେଳକୁ ହାତୀଟି ବାରପାହାଡ ସଂରକ୍ଷିତ ଜଙ୍ଗଲର ଜାମଖୋଲରେ ଅଛି। ଦନ୍ତାହାତୀ ରାତିରେ ଚଳପ୍ରଚଳ କରିବା ସହ ଜନବସତି ଅଞ୍ଚଳକୁ ଯାଉଛି। ତେଣୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ନେଇ ସବୁବେଳେ ଆଶଙ୍କା ରହୁଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ କୁହନ୍ତି, ମଣିଷ ଓ ହାତୀ ଉଭୟଙ୍କ ଜୀବନ ଆମ ପାଇଁ ମୂଲ୍ୟବାନ। ରେଢାଖୋଲ ଜଙ୍ଗଲରୁ ଚାଲି ଆସିଥିବା ହାତୀଟି ଏକୁଟିଆ ବୁଲାବୁଲି କରୁଛି। ଦଳଠାରୁ ଅଲଗା ରହୁଥିବାରୁ ପ୍ରାୟ ୩୦ବର୍ଷ ବୟସ୍କ ଏହି ହାତୀର ସ୍ୱଭାବରେ ପରିବର୍ତ୍ତନ ଆସିଛି। ଲୋକଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଉଛି । ଜଙ୍ଗଲ ଭିତରକୁ ଘଉଡାଇଲେ ପୁଣି ଫେରି ଆସୁଛି। ତେବେ ହାତୀର ଚଳପ୍ରଚଳ ଉପରେ ନଜର ରଖା ଯାଇଥିବା ସାମନ୍ତରାୟ କହିଛନ୍ତି ।

## ମେଟାକାନୀରେ ଉଦ୍‌ଘାଟିତ ହେଲା ପାର୍କ, ମୁଖ୍ୟ ତୋରଣ



ମେଟାକାନୀଠାରେ ପାର୍କକୁ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରୁଛନ୍ତି।

ଉଲୁଣ୍ଡା, ୨୧।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଁ ମେଟାକାନୀଠାରେ ନବନିର୍ମିତ ପାର୍କ ଏବଂ ମୁଖ୍ୟ ତୋରଣ ରବିବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସମ୍ମାନୀତ ଅତିଥି ଭାବେ ଜିଲାପାଳ ମନିଷା ବାନାର୍ଜୀ, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଢେଇପଙ୍କ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ବିହାରୀଲାଲ ମିଶ୍ର, ହୃଦାନନ୍ଦ ମେହେର, ରଞ୍ଜିତ ରଥ, ଗିରିଜା ଶଙ୍କର ସାହୁ, ହିସାବ ରକ୍ଷକ ଶ୍ୟାମଲାଲ ବଞ୍ଜାରା, ସନ୍ତୋଷ ଭୂକ୍ତା, କୈଳାସ ପୁରୋହିତ, ଶିରିଷ ପୁରୋହିତ, ଜିଆରଏସ ମନମୋହନ ମିଶ୍ର, ଲଳିତ ମହାନ୍ତିଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ସେହିପରି ମୁଣ୍ଡୋଘାଟ ପଞ୍ଚାୟତର ଗ୍ରାମୀଣ ପାର୍କ ଏବଂ ମିଶନ ଶକ୍ତି ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ଜୀବଜଗତ ପାଇଁ ଜଙ୍ଗଲର ସୁରକ୍ଷା ଜରୁରୀ

ସୋନପୁର,୨୧।୩(ନି.ପ୍ର.)

ଜଙ୍ଗଲକୁ ପନରୁଦ୍ଧାର କରାଯିବା ଆବଶ୍ୟକ। କାରଣ ଜଙ୍ଗଲ ନ ରହିଲେ ଜୀବଜଗତ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ। ତେଣୁ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସୁବର୍ଣ୍ଣପୁର ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ବିଶ୍ୱ ବନ ଦିବସରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁସ୍ଥ ପରିବେଶ ପାଇଁ ଜଙ୍ଗଲ ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଙ୍ଗଲର ସୁରକ୍ଷା ସହିତ ଜୀବଜଗତର ଅସ୍ତିତ୍ୱ ଜଡିତ ହୋଇ ରହିଥିବା କହିଥିଲେ। ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ସଭାରେ ଅଧକ୍ଷତା କରିଥିଲେ। ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ସମସ୍ତେ ସୁସ୍ଥ ଓ ନିରୋଗ ରହିବା ପାଇଁ ଜଙ୍ଗଲ ସୁରକ୍ଷା ଜରୁରି ବୋଲି କହିଥିଲେ। ସହକାରୀ



ବିଶ୍ୱ ବନ ଦିବସ ଅବସରରେ ଏସ୍‌ପି, ଏଡିଏମ ଓ ଡିଏଫଓ ଗଛ ଲଗାଉଛନ୍ତି ।

ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ ସଭାରେ ସଂଯୋଜନା କରି ମୃତ୍ତିକା କ୍ଷୟ ରୋକିବା, ଜଳ ପ୍ରଦୂଷଣ ହ୍ରାସ ଓ ଜୀବଜଗତ ବଞ୍ଚିବା ପାଇଁ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ସରକାରୀ ୟୁପି ସ୍କୁଲକୁ ବୃକ୍ଷରୋପଣ ସକାଶେ ବିଜୁ ପଟ୍ଟନାୟକ ସମ୍ମାନ ଓ ଅର୍ଥ ରାଶି ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସକାଶେ ସୋନପୁରର ପକ୍ଷୀପ୍ରେମୀ ଦୀନେଶ ରଞ୍ଜନ ମିଶ୍ରଙ୍କୁ ବିଜୁ ପଟ୍ଟନାୟକ ସମ୍ମାନ ଓ ଅର୍ଥ ରାଶି ମୁଖ୍ୟ ଅତିଥି ଶତପଥୀ ପ୍ରଦାନ କରିଥିଲେ। ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏହି ସଚେତନତା ସଭାରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ, ସୋନପୁର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ବାଘ ଓ ବନପାଳ ଦେବରାଜ ଛତ୍ରିଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସକାଳେ ସୋନପୁର ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଜନ ସଚେତନତା ସୃଷ୍ଟି କରିଥିଲେ ।

## ସଭା, ଶୋଭାଯାତ୍ରାରେ ବିଶ୍ୱ ବନ ଦିବସ ପାଳିତ

ବିନିକା, ୨୧।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ଅନୁଷ୍ଠିତ ସଭାରେ ଜଙ୍ଗଲ ସୁରକ୍ଷା ଏବଂ ସବୁଜ ବନୀକରଣ ପରିବେଶକୁ ନିଆଁଦାଉରୁ ରକ୍ଷା କରିବା ନେଇ ବନପାଳ ଏବଂ ବନରକ୍ଷୀ ଗୁରୁତ୍ୱାରୋପ କରିଥିଲେ। ସଭା ପରିଚାଳନା କରିଥିଲେ ବିନିକା ବନାଞ୍ଚଳ ଅଧିକାରୀ ପ୍ରେମରାଜ ଧରୁଆ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିନିକା ଏବିଡିଓ ନିରଞ୍ଜନ ନାୟକ, ସମ୍ମାନୀତ ଅତିଥିଭାବେ ଚରଦା ସରପଞ୍ଚ ସଦାନନ୍ଦ ଥନାପତି ଯୋଗଦେଇ ବନ୍ୟ ସମ୍ପଦର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବିନିକା ବନ ବିଭାଗୀୟ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବିନିକା ସହର ପରିକ୍ରମା କରିଥିଲେ। ରାମପୁର ବନପାଳ ଉଦ୍ଧବ ରଥ, କୌଡିଆମୁଣ୍ଡା ବନରକ୍ଷୀ ଜନାର୍ଦ୍ଦନ ସ୍ୱାଇଁ, ବନରକ୍ଷୀ ରଘୁମଣୀ ଭୋଇ, ପ୍ରଜ୍ଞା ପରିମିତା ମହଲା, କୁନ୍ତି ରାଏ ଓ ଦୀନବନ୍ଧୁ ଗୌଡ ଆଦି ବନକର୍ମୀ ସାମିଲ ହୋଇଥିଲେ ।

## ବସନ୍ତ ମିଳନରେ କବିତା ପାଠୋତ୍ସବ



କବିତା ପାଠୋତ୍ସବରେ ଉପସ୍ଥିତ କବିମାନେ।

ଖପ୍ରାଖୋଲ, ୨୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଅନ୍ତର୍ଗତ କନ୍ଦରାଭଟା ଜଳମହାଦେବ ଝରଣା କୂଳରେ ସେଲା ପଥର ସାହିତ୍ୟ ସଂସ୍କୃତି କଳା ପରିଷଦର ବସନ୍ତ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପରିଷଦ ସମ୍ପାଦକ ଧରମସିଂ ଧରୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କବୟିତ୍ରି ସଂଯୁକ୍ତା ପରିଛା, ସମ୍ମାନିତ ଅତିଥି ବରିଷ୍ଠ କବି କାର୍ତ୍ତିକେଶ୍ୱର ବେହେରା, ଭକ୍ତବନ୍ଧୁ ବିଶ୍ୱାଳ, ଆଶୁତୋଷ ଠାକୁର, ପରିଷଦ ସଭାପତି ଅଭୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଭାଷା ସଂସ୍କୃତିର ସୁରକ୍ଷା ପାଇଁ ଲେଖନୀ ଚାଳନାର ଆବଶ୍ୟକତା ଥିବା ବକ୍ତାମାନେ କହିଥିଲେ । ପରେ ଉପସ୍ଥିତ କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଯୁବକବି ଶୋଭାକର ପଧାନ, ଦେବରାଜ ପାଣିଗ୍ରାହୀ, ସବିତା ଭୋଇ ମଞ୍ଚ ପରିଚାଳନା କରିଥିଲେ। ଲାଲଚନ ବଗର୍ତ୍ତୀ, ପ୍ରଦୀପ ଦାଶ, କୁଞ୍ଜବିହାରୀ ସରଫ, ସାବିତ୍ରୀ ସାହୁ, ଘନସ୍ୟାମ ସରାଫ, ଘନଶ୍ୟାମ ବିଶ୍ୱାଳ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ କବି ଉପସ୍ଥିତ ଥିଲେ। ପରିଷଦ ତରଫରୁ ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସତ୍ୟାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେଉ



ସୁବଳୟାରେ ବନ ଦିବସ ପାଳନରେ ମଞ୍ଚାସୀନ ଅତିଥି ।

ଅମରପାଲି/ଦେଓଗାଁ, ୨୧।୩ (ଡି.ଏନ.ଏ.)

ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ସୁବଳୟା ବନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳନ ହୋଇଯାଇଛି। ବନ ବିଭାଗର କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରି ପରିବେଶ ତଥା ଜଙ୍ଗଲ ସୁରକ୍ଷା ଉପରେ ସଚେତନ କରିଥିଲେ। ବୀରମହାରାଜପୁର ବନାଞ୍ଚଳ ଅଧିକାରୀ ଅବିନାଶ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟ ଅତିଥି, ଶିକ୍ଷକ ଚନ୍ଦ୍ରମଣୀ ବାଗ ମୁଖ୍ୟବକ୍ତା ଓ ବିଡିଓ ମୋତିଲାଲ ସୁଲିଆ, ସୁବଳୟା ସରପଞ୍ଚ ଲିଲି ପାତ୍ର, ସ୍ୱେଚ୍ଛାସେବୀ ଶେଷଦେବ ବାରିକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଜଙ୍ଗଲର ସୁରକ୍ଷା ଆମର କର୍ତ୍ତବ୍ୟ ନୁହେଁ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

ସେହିପରି ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ଦେଓଗାଁ ବସ୍‌ଷ୍ଟାଣ୍ଡରେ ପାଲା ମାଧ୍ୟମରେ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି । ରେଞ୍ଜର ଅଲୋକ କୁମାର ମାଝୀ, ଫରେଷ୍ଟର ବାବୁଲା ଦାସ ପ୍ରମୁଖ ଯୋଗଦେଇଥିଲେ। ଜନାର୍ଦ୍ଦନ ବୁଡେକଙ୍କ ନେତୃତ୍ୱରେ ପାଲା ମାଧ୍ୟମରେ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା, ଜଙ୍ଗଲରେ ନିଆଁ ନ ଲଗାଇବା ବିଷୟରେ ସଚେତନ କରିଥିଲେ। ଫରେଷ୍ଟଗାର୍ଡ ବିପିନ ଭୋଇ, ଡିଇଓ ରଜନୀକାନ୍ତ ମହାନ୍ତି, ନରେନ୍ଦ୍ର ବିଶ୍ୱାଳ ହେମନ୍ତ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ କମିଟି ଘୋଷିତ

ନୂଆପଡା ଅଫିସ,୨୧।୩

ନୂଆପଡା ଜିଲା ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଛି। ଏହି ଅବସରରେ ଦଳର କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ବାଗ, ଦେବଦେବ ସିଂଦେଓ, ପ୍ରସନ୍ନ କୁମାର ପାଢୀ, ହୋମ ସିଂ ମାଝି, ମନିଜର ଆର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ। କମଳେଶ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋବର୍ଦ୍ଧନ ସାହୁଙ୍କୁ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଘୋଷଣା କରାଯାଇଥିଲା। ୪ ଉପ ସଭାପତି, ୨ଜଣ ସାଧାରଣ ସମ୍ପାଦକ, ୫ଜଣ ସମ୍ପାଦକ, ଜଣେ ମିଡିଆ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଓ ଅଫିସ ସମ୍ପାଦକ ଘୋଷିତ ହୋଇଛନ୍ତି।

## ଜିଲା ଓକିଲ ସଂଘ ନିର୍ବାଚନ

**ତାରେଣୀ ସଭାପତି, ଅଶୋକ ସମ୍ପାଦକ ନିର୍ବାଚିତ**



ତାରେଣୀ କୁମାର ମହାପାତ୍ର



ଅଶୋକ କୁମାର ମିଶ୍ର

ବୌଦ୍ଧ,୨୧।୩(ସ୍ୱ.ପ୍ର.)

ରାଜ୍ୟ ବାର କାଉନସିଲର ନିୟମ ଅନୁଯାୟୀ ଆସନ୍ତା ୨୭ ତାରିଖରେ ସାରା ରାଜ୍ୟରେ ଓକିଲ ସଂଘ ନିର୍ବାଚନ ହେବାକୁ ଯାଉଛି । ତେବେ ବୌଦ୍ଧ ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବରିଷ୍ଠ ଆଇନଜୀବୀ ଧୂରୀଣ ଦେହୁରୀ ରବିବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ସମ୍ପାଦକ ଭାବେ ଅଶୋକ କୁମାର ମିଶ୍ର, ଉପସଭାପତି ଅଶୋକ କୁମାର ସାହୁ, ସହସମ୍ପାଦକ ଆଶୁତୋଷ ସାହୁ, କୋଷାଧକ୍ଷ ପ୍ରଦୀପ କୁମାର ମହାରଣା, ଲାଇବ୍ରେରିଆନ ଭାବରେ ବିଶ୍ୱମୋହନ ଶତପଥୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର, ନାରାୟଣ ପ୍ରସାଦ ପରିଜା, ନଳିନୀ କୁମାର କର୍ଣ୍ଣ, ଓମପ୍ରକାଶ ମିଶ୍ର, ରାଜେନ୍ଦ୍ର ଦେହୁରୀ, ବିଶ୍ୱଜିତ ମିଶ୍ର ଓ ଦେବାଶିଷ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଛି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଅମରପାଲି,୨୧।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ ପଞ୍ଚାୟତସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆ ଓ ହିଲୁଙ୍ଗ ସରପଞ୍ଚ ଅଶୋକ କୁମାର ମହାକୁର ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୋଟ ୬୭ ଜଣ ଭିନ୍ନକ୍ଷମଙ୍କ ମଧ୍ୟରୁ ୪୧ଜଣ ଶାରିରୀକ ଭିନ୍ନକ୍ଷମ, ୧୭ ଜଣ ଶ୍ରବଣଶକ୍ତି ବାଧିକ, ୬ଜଣ ମାନସିକ ଅନଗ୍ରସର ଓ ୩ ଜଣ ଦୃଷ୍ଟିଶକ୍ତି ହ୍ରାସ ପାଇଥିବା ବ୍ୟକ୍ତି ଆସି ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ମୁର୍ଷୁଣ୍ଡୀ ପିଏସସି ମେଡିକାଲ ଅଫିସର ଡା. ଶିବାନନ୍ଦ ଚାଉଲିଆ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବାନୀ ଦାଶ, ସୀମାରାଣୀ ପଣ୍ଡା, ପ୍ରାଣବନ୍ଧୁ କାଣ୍ଡ, ନାରାୟଣ ମଲିକଙ୍କ ସମେତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସହଯୋଗ କରିଥିଲେ।

## ଭିଜନ-୨୪ କ୍ରିକେଟ୍ : ଏସ୍‌ଡିସିଏ(ଏ)ର ବିଜୟ

ସୋନପୁର,୨୧।୩(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭିଜନ-୨୪ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ତୃତୀୟ ମ୍ୟାଚ୍ ଏସଡିସିଏ(ଏ) ଓ ଏସଡିସିଏ(ଆଇ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସଡିସିଏ(ଆଇ) ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଏସଡିସିଏ(ଏ) ଦଳର ଶାଣିତ ବୋଲିଂ ଆଗରେ କୌଣସି ବ୍ୟାଟ୍ସମ୍ୟାନ୍ ତିଷ୍ଠି ପାରି ନ ଥିଲେ। ଦଳ ୧୯ ଓଭରରେ ମାତ୍ର ୯୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଲୋଚନ ବାଦୀ ୩୧ ବଲରେ ୧୯ ରନ ଓ ରାଧାବଲ୍ଲଭ ଭୋଇ ୮ ବଲରେ ୧୪ ରନ କରିବାକୁ ସକ୍ଷମ ହୋଇଥିଲେ। ଏସଡିସିଏ ଆଇ ଦଳର କେ.ଜି.କ୍ରିଷ୍ଣା ୫ ଓଭର ବୋଲିଂ କରି ୨ଟି ମେଡେନ ଓଭର ସହିତ ୨୪ ରନ ବିନିମୟରେ ୫ଟି ମୂଲ୍ୟବାନ ଉଇକେଟ୍ ଅକ୍ତିଆର କରିଥିଲେ। ସୌରଭ ୨ଟି ଉଇକେଟ୍, ଆଖ୍ତାଉଲ ହକ ଓ ଦଶରଥ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଓପନର ଉମାଶଙ୍କର ହୋତା ବିସ୍ଫୋରକ ବ୍ୟାଟିଂ କରି ୮ଟି ଛକା ଓ ୪ଟି ଚୌକା ବଳରେ ମାତ୍ର ୨୨ ବଲରେ ୬୮ ରନ ସଂଗ୍ରହ କରି ଅପରାଜିତ ଥିଲେ। ଅନ୍ୟତମ ଓପନର ବି.ପୁରୁଷୋତ୍ତମ ପାତ୍ର ମଧ୍ୟ ଦ୍ରୁତ ବ୍ୟାଟିଂ କରି ୧୪ ବଲରୁ ୫ଟି ଚୌକା ବଳରେ ୨୧ରନ କରିଥିଲେ। ଏଡିସିଏ(ଏ) ମ୍ୟାଚ୍‌କୁ ୯ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ମ୍ୟାଚ୍ ପରିଚାଳନା କରିଥିଲେ ଶ୍ରୀବନ୍ତ କୁମାର ନାୟକ ଓ ବିନୋଦ ପାତ୍ର। ପାର୍ଥ ଦାସ ଓ ଦିନେଶ ଘିବେଲା ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ପ୍ରଦୀପ ସେଠୀ, ଉପସଭାପତି କ୍ଷେତ୍ରବାସୀ ସାହୁ ଓ ପ୍ରାକ୍ତନ ଯୁଗ୍ମ ସମ୍ପାଦକ ଅରବିନ୍ଦ ପୂଜାହାରୀ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ରଞ୍ଜୟ ରୟ, ସୁରଜ ପାତ୍ର, ରାଜେଶ ନାରାୟଣ ସିଂହ ଓ ବରୁଣ ନାରାୟଣ ଦାସ। ସୋମବାର ଏସଡିସିଏ(ଜି) ଓ ଏସଡିସିଏ (ଏଚ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।